
ଧରିତ୍ରୀ
DHARITRI
ରାୟଗଡ଼ା, ଶୁକ୍ରବାର, ଜୁଲାଇ ୨୬ /୨୦୧୯ (୧୬ ପୃଷ୍ଠା) Rayagada, Friday, July 26 / 2019 ★
୯ମ ଭାଗ ୧୬୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-



‘କିକ୍ ୨’ରେ ସଲମାନ୍

ସୁପରଷ୍ଟାର ସଲମାନ୍ ଖାନ୍ ‘କିକ୍ ୨’ରେ ପୁଣି ଅଭିନୟ କରିବାକୁ ଯାଉଥିବାବେଳେ ଏହା ଆସନ୍ତା ବର୍ଷ ରିଲିଜ୍ ହେବାର ଅଛି।

୦୨

୧୪

ଭାରତୀୟ ସିନିୟର ଦଳରେ ଆଶିଷ

ଜାପାନରେ ହେବାକୁଥିବା ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟରେ ଭାରତୀୟ ସିନିୟର ହକି ଦଳ ପକ୍ଷରୁ କ୍ୟାରିୟର ଆରମ୍ଭ କରିବେ ଓଡ଼ିଶାର ଆଶିଷ ଟପ୍ପୋ।



# ମୁକୁଳିଲେ ସାରଥି

**କେନ୍ଦ୍ରାପଡ଼ା ଅଫିସ/ ଚୌଦ୍ୱାର(ଡି.ଏନ୍.ଏ.), ୨୫।୭**

- କେନ୍ଦ୍ରାପଡ଼ା ଏସ୍‌ଡିଜେଏମ୍ ଦେଲେ ଅନୁମତି
- ଗତ ୨୨ତାରିଖରେ ହାଇକୋର୍ଟରୁ ମିଳିଥିଲା ନିର୍ଦ୍ଦେଶ
- ରାଜ୍ୟ ବାହାରକୁ ଗଲେ ନେବେ ଅନୁମତି

ପ୍ରାୟ ୪ବର୍ଷ ଜେଲ୍‌ରେ ରହିବା ପରେ ଗୁରୁବାର ଜାମିନ୍‌ରେ ଚୌଦ୍ୱାର ଜେଲ୍‌ରୁ ମୁକୁଳିଛନ୍ତି ସାରଥି ଓରଫ ସନ୍ତୋଷ ରାଉଳ। ଓଡ଼ିଶା ହାଇକୋର୍ଟ ଗତ ସୋମବାର ସାରଥିଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ। ନିମ୍ନକୋର୍ଟରେ ୨ଲକ୍ଷ ଟଙ୍କା ଲେଖାଏ ୨ଜଣ ଜାମିନଦାରଙ୍କ ବଦଳରେ ସାରଥି ଜାମିନରେ ଯାଇପାରିବେ। ଏଥିସହିତ ମାମଲାର ସାକ୍ଷୀମାନଙ୍କୁ ପ୍ରଭାବିତ ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏପରି କି ତଳକୋର୍ଟ ଚାହିଁଲେ ଆଉ କିଛି ସର୍ତ୍ତ ଲାଗୁ କରିପାରିବେ ବୋଲି କୋର୍ଟ କହିଥିଲେ। ଗୁରୁବାର ଅପରାହ୍ନରେ ସାରଥିଙ୍କ ଓକିଲ ମାନସ କୁମାର ଚାନ୍ଦ, ରବିନାରାୟଣ ମହାନ୍ତି ଓ ସଂଗ୍ରାମ କେଶରୀ ସିଂ କେନ୍ଦ୍ରାପଡ଼ା ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଇକୋର୍ଟଙ୍କ ଆଦେଶକୁ ଦାଖଲ କରିବା ସହ ଜାମିନ ପ୍ରଦାନ କରିବାକୁ ଆବେଦନ କରିଥିଲେ। ଏସ୍‌ଡିଜେଏମ୍ ନୀହାର ରଞ୍ଜନ ସାହୁ ଉକ୍ତ ଆବେଦନର ଶୁଣାଣି କରି ସାରଥି ରାଜ୍ୟ ବାହାରକୁ ଗଲେ କୋର୍ଟଙ୍କ ଅନୁମତି ନେବେ ବୋଲି ଏକ ସର୍ତ୍ତ ଲାଗୁ କରିଥିଲେ। ପରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ୨ଜଣ ଜାମିନଦାର(ପ୍ରଶାନ୍ତ କୁମାର ଦାଶ ଓ ପୂର୍ଣ୍ଣଚନ୍ଦ୍ର ମିଶ୍ର) ଅଦାଲତରେ ନିର୍ଦ୍ଧାରିତ ୨ଲକ୍ଷ ଟଙ୍କାର ବେଲ୍ ବଣ୍ଡ ପ୍ରଦାନ କରିଥିଲେ। ଅପରାହ୍ନ ସଢ଼େ ୪ଟାରେ ସାରଥିଙ୍କ ଜାମିନ କାଗଜପତ୍ର କେନ୍ଦ୍ରାପଡ଼ା କୋର୍ଟରୁ କଟକ ଚୌଦ୍ୱାରସ୍ଥିତ ସର୍କଲ ଜେଲ୍‌କୁ ପଠାଯାଇଥିଲା। ଜେଲ୍ ଅଧୀକ୍ଷକ ପ୍ରଦୀପ୍ତ କୁମାର ବେହେରା ଆବଶ୍ୟକ କାଗଜପତ୍ର ଯାଞ୍ଚ ପରେ ସାରଥିଙ୍କୁ ମୁକୁଳାଇବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଜେଲ୍ ବାହାରେ ଅସ୍ୱାଭାବିକ ଭିଡ଼କୁ ଦେଖି ସାରଥି ଜେଲ୍‌ରୁ ବାହାରିବାରେ ପ୍ରାୟ ୧ଘଣ୍ଟା ବିଳମ୍ବ ହୋଇଥିଲା। ରାତି ପ୍ରାୟ ସାଢ଼େ ୭ଟାରେ ସାରଥିଙ୍କୁ ଚୌଦ୍ୱାର ଜେଲ୍‌ରୁ ବାହାରକୁ କଡ଼ା ସୁରକ୍ଷା ମଧ୍ୟରେ ଅଣାଯାଇଥିଲା। ବାରିମୂଳ ଆଶ୍ରମ ଯିବାକୁ ଅନୁମତି ନ ଥିବାରୁ ତାଙ୍କୁ କେଉଁଠିକୁ ନିଆଗଲା ସେନେଇ କୌଣସି ନିର୍ଦ୍ଦିଷ୍ଟ ସୂଚନା ମିଳିପାରି ନାହିଁ। ଏବେ ସାରଥିଙ୍କ ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ସମସ୍ତଙ୍କ ନଜର ରହିଥିବାବେଳେ ଏନେଇ ବିଭିନ୍ନ ଚର୍ଚ୍ଚା ଶୁଣିବାକୁ ମିଳୁଛି। ଜେଲ୍‌ରୁ ବାହାରିବା ପରେ ସାରଥିଙ୍କୁ ଗଣମାଧ୍ୟମକୁ କିଛି କହିବାକୁ ମଧ୍ୟ ସୁଯୋଗ ଦିଆଯାଇ ନ ଥିଲା।

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ୨୦୧୫ ଅଗଷ୍ଟ ୮ ରେ କ୍ରାଇମବ୍ରାଞ୍ଚ ସାରଥିଙ୍କୁ ବାରିମୂଳ ଆଶ୍ରମରୁ ଗିରଫ କରିଥିଲା। ସେହିପରି ତାଙ୍କ ବିରୋଧରେ ଜନୈକା ମେଡିକାଲ ଛାତ୍ରୀ କଟକରେ ଏକ ମାମଲା କରିଥିଲେ। ଏହାପରେ ଅଗଷ୍ଟ ୨୦ରେ କେନ୍ଦ୍ରାପଡ଼ା ସଦର ଥାନା ଅଞ୍ଚଳର ଜନୈକା ମହିଳା ଓ ତାଙ୍କ ☞ପୃଷ୍ଠା-୧୧



# ସମୁଦ୍ରକୁ ଚାଲିଯାଉଛି ନଦୀ ପାଣି

**ଭୁବନେଶ୍ୱର,୨୫।୭(ବ୍ୟୁରୋ)**

- ୫୦,୬୪୫ ନିୟୁତ ଘନମିଟର ପାଣି ବରବାଦ
- ଅଟକାଇବାକୁ ସରକାରଙ୍କ ବଳ ନାହିଁ
- କୁଆଖାଇରେ ନିର୍ମାଣ ହେବ ଚେକ୍‌ଡ୍ୟାମ୍

ଜଳବାୟୁ ପରିବର୍ତ୍ତନ ହେଉଛି। ଜଳ ସଙ୍କଟର ପଦଧ୍ୱନି ଶୁଭିଲାଣି। ଦକ୍ଷିଣ ପଶ୍ଚିମ ମୌସୁମୀ ମୁହଁ ମୋଡ଼ିଲାଣି। ଧାରା ଶ୍ରାବଣରେ ନଦୀନାଳ ଶୁଖିଲା ପଡ଼ିଛି। ନିଅଣ୍ଟିଆ ବର୍ଷା ଯୋଗୁ ଜମି ଫାଟି ଆଁ କଲାଣି। ଆସନ୍ନ ମରୁଡ଼ି ରାଜ୍ୟକୁ କବଳିତ କରିବାକୁ ବସିଲାଣି। ତଥାପି ସରକାରଙ୍କ ନିଦ ଭାଙ୍ଗୁନି। କୋଟି କୋଟି ଟଙ୍କା ଖର୍ଚ୍ଚ କରି ଚେକ୍‌ଡ୍ୟାମ୍ ନିର୍ମାଣ କରାଗଲେ ମଧ୍ୟ ରକ୍ଷଣାବେକ୍ଷଣ ଅଭାବରୁ ତାହା ଅକାମୀ ହୋଇପଡୁଛି। ବର୍ଷାଦିନେ ଯେତିକି ବର୍ଷୁଛି, ନଦୀ ଦେଇ ଅଧାରୁ ଅଧିକ ଜଳ ସମୁଦ୍ରକୁ ଚାଲି ଯାଉଛି। ନଦୀଜଳ ସଂରକ୍ଷଣ କରିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଏହି ପ୍ରସଙ୍ଗକୁ ନେଇ ଉଭୟ ବିରୋଧୀ ଭାଜପା, କଂଗ୍ରେସ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି।

ମହାନଦୀ ଉପରେ ଛତିଶଗଡ଼ ବ୍ୟାରେଜ ନିର୍ମାଣ କରି ପାଣି ଅଟକାଇବାକୁ ନେଇ ରାଜ୍ୟରେ ଶାସକ ଦଳ ତୁମ୍ଭିତୋଫାନ କରୁଛି। ମାତ୍ର ରାଜ୍ୟର ବିଭିନ୍ନ ନଦୀରୁ ଅଧାରୁ ଅଧିକ ଜଳ ସମୁଦ୍ରକୁ ଚାଲିଯାଉଥିଲେ ମଧ୍ୟ ରଖା ଯାଇପାରୁନାହିଁ ବୋଲି ବିରୋଧୀ ଦଳ ଅଭିଯୋଗ କରିଛନ୍ତି। ନଦୀଜଳ ଅଟକାଯାଇ ପାରୁ ନ ଥିବା କଥାକୁ ଖୋଦ ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ମଧ୍ୟ ସ୍ୱୀକାର କରିଛନ୍ତି।

ଗୁରୁବାର ପ୍ରଶ୍ନୋତ୍ତର ବେଳେ ଭାଜପା ସଭ୍ୟ ମୋହନ ଚରଣ ମାଝି ଓଡ଼ିଶାରେ ଉପଲବ୍ଧ ହେଉଥିବା ଭୂପୃଷ୍ଠ, ଭୂତଳ ଜଳ ପରିମାଣ କେତେ, ସେଥିରୁ କେତେ ପରିମାଣର ଜଳ ସମୁଦ୍ରକୁ ବୋହିଯାଉଛି, କେତେ ପ୍ରତିଶତ ଜଳ ବାଷ୍ପୀଭୂତ ହେଉଛି, ଉଭୟ ଭୂପୃଷ୍ଠ ଓ ଭୂତଳ ଜଳ ସଂରକ୍ଷିତ ପାଇଁ ସରକାର ଗତ ୧୦ ବର୍ଷ ଭିତରେ କି କି ଯୋଜନା କାର୍ଯ୍ୟକାରୀ କରିଛନ୍ତି, କେତେ ପରିମାଣର ଜଳ ସଂରକ୍ଷିତ ହୋଇପାରିଛି ବୋଲି ପଚାରିଥିଲେ। ଏହାର ଜବାବରେ ଜଳସମ୍ପଦ ମନ୍ତ୍ରୀ ଦାସ କହିଛନ୍ତି, ଓଡ଼ିଶା ଅବବାହିକା ଭୂପୃଷ୍ଠ ଜଳର ପରିମାଣ ରାଜ୍ୟ ଜଳ ଯୋଜନା-୨୦୦୪ ଅନୁଯାୟୀ ଆକଳନ କରାଯାଇଛି। ରାଜ୍ୟର ୧୧ଟି ନଦୀରେ ଭୂପୃଷ୍ଠ ଜଳଧାରଣ କ୍ଷମତା ୯୫,୫୪୦ ନିୟୁତ ଘନମିଟର। ସେଥିରୁ ଜଳସେଚନ ପାଇଁ ୨୧,୭୯୩. ୧୯ ନିୟୁତ ଘନମିଟର ଜଳ ବ୍ୟବହାର କରାଯାଉଥିବାବେଳେ ଘରୋଇ ବ୍ୟବହାର ପାଇଁ ୨୮୩.୯୫ ଏବଂ ଶିଳ୍ପଗୁଡ଼ିକ ଲାଗି ୨ ହଜାର ୨୭୯.୮୫ ନିୟୁତ ଘନମିଟର ଜଳ ବ୍ୟବହାର କରାଯାଉଛି। ତେବେ ସମୁଦ୍ରକୁ ୫୦,୬୪୫.୯୧ ନିୟୁତ ଘନମିଟର ପାଣି ଚାଲିଯାଉଛି। ମହାନଦୀରୁ ୨୫,୯୪୦, ବ୍ରାହ୍ମଣୀରୁ ୭,୮୧୯, ବୈତରଣୀରୁ ୨,୨୧୫, ଋଷିକୁଲ୍ୟାରୁ ୭୩୬, ବଂଶଧାରାରୁ ୨,୪୬୮ ଓ ଜମ୍ବୀରାରୁ ୧,୬୬୮, କୋଲାବ୍‌ରୁ ୪,୬୧୯, ଇନ୍ଦ୍ରାବତୀରୁ ୨,୦୩୮, ନାଗାବଳୀରୁ ୧,୬୧୪ ଏବଂ ସୁବର୍ଣ୍ଣରେଖା ନଦୀରୁ ୧,୪୫୧.୫୯ ନିୟୁତ ଘନମିଟର ପାଣି ସମୁଦ୍ରକୁ ବୋହି ଯାଉଛି। ରାଜ୍ୟରେ ଭୂତଳ ଜଳ ୧୫,୭୭୦ ନିୟୁତ ଘନମିଟର ଗଚ୍ଛିତ ରହିଛି। ପ୍ରାକୃତିକ ସମସ୍ୟା ତଥା ମାତ୍ରାଧିକ ଭୂତଳ ଜଳର ବ୍ୟବହାର ଯୋଗୁ ୧୯୯୭ରୁ ୨୦୧୮ ମଧ୍ୟରେ ଭୂତଳ ଜଳ ହ୍ରାସ ପାଉଥିବା ମନ୍ତ୍ରୀ କହିଛନ୍ତି। ଭୂପୃଷ୍ଠ ଓ ଭୂତଳ ଜଳର ସଂରକ୍ଷଣ ପାଇଁ ରାଜ୍ୟ ସରକାର ୧୪,୫୮୮ଟି ଆଡ଼ିବନ୍ଧ ନିର୍ମାଣ କରିଛନ୍ତି। ୭ଟି ମଧ୍ୟମ, ୧୬ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କରାଯାଇ ଜଳ ଗଚ୍ଛିତ ରଖାଯାଉଛି। ୨୦୧୫ରୁ ଛାତ ଉପରେ ଜଳ ଅମଳ ପ୍ରକଳ୍ପ କରାଯାଇ ବର୍ଷାଜଳକୁ ଭୂଗର୍ଭକୁ ଛଡ଼ାଯାଉଛି। ବର୍ତ୍ତମାନ ସୁଦ୍ଧା ୧୧ଟି ସହରାଞ୍ଚଳରେ ୯,୪୩୮ଟି ବେସରକାରୀ ଓ ୩୫୨ଟି ସରକାରୀ କୋଠାରେ ପ୍ରକଳ୍ପ କରାଯାଇଛି। ଗତ ୧୦ ବର୍ଷ ମଧ୍ୟରେ ପ୍ରାୟ ୬୦୪ ନିୟୁତ ଘନମିଟର ଜଳ ସଂରକ୍ଷଣ କରାଯାଇ ପାରିଛି ବୋଲି ମନ୍ତ୍ରୀ କହିଛନ୍ତି।

କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ କହିଲେ, ଛତିଶଗଡ଼ ଆଡ଼ିବନ୍ଧ କରି ପାଣି ଅଟକାଉଛି। ରାଜ୍ୟ ସରକାର ମହାନଦୀ, ବ୍ରାହ୍ମଣୀ ଏବଂ ଅନ୍ୟାନ୍ୟ ନଦୀରେ କେବେ ସୁଦ୍ଧା ଡ୍ୟାମ କରି ପାଣି ରଖିବେ। ଦୟାନଦୀରେ ଆଡ଼ିବନ୍ଧ କରି ଭୁବନେଶ୍ୱର ଆଖପାଖ ଅଞ୍ଚଳର ଚାଷୀଙ୍କୁ କେବେ ପାଣି ଯୋଗାଇବେ ବୋଲି ପଚାରିଥିଲେ। ରାଜ୍ୟ ସରକାରଙ୍କର କିଛି ଜଳ ପରିଚାଳନା ନୀତି ଅଛି କି। ସରକାର ଚେକ୍‌ଡ୍ୟାମ କରିଛନ୍ତି ମାତ୍ର ସେଗୁଡ଼ିକ ଠିକ୍ ଭାବେ ପରିଚାଳନା କରାଯାଉନାହିଁ। ପାଣି ରହିବ କେମିତି ବୋଲି ବିଜେଡି ସଭ୍ୟ ଲତିକା ପ୍ରଧାନ, ବିଷ୍ଣୁବ୍ରତ ରାଉତରାୟ, କଂଗ୍ରେସ ସଭ୍ୟ ନରସିଂହ ମିଶ୍ର, ଭାଜପା ସଭ୍ୟ ଜୟନାରାୟଣ ମିଶ୍ର ପ୍ରମୁଖ ପଚାରିଥିଲେ। ମନ୍ତ୍ରୀ କହିଥିଲେ, ରାଜ୍ୟରେ ଜଳ ନୀତି ରହିଛି। ଜଳ ସଂରକ୍ଷଣ କରିବାକୁ ସରକାର ଚେଷ୍ଟିତ ଅଛନ୍ତି। ଭୟଙ୍କର ଜଳ ସଙ୍କଟକୁ ଦେଖି ଚଳିତବର୍ଷ କୁଆଖାଇ ନଦୀରେ ଜଳ ସଂରକ୍ଷଣ କରିବା ପାଇଁ ଏକ ଚେକ୍‌ଡ୍ୟାମ ନିର୍ମାଣ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ପାଇଲଟ ପ୍ରକଳ୍ପ ସଫଳ ହେଲେ ଅନ୍ୟାନ୍ୟ ନଦୀରେ ଡ୍ୟାମ୍ ନିର୍ମାଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଛାତ୍ରୀନିବାସ କୋଠା ଭୁଶୁଡ଼ିଲା

**ବ୍ରହ୍ମପୁର ଅଫିସ,୨୫।୭**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଗୁରୁବାର ଅପରାହ୍ନରେ ଘଟିଛି ଏକ ବଡ଼ ଦୁର୍ଘଟଣା। ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ ପରିସରସ୍ଥ ସାବେରୀ ଛାତ୍ରୀନିବାସର ୩ ମହଲା ବିଶିଷ୍ଟ କୋଠାର ଏକ ଅଂଶ ଭୁଶୁଡି ପଡିଛି। ଯେଉଁଥିରେ ଶୌଚାଳୟ ଥିଲା। ମଧ୍ୟାହ୍ନରେ ଛାତ୍ରୀନିବାସର ସମସ୍ତ ଛାତ୍ରୀ କ୍ଲାସ କରିବା ପାଇଁ ଚାଲି ଯାଇଥିବା ବେଳେ ଏଭଳି ଘଟଣା ଘଟିଥିବା ଜଣାପଡିଛି। ଫଳରେ ଏକ ବଡ଼ ଦୁର୍ଘଟଣାରୁ ଛାତ୍ରୀନିବାସର ସମସ୍ତ ଅନ୍ତେବାସୀ ବର୍ତ୍ତିଯାଇଛନ୍ତି।

ଜଣେ ପ୍ରତ୍ୟକ୍ଷଦର୍ଶୀ ଛାତ୍ରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ମଧ୍ୟାହ୍ନରେ ଛାତ୍ରୀନିବାସର ସମସ୍ତ ଛାତ୍ରୀ କ୍ଲାସ କରିବାକୁ ଯାଇଥିଲେ। କିନ୍ତୁ କେତେକ ଛାତ୍ରୀ ହଷ୍ଟେଲରେ ଥିଲେ। ଅପରାହ୍ନ ପ୍ରାୟ ୧ ଟା ବେଳେ ରସାୟନ ବିଜ୍ଞାନ ବିଭାଗର ଜଣେ ଛାତ୍ରୀ ଶୌଚାଳୟକୁ ଯାଇଥିବା ବେଳେ ଏକ ଉଚ୍ଚ ଶବ୍ଦ ଶୁଣି ବାହାରକୁ ଚାଲି ଆସିଥିଲେ। ଏହାର କିଛିକ୍ଷଣ ମଧ୍ୟରେ ୩ ମହଲା ବିଶିଷ୍ଟ ଶୌଚାଳୟ କୋଠାଟି ଭୁଶୁଡି ପଡିଥିବା ଦେଖିଥିଲେ। ତେବେ ଏହାପୂର୍ବରୁ ଅନେକ ସମୟରେ ଶୌଚାଳୟ ଛାତରୁ ପାଣି ଗଳିବା ସହ ପଲସ୍ତରା ଖସୁଥିବା ନେଇ ସେମାନେ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ।



ଭୁଶୁଡି ପଡିଥିବା କୋଠା।



ଛାତ୍ରୀମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଛି।

- ଅନ୍ୟ ଛାତ୍ରୀ ନିବାସକୁ ସ୍ଥାନାନ୍ତର ହେଲେ ୧୦୪ ଅନ୍ତେବାସୀ
- ମରାମତି କାର୍ଯ୍ୟରେ ଅବହେଳା ଅଭିଯୋଗ

ଖରାଛୁଟିରେ ଛାତ୍ରୀନିବାସ ମରାମତି କାର୍ଯ୍ୟ କରିବାକୁ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଖରାଛୁଟିରେ ଅନ୍ୟ କେତେକ କୋଠରିଗୁଡିକର ମରାମତି କରାଯାଇଥିବା ବେଳେ ଶୌଚାଳୟ କୋଠା କାମ ହୋଇ ନ ଥିବା ଛାତ୍ରୀମାନେ କହିଛନ୍ତି। ଗୁରୁବାର ସକାଳେ ମଧ୍ୟ ଶୌଚାଳୟ ଛାତରୁ ପଲସ୍ତରା ଖସୁଥିବା ନେଇ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିବା କେତେଜଣ ଛାତ୍ରୀ ପ୍ରତିକ୍ରିୟାରେ କହିଛନ୍ତି। ଏ ସମ୍ପର୍କରେ ବାରମ୍ବାର ଜଣାଯିବା ସତ୍ତ୍ୱେ ଶୌଚାଳୟ ମରାମତି ଦିଗରେ ଅବହେଳା କରାଯାଇ ଥିବାରୁ ଏଭଳି ଘଟଣା ଘଟିଥିବା ସେମାନେ ଅଭିଯୋଗ କରିଛନ୍ତି। ଖବର ପାଇ କୁଳସଚିବ ରଞ୍ଜନ ବିଶ୍ୱାଳ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷା ତଥା ଭାରପ୍ରାପ୍ତ କୁଳପତି ପ୍ରଫେସର ଅରୁନ୍ଧତୀ ରଥ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ତୁରନ୍ତ ଛାତ୍ରୀମାନଙ୍କୁ ‘ଚିଲିକା’ ଛାତ୍ରୀନିବାସକୁ ସ୍ଥାନାନ୍ତର କରିଥିଲେ।

ସୂଚନାନୁଯାୟୀ, ସାବେରୀ ଛାତ୍ରୀନିବାସ ୧୯୮୯ ଡିସେମ୍ବର ୨୩ରେ ଉଦ୍‌ଘାଟନ ହୋଇଥିଲା। ୧୧୪ ଶଯ୍ୟା ବିଶିଷ୍ଟ ଏହି ହଷ୍ଟେଲରେ ସ୍ନାତକୋତ୍ତର ଦ୍ୱିତୀୟ ବର୍ଷରେ ଅଧ୍ୟୟନରତ ବିଭିନ୍ନ ବିଭାଗର ପ୍ରାୟ ୧୦୭ ଛାତ୍ରୀ ରହୁଥିଲେ। ହଷ୍ଟେଲ ମରାମତି ତଥା ପରିଚାଳନା ବାବଦକୁ ସେମାନଙ୍କଠାରୁ ମାସକୁ ୨୫୦୦ରୁ ୩ ହଜାର ଟଙ୍କା ନିଆଯାଉଥିଲେ ମଧ୍ୟ ମରାମତି କାର୍ଯ୍ୟ ଠିକ୍ ଭାବେ ହେଉ ନ ଥିବା ସେମାନେ କହିଛନ୍ତି। ଅନ୍ୟପକ୍ଷରେ କୋଠାଟି ପ୍ରାୟ ୩୦ ବର୍ଷ ପୁରୁଣା ହୋଇଥିବାରୁ ଦୁର୍ବଳ ହୋଇ ଅଚାନକ ଭୁଶୁଡି ପଡିଥିବା ହଷ୍ଟେଲ ୱାର୍ଡେନ ପ୍ରଫେସର ଭାଗୀରଥି ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଘଟଣାର ଅନୁସନ୍ଧାନ କରାଯାଇ କୋଠା ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରାଯିବା ଦିଗରେ ପଦକ୍ଷେପ ନିଆଯିବ ବୋଲି କୁଳସଚିବ ରଞ୍ଜନ ବିଶ୍ୱାଳ ସୂଚାଇଛନ୍ତି।

## ଆଜିର ସମ୍ପାଦକୀୟ

ମୁଦ୍ରା ରାକ୍ଷସ

## ଆଜିର ମନ୍ତବ୍ୟ

“ଆମେରିକାରୁ ଫେରି ସ୍ୱଦେଶରେ ପହଞ୍ଚିବା ପରେ ମୁଁ ବିଶ୍ୱକପ୍ ଜିତି ଘରକୁ ଫେରିବା ଭଳି ଅନୁଭବ କରୁଛି।

– ଇମ୍ରାନ୍ ଖାନ୍, ପାକିସ୍ତାନ ପ୍ରଧାନମନ୍ତ୍ରୀ

## କିଛି ତଥ୍ୟ

ଚଳିତ ବର୍ଷ ମେ ମାସରେ ଦେଶରେ ୧୨.୬୬ ଲକ୍ଷ ନିଯୁକ୍ତି ସୃଷ୍ଟି ହୋଇଛି।

– ଇଏସ୍‌ଆଇସି ପେ ରୋଲ ଡାଟା

NECC NATIONAL EGG CO-ORDINATION COMMITTEE 25.07.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 52 | 96 | 106 |
| CTC | 54 | 98 | 108 |
| DKL | 52 | 96 | 106 |
| BDK | 51 | 94 | 104 |
| BLS | 51 | 94 | 104 |
| ANG | 51 | 94 | 104 |
| BHM | 51 | 94 | 104 |

*Conditions Apply
Eggs Retail Price- 39/-Dozen
Issued in the Interest of Consumers

### ଶିଶୁଙ୍କୁ ଯୌନ ନିର୍ଯାତନା ନେଇ କଠୋର ହେଲେ ସୁପ୍ରିମକୋର୍ଟ

# ସବୁ ଜିଲାରେ ହେବ ପୋକ୍ସୋ କୋର୍ଟ

**ନୂଆଦିଲ୍ଲୀ,୨୫।୭(ପି.ଟି.)**

**କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ**

- ୧୦୦ରୁ ଊର୍ଦ୍ଧ୍ୱ ପୋକ୍ସୋ ମାମଲା ବିଚାରାଧୀନ ଥିବା ଜିଲାଗୁଡ଼ିକରେ ୬୦ ଦିନ ମଧ୍ୟରେ ପ୍ରତିଷ୍ଠା କର ସ୍ୱତନ୍ତ୍ର ଅଦାଲତ
- କୋର୍ଟ ସ୍ଥାପନ ଲାଗି ପାଣ୍ଠି ଯୋଗାଇବ କେନ୍ଦ୍ର

୩୦ ଦିନ ମଧ୍ୟରେ ପ୍ରୋଗ୍ରେସ ରିପୋର୍ଟ

୨୬ ସେପ୍ଟେମ୍ବରରେ ପରବର୍ତ୍ତୀ ଶୁଣାଣି

ଦେଶରେ ଶିଶୁଙ୍କ ପ୍ରତି ଯୌନ ନିର୍ଯାତନା ମାମଲା ବଢ଼ିବାରେ ଲାଗିଛି। ଏପରି କି କେତେକ ଜିଲାରେ ଏଭଳି ଶତାଧିକ ମାମଲା ଗଡୁଛି। ସୁପ୍ରିମକୋର୍ଟ ଏହାକୁ ଦୃଷ୍ଟିରେ ରଖି ଶିଶୁଙ୍କୁ ଯୌନ ନିର୍ଯାତନାରୁ ମୁକ୍ତ କରିବା ପାଇଁ ଉଦ୍ଦିଷ୍ଟ ପୋକ୍ସୋ ଆଇନ ଅଧୀନରେ ସମସ୍ତ ଜିଲାରେ ୬୦ ଦିନ ମଧ୍ୟରେ ସ୍ୱତନ୍ତ୍ର କୋର୍ଟ ପ୍ରତିଷ୍ଠା ପାଇଁ ଗୁରୁବାର କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଦୀପକ ଗୁପ୍ତା ଓ ଅନିରୁଦ୍ଧ ବୋଷଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ୧୦୦ରୁ ଊର୍ଦ୍ଧ୍ୱ ପୋକ୍ସୋ ମାମଲା ବିଚାରାଧୀନ ଥିବା ଜିଲାଗୁଡ଼ିକରେ ପୀଡ଼ିତ ଶିଶୁଙ୍କୁ ନ୍ୟାୟ ପ୍ରଦାନ ପାଇଁ ୨ ମାସ ମଧ୍ୟରେ କେନ୍ଦ୍ର ସରକାର ସ୍ୱତନ୍ତ୍ର କୋର୍ଟ ପ୍ରତିଷ୍ଠା କରିବେ। ଏହାସହ ଏପରି ମାମଲାଗୁଡ଼ିକର ପରିଚାଳନା ପାଇଁ ସରକାର ତାଲିମପ୍ରାପ୍ତ ତଥା ସମ୍ବେଦନଶୀଳ ଅଧିବକ୍ତା ଓ ସହାୟକଙ୍କୁ ନିଯୁକ୍ତ କରିବେ। କୋର୍ଟ ସ୍ଥାପନ ପାଇଁ ଆବଶ୍ୟକ ପାଣ୍ଠି କେନ୍ଦ୍ର ସରକାର ବହନ କରିବେ। ପୋକ୍ସୋ କୋର୍ଟ ପ୍ରତିଷ୍ଠା ଓ ସେଠାରେ ପ୍ରୋସିକ୍ୟୁଟର ନିଯୁକ୍ତି ସମ୍ପର୍କିତ ଯୋଜନା ନେଇ ସରକାର ୩୦ ଦିନ ମଧ୍ୟରେ ପ୍ରୋଗ୍ରେସ ରିପୋର୍ଟ ଦାଖଲ କରି ସୁପ୍ରିମକୋର୍ଟଙ୍କୁ ଅବଗତ କରିବେ। ସେହିପରି ଏପରି ମାମଲାର ଫରେନ୍ସିକ୍ ରିପୋର୍ଟ ଉଚିତ ସମୟରେ ଦାଖଲ ପାଇଁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକର ମୁଖ୍ୟ ଶାସନ ସଚିବମାନେ ନିଶ୍ଚିତ କରିବେ ବୋଲି ଶୀର୍ଷ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଶିଶୁ ବଳାତ୍କାର ଉପରେ ଦେଶବ୍ୟାପୀ ଅଧିକ ତଥ୍ୟ ସଂଗ୍ରହ ପୋକ୍ସୋ ଆଇନର କାର୍ଯ୍ୟକାରିତାକୁ ବିଳମ୍ବିତ କରିବ ବୋଲି ଖଣ୍ଡପୀଠ ଆଶଙ୍କା ବ୍ୟକ୍ତ କରିଛନ୍ତି। ପୋକ୍ସୋ ମାମଲାଗୁଡ଼ିକର ଦ୍ରୁତ ଫଇସଲା ପାଇଁ ପ୍ରତ୍ୟେକ ଜିଲାରେ ଫରେନ୍ସିକ୍ ଲାବରେଟୋରି ପ୍ରତିଷ୍ଠା ଲାଗି ଆମିକସ୍ କ୍ୟୁରି (ଆଇନ ମିତ୍ର) ଭି. ଗିରିଙ୍କ ପ୍ରସ୍ତାବକୁ ପରେ ବିଚାର କରାଯାଇପାରେ। ତେବେ ଏଭଳି ମାମଲାଗୁଡ଼ିକର ତୁରନ୍ତ ବିଚାର ଲାଗି ଉଚିତ ସମୟରେ ଫରେନ୍ସିକ୍ ରିପୋର୍ଟ ଦାଖଲ କରାଇବା ରାଜ୍ୟ ସରକାରଙ୍କ ଦାୟିତ୍ୱ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ଆସନ୍ତା ସେପ୍ଟେମ୍ବର ୨୬ରେ ଏହାର ପରବର୍ତ୍ତୀ ଶୁଣାଣି କରିବାକୁ ସର୍ବୋଚ୍ଚ ଅଦାଳତ ସ୍ଥିର କରିଛନ୍ତି।

Who will GRAB the CROWN ?
HERE . NOW OrissaPOST Presents
Reviving Quizzing
METTLE MEET 2019
A Quiz Extravaganza
GRAND FINALE: 04 AUGUST 2019
OrissaPOST.Here.Now /orissapostlive www.orissapost.com
Sponsors : OMC ODISHA NALCO
Co-sponsors : vedanta ODISHA MCL adventz
Partners : omfed TEAM



ଭିଡ଼ହିଂସା ବିରୋଧରେ ସ୍ୱର ଉଠାଇବାରୁ ବେଙ୍ଗଲୀ ଅଭିନେତା କୌଶିକ୍ ସେନ୍‌ଙ୍କୁ ଫୋନ୍‌ରେ ହତ୍ୟା ଧମକ ଦିଆଯାଇଛି। ପ୍ରଧାନମନ୍ତ୍ରୀଙ୍କୁ ଭିଡ଼ହିଂସା ବିରୋଧରେ ଦିଆଯାଇଥିବା ଚିଠିରେ ସେନ୍‌ଙ୍କ ସମେତ ୪୯ ସେଲିବ୍ରିଟିଙ୍କ ଦସ୍ତଖତ ରହିଥିଲା। ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ବୁଧବାର ସେନ୍ ଅଜଣା ଫୋନରୁ ଏଭଳି ହତ୍ୟା ଧମକ ପାଇଥିବା ଅଭିଯୋଗ କରିଛନ୍ତି।



■ କର୍ନାଟକରେ ଜାରି ହୋଇପାରେ ରାଷ୍ଟ୍ରପତି ଶାସନ

# ୩ ବିଦ୍ରୋହୀ ବିଧାୟକ ଅଯୋଗ୍ୟ

**ବେଙ୍ଗାଲୁରୁ/ନୂଆଦିଲ୍ଲୀ,୨୫।୭(ପି.ଟି.)**



ଆର୍.ଶଙ୍କର ରମେଶ ଜାର୍କିହୋଲି ମହେଶ କୁମଥାଲ୍ଲୀ

କର୍ନାଟକରେ ଏଚ୍.ଡି. କୁମାରସ୍ୱାମୀଙ୍କ ନେତୃତ୍ୱାଧୀନ ୧୪ ମାସିଆ ମେଣ୍ଟ ସରକାର ଆସ୍ଥାଭୋଟରେ ପରାଜିତ ହେବାର ଦୁଇଦିନ ପରେ ବିଧାନସଭା ବାଚସ୍ପତି କେ.ଆର. ରମେଶ କୁମାର ୩ ବିଦ୍ରୋହୀ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା କରିଛନ୍ତି। ଅନ୍ୟ ୧୪ ବିଦ୍ରୋହୀ ବିଧାୟକମାନଙ୍କ ସମ୍ପର୍କରେ ମଧ୍ୟ ଖୁବ୍‌ଶୀଘ୍ର ନିଷ୍ପତ୍ତି ନେବେ ବୋଲି ଗୁରୁବାର ବାଚସ୍ପତି ସ୍ପଷ୍ଟ କରିଛନ୍ତି।

କଂଗ୍ରେସରୁ ଇସ୍ତଫା ଦେଇଥିବା ସ୍ୱାଧୀନ ବିଧାୟକ ଆର. ଶଙ୍କରଙ୍କୁ ପଞ୍ଚଦଶ ବିଧାନସଭା ଶେଷ ହେବା ପର୍ଯ୍ୟନ୍ତ ଅର୍ଥାତ ୨୦୨୩ ଯାଏ ବାଚସ୍ପତି ଅଯୋଗ୍ୟ ଘୋଷଣା କରିଛନ୍ତି। ସେହିପରି ଦଳବଦଳ ଆଇନର ଦଶମ ଅନୁଚ୍ଛେଦ ଅନୁସାରେ କଂଗ୍ରେସ ବିଧାୟକ ରମେଶ ଜାର୍କିହୋଲି ଓ ମହେଶ କୁମଥାଲ୍ଲୀଙ୍କୁ ମଧ୍ୟ ଅଯୋଗ୍ୟ ଘୋଷଣା କରାଯାଇଛି। ଏହି ବିଧାୟକମାନେ ବିଧାନସଭାକୁ ଆସିପାରିବେ ନାହିଁ କି ଗୃହର ଅବଧି ଶେଷ ହେବା ଯାଏ ନିର୍ବାଚନ ଲଢ଼ିପାରିବେ ନାହିଁ। କଂଗ୍ରେସ ଏବଂ ଜେଡିଏସ୍‌ର ଅବଶିଷ୍ଟ ୧୪ ବିଦ୍ରୋହୀ ବିଧାୟକମାନଙ୍କ ସମ୍ପର୍କରେ ଦିନେ ଦୁଇଦିନ ମଧ୍ୟରେ ନିଷ୍ପତ୍ତି ନେବେ ବୋଲି ବେଙ୍ଗାଲୁରୁରେ ଏକ ଖବରଦାତା ସମ୍ମିଳନୀରେ ବାଚସ୍ପତି

**ଅନ୍ୟ ୧୪ ବିଧାୟକଙ୍କ ସମ୍ପର୍କରେ ଖୁବ୍‌ଶୀଘ୍ର ନିଷ୍ପତ୍ତି ନେବେ ବାଚସ୍ପତି**

କହିଛନ୍ତି। ଏହି କାର୍ଯ୍ୟାନୁଷ୍ଠାନକୁ କଂଗ୍ରେସ ପକ୍ଷରୁ ସ୍ୱାଗତ କରାଯାଇଛି। ପ୍ରକାଶ ଯେ, ଶାସକ ମେଣ୍ଟର ୧୫ ବିଦ୍ରୋହୀ ବିଧାୟକ ଇସ୍ତଫା ଦେବା ପରେ ୨ ସ୍ୱାଧୀନ ବିଧାୟକ ସରକାରଙ୍କଠାରୁ ସମର୍ଥନ ପ୍ରତ୍ୟାହାର କରିଥିଲେ। ଫଳରେ ୩ ସପ୍ତାହ ଧରି ସରକାର ବଞ୍ଚାଇବା ପାଇଁ କୁମାରସ୍ୱାମୀ ଉଦ୍ୟମ କରିଥିଲେ। ଶେଷରେ ମଙ୍ଗଳବାର ବିଧାନସଭାରେ ଆସ୍ଥାଭୋଟରେ କୁମାରସ୍ୱାମୀ ସରକାର ପରାଜିତ ହୋଇଥିଲେ।

ସେପଟେ ପୁଣିଥରେ ମୁଖ୍ୟମନ୍ତ୍ରୀ ହେବା ପାଇଁ ପାଗ ଭିଡ଼ିଥିବା ଭାଜପା ନେତା ବି.ଏସ୍. ୟେଦୁରପ୍ପା କେନ୍ଦ୍ରୀୟ ନିର୍ଦ୍ଦେଶକୁ ଅପେକ୍ଷା କରି ବସିଛନ୍ତି। ଜଗଦୀଶ ଶେଟ୍ଟାର, ଅରବିନ୍ଦ ଲିମ୍ବାଭଲି ଓ ବାସବରାଜ ବୋମ୍ମାଇଙ୍କ ସମେତ କର୍ନାଟକ ଭାଜପାର କେତେଜଣ ନେତା ଗୁରୁବାର ଦଳର ଅଧ୍ୟକ୍ଷ ଅମିତ୍ ଶାହଙ୍କୁ ଭେଟି ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ଆଲୋଚନା କରିଛନ୍ତି। ଶାହ ଦିନେ ଦୁଇଦିନ ମଧ୍ୟରେ ନିଷ୍ପତ୍ତି ନେବେ ବୋଲି ଜଣାପଡ଼ିଛି। ୟେଦୁରପ୍ପାଙ୍କୁ ସରକାର ଗଠନ ପାଇଁ ରାଜ୍ୟପାଳଙ୍କ ନିକଟରେ ଦାବି ଜଣାଇବା ସକାଶେ ଶାହ ନିର୍ଦ୍ଦେଶ ନ ଦେଲେ କର୍ନାଟକରେ ରାଷ୍ଟ୍ରପତି ଶାସନ ଜାରି କରିବା ଲାଗି ରାଜ୍ୟପାଳ ସୁପାରିସ କରିପାରନ୍ତି ବୋଲି ଜଣାପଡ଼ିଛି।

# ମଧ୍ୟପ୍ରଦେଶରେ ଓଲଟା ଖେଳ

**ଭୋପାଳ,୨୫।୭**

ଭାଜପା କର୍ନାଟକରେ ଶାସକ ମେଣ୍ଟର ବିଦ୍ରୋହୀ ବିଧାୟକଙ୍କୁ ଧରି କଂଗ୍ରେସ-ଜେଡିଏସ୍ ମେଣ୍ଟ ସରକାରର ପତନ ଘଟାଇବାରେ ସଫଳ ହୋଇଥିବାବେଳେ ମଧ୍ୟପ୍ରଦେଶରେ ଏହାର ଓଲଟା ଖେଳ ଦେଖିବାକୁ ମିଳିଛି। ମୁଖ୍ୟମନ୍ତ୍ରୀ କମଳନାଥଙ୍କ ନେତୃତ୍ୱାଧୀନ କଂଗ୍ରେସ ସରକାରଙ୍କୁ ସଂଖ୍ୟାଲଘୁ ବୋଲି ଅଭିହିତ କରି ଚ୍ୟାଲେଞ୍ଜ ଦେଇଥିବା ବିରୋଧୀ ଭାଜପା ପାଇଁ ଏବେ ଅଡୁଆ ସୃଷ୍ଟି ହୋଇଛି। ଭାଜପା ବିଧାୟକ ଶରଦ କୋଲ୍(ବେଓହାରୀ) ଓ ନାରାୟଣ ତ୍ରିପାଠୀ (ମଇହାର) ବୁଧବାର ସରକାରଙ୍କ ପକ୍ଷରୁ ଆଗତ ଭିଡ଼ହିଂସା ନିରୋଧୀ ବିଲ୍ ସପକ୍ଷରେ କ୍ରସ୍‌ଭୋଟିଂ କରିଥିଲେ। ଏହି ଦୁଇ ବିଧାୟକ ଭାଜପା ବିରୋଧରେ ଖୋଲାଖୋଲି ବିଦ୍ରୋହ କରି କମଳନାଥଙ୍କୁ ପ୍ରଶଂସା କରିବା ସହ ସେମାନେ କଂଗ୍ରେସରେ ଯୋଗଦେବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। କେବଳ ଏହି ଦୁଇ ବିଧାୟକ ନୁହନ୍ତି, ବରଂ ଭାଜପାର ଆହୁରି ୪ ଜଣ ବିଧାୟକ ଦଳତ୍ୟାଗ କରି କଂଗ୍ରେସରେ ସାମିଲ ହେବା ପାଇଁ ଅଣ୍ଟା ଭିଡ଼ିଛନ୍ତି। ଏହି ଘଟଣାକ୍ରମ ହଠାତ୍ ଜାତୀୟ ରାଜନୀତିର ଉଷ୍ମତା ବୃଦ୍ଧି କରିଛି। ମଧ୍ୟପ୍ରଦେଶ ବିଧାନସଭାରେ



କମ୍ପ୍ୟୁଟର ବାବା



କମଳନାଥ

ବୁଧବାର ଭିଡ଼ହିଂସା ନିବାରଣ ସଂଶୋଧନ ବିଲ୍, ୨୦୧୯ ଆଗତ କରାଯାଇଥିଲା। ଏହାକୁ ଗୃହୀତ କରାଇବାରେ ଭାଜପା ବିଧାୟକ ଶରଦ ଓ ନାରାୟଣଙ୍କ ଭୋଟ ସହାୟକ ହୋଇଥିଲା। ଭୋପାଳ ବିଧାୟକ ଆରିଫ୍ ମାସୁଦ୍ ଓ କଂଗ୍ରେସର ଅନ୍ୟ ଜଣେ ନେତା ପ୍ରବୀଣ ପାଠକ ବୁଧବାର ରାତିରେ ଦୁଇ ଭାଜପା ବିଧାୟକଙ୍କୁ ମୁଖ୍ୟମନ୍ତ୍ରୀ କମଳନାଥଙ୍କ ବାସଭବନକୁ ରାତ୍ରିଭୋଜନ ପାଇଁ ସୁରକ୍ଷା ଦେଇ ନେଇଥିଲେ। ଭାଜପା ଏହାକୁ ନେଇ ଛାନିଆ ହୋଇଯାଇଛି । ବିରୋଧୀ ଦଳ ନେତା ଗୋପାଳ ଭାର୍ଗବଙ୍କ ଚାମ୍ବର ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ଚୌହାନଙ୍କ ଘରେ ମାରାଥନ ବୁଧବାର ରାତିରୁ ଭାଜପାର ବୈଠକ ଚାଲିଛି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ଏନେଇ ଦଳର ରିପୋର୍ଟ

■ କଂଗ୍ରେସକୁ ଫେରିବେ ୬ ଭାଜପା ବିଧାୟକ

■ କମ୍ପ୍ୟୁଟର ବାବା କହିଲେ ଏଇଟା ଘରବାହୁଡ଼ା

ମାଗିଥିବାବେଳେ ରାଜ୍ୟ ସଭାପତି ରାକେଶ ସିଂ ପାର୍ଲାମେଣ୍ଟ ଅଧିବେଶନ ଛାଡ଼ି ଭୋପାଳ ଅଭିମୁଖେ ଯାତ୍ରା କରିଛନ୍ତି। ଏହି ପରିପ୍ରେକ୍ଷୀରେ ବହୁଚର୍ଚ୍ଚିତ 'କମ୍ପ୍ୟୁଟର ବାବା' ନାମରେ ପରିଚିତ ନାମଦେଓ ଦାସ ତ୍ୟାଗୀ କହିଛନ୍ତି, ଏହି ଦୁଇଜଣଙ୍କ ବାଦ୍ ଆହୁରି ୪ ଭାଜପା ବିଧାୟକ କଂଗ୍ରେସରେ ଯୋଗଦେବା ପାଇଁ ପ୍ରସ୍ତୁତ ହୋଇରହିଛନ୍ତି। ସେମାନେ ପୂର୍ବରୁ କଂଗ୍ରେସରେ ଥିବାରୁ ଏଇଟା ଘରବାହୁଡ଼ା। ମୁଖ୍ୟମନ୍ତ୍ରୀ ଯେତେବେଳେ ଚାହିଁବେ ସେମାନଙ୍କୁ ସମସ୍ତଙ୍କ ଆଗରେ ହାଜର କରାଯିବ। ସେହି ବିଧାୟକମାନଙ୍କୁ ସରକାରରେ ସାମିଲ କରାଯାଇପାରେ ବୋଲି କମ୍ପ୍ୟୁଟର ବାବା କହିଛନ୍ତି। ତେବେ ଅନ୍ୟ ୪ ଭାଜପା ବିଧାୟକଙ୍କ ନାମ ପ୍ରକାଶ କରିବାକୁ ସେ ମନାକରିଦେଇଛନ୍ତି। ଗତବର୍ଷ ଶିବରାଜ ସରକାର କମ୍ପ୍ୟୁଟର ବାବାଙ୍କୁ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ପ୍ରଦାନ କରିଥିଲେ। ଏହାର କିଛିମାସ ପରେ ବାବା ଇସ୍ତଫା ଦେଇଥିଲେ। ଗତ ନଭେମ୍ବରରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ବାବା ଭାଜପା ବିରୋଧରେ ପ୍ରଚାର କରିଥିଲେ। ୧୫ ବର୍ଷ ବ୍ୟବଧାନରେ କଂଗ୍ରେସ କ୍ଷମତାକୁ ଫେରିବା ପରେ ବାବାଙ୍କୁ କମଳନାଥ ସରକାରଙ୍କ ନଦୀ ସଂରକ୍ଷଣ ଟ୍ରଷ୍ଟ ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି।

ପ୍ରକାଶ ଯେ, ୨୩୦ ଆସନ ବିଶିଷ୍ଟ ମଧ୍ୟପ୍ରଦେଶ ବିଧାନସଭାରେ ସରକାର ଗଢ଼ିବା ପାଇଁ କୁହୁକ ସଂଖ୍ୟା ହେଉଛି ୧୧୬। କଂଗ୍ରେସର ୧୧୪ ବିଧାୟକ ଥିବାବେଳେ ଏହାକୁ ୪ ସ୍ୱାଧୀନ ସଦସ୍ୟଙ୍କ ସମେତ ବହୁଜନ ସମାଜ ପାର୍ଟି (ବିଏସ୍‌ପି)ର ୨, ସମାଜବାଦୀ ପାର୍ଟି (ଏସ୍‌ପି)ର ଜଣେ ବିଧାୟକ ସମର୍ଥନ କରୁଛନ୍ତି। ଫଳରେ କମଳନାଥଙ୍କ ସପକ୍ଷରେ ୧୨୧ ବିଧାୟକଙ୍କ ସମର୍ଥନ ରହିଛି। ଅନ୍ୟପକ୍ଷରେ ଭାଜପାର ୧୦୯ ବିଧାୟକ ଜିତିଥିବାବେଳେ ସେମାନଙ୍କ ମଧ୍ୟରୁ ଜଣେ ଲୋକ ସଭାକୁ ନିର୍ବାଚିତ ହେବା ପରେ ଇସ୍ତଫା ଦେଇଛନ୍ତି।

# ତିନି ତଲାକ୍ ବିଲ୍‌କୁ ଲୋକ ସଭାର ମଞ୍ଜୁରୀ



ଲୋକ ସଭାରେ ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦ।

**ନୂଆଦିଲ୍ଲୀ,୨୫।୭**

ତତ୍କାଳ ତିନି ତଲାକ୍‌କୁ ବେଆଇନ ଏବଂ ଦଣ୍ଡନୀୟ ଅପରାଧରେ ପରିଣତ କରିବା ଲାଗି ସରକାର ଆଣିଥିବା ବିଲ୍ ଗୁରୁବାର ଲୋକ ସଭାରେ ଗୃହୀତ ହୋଇଯାଇଛି। ବିଲ୍ ସପକ୍ଷରେ ୩୦୩ ଭୋଟ ପଡ଼ିଥିବାବେଳେ ବିପକ୍ଷରେ ୮୨ ଏମ୍‌ପି ଭୋଟ ଦେଇଥିଲେ। ବିରୋଧୀମାନେ ଆଣିଥିବା ଏକାଧିକ ସଂଶୋଧନ ପ୍ରସ୍ତାବ କାଟ୍ ଖାଇଯାଇଥିଲା। ତିନି ତଲାକ୍ ଦେଉଥିବା ସ୍ୱାମୀଙ୍କୁ ୩ ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ଦେବାର ବ୍ୟବସ୍ଥା ବିଲ୍‌ରେ ରହିଛି। ଉକ୍ତ ପ୍ରସ୍ତାବ ସପକ୍ଷରେ ୩୦୨ ଭୋଟ ମିଳିଥିବାବେଳେ ବିରୋଧରେ ୭୮ ଭୋଟ ଯାଇଥିଲା। ବିଲ୍‌କୁ ବିରୋଧ କରି ଜେଡିୟୁ, ଟିଏମ୍‌ସି ଏବଂ କଂଗ୍ରେସ ଏମ୍‌ପିମାନେ କକ୍ଷତ୍ୟାଗ କରିଥିଲେ। ମୁସଲମାନ ମହିଳା (ବିବାହ ଅଧିକାର ସୁରକ୍ଷା)ବିଲ୍, ୨୦୧୯ ବା ତିନି ତଲାକ ବିଲ୍ ଏବେ ରାଜ୍ୟ ସଭାର ଅନୁମୋଦନ ପାଇଁ ପଠାଯିବ।

ଏବେ ଅଧ୍ୟାଦେଶ ମାଧ୍ୟମରେ ତିନି ତଲାକକୁ ନିଷିଦ୍ଧ କରାଯାଇଛି। ଆଇନ ମନ୍ତ୍ରୀ ରବିଶଙ୍କର ପ୍ରସାଦ ବିଲ୍ ଉପରେ ଆଲୋଚନା ଆରମ୍ଭ କରି ଏଭଳି ଆଇନ ଜରୁରୀ ବୋଲି କହିଥିଲେ। ସୁପ୍ରିମକୋର୍ଟ ତିନି ତଲାକକୁ ବେଆଇନ କହିବା ସହିତ ଏଥିପାଇଁ ଆଇନ ଆଣିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ୨୦୧୭ ଜାନୁୟାରୀରୁ ଇତିମଧ୍ୟରେ ୫୭୪ଟି ତିନି ତଲାକ ଘଟଣା ଘଟିଲାଣି। ଲିଙ୍ଗଗତ ସମାନତା ଏବଂ ନ୍ୟାୟ ପାଇଁ ଆଇନର ଆବଶ୍ୟକତା ରହିଛି, ଏହାକୁ ସଙ୍କୀର୍ଣ୍ଣ ଧର୍ମୀୟ ଦୃଷ୍ଟିକୋଣରେ ଦେଖାଯିବା ଉଚିତ ନୁହେଁ ବୋଲି ରବିଶଙ୍କର କହିଥିଲେ। ଆଇନର ସମ୍ଭାବ୍ୟ ଅପବ୍ୟବହାରକୁ ରୋକିବା ଲାଗି ବିଚାର ପୂର୍ବରୁ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନର ବ୍ୟବସ୍ଥା ନୂଆ ବିଲ୍‌ରେ ରହିଛି। ସ୍ତ୍ରୀଙ୍କ ଅଭିଯୋଗ ଶୁଣିବା ପରେ ମାଜିଷ୍ଟ୍ରେଟ ଜାମିନ ପ୍ରଦାନ କରିପାରିବେ।

ଦେଶର ମୁସଲମାନ ସମ୍ପ୍ରଦାୟକୁ ଟାର୍ଗେଟରେ ରଖି ସରକାର ବିଲ୍ ଆଣିଥିବା ଅଭିଯୋଗ କରି କଂଗ୍ରେସ ଏହାର ସମୀକ୍ଷା ପାଇଁ ଷ୍ଟାଣ୍ଡିଂ କମିଟିକୁ ପଠାଇବା ନିମନ୍ତେ ଦାବି କରିଥିଲା। ଏନ୍‌ଡିଏର ଅନ୍ୟତମ ସହଯୋଗୀ ଦଳ ଜେଡିୟୁ ବିଲ୍‌କୁ ବିରୋଧ କରି କକ୍ଷତ୍ୟାଗ କରିଥିଲା। ଏଭଳି ଆଇନ ସମାଜରେ ଅବିଶ୍ୱାସ ସୃଷ୍ଟି କରିବ। ତେଣୁ ତାଙ୍କ ଦଳ ତିନି ତଲାକ୍ ବିଲ୍‌କୁ ସମର୍ଥନ ଦେବ ନାହିଁ ବୋଲି ଜେଡିୟୁ ଏମ୍‌ପି ରାଜୀବ ରଞ୍ଜନ ସିଂ କହିଥିଲେ।

# ଆର୍‌ଟିଆଇ ବିଲ୍ ପାର୍ଲାମେଣ୍ଟରେ ଗୃହୀତ

**ନୂଆଦିଲ୍ଲୀ,୨୫।୭(ପି.ଟି.)**

ସୂଚନା ଅଧିକାର ଆଇନ (ସଂଶୋଧନ) ବିଲ୍ ପାର୍ଲାମେଣ୍ଟର ଅନୁମୋଦନ ଲାଭ କରିଛି। ୨୨ ତାରିଖରେ ବିଲ୍ ଲୋକ ସଭାରେ ଗୃହୀତ ହୋଇଥିବାବେଳେ ଗୁରୁବାର ରାଜ୍ୟ ସଭାରେ ପାରିତ ହୋଇଯାଇଛି। ଅଧିକ ଯାଞ୍ଚ ପାଇଁ ବିଲ୍‌କୁ ଗୃହ କମିଟିକୁ ପଠାଇବାକୁ ବିରୋଧୀ ଦଳ ଆଣିଥିବା ପ୍ରସ୍ତାବ କାଟ୍ ଖାଇଯାଇଥିଲା। ପ୍ରସ୍ତାବ ବିରୋଧରେ ୧୧୭ ଭୋଟ ପଡ଼ିଥିବାବେଳେ ସପକ୍ଷରେ ୭୫ ଭୋଟ ଯାଇଥିଲା। ଗୁରୁବାର ଘଟଣାରୁ ରାଜ୍ୟ ସଭାରେ ବିରୋଧୀ ଦଳର କ୍ଷମତା ହ୍ରାସ ପାଇଥିବା ସ୍ପଷ୍ଟ ହୋଇଯାଇଛି। ଯାହା ଫଳରେ ସଂଖ୍ୟାଗରିଷ୍ଠତା ନ ଥାଇ ସରକାର ବିଭିନ୍ନ ବିଲ୍‌କୁ ଗୃହୀତ କରାଇ ନେଉଛନ୍ତି।

ସଂଶୋଧିତ ବିଲ୍ ଅନୁଯାୟୀ ସୂଚନା କମିଶନରମାନଙ୍କ କାର୍ଯ୍ୟକାଳ, ବେତନ ଓ ଅନ୍ୟାନ୍ୟ ସର୍ତ୍ତାବଳୀ ସରକାର ଧାର୍ଯ୍ୟ କରିବେ। ବର୍ତ୍ତମାନର ଆଇନରେ ସୂଚନା କମିଶନରଙ୍କ କାର୍ଯ୍ୟକାଳ ୫ ବର୍ଷ ରହିଥିବାବେଳେ ସଂଶୋଧିତ ବିଲ୍‌ରେ ଏହାକୁ ୩ ବର୍ଷ ହ୍ରାସ କରାଯିବା ପ୍ରସ୍ତାବ ରହିଛି। ବିଲ୍‌କୁ କଂଗ୍ରେସ, ବାମଦଳ ଏବଂ ତୃଣମୂଳ କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଥିଲା।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିମୁଦ୍ରୀକରଣର ପର୍ଦ୍ଦାଫାଶ୍ ଏବଂ ଶିକ୍ଷାଗତ ଯୋଗ୍ୟତା ଜଣାପଡ଼ିଯିବା ପରେ ପ୍ରତିଶୋଧ ନେବା ପାଇଁ ସରକାର ଆର୍‌ଟିଆଇ ଆଇନରେ ସଂଶୋଧନ ଆଣୁଛନ୍ତି ବୋଲି କଂଗ୍ରେସ ନେତା ଜୟରାମ ରମେଶ ଅଭିଯୋଗ କରିଛନ୍ତି। ଏହା ବ୍ୟତୀତ ଜାଲ୍ ରାଶନ୍ କାର୍ଡର ପ୍ରକୃତ ସଂଖ୍ୟା ଧରାପଡ଼ିଯିବା ଏବଂ ବିଦେଶରୁ ଅଣାଯାଇଥିବା କଳାଧନ ପରିମାଣର ଖୁଲାସା ଓ ଖିଲାପୀଙ୍କ ତାଲିକା ଦାଖଲ ପାଇଁ କେନ୍ଦ୍ରୀୟ ସୂଚନା କମିଶନର (ସିଆଇସି) ନିର୍ଦ୍ଦେଶ ଦେବା ପରେ ସରକାର ପ୍ରତିଶୋଧପରାୟଣ ହୋଇପଡ଼ିଛନ୍ତି। ସିଆଇସିକୁ କ୍ଷମତାହୀନ କରିଦେବା ବିଲ୍‌ର ପ୍ରକୃତ ଉଦ୍ଦେଶ୍ୟ ବୋଲି ରମେଶ ରାଜ୍ୟ ସଭାରେ କହିଥିଲେ।

ବିଲ୍ ଉପରେ ଆଲୋଚନା ଚାଲିଥିବାବେଳେ ଭାଜପା ଅଣ ଏନ୍‌ଡିଏ ଦଳ ଯଥା ୱାଇଏସ୍‌ଆର କଂଗ୍ରେସ, ଟିଆର୍‌ଏସ୍, ବିଜେଡିର ସମର୍ଥନ ହାସଲ କରିବାରେ ସକ୍ଷମ ହୋଇଥିଲା। ବିଲ୍‌କୁ ନେଇ ବିଜେଡିର କେତେକ ଭିନ୍ନମତ ରହିଛି, ସରକାରଙ୍କ ପାଖରୁ ଦୃଢ଼ ପ୍ରତିଶ୍ରୁତି ପାଇବା ପରେ ଦଳ ଏହା ସମର୍ଥନକୁ ନେଇ ବିଚାର କରିବ ବୋଲି ବିଜେଡି ଏମ୍‌ପି ସସ୍ମିତ ପାତ୍ର ସ୍ପଷ୍ଟ କରିଦେଇଥିଲେ। ସଂଶୋଧନ ବିଲ୍‌ରେ କୌଣସି ଭୁଲ୍ ନାହିଁ। ୱାଇଏସ୍‌ଆର୍ କଂଗ୍ରେସ ଏହାକୁ ସମର୍ଥନ ଦେବ ବୋଲି ଏହାର ସଦସ୍ୟ ଭି. ବିଜୟସାଇ ରେଡ୍ଡୀ କହିଥିଲେ। ସେହିପରି ଟିଆର୍‌ଏସ୍‌ର କେ. କେଶବ ରାଓ ବିଲ୍‌କୁ ସମର୍ଥନ ଜଣାଇଥିଲେ।




# ବଜେଟ ଅଧିବେଶନ ଅଗଷ୍ଟ ୭ ପର୍ଯ୍ୟନ୍ତ ବଢ଼ିଲା

**ନୂଆଦିଲ୍ଲୀ,୨୫।୭(ଆଇଏଏନ୍‌ଏସ୍)**

ପାର୍ଲାମେଣ୍ଟ ଅଧିବେଶନ ଅଗଷ୍ଟ ୭ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସରକାରଙ୍କ ଅନୁରୋଧ କ୍ରମେ ଲୋକ ସଭା ଅଧିବେଶନ ଅଗଷ୍ଟ ୭ ପର୍ଯ୍ୟନ୍ତ ବୃଦ୍ଧି କରାଗଲା ବୋଲି ବାଚସ୍ପତି ଓମ୍ ବିର୍ଲା ଘୋଷଣା କରିଥିଲେ। ୨୦ରୁ ଊର୍ଦ୍ଧ୍ୱ ବିଲ୍ ଆଲୋଚନା ଅପେକ୍ଷାରେ ରହିଥିବାରୁ ଅଧିବେଶନ ସମୟସୀମା ବଢ଼ାଇବାକୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ। ୨୩ ତାରିଖରେ ଅନୁଷ୍ଠିତ ଭାଜପା ସଂସଦୀୟ ଦଳ ବୈଠକରେ ଅଧିବେଶନ ସମୟସୀମା ବୃଦ୍ଧି ନିଷ୍ପତ୍ତି ନିଆଯାଇଥିଲା। ଏ ସମ୍ପର୍କରେ ବୁଧବାର ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା। ସୂଚନାଯୋଗ୍ୟ, ଜୁନ୍ ୧୭ରୁ ଆରମ୍ଭ ହୋଇଥିବା ପାର୍ଲାମେଣ୍ଟ ଅଧିବେଶନ ଜୁଲାଇ ୨୬ରେ ଶେଷ ହେବାର ଥିଲା।

# ଆଜମ ଖାନ୍‌ଙ୍କ ମନ୍ତବ୍ୟକୁ ନେଇ ଝଡ଼

**ନୂଆଦିଲ୍ଲୀ,୨୫।୭**



ଭାଜପା ଏମ୍‌ପି ରମା ଦେବୀଙ୍କ ପ୍ରତି ସମାଜବାଦୀ ପାର୍ଟି ନେତା ଆଜମ ଖାନ୍‌ଙ୍କ ଆପତ୍ତିଜନକ ମନ୍ତବ୍ୟକୁ ନେଇ ଗୁରୁବାର ଲୋକ ସଭାରେ ପ୍ରବଳ ହଟ୍ଟଗୋଳ ହୋଇଥିଲା। ବାଚସ୍ପତି ଓମ୍ ବିର୍ଲାଙ୍କ ଅନୁପସ୍ଥିତିରେ ରମା ଦେବୀ ଗୃହକାର୍ଯ୍ୟ ପରିଚାଳନା କରୁଥିଲେ। ଏହି ସମୟରେ ଆଜମ ତିନି ତଲାକ୍ ବିଲ୍ ଉପରେ ବିତର୍କରେ ଭାଗନେଇ କହୁଥିବାବେଳେ ଅନ୍ୟ ସଦସ୍ୟମାନଙ୍କ ବିରୋଧକୁ ଅଣଦେଖା କରି ଗୃହ ଅଧ୍ୟକ୍ଷଙ୍କୁ ସମ୍ବୋଧନ କରିବାକୁ ରମା ଦେବୀ କହିଥିଲେ। ଏହି ସମୟରେ ଆଜମ୍ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ, ଯାହାକୁ ନେଇ ଗୃହରେ ଝଡ଼ ସୃଷ୍ଟି ହୋଇଥିଲା। ସମାଜବାଦୀ ପାର୍ଟି ନେତା କ୍ଷମା ମାଗନ୍ତୁ ବୋଲି ଭାଜପା ସଦସ୍ୟମାନେ ଦାବି କରିଥିଲେ। ଗୃହରେ ଅଧ୍ୟକ୍ଷତା କରୁଥିବା ଭାଜପା ସଦସ୍ୟ ଆଜମଙ୍କ ମନ୍ତବ୍ୟର ପ୍ରତିବାଦ କରିବା ସହ ଏହା କହିବାର ତରିକା ନୁହେଁ ବୋଲି କହିଥିଲେ। ଏହାକୁ ବିବୃତିରୁ ବାଦ୍ ଦେବାକୁ ସେ ଆଜମ୍‌ଙ୍କୁ ଅନୁରୋଧ କରିଥିଲେ। ଗୃହର ଉତ୍ତେଜନାକୁ ଅନୁଭବ କରି ଆଜମ ନରମି ଯାଇ ରମା ଦେବୀ ତାଙ୍କ ଭଉଣୀ ଭଳି ଓ ସେ ତାଙ୍କୁ ଯଥେଷ୍ଟ ସମ୍ମାନ କରନ୍ତି ବୋଲି କହିଥିଲେ।

■ ରାଜୀବ ହତ୍ୟା ମାମଲା

# ମାସେ ପାରୋଲରେ ଗଲେ ନଳିନୀ



**ଭେଲୋର,୨୫।୭(ପି.ଟି.):** ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ହତ୍ୟା ମାମଲାର ଅନ୍ୟତମ ଅପରାଧୀ ନଳିନୀ ଶ୍ରୀହରନ ଝିଅ ବାହାଘର ପାଇଁ ଗୁରୁବାର ମାସେ ପାରୋଲରେ ଯାଇଛନ୍ତି। ୧୯୯୧ରୁ ଜେଲ୍‌ରେ ଥିବା ନଳିନୀ ପ୍ରଥମ ଥର ଲାଗି ୩୦ ଦିନ ପାରୋଲରେ ବାହାରିବାର ସୁଯୋଗ ପାଇଛନ୍ତି। ପୂର୍ବରୁ ଥରେ ସେ ଅଳ୍ପଦିନ ପାରୋଲରେ ଯାଇଥିଲେ।

ପାରୋଲରେ ଥିବା ସମୟରେ ସେ ଗଣମାଧ୍ୟମ, ରାଜନୈତିକ ଦଳ କିମ୍ବା ବ୍ୟକ୍ତିବିଶେଷଙ୍କୁ ବିବୃତି ଦେଇପାରିବେ ନାହିଁ। ପାରୋଲ ସମୟରେ ନଳିନୀ ଭେଲୋରରେ କର୍ତ୍ତୃପକ୍ଷଙ୍କୁ ଜଣାଇଥିବା ସ୍ଥାନରେ ରହିବେ ଏବଂ ଥାନାରେ ହାଜର ହୋଇ ରେଜିଷ୍ଟରର ସ୍ୱାକ୍ଷର କରିବେ। ଗତ ମାସରେ ମାଡ୍ରାସ ହାଇକୋର୍ଟ ତାଙ୍କ ପାରୋଲକୁ ମଞ୍ଜୁର କରିଥିଲେ। ସ୍ୱତନ୍ତ୍ର ମହିଳା କାରାଗାରରେ ରହୁଥିବା ନଳିନୀ ଝିଅ ବାହାଘର ଲାଗି ୬ ମାସ ପାରୋଲରେ ଯିବା ପାଇଁ ଆବେଦନ କରିଥିଲେ।

[ଇତିହାସର ଆଇନାରେ]

**ଜୁଲାଇ ୨୬ର ପ୍ରମୁଖ ଘଟଣା**

୧୯୯୩ ଜୁଲାଇ ୨୬ରେ ଏସିଆନା ଏୟାରଲାଇନ୍ସ ଫ୍ଲାଇଟ୍ ୭୩୩ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୬୮ ବିମାନଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଏହି ଘରୋଇ ଯାତ୍ରୀବାହୀ ବିମାନଟି ସିଓଲ-ଗିମ୍ପୋ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଦକ୍ଷିଣ କୋରିଆର ମୋକ୍‌ପୋ ଏୟାରପୋର୍ଟକୁ ଯାତ୍ରା କରୁଥିଲା।

୨୦୦୮ ଜୁଲାଇ ୨୬ରେ ଅହମଦାବାଦ ବୋମା ବିସ୍ଫୋରଣରେ ୫୬ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୨୦୦ ଲୋକ ଆହତ ହୋଇଥିଲେ। ୭୦ ମିନିଟ ମଧ୍ୟରେ ଅହମଦାବାଦରେ କ୍ରମାଗତ ୨୧ଥର ବୋମା ବିସ୍ଫୋରଣ ହୋଇଥିଲା। ଅହମଦାବାଦ ହେଉଛି ଗୁଜରାଟର ସାଂସ୍କୃତିକ ଓ ବ୍ୟବସାୟିକ ନଗରୀ ତଥା ପଶ୍ଚିମ ଭାରତର ଏକ ପ୍ରମୁଖ ସ୍ଥାନ।

# ବୋରିସ୍‌ଙ୍କ କ୍ୟାବିନେଟ୍‌ରେ ୩ ଭାରତୀୟ ବଂଶୋଦ୍ଭବ



ଋଷି ସୌନକ ଆଲୋକ ଶର୍ମା ପ୍ରୀତି ପଟେଲ

**ଲଣ୍ଡନ,୨୫।୭(ପି.ଟି.)**

ବ୍ରିଟେନ୍‌ର ନୂଆ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍ ୩ ଜଣ ଭାରତୀୟ ବଂଶୋଦ୍ଭବଙ୍କୁ ନିଜ ମନ୍ତ୍ରିମଣ୍ଡଳରେ ସାମିଲ କରିଛନ୍ତି। ରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କ ଦ୍ୱାରା ବୋରିସ୍ ବ୍ରିଟେନ୍‌ର ନୂଆ ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତି ପାଇବାର କିଛି ଘଣ୍ଟା ପରେ ସେ ପ୍ରୀତି ପଟେଲ୍‌ଙ୍କୁ ସ୍ୱରାଷ୍ଟ୍ର ସଚିବ, ଆଲୋକ ଶର୍ମାଙ୍କୁ ଅନ୍ତର୍ଜାତୀୟ ଉନ୍ନୟନ ସଚିବ ଏବଂ ଋଷି ସୌନକଙ୍କୁ ଟ୍ରେଜେରି ମୁଖ୍ୟ ସଚିବ ଭାବେ ନିଯୁକ୍ତି ଦେଇଛନ୍ତି। ସେମାନେ ଗୁରୁବାର ପୂର୍ବାହ୍ନରେ ୧୦ ଡାଉନିଂ ଷ୍ଟ୍ରିଟ୍‌ରେ କ୍ୟାବିନେଟ୍ ବୈଠକରେ ଯୋଗ ଦେଇଥିଲେ।

ବୋରିସ୍ ବୁଧବାର ତାଙ୍କର ପ୍ରଥମ ବକ୍ତୃତାରେ କହିଥିଲେ, 'ଆମେ ଆମ ଗଣତନ୍ତ୍ରରେ ବିଶ୍ୱାସ ପୁନଃ ସ୍ଥାପନ କରିବା ଏବଂ ଜନସାଧାରଣଙ୍କୁ ଦିଆଯାଉଥିବା ପ୍ରତିଶ୍ରୁତି ପାଳନ କରିବା। ଏଥିସହିତ ଦୋଦୋପାଞ୍ଚ ନ ହୋଇ ଅକ୍ଟୋବର ୩୧ରେ ୟୁରୋପୀୟ ୟୁନିୟନ୍‌ରୁ ଓହରି ଆସିବାକୁ ପଡ଼ିବ।' ବୋରିସ୍‌ଙ୍କ ଅନୁଗତ ତଥା ବ୍ରେକ୍‌ଜିଟ୍ ସପକ୍ଷବାଦୀ ପ୍ରଚାରକ ପଟେଲ ବର୍ତ୍ତମାନ ବ୍ରିଟେନ୍‌ର ନିରାପତ୍ତା, ଆପ୍ରବାସନ ଏବଂ ଭିଜା ପଲିସି ଦାୟିତ୍ୱରେ ରହିବେ।

# ଏନ୍‌କାଉଣ୍ଟରରେ ୩ ମାଓବାଦୀ ନିହତ

**ପାଟ୍‌ନା,୨୫।୭(ପି.ଟି.)**


ବିହାରର ଗୟା ଜିଲାରେ ସୁରକ୍ଷା କର୍ମୀଙ୍କ ଏନ୍‌କାଉଣ୍ଟରରେ ୩ ମାଓବାଦୀ ନିହତ ହୋଇଛନ୍ତି। ଗୁରୁବାର ମଧ୍ୟାହ୍ନରେ ସିଆର୍‌ପିଏଫ୍‌ର କୋବ୍ରା ବାହିନୀ ଓ ଜିଲା ପୋଲିସର ମିଳିତ ଅପରେଶନ ଚକରାବନ୍ଧ ଅଞ୍ଚଳରେ କରାଯାଇଥିଲା। ନିକଟସ୍ଥ ଜଙ୍ଗଲାଞ୍ଚଳରେ ଲୁଚିଥିବା ମାଓବାଦୀଙ୍କୁ ଟାର୍ଗେଟ କରି ଅପରେଶନ ଆରମ୍ଭ କରାଯାଇଥିଲା। ମାଓବାଦୀଙ୍କ ପଟୁ ପ୍ରଥମେ ଗୁଳିମାଡ଼ କରାଯିବା ପରେ ସୁରକ୍ଷା ବାହିନୀ ପକ୍ଷରୁ ଏହାର ଜବାବ୍ ଦିଆଯାଇଥିଲା। ଘଟଣାସ୍ଥଳରୁ ନିହତ ୩ ମାଓବାଦୀଙ୍କ ଶବ ଉଦ୍ଧାର କରାଯାଇଥିବା ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ। ସେଠାରୁ ଏକେ- ୪୭ ସହ ୭ଟି ବନ୍ଧୁକ, ୩ ଇନ୍‌ସାସ୍ ରାଇଫଲ୍‌ସ, କେତେକ ଆଇଇଡି ପ୍ରଭୃତି ଉଦ୍ଧାର କରାଯାଇଥିବା ଜଣାପଡ଼ିଛି।

# 'କିକ୍ ୨'ରେ ପୁଣି ସଲମାନ୍

**ମୁମ୍ବାଇ**



ସୁପରଷ୍ଟାର ସଲମାନ୍ ଖାନ୍ 'କିକ୍ ୨'ରେ ପୁଣି ଅଭିନୟ କରିବାକୁ ଯାଉଥିବାବେଳେ ଏହା ଆସନ୍ତା ବର୍ଷ ରିଲିଜ୍ ହେବା ଆଶା କରାଯାଉଛି। ୨୦୧୪ ଇଦ୍ ବେଳେ 'କିକ୍' ରିଲିଜ ହୋଇଥିଲା ଏବଂ ଫିଲ୍ମ ନିର୍ମାତା ସାଜିଦ୍ ନାଡିଆଡ୍‌ୱାଲା ଉକ୍ତ ଫିଲ୍ମର ଦ୍ୱିତୀୟ ଭାଗ ନିର୍ମାଣ ହେବାକୁ ଯାଉଥିବା ବିଷୟ ଶେୟାର କରିଛନ୍ତି। କିକ୍ ୫ବର୍ଷ ତଳେ ରିଲିଜ ହୋଇଥିଲା। ତେବେ ଏହାର ଦ୍ୱିତୀୟ ଭାଗ ନିର୍ମାଣ ପାଇଁ କାହାଣୀ ଲେଖା ଚାଲୁରହିଛି ବୋଲି ନାଡିଆଡ୍‌ୱାଲା ପ୍ରକାଶ କରିଛନ୍ତି। ଏଥିରେ ଡେଭିଲ (ଦେବୀ ଲାଲ୍ ସିଂ) ଭୂମିକାରେ ଅଭିନୟ କରିଥିବା ସଲମାନ୍ ପୁଣି ଦ୍ୱିତୀୟ ଭାଗକୁ ଫେରୁଛନ୍ତି। କିକ୍‌ର ପ୍ରଥମ ଭାଗରେ ଜାକ୍‌ଲିନ୍ ଫର୍ନାଣ୍ଡିଜ୍, ରଣଦୀପ ହୁଡା ଏବଂ ନୱାଜିଦ୍ଦିନ ସିଦ୍ଦିକ୍ ଅଭିନୟ କରିଛନ୍ତି। କିକ୍‌ର ଦ୍ୱିତୀୟ ଭାଗର କାହାଣୀ ଖୁବ୍ ଆକର୍ଷଣୀୟ କରିବାକୁ ଚାହୁଁଥିବାରୁ ସାଜିଦ ଏବଂ ତାଙ୍କ ରାଇଟିଙ୍ଗ୍ ଟିମ୍ ଧୀରେସୁସ୍ଥେ କାହାଣୀ ଲେଖୁଥିବା ତାଙ୍କ ନିକଟତମ ସୂତ୍ରରୁ ଜାଣିବାକୁ ମିଳିଛି। ବର୍ତ୍ତମାନ ଫିଲ୍ମ ନିର୍ମାତା ଚଳଚ୍ଚିତ୍ରର କାହାଣୀ ଉପରେ ନିର୍ଭର କରୁଛନ୍ତି। ଏହା ଯେତେଶୀଘ୍ର ଶେଷ ହେବ କଳାକାର ଟିମ୍ ସେତେ ଶୀଘ୍ର ଶୁଟିଂସେଟ୍‌କୁ ଯିବେ। କାହାଣୀକୁ ଭିତ୍ତିକରି ଶୁଟିଂସ୍ଥଳ ସ୍ଥିର କରାଯିବ। କିକ୍‌ର ପ୍ରଥମ ଭାଗ ଭଳି ଦ୍ୱିତୀୟ ଭାଗର ଶୁଟିଂ ମଧ୍ୟ ଦେଶ ଓ ଦେଶ ବାହାରେ ହେବ। ସଲମାନ୍‌ଙ୍କ ବ୍ୟତୀତ ଅନ୍ୟ କଳାକାରମାନଙ୍କୁ ଖୁବ୍‌ଶୀଘ୍ର ଚୟନ କରାଯିବ।




## ସ୍ୱତନ୍ତ୍ର ଓଜେଇଇ ପରୀକ୍ଷାଫଳ ପ୍ରକାଶ

# ରବୀନ୍ଦ୍ର କୁମାର ବେହେରା ବି.ଟେକ୍ ଟପ୍ପର

**ଭୁବନେଶ୍ୱର,୨୫।୭(ବ୍ୟୁରୋ)**

ସ୍ୱତନ୍ତ୍ର ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ) ବା ସ୍ପେଶାଲ ଓଜେଇଇ ୨୦୧୯ ପରୀକ୍ଷା ଜୁଲାଇ ୨୧ରେ ଅନୁଷ୍ଠିତ ହୋଇଥିଲା। ଏହି ପରୀକ୍ଷାଫଳ ଗୁରୁବାର ପ୍ରକାଶ ପାଇଛି। ବି.ଟେକ୍ ସହ ଲାଟେରାଲ ଏଣ୍ଟ୍ରି ବି.ଟେକ୍(ଡିପ୍ଲୋମା), ଲାଟେରାଲ୍ ଏଣ୍ଟ୍ରି ବି.ଟେକ୍(ବିଏସ୍‌ସି), ଏମ୍‌ବିଏ, ଏମ୍‌ସିଏ, ଲାଟେରାଲ୍ ଏଣ୍ଟ୍ରି ଏମ୍‌ସିଏ, ବି ଫାର୍ମା ଓ ଏମ୍ ଫାର୍ମା ପାଠ୍ୟକ୍ରମରେ ନାମଲେଖା ନିମନ୍ତେ ଅନୁଷ୍ଠିତ ଏହି ପରୀକ୍ଷା ପାଇଁ ମୋଟ ୧୭,୭୧୫ ଜଣ ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୪,୬୨୭ ଜଣ ପରୀକ୍ଷା ଦେଇଥିବା ବେଳେ ୧୪,୬୨୨ ଜଣ ର୍‍ୟାଙ୍କ୍ ହାସଲ କରିଛନ୍ତି। ବି.ଟେକ୍‌ରେ ୪ ଜଣ ଛାତ୍ରୀଛାତ୍ରଙ୍କୁ ର୍‍ୟାଙ୍କ୍ ପ୍ରଦାନ କରାଯାଇ ନ ଥିବା ବେଳେ ଏମ୍‌ବିଏର ଜଣଙ୍କୁ କୌଣସି ର୍‍ୟାଙ୍କ୍ ମିଳି ନ ଥିବା ଓଜେଇଇ ପକ୍ଷରୁ ସୂଚନା ମିଳିଛି।

ବି.ଟେକ୍‌ରେ ମୋଟ ୬୧୭୦ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ୬୧୬୬ ଜଣଙ୍କୁ ର୍‍ୟାଙ୍କକାର୍ଡ ମିଳିଛି। ଏଥିରେ ରବୀନ୍ଦ୍ର କୁମାର ବେହେରା ସର୍ବାଧିକ ମାର୍କ ରଖିବା ସହ ଶୀର୍ଷ ସ୍ଥାନରେ ରହିଛନ୍ତି। ସେହିଭଳି ଲାଟେରାଲ ଏଣ୍ଟ୍ରି ବି.ଟେକ୍(ଡିପ୍ଲୋମା)ରେ ରଞ୍ଜନ କୁମାର ପ୍ରଧାନ ଟପ୍ପର ହୋଇଛନ୍ତି। ଏଥିରେ ପରୀକ୍ଷା ଦେଇଥିବା ମୋଟ ୩୬୫୩ ଜଣଙ୍କ ମଧ୍ୟରୁ ସମସ୍ତ ଛାତ୍ରୀଛାତ୍ର ର୍‍ୟାଙ୍କ୍ ହାସଲ କରିଛନ୍ତି। ଲାଟେରାଲ୍ ଏଣ୍ଟ୍ରି ବି.ଟେକ୍ (ବିଏସ୍‌ସି)ରେ ସମସ୍ତ ୧୦୮ ପରୀକ୍ଷାର୍ଥୀଙ୍କୁ ର୍‍ୟାଙ୍କ ମିଳିଥିବା ବେଳେ ସନ୍ତୋଷ ପ୍ରଧାନ ଶୀର୍ଷରେ ରହିଛନ୍ତି। ଏମ୍‌ବିଏରେ ପରୀକ୍ଷା ଦେଇଥିବା ମୋଟ ୨୯୦୪ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୯୦୩ ଜଣଙ୍କୁ ର୍‍ୟାଙ୍କ୍ ମିଳିଥିବା ବେଳେ ଚନ୍ଦନ କୁମାର ପାତ୍ର ର୍‍ୟାଙ୍କ୍ ୧ ହାସଲ କରିଛନ୍ତି। ଏମ୍‌ସିଏରେ ଅନିଷ ଅଗ୍ରୱାଲ ଟପ୍ପର ହୋଇଥିବା ବେଳେ ଲାଟେରାଲ୍ ଏଣ୍ଟ୍ରି ଏମ୍‌ସିଏରେ ନିଶା କୁମାରୀ, ବି ଫାର୍ମାରେ ପ୍ରଦୀପ କୁମାର ସାହୁ ଓ ଏମ୍ ଫାର୍ମାରେ ବିଶାଲସିଂ ଟପ୍ପର ହୋଇଛନ୍ତି। ଏହି ସ୍ପେଶାଲ ଓଜେଇଇ ୨୦ଟି ସହରର ମୋଟ ୩୧ଟି ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା। ଜୁଲାଇ ୨୫ରୁ ୨୭ ମଧ୍ୟରେ ଛାତ୍ରୀଛାତ୍ର ର୍‍ୟାଙ୍କ୍‌କାର୍ଡ ଡାଉନ୍‌ଲୋଡ୍ କରିବା ସହ ଅନ୍‌ଲାଇନ୍ ଚଏସ୍ ଫିଲିଂ କରିପାରିବେ। ଜୁଲାଇ ୩୦ ସୁଦ୍ଧା ପ୍ରଥମ ପର୍ଯ୍ୟାୟ ସିଟ୍ ଆଲଟ୍‌ମେଣ୍ଟ ହେବାକୁ ଥିବା ବେଳେ ଅଗଷ୍ଟ ୧ ଓ ୨ରେ ନୋଡାଲ ସେଣ୍ଟରରେ ଡକ୍ୟୁମେଣ୍ଟ ଯାଞ୍ଚ ହେବ। ଅଗଷ୍ଟ ୩ରେ ଚୂଡ଼ାନ୍ତ ଆଲଟମେଣ୍ଟ ସହ କଲେଜରେ ପିଲାମାନେ ରିପୋର୍ଟିଂ କରିପାରିବେ।

## ସଂକ୍ଷେପରେ

### ରାଉରକେଲାରେ ଏନ୍‌କାଉଣ୍ଟର

ସୁନୀଲ ମାଝି ଗୁରୁତର
ବିଭିନ୍ନ ଥାନାରେ ଅଛି ୧୬ରୁ ଊର୍ଦ୍ଧ୍ୱ ମାମଲା

**ରାଉରକେଲା ଅଫିସ,୨୫।୭:** ବୁଧବାର ବିଳମ୍ବିତ ରାତିରେ ଲାଠିକଟା ଥାନା ଅନ୍ତର୍ଗତ ସିଉଡିହି ଗ୍ରାମ ନିକଟରେ ପୋଲିସ ଏନ୍‌କାଉଣ୍ଟରରେ ବ୍ରାହ୍ମଣୀତରଙ୍ଗ ଥାନା ବଡ଼ ମାରେନ ଗାଁର ସୁନୀଲ ମାଝି (୩୩) ଗୁରୁତର ଆହତ ହୋଇଛନ୍ତି। ସୁନୀଲଙ୍କ ଡାହାଣ ଗୋଡ଼ରେ ଗୁଳି ବାଜିଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍‌ରେ) ଭର୍ତ୍ତି କରାଯାଇଥିଲା। ସେଠାରୁ ବୁର୍ଲା ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ତାଙ୍କ ନିକଟରୁ ଏକ ଦେଶୀ ପିସ୍ତଲ, ୨ ରାଉଣ୍ଡ ଗୁଳି, ଗୋଟିଏ ବାଇକ୍ (ନଂ. ଓଆର୧୪-ଆର୬୧୨୯) ଜବତ କରାଯାଇଛି। ପୋଲିସର ସୂଚନା ଅନୁଯାୟୀ, ସୁନୀଲ ବୁଧବାର ବିଳମ୍ବିତ ରାତିରେ କୌଣସି ସ୍ଥାନରେ ଅପରାଧ ଘଟାଇବାକୁ ଯୋଜନା କରୁଥିବାବେଳେ ସ୍ପେଶାଲ ସ୍କ୍ୱାଡ୍ ହାବୁଡ଼ରେ ପଡ଼ିଥିଲେ। ରାତି ପ୍ରାୟ ସାଢ଼େ ଗୋଟାଏରେ ସେ ସିଉଡିହି ରାସ୍ତା ଦେଇ ଆସୁଥିବା ବେଳେ ପୋଲିସ ତାଙ୍କୁ ଅଟକାଇବାକୁ ଉଦ୍ୟମ କରିଥିଲା। ହେଲେ ସୁନୀଲ ଅଟକିବା ପରିବର୍ତ୍ତେ ବାଇକ୍ ତଳେ ପକାଇ ଦେଇ ପୋଲିସ ଉପରକୁ ଗୁଳି ଚଳାଇଥିଲେ। ଫଳରେ ପୋଲିସ ବାଧ ହୋଇ ପାଲଟା ଗୁଳି ଚଳାଇଥିଲା। ସୁନୀଲଙ୍କ ନାମରେ ବିଭିନ୍ନ ଥାନାରେ ୧୬ ମାମଲା ରହିଥିବା ପୋଲିସ ସୂଚନା ଦେଇଛି। ରାଜପଥ ରାହାଜାନିଠାରୁ ଆରମ୍ଭ କରି ଡକାୟତି ଓ ହତ୍ୟା ଭଳି ସଙ୍ଗିନ ମାମଲାରେ ତାଙ୍କର ସମ୍ପୃକ୍ତି ରହିଛି। ସୁନୀଲଙ୍କୁ ଧରିବା ପାଇଁ ପୋଲିସ ପୂର୍ବରୁ ଯୋଜନା କରିଥିବା କହିଛି।

### ମରଣାନ୍ତକ ଆକ୍ରମଣ, ୫ ଗିରଫ

**ମନମୁଣ୍ଡା, ୨୫।୭ (ଡି.ଏନ.ଏ.):** କନ୍ଧମାଳ ବ୍ଲକ ଗୁଡଭେଲିପଦର ପଞ୍ଚାୟତ ଜୟଦପୁରରେ ପ୍ରଧାନମନ୍ତ୍ରୀ ଆବାସ ଘଟଣାକୁ ନେଇ ମଙ୍ଗଳବାର ଗୋଷ୍ଠୀ ସଂଘର୍ଷରେ ସଦାଶିବ ରାଜହଂସ, କୃତ୍ତିବାସ ରାଜହଂସ, ଉମେଶ ରାଜହଂସଙ୍କ ସମେତ ଜଣେ ନାବାଳକ ଆହତ ହୋଇଥିଲେ। ପୋଲିସ ଏହି ଘଟଣାରେ ଉକ୍ତ ଗ୍ରାମର ସଦାନନ୍ଦ ଗୁରୁ (୩୫), ତାଙ୍କ ଭାଇ ପଞ୍ଚାନନ ଗୁରୁ (୪୫), ବସନ୍ତ ଗୁରୁ (୫୨), ସନ୍ତୋଷ ଗୁରୁ (୫୬) ଏବଂ ଅନନ୍ତ ଗୁରୁ (୪୮)ଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି ।

ଡାକ୍ତରଖାନାରେ ଗୁଣିଆଙ୍କ ଝଡ଼ାଫୁଙ୍କା

### ମୃତ ବ୍ୟକ୍ତିଙ୍କୁ ବଞ୍ଚାଇବା ପାଇଁ ପ୍ରୟାସ

**ଭବାନୀପାଟଣା,୨୫।୭(ଡି.ଏନ.ଏ.):** ଅନ୍ଧ ବିଶ୍ୱାସର ଏକ ନିଚ୍ଛକ ଚିତ୍ର ଗୁରୁବାର ଭବାନୀପାଟଣା ସଦର ମହକୁମା ମୁଖ୍ୟ ଡାକ୍ତରଖାନାରେ ଦେଖିବାକୁ ମିଳିଥିଲା। ଜଣେ ମୃତ ବ୍ୟକ୍ତିଙ୍କୁ ବଞ୍ଚାଇବା ପାଇଁ ଗୁଣିଆ ଦୀର୍ଘ ସମୟ ନିଜ ପାରମ୍ପରିକ ପଦ୍ଧତିରେ ଝଡ଼ାଫୁଙ୍କା କରିଥିଲେ । ହେଲେ ତାଙ୍କୁ ନିରାଶ ହେବାକୁ ପଡିଥିଲା । ଏହି ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି । ଏହାକୁ ନେଇ ମୃତକଙ୍କ ପରିବାର ଲୋକେ ଓ ଡାକ୍ତରଖାନା କର୍ତ୍ତୃପକ୍ଷ ମୁହାଁମୁହିଁ ହୋଇଥିଲେ । ଫଳରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା । ପୋଲିସ ପହଞ୍ଚି ପରିସ୍ଥିତିକୁ ଆୟତ କରିଥିଲା । ମିଳିଥିବା ସୂଚନା ଅନୁଯାୟୀ, କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଡୁମେର୍‌ବାହାଲ ଗାଁର ସତୀଶ କୁମାର ଭୋପାଲ (୨୧)ଙ୍କୁ ବୁଧବାର ରାତିରେ ଏକ ସାପ କାମୁଡି ଦେଇଥିଲା। ତାଙ୍କୁ ପ୍ରଥମେ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭବାନୀପାଟଣା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଗୁରୁବାର ମୃତ୍ୟୁ ଘଟିଥିଲା। ପରେ ଡାକ୍ତରଖାନା କର୍ତ୍ତୃପକ୍ଷ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଶବଗୃହରେ ରଖିଥିଲେ। ହେଲେ ସତୀଶଙ୍କ ପରିବାର ସଦସ୍ୟ ମୃତକଙ୍କୁ ଜୀବିତ କରିବାକୁ ଗୁଣିଆ ଡାକି ଝଡ଼ାଫୁଙ୍କା କରୁଥିବା ବେଳେ ଡାକ୍ତରଖାନା କର୍ତ୍ତୃପକ୍ଷ ଏଥିପାଇଁ ଅନୁମତି ଦେଇ ନ ଥିଲେ। ଯାହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ପୋଲିସ ସେଠାରେ ପହଞ୍ଚି ଉତ୍ତେଜନାକୁ ଦେଖି ଗୁଣିଆଙ୍କୁ ସେଥିପାଇଁ ଅନୁମତି ଦେଇଥିଲେ। ଫଳରେ ଶବଗୃହରେ ହିଁ ଝଡ଼ାଫୁଙ୍କା ଆରମ୍ଭ ହୋଇଥିଲା। କିନ୍ତୁ ଗୁଣିଆଙ୍କ ସବୁ ଚେଷ୍ଟା ଫେଲ ମାରିଥିଲା। ଡାକ୍ତରୀ ଚିକିତ୍ସା ଯୋଗୁ ତାଙ୍କ ଗୁଣି କାଟୁ କରୁ ନ ଥିବା ସେ ଯୁକ୍ତି କରିଥିଲେ । ସାପ କାମୁଡାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କୁ ବଞ୍ଚାଇ ହେବ ବୋଲି ସେ ଦାବି କରିଥିଲେ।

# ରାଜ୍ୟରେ ମରୁଡ଼ିର ପଦଧ୍ୱନି

- ଜମିଫାଟି ଆଁ କଲାଣି
- ଗୃହରେ ବିବୃତି ଦେବାକୁ ରାଜସ୍ୱମନ୍ତ୍ରୀଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର,୨୫।୭(ବ୍ୟୁରୋ)**

ରାଜ୍ୟରେ ବର୍ଷା ନାହିଁ। ବିଲ ଫାଟି ଆଁ କଲାଣି। ମରୁଡ଼ି ଦ୍ୱାରଦେଶରେ ପହଞ୍ଚିଲାଣି ଚାଷ । ତଥାପି ସରକାର ଚେତୁ ନାହାନ୍ତି। ଏ ପର୍ଯ୍ୟନ୍ତ ତଳି ରୁଆ ହୋଇ ନାହିଁ। ବର୍ଷା ହେଲେ ବି ଆଉ ଚାଷ ହେବା ସମ୍ଭବ ନୁହେଁ। ରାଜସ୍ୱମନ୍ତ୍ରୀ ରାଜ୍ୟର ମରୁଡ଼ି ପରିସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରନ୍ତୁ। ରାଜ୍ୟରେ ବର୍ଷାର ସ୍ଥିତି କ'ଣ ଅଛି ସେ ସମ୍ପର୍କରେ ଗୃହରେ ଏକ ବିବୃତି ଦିଅନ୍ତୁ। ରାଜ୍ୟରେ ଦେଖାଦେଇଥିବା ନିଅଣ୍ଟିଆ ବର୍ଷାକୁ ନେଇ ବିଧାନସଭାରେ ଉଦ୍‌ବେଗ ପ୍ରକାଶ ପାଇଛି। ମରୁଡ଼ିକୁ କିପରି ମୁକାବିଲା କରାଯାଇ ପାରିବ ସେ ନେଇ ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ ନଚେତ୍ ଆଗାମୀ ଦିନରେ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ ବୋଲି ବିରୋଧୀ ଦଳ ସଭ୍ୟମାନେ ସରକାରଙ୍କୁ ଚେତାଇ ଦେଇଛନ୍ତି।

ଗୁରୁବାର ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ କହିଛନ୍ତି ଯେ, ରାଜ୍ୟରେ ବର୍ଷା ନାହିଁ। ତଳି ହଳଦିଆ ହୋଇଗଲାଣି। ଭୁବନେଶ୍ୱରରେ ବର୍ଷା ହେଉଛି। ମାତ୍ର ଯେଉଁଠି ଚାଷ ହେଉଛି ସେଠାରେ ବର୍ଷା ନାହିଁ। ଏ ପର୍ଯ୍ୟନ୍ତ ରୁଆ ବେଉଷଣ ହୋଇନାହିଁ। ଏହା ଅତ୍ୟନ୍ତ ଗୁରୁତର ବିଷୟ। ଗୃହରେ ଏ ବିଷୟରେ ଆଲୋଚନା ହେବା ଦରକାର। ରାଜସ୍ୱମନ୍ତ୍ରୀ ସୁଦାମ ମାର୍ଣ୍ଡି ପରିସ୍ଥିତି ଅନୁଧ୍ୟାନ କରି ଗୃହରେ ଏକ ବିବୃତି ଦିଅନ୍ତୁ ବୋଲି ସେ କହିଥିଲେ। କଂଗ୍ରେସ ଦଳ ନେତା ନରସିଂହ ମିଶ୍ର ମଧ୍ୟ ରାଜ୍ୟରେ ଆସନ୍ନ ମରୁଡ଼ି ପ୍ରସଙ୍ଗ ନେଇ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ କହିଥିଲେ ଯେ, ଶ୍ରାବଣ ମାସ ହେଲାଣି। ବର୍ଷା ନାହିଁ। ଜମି ଫାଟିଗଲାଣି। ବର୍ଷା ହେଲେ ବି ଆଉ ଚାଷ କରିବା ସମ୍ଭବ ନୁହେଁ। ବଲାଙ୍ଗୀର ଜିଲାରେ ଅବସ୍ଥା ସଙ୍ଗିନ। ବିଲ ଫାଟି ଆଁ କରିଛି। ଲଗାତର ବର୍ଷା ହେଲେ ମଧ୍ୟ ତାହା ବନ୍ଦ ହେବ ନାହିଁ। ଧାନ ତଳି ସବୁ ଜଳିଗଲାଣି। ବଲାଙ୍ଗୀର ଜିଲାରେ ମାତ୍ର ୩ ପ୍ରତିଶତ ଜମି ଜଳସେଚିତ। ଏହି ଜିଲାରେ ୪୦ ପ୍ରତିଶତରୁ କମ୍ ବର୍ଷା ହୋଇଥିବା ସରକାର କହୁଛନ୍ତି। କାଁ ଭାଁ କେଉଁଠି ବର୍ଷା ହେଉଛି। ସମ୍ପୂର୍ଣ୍ଣ ଜିଲାରେ ଚାଷ ଉଜୁଡି ଗଲାଣି। ଆଦୌ ବର୍ଷା ନାହିଁ କହିଲେ ଚଳେ। ଯେଉଁ ଚେକ୍‌ଡ୍ୟାମ୍ ନିର୍ମାଣ ହୋଇଛି ସେଥିରେ ପାଣି ନାହିଁ। ବର୍ଷା ନ ହେଲେ ପାଣି ଆସିବ କେଉଁଠୁ। କାଳିଆ ଯୋଜନାରେ ୧୦ ହଜାର ଟଙ୍କା ଦେଇଦେଲେ ଚାଷୀର ପେଟ ପୂରିବ ନାହିଁ। ଦୀର୍ଘବର୍ଷ ଧରି ବୀମା ପଇସା ଚାଷୀ ପାଉ ନାହାନ୍ତି। ପାର୍ଲାମେଣ୍ଟରେ ବିଜେଡି ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ ଓଡ଼ିଶାରେ ଚାଷୀ ଆତ୍ମହତ୍ୟା କରୁଥିବାନେଇ କହୁଥିବା ବେଳେ ଓଡ଼ିଶା ସରକାର ବିଧାନସଭାରେ ଏକଥାକୁ ଫାଙ୍କି ଦେଉଛନ୍ତି। ବରଗଡ଼ ଜିଲା ଚାଷୀ ଆତ୍ମହତ୍ୟା ପାଇଁ ଗୃହ କମିଟି ଗଠନ ହେଲା। ମାତ୍ର ଏ ପର୍ଯ୍ୟନ୍ତ ରିପୋର୍ଟ ମିଳିଲା ନାହିଁ। ଦୁଆର ମୁହଁରେ ମରୁଡ଼ି ଉଭା ହେଲାଣି। ରାଜସ୍ୱ ମନ୍ତ୍ରୀ ଏ ନେଇ ତୁରନ୍ତ ଗୃହରେ ବିବୃତି ଦିଅନ୍ତୁ । କେଉଁ ଜିଲାରେ କି ପରିସ୍ଥିତି ରହିଛି ସେ ନେଇ ଗୃହରେ ସୂଚନା ଦିଅନ୍ତୁ। ଯେଉଁ ଚାଷୀମାନେ ଆତ୍ମହତ୍ୟା କରିଛନ୍ତି,ସେମାନଙ୍କୁ ସରକାର କି ସହାୟତା ଦେଇଛନ୍ତି ସେ ବିଷୟରେ ମଧ୍ୟ ଉଲ୍ଲେଖ କରନ୍ତୁ ବୋଲି ନରସିଂହ କହିଥିଲେ।

ଗୃହରେ ଉଦ୍‌ବେଗକୁ ଦେଖି ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର କହିଥିଲେ ଯେ, ଗତ ୪ ଦିନ ତଳେ ରାଜସ୍ୱ ମନ୍ତ୍ରୀ ମରୁଡ଼ି ସମ୍ପର୍କରେ ରିପୋର୍ଟ ଦେଇଥିଲେ। ହେଲେ ପୁଣି ଏହି ପ୍ରସଙ୍ଗ ଆସିଛି। ଶୁକ୍ରବାର ରାଜସ୍ୱ ମନ୍ତ୍ରୀ ଏ ନେଇ ଗୃହରେ ଏକ ବିବୃତି ଦିଅନ୍ତୁ ବୋଲି ବାଚସ୍ପତି ନିର୍ଦ୍ଦେଶ ଦେଇଛନ୍ତି। ଭାଜପା ସଭ୍ୟ ନାଉରୀ ନାୟକ ଶୂନ୍ୟକାଳରେ ଉଦ୍ୟାନ କୃଷି ପାଠ ପଢ଼ିଥିବା ଛାତ୍ରୀଛାତ୍ର ସହାୟକ କୃଷି ଅଧିକାରୀ ପଦବୀ ପାଇଁ ଆବେଦନ କରିପାରୁ ନ ଥିବା ବିଷୟ ଉଠାଇଥିଲେ। ସେ କହିଥିଲେ ଯେ, ଏଥିପାଇଁ କୃଷି ବିଭାଗ ପିଲାମାନେ ଆବେଦନ କରିପାରୁଛନ୍ତି। ୪ ବର୍ଷ ପାଠ ପଢ଼ିଲେ ମଧ୍ୟ ଉଦ୍ୟାନ କୃଷି ଛାତ୍ରୀଛାତ୍ରଙ୍କୁ ଏହି ଚାକିରି ପାଇଁ ଅନୁମତି ମିଳୁନାହିଁ। ଓୟୁଏଟି ପିଲାମାନେ ଧାରଣାରେ ବସିଛନ୍ତି। ୬୪ଟି ସହାୟକ କୃଷି ଅଧିକାରୀ ପଦବୀ ବାହାରିଛି। ସେମାନଙ୍କୁ ଏହି ପଦବୀ ପାଇଁ ଆବେଦନ କରିବାକୁ ଅନୁମତି ଦିଆଯାଉ ବୋଲି ସେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବାଚସ୍ପତି ସରକାରଙ୍କୁ ଏ ଦିଗରେ ଧ୍ୟାନ ଦେବା ପାଇଁ ପରାମର୍ଶ ଦେଇଥିଲେ। ବିଜେଡି ସଭ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକ କ୍ରଶର ୟୁନିଟ୍ ଉପରେ ହୋଇଥିବା ଚଢ଼ାଉକୁ ବିରୋଧ କରିଥିଲେ। ସେ କହିଥିଲେ ଯେ, ପଥର ଚୋରଙ୍କୁ ସରକାର ଧରନ୍ତୁ। ଛୋଟ ଛୋଟ କ୍ରଶରକୁ ଧରା ନ ଯାଉ। ସେମାନେ ରାସ୍ତାଘାଟ ନିର୍ମାଣ ପାଇଁ ଚିପ୍ସ ଯୋଗାଉଛନ୍ତି। ସେଥିରେ କାମ କରୁଥିବା ଶ୍ରମିକମାନେ ଭୟରେ ଆତ୍ମଗୋପନ କରୁଛନ୍ତି। ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରମିକ ସେମାନଙ୍କ ଜୀବିକା ହରାଇଲେଣି। ଗୃହମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଉ। ସେ ପଥରଚୋରଙ୍କୁଧରନ୍ତୁବୋଲିକହିଥିଲେ।

# ଏକକ ଜଳ ଟ୍ରିବ୍ୟୁନାଲ ସ୍ଥାପନ ବିଲ୍‌କୁ ବିଜେଡିର ବିରୋଧ

**ନୂଆଦିଲ୍ଲୀ,୨୫।୭**

ଆନ୍ତଃରାଜ୍ୟ ନଦୀଜଳ ଓ ନଦୀ ଅବବାହିକା ବିବାଦଗୁଡ଼ିକର ତ୍ୱରିତ ସମାଧାନରେ ସହାୟତା ପାଇଁ ସରକାର ଗୁରୁବାର ଲୋକ ସଭାରେ ଏକକ ଜଳ ଟ୍ରିବ୍ୟୁନାଲ ଗଠନ ବିଲ୍ ଆଣିଛନ୍ତି। କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ ଆଣିଥିବା ଉକ୍ତ ବିଲ୍‌କୁ ବିଜେଡି ସମେତ ଅନ୍ୟ ବିରୋଧୀ ଦଳଗୁଡ଼ିକ ବିରୋଧ କରିଥିଲେ। ସରକାର ଏ ସମ୍ପର୍କରେ ରାଜ୍ୟଗୁଡ଼ିକ ସହ ପରାମର୍ଶ କରି ନ ଥିବା ବିରୋଧୀ ଅଭିଯୋଗ କରିଥିଲେ।

ଏହାର ଜବାବରେ ମନ୍ତ୍ରୀ ଶେଖାୱତ କହିଥିଲେ, ୨୦୧୩ରେ ଏନେଇ ରାଜ୍ୟଗୁଡ଼ିକ ସହ ପରାମର୍ଶ କରାଯାଇଥିଲା ଏବଂ ଅନୁରୂପ ବିଲ୍ ୨୦୧୭ରେ ଲୋକ ସଭାରେ ଆଗତ କରାଯାଇଥିଲା। ସେତେବେଳେ ଉକ୍ତ ବିଲ୍‌କୁ ଷ୍ଟାଣ୍ଡିଂ କମିଟିକୁ ପଠାଯାଇଥିଲା। ଲୋକ ସଭା କାର୍ଯ୍ୟକାଳ ଶେଷ ହେବା ଫଳରେ ଉକ୍ତ ବିଲ୍ ରଦ୍ଦ ହୋଇଯାଇଥିଲା। ଜଳ ବିବାଦର ସମାଧାନ ପାଇଁ ଏବେ ୯ଟି ଟ୍ରିବ୍ୟୁନାଲ କାମ କରୁଛି। ସେଗୁଡ଼ିକ ପାଇଁ କୌଣସି ସମୟସୀମା ଧାର୍ଯ୍ୟ ହୋଇ ନ ଥିବାରୁ ଜଳ ବିବାଦର ସମାଧାନ ଲାଗି ଅନେକ ବର୍ଷ ଲାଗିଯାଉଛି। ଜଳବିବାଦର ଶୀଘ୍ର ସମାଧାନ ଲାଗି ଏଭଳି ଆଇନର ଆବଶ୍ୟକତା ରହିଛି ବୋଲି ଭାଜପା ଏମ୍‌ପି ନିଶିକାନ୍ତ ଦୁବେ କହିଥିଲେ।

ଆନ୍ତଃରାଜ୍ୟ ନଦୀଜଳ ବିବାଦ (ସଂଶୋଧନ) ବିଲ୍, ୨୦୧୯କୁ ବିଜେଡି ଏମ୍‌ପି ଭର୍ତ୍ତୃହରି ମହତାବ ବିରୋଧ କରିଥିଲେ। ଜଳ ରାଜ୍ୟର ବିଷୟ ବୋଲି କହି କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ବିଲ୍‌କୁ ବିରୋଧ କରିଥିଲା ବେଳେ ଏଠା ବିଲ୍ ପ୍ରସ୍ତୁତ କରିବା ପୂର୍ବରୁ ସରକାର ରାଜ୍ୟମାନଙ୍କ ସହ ପରାମର୍ଶ କରିବା ଆବଶ୍ୟକ ଥିଲା ବୋଲି କଟକ ଏମ୍‌ପି ଯୁକ୍ତି ବାଢ଼ିଥିଲେ। ତାଙ୍କର ବିରୋଧ ଯଥାର୍ଥ, ସରକାର ଏଥିରେ ସଂଶୋଧନ ଆଣନ୍ତୁ ବୋଲି ଭର୍ତ୍ତୃହରି ଦାବି କରିଥିଲେ। ୨୦୧୭ରେ ଯେଉଁ ବିଲ୍ ଉପସ୍ଥାପନ କରାଯାଇଥିଲା ସେଥିରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ଏଭଳି ବିଲ୍‌କୁ ସେ ବିରୋଧ କରୁଛନ୍ତି ବୋଲି ବିଜେଡି ଏମ୍‌ପି କହିଥିଲେ। ସୂଚନାଯୋଗ୍ୟ ଧାର୍ଯ୍ୟ ସମୟସୀମା ମଧ୍ୟରେ ଆନ୍ତଃରାଜ୍ୟ ନଦୀଜଳ ବିବାଦଗୁଡ଼ିକର ସମାଧାନ ଉଦ୍ଦେଶ୍ୟରେ ସରକାର ଏକକ ଟ୍ରିବ୍ୟୁନାଲ ଗଠନ ଚାହୁଁଛନ୍ତି। ଏହା କାର୍ଯ୍ୟକାରୀ ହେଲେ ବର୍ତ୍ତମାନର ସମସ୍ତ ଜଳ ଟ୍ରିବ୍ୟୁନାଲକୁ ଭାଙ୍ଗି ଦିଆଯିବ ଏବଂ ଏହା ଅଧୀନରେ ଥିବା ମାମଲାଗୁଡ଼ିକୁ ନୂତନ ଟ୍ରିବ୍ୟୁନାଲକୁ ସ୍ଥାନାନ୍ତର କରାଯିବ। ଏକକ ଟ୍ରିବ୍ୟୁନାଲର ଏକାଧିକ ଶାଖା ରହିବ ଏବଂ ଦୁଇ ବର୍ଷ ମଧ୍ୟରେ ଜଳ ବିବାଦର ସମାଧାନ କରିବାକୁ ହେବ।


ଭର୍ତ୍ତୃହରି ମହତାବ

# ଉପକୂଳ, ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୨୫।୭(ବ୍ୟୁରୋ)**

ଉତ୍ତର ପଶ୍ଚିମ, ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର, ଓଡ଼ିଶା ଏବଂ ଆନ୍ଧ୍ର ଉପକୂଳରେ ସୃଷ୍ଟି ହୋଇଥିବା ଲଘୁଚାପ ଘନୀଭୁତ ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉପକୂଳ ଓ ଦକ୍ଷିଣ ଓଡିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷ କରି ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ମୟୂରଭଞ୍ଜ, ପୁରୀ, କଟକ, କେନ୍ଦ୍ରାପଡା, ଯାଜପୁର, ଜଗତ୍‌ସିଂହପୁର, ଢେଙ୍କାନାଳ, ଅନୁଗୋଳ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ସେହିପରି କଟକ, ପୁରୀ, ଦେବଗଡ, ଖୋର୍ଦ୍ଧା, ସୁନ୍ଦରଗଡ, ସମ୍ବଲପୁର, ଝାରସୁଗୁଡା କୋରାପୁଟ, ବଲାଙ୍ଗୀର, କଳାହାଣ୍ଡି, ଅନୁଗୋଳ ଏବଂ ବୌଦ୍ଧ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୨୭ ତାରିଖରେ ଲଘୁଚାପ ଓ ମୌସୁମୀ ଜନିତ ବର୍ଷା ଦିନ ତମାମ ଲାଗି ରହିବ।

ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱରରେ ୪୪.୨ ପ୍ରତିଶତ ବର୍ଷା ହୋଇଥିବା ବେଳେ କଟକ ୫୬.୮, ଚାନ୍ଦବାଲି ୩୧, ଭୁବନେଶ୍ୱର ୨୨.୨, ପୁରୀ ୩୩.୬, ଗୋପାଳପୁର ୨୬.୨, ବାରିପଦା ୭୯ ଏବଂ ସମ୍ବଲପୁରରେ ୫୬.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# ଦିନ ଦ୍ୱିପ୍ରହରରେ ସାଙ୍ଗକୁ ହାଣି ହତ୍ୟା

- ୨ ବନ୍ଧୁ ସାଜିଲେ ଭଗାରି
- ବୁଧବାର ସନ୍ଧ୍ୟାରେ ହୋଇଥିଲା ବଚସା

**ସମ୍ବଲପୁର,୨୫।୭(ବ୍ୟୁରୋ)**

ସମ୍ବଲପୁର ଜିଲା ଅଇଁଠାପାଲି ଥାନା ଫାଟକରେ ଗୁରୁବାର ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଏକ ହତ୍ୟାକାଣ୍ଡ ଘଟିଛି। ଗୋପାଳମାଳ ଛକରେ ରହୁଥିବା ସନ୍ତୋଷ ପଟ୍ଟନାୟକ(୧୯)ଙ୍କୁ ଦିନ ଦ୍ୱିପ୍ରହରରେ ୨ ଜଣ ଯୁବକ ଗୋଡାଇ ଗୋଡାଇ ହାଣି ହତ୍ୟା କରିଛନ୍ତି। ସଂପୃକ୍ତ ଯୁବକମାନେ ସନ୍ତୋଷଙ୍କ ୨ ସାଙ୍ଗ ବୋଲି ପୋଲିସ କହିଛଇ । ପୋଲିସ, ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୋଲିସ ଘଟଣାସ୍ଥଳରୁ ଏକ ଛୁରୀ ଜବତ କରିଛି। ଏନେଇ ଅଇଁଠାପାଲି ଥାନାରେ ଏକ ହତ୍ୟା ମାମଲା (ନଂ.୩୦୧/୧୯) ରୁଜୁ ହୋଇଛି। ଅନ୍ୟପକ୍ଷେ ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି।

# ଚାକିରି କରାଇଦେବାକୁ କହି ୮୪ ଲକ୍ଷ ଠକେଇ


ଏସ୍‌ପିଙ୍କ ଅଫିସ ସମ୍ମୁଖରେ ଠକେଇର ଶିକାର ହୋଇଥିବା ଯୁବତୀ, ମହିଳା ଓ ପୁରୁଷ।

**ଭଦ୍ରକ ଅଫିସ, ୨୫।୭**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବଂଶୀପାଟଣାସ୍ଥିତ ଏକ ସଂସ୍କୃତ ମହାବିଦ୍ୟାଳୟରେ ନିଯୁକ୍ତି କରାଇଦେବା ନାଁରେ ୮୪ ଲକ୍ଷ ଟଙ୍କା ଠକେଇ ହୋଇଥିବା ନେଇ ଗୁରୁବାର ଏସ୍‌ପିଙ୍କ ନିକଟରେ ଅଭିଯୋଗ ହୋଇଛି। ନିଯୁକ୍ତି ଆଶାୟୀ ଯୁବତୀ ଯୁବକ ଓ ମହିଳା ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଯାଇ ଏ ନେଇ ଅଭିଯୋଗ କରିଛନ୍ତି। ଉକ୍ତ ମହାବିଦ୍ୟାଳୟରେ କିରାଣି ଓ ପିଅନ ପଦବୀରେ ନିଯୁକ୍ତ କରାଇଦେବାକୁ କହି ବାସୁଦେବପୁରର ୨୮ ଜଣଙ୍କଠାରୁ ୩୦ ଲକ୍ଷ, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର ୪୩ ଜଣଙ୍କଠାରୁ ୫୪ ଲକ୍ଷ ଟଙ୍କା ଠକି ନିଆଯାଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି। ଏହାପୂର୍ବରୁ ନିଯୁକ୍ତି ଆଶାୟୀ ଯୁବତୀଯୁବକ ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ୨ଟି ମାମଲା(ନଂ.୨୨୯/୧୯ ଓ ୨୩୮/୧୯) ରୁଜୁ କରି ଚୁପ୍ ହୋଇ ବସିଛି। ଏହି ଠକେଇରେ କଲେଜ ପରିଚାଳନା କମିଟିର କେତେଜଣ ସାମିଲ ଥିବାରୁ ସେମାନଙ୍କୁ ପୋଲିସ ଗିରଫ କରୁନାହିଁ ବୋଲି ଅଭିଯୋଗ ହୋଇଛି। ଏହି ନିଯୁକ୍ତି ଆଶାୟୀମାନେ ମାଧ୍ୟମିକ ଶିକ୍ଷା ପରିଷଦ, ଜିଲାପାଳ, ମୁଖ୍ୟମନ୍ତ୍ରୀ, ଉଚ୍ଚ ଶିକ୍ଷାମନ୍ତ୍ରୀ ଓ କ୍ରାଇମବ୍ରାଞ୍ଚ ପକ୍ଷରୁ ତଦନ୍ତ କରାଯାଉ ବୋଲି ଦାବି ଜଣାଇଛନ୍ତି। ଏସ୍‌ପି ରାଜେଶ ପଣ୍ଡିତ ଆବଶ୍ୟକ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏ ସମ୍ପର୍କରେ ଉକ୍ତ କଲେଜ ଅଧ୍ୟକ୍ଷ ତଥା ପରିଚାଳନା କମିଟି ସମ୍ପାଦକ ପ୍ରଶାନ୍ତ ପାଢ଼ୀଙ୍କୁ ପଚାରିବାରୁ କଲେଜ ଓ ତାଙ୍କୁ ବଦ୍‌ନାମ କରିବା ପାଇଁ ଏହା ଏକ ଚକ୍ରାନ୍ତ ବୋଲି କହିଛନ୍ତି।

We are grieved to inform that our beloved daughter -in -Law Poonam Hans (Wife of Jitendra Hans) left for her heavenly abode on 23rd July 2019.

I request you to kindly join us in praying for the departed soul at Hotel New Marrion, Bhubaneswar on 26th July 2019(4.00pm to 5.00 pm).

With Regards
Ram Chandra Hans

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


କାହ୍ନା
ପରିବାରବର୍ଗ


ଶ୍ରଦ୍ଧା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଋଣ ବୋଝ, ଫସଲ ହାନି: ଯୁବଚାଷୀଙ୍କ ଆତ୍ମହତ୍ୟା

**ବରଗଡ଼ ଅଫିସ,୨୫।୭**

ବରଗଡ଼ ସଦର ଥାନା ବୀରମାଲ ନିକଟ ପୋଢ଼ମୁଣ୍ଡା ଗ୍ରାମର ଯୁବଚାଷୀ ବୈଷ୍ଣବ ଭୁଏ(୨୭) ବୁଧବାର ରାତିରେ କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି। ଫସଲହାନି ସହିତ ଋଣବୋଝ ଚିନ୍ତାରେ ସେ ଏପରି ପଦକ୍ଷେପ ନେଇଥିବା ତାଙ୍କ ବାପା ମୀନକେତନ ଅଭିଯୋଗ କରିଛନ୍ତି। ସଦର ଥାନା ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ମୀନକେତନଙ୍କ ୫ ପୁଅ ନିର୍ମଳ, ବୈଷ୍ଣବ, ଶିଶୁପାଳ, ବିଜୁ ଓ ପାଣ୍ଡବ। ଚାଷକାର୍ଯ୍ୟ ସେମାନଙ୍କ ଜୀବିକା। ନିଜର ୩ ଏକର ଏବଂ ଅନ୍ୟ ୧ଏକର ଜମିରେ ଭାଗଚାଷ କରି ସେମାନେ ପରିବାର ଗୁଜୁରାଣ ମେଣ୍ଟାଇଥାନ୍ତି। ସେଥିମଧ୍ୟରୁ ପ୍ରାୟ ୫୦ଡେସିମିଲ ଜମିରେ ସେମାନେ ବାଇଗଣ, କଲରା, ଜହ୍ନି ଆଦି ପରିବା ଚାଷ କରିଥିବାବେଳେ ବାକି ସାଢ଼େ ୩ଏକର ଜମିରେ ଧାନଚାଷ କରିଛନ୍ତି। ଏଥର ବର୍ଷାଭାବରୁ ଧାନଚାଷ ନଷ୍ଟ ହୋଇଛି ବୋଲି ମୀନକେତନ କହିଛନ୍ତି। ଚଳିତବର୍ଷ ଚାଷକାର୍ଯ୍ୟ ପାଇଁ ପାଖାପାଖି ଦେଢ଼ଲକ୍ଷରୁ ୨ଲକ୍ଷ ଟଙ୍କା ଧାର କରଜ କରି ଖର୍ଚ୍ଚ କରାଯାଇଥିଲା। ଚାଷ ଆରମ୍ଭରୁ ଫସଲ କ୍ଷତି ହେବା ଯୋଗୁ ବୈଷ୍ଣବ ସବୁବେଳେ ଚିନ୍ତାରେ ରହୁଥିଲେ। ଋଣ ବୋଝ ତାଙ୍କୁ ବାଧୁଥିଲା। ସେ ମାନସିକ ଭାରସାମ୍ୟ ହରାଇ ବସିଥିଲେ। ବୁଧବାର ରାତ୍ରିରେ ବୈଷ୍ଣବ ଜମିକୁ ପାଣି ମଡ଼ାଇବା ପାଇଁ ଯାଉଛି କହି ରାତି ପ୍ରାୟ ୯ଟାରେ ଘରୁ ବାହାରିଥିଲେ। ହେଲେ ରାତ୍ରି ୧୧ଟା ସୁଦ୍ଧା ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ବୈଷ୍ଣବ ଜମିରେ ଗୁରୁତର ଅବସ୍ଥାରେ ପଡ଼ିଥିଲେ। ପାଖରେ କୀଟନାଶକ ଡବା ପଡ଼ିଥିଲା। ତୁରନ୍ତ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। ଅତିରିକ୍ତ ତହସିଲଦାର ଅନୁରାଗ ମିଶ୍ର ମୃତକଙ୍କ ଘରେ ପହଞ୍ଚି ତଦନ୍ତ କରିବା ସହ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ପ୍ରଦାନ କରିଛନ୍ତି। ସେହିପରି ପଞ୍ଚାୟତ ପକ୍ଷରୁ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ଦିଆଯାଇଛି।

# ଭରତପୁର ଖଣି ଦୁର୍ଘଟଣା: ବର୍ଷା ଯୋଗୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ

**ତାଳଚେର,୨୫।୭(ନି.ପ୍ର.)**

ଅନୁଗୋଳ ଜିଲା ତାଳଚେରସ୍ଥିତ ଏମ୍‌ସିଏଲ୍‌ର ଭରତପୁର ଖଣିରେ ଖସିପଡ଼ିଥିବା କୋଇଲା ଅତଡା ତଳେ ମଙ୍ଗଳବାର ରାତିରୁ ଚାପି ହୋଇ ରହିଥିବା ୩ ଶ୍ରମିକଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଜାରି ରହିଛି। ଗୁରୁବାର ପୂର୍ବାହ୍ନରେ ଉଦ୍ଧାର କାର୍ଯ୍ୟ ନିମନ୍ତେ ରାସ୍ତା ନିର୍ମାଣ କରାଯାଉଥିଲେ ହେଁ ବର୍ଷା ଯୋଗୁ ସେଥିରେ ବାଧା ଉପୁଜିଛି। ଏଥିସହ ପୁଣି ଏକ ବଡ ମାଟି ଅତଡା ଖସି ପଡିବାରୁ ସମସ୍ୟା ବଢ଼ିଯାଇଛି। ବୁଧବାର ଅପରାହ୍ନରେ ଜଣେ ଶ୍ରମିକ ପିପୁନ ବିଶ୍ୱାଳଙ୍କ ମୃତଦେହ ବାହାର କରାଯିବା ପରେ ରାତି ହୋଇଯିବାରୁ ଉଦ୍ଧାର କାର୍ଯ୍ୟ ବନ୍ଦ ରଖାଯାଇଥିଲା। ଗୁରୁବାର ସକାଳୁ ପୁଣି କାର୍ଯ୍ୟ ଚାଲୁ କରାଯାଇଥିଲା। କେଉଁ ସ୍ଥାନରେ ଅନ୍ୟ ୩ ଶ୍ରମିକ ସୁପରଭାଇଜର ରଶ୍ମିରଞ୍ଜନ ବେହେରା, ସିକ୍ୟୁରିଟି ଗାର୍ଡ ରମେଶ ଦାସ ଓ ପମ୍ପ ଖଲାସୀ କାର୍ତ୍ତିକେଶ୍ୱର ମହାପାତ୍ର ଦବି ରହିଛନ୍ତି ତାହା ଜାଣିବାକୁ ଏନ୍‌ଡିଆର୍‌ଏଫ୍ ଟିମ୍‌ର ୩୫ ସଦସ୍ୟ ଖଣି ମଧ୍ୟକୁ ପ୍ରବେଶ କରିଥିଲେ।

■କଟକରେ ୩ ଜଣଙ୍କୁ ଗଳାକାଟି ହତ୍ୟା ଘଟଣା

# ଅଭିଯୁକ୍ତଙ୍କ ପତ୍ତାପାଉନି ପୋଲିସ

- ଧରିବାକୁ ଗଠନ ହେଲା ଟିମ୍
- ଯାଞ୍ଚ ହେବ ସିସିଟିଭି ଫୁଟେଜ
- ସବୁ ଛକରେ ପୋଲିସ ମୁତୟନ

**କଟକ ଅଫିସ,୨୫।୭**

କଟକରେ ୩ ଜଣଙ୍କୁ ଗଳା କାଟି ହତ୍ୟା ଘଟଣାକୁ ଇତିମଧ୍ୟରେ ୨୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିଯାଇଛି। ହେଲେ ପୋଲିସ ଅଭିଯୁକ୍ତଙ୍କ ପତ୍ତା ପାଇପାରିନାହିଁ। ସେହିପରି ହତ୍ୟାର ଶିକାର ହୋଇଥିବା ଦୁଇ ବ୍ୟକ୍ତିଙ୍କ ପରିଚୟ ଠାବ କରିବାରେ ପୋଲିସ ବିଫଳ ହୋଇଛି। ଏପଟେ ଅଭିଯୁକ୍ତଙ୍କୁ ଧରିବା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଡିସିପି ଅଖିଳେଶ୍ୱର ସିଂଙ୍କ ତତ୍ତ୍ୱାବଧାନରେ ତିନି ଜଣିଆ ଏକ ଟିମ୍ ଗଠନ କରାଯାଇଛି। ଏ ନେଇ ଡିସିପି ସିଂ କହିଛନ୍ତି, ଆମେ ଅଭିଯୁକ୍ତଙ୍କୁ ଧରିବା ପାଇଁ ଚେଷ୍ଟା ଚଳାଇଛୁ। ଜଣେ ଅତିରିକ୍ତ ଡିସିପି, ଜଣେ ଏସିପି ଓ ଜଣେ ଇନ୍ସପେକ୍ଟରଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଛି। ଏହି ଟିମ୍ ୩ଟି ହତ୍ୟା ଘଟଣାର ତଦନ୍ତ କରିବ। ହତ୍ୟାକାଣ୍ଡ ଘଟିଥିବା ଅଞ୍ଚଳର ସିସିଟିଭି ଫୁଟେଜ୍ ଅଣାଯାଇ ଯାଞ୍ଚ କରାଯିବ। ରାତିରେ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି କରାଯାଇଛି। ସବୁ ଛକରେ ପୋଲିସ ମୁତୟନ ହୋଇଛି। ପିସିଆର ଭ୍ୟାନ ସହ କଟକର ସମସ୍ତ ଏସିପି, ଥାନା ଅଧିକାରୀ, ଅଫିସରମାନଙ୍କୁ ମଧ୍ୟ ଅଲଗା ପାଟ୍ରୋଲିଂ କରିବାକୁ କୁହାଯାଇଛି। ସେମାନଙ୍କୁ ସହଯୋଗ କରିବା ପାଇଁ ୫ ପ୍ଲାଟୁନ ପୋଲିସ ଫୋର୍ସ ସହରରେ ମୁତୟନ କରାଯାଇଛି। ଯେହେତୁ ଅଭିଯୁକ୍ତ ରାତିରେ ବାହାରେ ଶୋଉଥିବା ଲୋକମାନଙ୍କୁ ଟାର୍ଗେଟ କରୁଛନ୍ତି, ତେଣୁ ସେମାନଙ୍କୁ ସଚେତନ କରାଯାଉଛି। ବାହାରେ ଏକା ଶୋଉଥିବା ଲୋକମାନଙ୍କୁ ନିରାପଦ ସ୍ଥାନକୁ ଅଣାଯାଉଛି। ଅଭିଯୁକ୍ତଙ୍କୁ ଧରିବା ପର୍ଯ୍ୟନ୍ତ ଏହିପରି ବ୍ୟବସ୍ଥା ଜାରି ରହିବ ବୋଲି ଡିସିପି କହିଛନ୍ତି। ହତ୍ୟାକାଣ୍ଡ ପରେ କଟକ ବାସିନ୍ଦାଙ୍କ ମନରେ ଭୟ ସୃଷ୍ଟି ହୋଇଛି। ରାତିରେ ଲୋକେ ଘରୁ ବାହାରିବାକୁ ପସନ୍ଦ କରୁନାହାନ୍ତି।

## 'ଧରିତ୍ରୀ' ଦେଖାଇ ଆଇନଶୃଙ୍ଖଳା, ସ୍ୱାସ୍ଥ୍ୟ ସେବା କଥା ଉଠାଇଲେ ନରସିଂହ

**କଟକ ହତ୍ୟାକାଣ୍ଡକୁ ନେଇ ଉଦ୍‌ବେଗ**



**ଭୁବନେଶ୍ୱର,୨୫।୭ (ବ୍ୟୁରୋ):** ରାଜ୍ୟରେ ଆଇନ ଶୃଙ୍ଖଳା ବୋଲି କିଛି ନାହିଁ। ଦିନ ଦି ପହରରେ ନାବାଳିକାଙ୍କୁ ବଳାତ୍କାର କରାଯାଉଛି। ପ୍ରଶ୍ନ ପଚାରିଲେ ଉତ୍ତର ମିଳୁ ନାହିଁ। ସବୁ ଠିକ ଅଛି ବୋଲି ସରକାର କହୁଛନ୍ତି। ଆଇନଶୃଙ୍ଖଳାକୁ ନେଇ ଆମେ ବିରୋଧ କରିଥିଲୁ। ଗୋଟିଏ ଦିନ ଆଲୋଚନା ପରେ ସବୁ ଠିକ ହୋଇଗଲା। ଯେଉଁ ଦିନ ମୁଖ୍ୟମନ୍ତ୍ରୀ ଗୃହରେ ଉତ୍ତର ଦେଲେ ସେହିଦିନଠାରୁ ମାଓବାଦୀମାନେ ହତ୍ୟା କରି ଚାଲିଛନ୍ତି ବୋଲି କଂଗ୍ରେସ ଦଳ ନେତା ନରସିଂହ ମିଶ୍ର କହିଛନ୍ତି। ଧରିତ୍ରୀ ଖବରକାଗଜକୁ ଦେଖାଇ ସେ କହିଥିଲେ ଯେ ଆଜି ଧରିତ୍ରୀରେ ପ୍ରକାଶ ପାଇଛି କଟକରେ ଚାଞ୍ଚଲ୍ୟ ୨୪ ଘଣ୍ଟାରେ ୩ ଜଣଙ୍କୁ ଗଳାକାଟି ହତ୍ୟା। ଗୋଟିଏ ଦିନରେ ୩ ଜଣଙ୍କୁ ହତ୍ୟା କରାଯାଉଛି। ଆଇନ ଶୃଙ୍ଖଳା ଠିକ ଅଛି। କ'ଣ ଠିକ ଅଛି ବୋଲି ନରସିଂହ ସରକାରଙ୍କୁ ପ୍ରଶ୍ନ କରିଥିଲେ। କେବଳ ଆଇନଶୃଙ୍ଖଳା ନୁହେଁ, ସ୍ୱାସ୍ଥ୍ୟସେବା ମଧ୍ୟ ବିପର୍ଯ୍ୟସ୍ତ। ଏହି ଖବରକାଗଜରେ ପ୍ରକାଶ ପାଇଛି ଯେ ଜଣେ ୧୦ ବର୍ଷର ବାଳିକା ଅଙ୍ଗାର ବାନ୍ତି କରୁଛି। ଡାକ୍ତର ପାଖରେ ଅଛନ୍ତି। ସରକାର କହୁଛନ୍ତି ସ୍ୱାସ୍ଥ୍ୟସେବା ଠିକ ଅଛି। କ'ଣ ଠିକ ଅଛି ବୋଲି ନରସିଂହ କହିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ଶୁକ୍ର ନକ୍ଷତ୍ରସ୍ଥ ଚନ୍ଦ୍ର ଆପଣଙ୍କୁ ଅର୍ଥ, ପାରିବାରିକ ସୌଖ୍ୟ ଓ ବନ୍ଧୁମିଳନଜନିତ ଆନନ୍ଦ ପ୍ରଦାନ କରିବ। ଆଲୋଚନା କ୍ଷେତ୍ରରେ ଛୋଟ ଛୋଟ କଥାରେ ଚିହ୍ନା ପଡିଲେ ଅପଦସ୍ଥ ହେବେ। ଦ୍ୱିଜା ନକ୍ଷତ୍ର କର୍ମକ୍ଷେତ୍ରରେ କୌଣସି ମହିଳାଙ୍କ ଦ୍ୱାରା ଉପକୃତ ହୋଇପାରନ୍ତି। ଶିଳ୍ପ, ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ।

**ବୃଷ**
ଆଜିର ଗ୍ରହ ପ୍ରଭାବରେ ସହକର୍ମୀ, ପଡୋଶୀଙ୍କ କାମରେ ଅଧିକାଂଶ ସମୟ ଅତିବାହିତ କରିପାରନ୍ତି। ଏହା ସାଙ୍ଗକୁ ମୃଗଶିରା ନକ୍ଷତ୍ରର କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି ପାଇବା କାରଣରୁ ଘରକଥା ବୁଝିବା କଷ୍ଟକର ହୋଇପାରେ। ତେଣେ ପାରିବାରିକ ସମସ୍ୟା ବୃଦ୍ଧି ପାଇବା କାରଣରୁ କୌଣସି କାମ ଶୃଙ୍ଖଳିତ ରହିବ ନାହିଁ।

**ମିଥୁନ**
ରାହୁ ଦେବଗୁରୁଙ୍କ ନକ୍ଷତ୍ରରେ ରହି କର୍ମକ୍ଷେତ୍ରରେ ସମସ୍ୟା ସୃଷ୍ଟି କରିପାରନ୍ତି। ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ପରିବହନରେ ମାନମନାନ୍ତର ଦେଖା ଦେଇପାରେ। ପୁନର୍ବସୁ ନକ୍ଷତ୍ର ସକାଶେ ପାରିବାରିକ ସ୍ତରରେ ମାନସିକ ଦ୍ୱନ୍ଦ୍ୱ ଠିକ୍ ନିଷ୍ପତ୍ତି ନେବାରେ ବିଳମ୍ବିତ କରାଇବ।

**କର୍କଟ**
ରାଶିରେ ଚତୁଃଗ୍ରହ ରାଜଯୋଗ ସୃଷ୍ଟି କରୁଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ଜୟଯୁକ୍ତ ହେବେ। ଆପଣ ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି ସେଥିରେ ବିଳମ୍ବରେ ସଫଳତା ପାଇବେ। ବ୍ୟବସାୟ,ବାଣିଜ୍ୟ, କଳା, ସାହିତ୍ୟରେ ସମ୍ମାନ ମିଳିବ। ଅଶ୍ଳେଷା ନକ୍ଷତ୍ରର ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିପାରେ।

**ସିଂହ**
କେନ୍ଦ୍ରାଧିପତି ଶନି ସପ୍ତମଭାବକୁ ଦେଖୁଥିବାରୁ ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ପ୍ରତ୍ୟେକ କାର୍ଯ୍ୟ ପ୍ରାୟତଃ ଅନୁକୂଳ ରହିବ। ଦ୍ୱାଦଶସ୍ଥ ଗ୍ରହ ପ୍ରଭାବରେ ଖର୍ଚ୍ଚାନ୍ତ ହେବା ସାଙ୍ଗକୁ ସାଧାରଣ କଥାରେ ମଧ୍ୟ ଟେନସନ୍ ବଢିଯାଇପାରେ। ମଘା ନକ୍ଷତ୍ର କୌଣସି ପ୍ରମାଣ ନ ଥାଇ ପଡ଼ୋଶୀମାନଙ୍କ ଠାରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡିପାରନ୍ତି।

**କନ୍ୟା**
ଆଜି ଆପଣଙ୍କୁ ଆକସ୍ମିକ ଅର୍ଥପ୍ରାପ୍ତି ହେବା ସହ ମାନସିକ ଅସ୍ଥିରତା ଲାଗି ରହିବ। ପ୍ରତ୍ୟେକ କ୍ଷେତ୍ରରେ ଦେଖିଚାହିଁ ଆଗକୁ ବଢ଼ନ୍ତୁ, ସମସ୍ୟା ଆସିପାରେ। ଚିତ୍ରା ନକ୍ଷତ୍ର ସକାଶେ ସାହାଯ୍ୟ କରିବାକୁ କଥା ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହିବେ। ସମ୍ପର୍କ କ୍ଷୁଣ୍ଣ ହେବା କାରଣରୁ ଆତ୍ମୀୟସ୍ୱଜନଙ୍କ ପାଇଁ ଚିନ୍ତା ବଢିପାରେ।

**ତୁଳା**
ପରୋକ୍ଷ ଶତ୍ରୁତା ଓ ଆର୍ଥିକ ଅନଟନ ଜନିତ ମନକୁ ଅସ୍ଥିର କରିବାର ଆଶଙ୍କା ରହିଛି। ତଥାପି ସ୍ୱାତୀ ନକ୍ଷତ୍ର ଆଜିର କର୍ମକ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରି ନେବେ। ଅବସର ସମୟରେ ପିଲାଙ୍କ ସହ ଖୁସିଗପ କରିବାର ମଉକା ଜୁଟିବାର ସୂଚନା ରହିଛି। ସଭାସମିତିରେ ଯୋଗ ଦେଲେ ପ୍ରଶଂସା ଓ ପ୍ରତିଷ୍ଠା ପାଇ ପାରିବେ।

**ବିଛା**
ଚନ୍ଦ୍ରଙ୍କ ପ୍ରତି ଗୁରୁଦୃଷ୍ଟି ଅଭାବରୁ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ବନ୍ଦ ହୋଇଯାଇପାରେ। ସନ୍ତାନଙ୍କ ବୈବାହିକ କର୍ମ ସମ୍ପାଦନ କ୍ଷେତ୍ରରେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବାର ସମ୍ଭାବନା ରହିଛି। କିନ୍ତୁ ଅନୁରାଧା ନକ୍ଷତ୍ର ସକାଶେ ଜମା ପଡୁ ନ ଥିବା କୌଣସି ବିଜାତୀୟ ବ୍ୟକ୍ତିଙ୍କ ଦ୍ୱାରା ଅସମ୍ମାନିତ ହେବାର ସୂଚନା ରହିଛି।

**ଧନୁ**
କୋଣଭାବସ୍ଥ ଚନ୍ଦ୍ରଙ୍କ କେନ୍ଦ୍ରସ୍ଥ ଏକାଧିକଗ୍ରହ ପାରିବାରିକ ଜୀବନ ଓ କର୍ମକ୍ଷେତ୍ରକୁ ପ୍ରଭାବିତ କରିବ। ଆତ୍ମୀୟମାନଙ୍କ ସହଯୋଗରେ ଅର୍ଥ ସଂଗ୍ରହ କରିବାରେ ସଫଳତା ହାସଲ କରିବେ। ବନ୍ଧୁମାନଙ୍କ ଗହଣରେ ଗଠନ ମୂଳକ ପ୍ରେରଣା ଦେଇ ପ୍ରଶଂସିତ ହେବେ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡ ରୋଗରେ କଷ୍ଟ ପାଇପାରନ୍ତି।

**ମକର**
ଆଜି ସପ୍ତମାଧିପତି କେନ୍ଦ୍ରରେ ଅବସ୍ଥାନ କରି ଆପଣଙ୍କ ଅଭିଳାଷକୁ ପୂରଣ କରିବାର ସୁଯୋଗ ସୃଷ୍ଟି କରିବେ। କିନ୍ତୁ ସପ୍ତମସ୍ଥ ଚାରୋଟିଗ୍ରହ ବିବାଦୀୟ ସ୍ଥିତିରେ ଅପଦସ୍ଥ କରିପାରନ୍ତି। ପାରିବାରିକ କ୍ଷେତ୍ରରେ ପୁତ୍ରକନ୍ୟା ହେତୁକ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ପଡ଼ୋଶୀ କେହି ପ୍ରତିବାଦ କରିପାରନ୍ତି, ଯାହାକି ଆପଣଙ୍କ କାମ ପାଇଁ ତାହା ବାଧକ ସାଜିବ।

**କୁମ୍ଭ**
ଧର୍ମଭାବପ୍ରତି ଶୁଭଦୃଷ୍ଟି ଆପଣଙ୍କୁ ଧାର୍ମିକ ଭାବନା ମାଧ୍ୟମରେ ସତ୍‌ସଙ୍ଗ କରାଇବ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ଅବଶ୍ୟ ପାଇବେ କିନ୍ତୁ ସାଧାରଣ ସମସ୍ୟା ମଧ୍ୟ ରହିବାର ଆଶଙ୍କା ଦେଖାଦେଇପାରେ। ପୂର୍ବଭାଦ୍ରପଦ୍ ନକ୍ଷତ୍ର କର୍ମକ୍ଷେତ୍ରରେ ପ୍ରିୟକଥା କହି ସମସ୍ୟାକୁ ସୁଧାରି ନେବେ। ଅତିରିକ୍ତ ଭ୍ରମଣ ହେତୁ କ୍ଳାନ୍ତି ଦେଖାଦେଇପାରେ।

**ମୀନ**
ଧନସ୍ଥାନସ୍ଥ ଅର୍ଥଲାଭ କରାଇବ କିନ୍ତୁ ପାପଗ୍ରହ ମଧ୍ୟସ୍ଥ ଯୋଗୁ ମାନସିକ ସ୍ଥିତି ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। କିନ୍ତୁ ଅପରାହ୍ନରେ ଆପଣାଛାଏଁ ସମସ୍ୟା କମିବା ଫଳରେ ରହିଥିବା ଟେନସନ୍ କମିଯାଇପାରେ। ଆନୁଷ୍ଠାନିକ କ୍ଷେତ୍ରରେ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ।

ଆଜି ଶ୍ରାବଣ କୃଷ୍ଣ ନବମୀ ଶୁକ୍ରବାର, ଜୁଲାଇ ୨୬ ତାରିଖ, ଅନ୍ତର୍ଜାତୀୟ ହେନ୍ତାଳଦିବସ, କାରଗିଲ୍ ବିଜୟ ଦିବସ, ଓଡ଼ିଶା ହାଇକୋର୍ଟର ପ୍ରତିଷ୍ଠା ଦିବସ, ରାଶି-ନକ୍ଷତ୍ର, ଦ୍ୱିଜା/ମେଷ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୬।୪୯ମି. ମଧ୍ୟେ ଘ୪।୩୪ମି. ଗତେ, ଘ୬।୧୬ମି. ମଧ୍ୟେ ଅମୃତ ବେଳା। ଦିବା ଘ୬।୪୯ମି. ଗତେ ଘ୮।୨୧ମି. ମଧ୍ୟେ, ଘ୧୧।୪୨ମି. ଗତେ, ଘ୧।୧୯ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୦।୧୫ମି. ଗତେ ଘ୧୧।୫୩ମି. ମଧ୍ୟେ ରାହୁକାଳ।

**classifieds Everyday**
**0674-2580101, 2549302**

**real estate**

**SALE**

ହଂସପାଳଠାରୁ 2k.m Puri Canalକୁ ଲାଗି 30' road, boundary plot ବିକ୍ରିହେବ। 9438056978. D-66711

**Ready to construction BDA yellowzone boundary electricity plot near VSS Nagar, Chakeisihani. 9861372130, 9938106166.** D-66745

BDA plot NH-5 ସନ୍ନିକଟ road, Electric poll, boundary ଥାଇ sqft 600/- ମିଳୁଅଛି। Contact: 7750068828 / 8249662762. D-13542

**ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ 9114955347, 8658962508.** D-66729

ଭୁବନେଶ୍ୱର ପଟିଆ ବିଗ୍‌ବଜାରରୁ 3.5k.m. ବାସୋପଯୋଗୀ plot 1200sqft. 5,40,000/- immediate possession/ registration. 9937032327, 9583328312. D-66730

**ଭୁବନେଶ୍ୱର ପିତାପଲ୍ଲିଛକ ପାଖରେ Viswass +2 Science କଲେଜକୁ ଲାଗି yellowzone ପ୍ଲଟ ମିଳୁଅଛି। 9348261968.** D-66738

**Plot sale at Bailo, Cuttack (Officers complex) @ 120/- per sqft with road 20k.m from Cuttack/ Bhubaneswar. 7809525452, 8249851363.** D-66932

ବଅଁରପାଳଠାରୁ ବାଲିମେଳା ଯାଉଥିବା NH-64 ରାସ୍ତାର ବଉଳିଗଡ ଗ୍ରାମ ବ୍ରିଜ ମୁଣ୍ଡରେ ଥିବା ୪୬ଡିସିମିଲ ଜାଗା ବିକ୍ରିହେବ। ଯୋଗାଯୋଗ: ୯୮୬୧୨୨୨୮୦୦, ୬୩୭୧୭୯୫୩୧୬। D-60948

SUM hospital ନିକଟରେ ଏବଂ Tamando ବଜାର Infocity-2 ପାଖରେ plot ମିଳୁଅଛି। 9439864322. D-66715

**Bhubaneswar AIIMS Medical ନିକଟରେ Govt. roadକୁ ଲାଗି BDA approved yellowzone gharabari plot- 1499/- 9777553622.** D-66736

Prime property at Khandagiri (Land & building) 2 storied with underground cost Rs. 1.75 crore (Negotiable) phone: 9338579645. D-64988

**Ready to move 2BHK flat at Damana square, 3BHK flat at Nayapalli, Beherasahi next NH plot 2700 sqft at Sailashree Vihar back side of Jagannath temple, Chaturbuja Nirman Construction. Contact Mob- 7750072200, 8249222916.** D-13487

2BHK flat near Garage chhak NH Bhubaneswar-2, Contact mob: 8763449127. D-65669

**Ready to move 4BHK flat near Hotel Mayfair, Jaydev Vihar, price Rs.5500/- per sqft & triplex and duplex at Rangabazar near BJEM English Medium School-II. Price start Rs.45 lakhs. Call: 9040046767, 9040007267.** D-67318

1000 sqft land 12lakhs at Sisupalgarh, near Lingaraja Temple. Contact: Hindustan Jewellers, Bhubaneswar. D-65670

**ଭୁବନେଶ୍ୱରବାଲକାଟିବଜାରରୁ 2km. boundary ଘରବାରି plot ଇଲେକ୍ଟ୍ରିସିଟି ସୁବିଧାଥାଇ sqft.-500/- (Spot possession then registration). 9348020724, 7978939440.** D-66744

2BHK simplex 26,00,000/-finishing Hanspal, Bank finance available 7381578650, 7377605498. D-67022

212decml. yellowzone gharabari sthitiban plot at Sunderpur on Sikharchandi, Chandaka road @ 1250 per sqft. Contact: 9338342502. D-67320

**Book 4BHK triplex, 2100sqft. near Tamando overbridge (Kalinga Vihar) @ 70Lac. 7978584549.** D-67323

**to-let**

Residential building 2BHK having 390 sqft. drawing / dining space & 2 toilets available to let at Lingipur, BBSR for Govt., corporate,bank officers / officials. Contact: 9437550247, 6371310370. D-13432

3BHK 1800 sqft. house near ITER College, Dumduma. Phone- 8179751075. D-66266

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୨୧୦/- । ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

2BHK house at Bapuji Nagar, Bhubaneswar for office, chamber, consultancy. Contact: 9437347177. D-62193

**healthcare**

Fully refreshed/ relaxed body massage by expert therapist, Shastri Nagar. 7377984773. D-67325

Rejuvenate and ayurvedic full body massage by smart therapist: 9114402304. D-67324

Full body herbal massage with refreshment, expert therapist. 7381239385, 0674-2540855. D-67326

Experience full body massage with us (expert). Call: 7377048581, 0674-2597822. D-67327

Herbal full body massage by smart/expert therapist. Contact: 8338067247. D-67328

Newly opening Ayurvedic body massage smart therapist, Shree herbal, 775 0020754. D-67317

Ayurvedic full body massage ladies & gents smart therapist. 9040900385. D-66931

Summer special mesmerizing offer expert therapeutic refreshing massage appointment: 9668374480. D-67322

**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**business**

ସ୍ୱଳ୍ପ ପୁଞ୍ଜି ବିନିଯୋଗ କରି ନିଜଘରେ ପେପର ପ୍ଲେଟ୍, Buffet, ଧୂପକାଠି ଉଦ୍ୟୋଗ ବସାଇ ମାସିକ 25 ରୁ 30 ହଜାର ଟଙ୍କା ରୋଜଗାର କରନ୍ତୁ। Raw material available. 6372582671, 8895777350. D-67321

**astrology**

ଫିସ୍ ନୁହେଁ, ପୁରସ୍କାର ନେବି, ସମସ୍ୟା ନୁହେଁ ସମାଧାନ ଦେବି। Gold Medalist, ପ୍ରେମବିବାହ, ସଉତୁଣୀ-ଶତ୍ରୁମୁକ୍ତି, ସମାଧାନ ଗୋଟିଏ ଫୋନ୍‌ରେ। 09521603776 096106-09485. D-13589

**AFFIDAVIT**

By an affidavit on dated 18.07.2019, I have changed my name Manaja Behera to Laxmidhar Behera, S/o Late Narasingh Behera , At: Brahmapura, Po: Daleiput, P.S: Khurda, Dist: Khudra for all purposes. D-13595

**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**



**ଶ୍ରଦ୍ଧା ତନୟା ମଲ୍ଲିକ**
ମେଘା, ଆଠଗଡ, କଟକ
ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଚଲାପଥ କୁସୁମିତ ହେଉ ଏବଂ ତୋତେ ନିରୋଗ ରଖନ୍ତୁ।
**ଶୁଭେଚ୍ଛା ସହ**
ଜେଜେ, ଜେଜେ ମା, ବାବା, ମାମା, ବଡବାବା, ବଡ ମା, ଅଳା, ଆଈ, ମାମୁ, ମାଇଁ, ପିଉସା, ପିଉସୀ ବନ୍ଧୁ ଓ ପରିବାରବର୍ଗ।
ଧ-୧୩୫୯୬

**LEGAL NOTICE**

In the Court of C.J (SD) K Nagar
C.S. No 56/2017
Panchanan Dash... Plaintiff Vers
Basudev Dash & others... Defendants
To. D.1 (b) Pyarimohan Dash at present Saraswati Sishu Mandir P.O/ P.S. Bhuban. Dist- Dhenkanal.
D.2 (c) Ambuja Lochan Dash Village and P.O Govindapur, P.S. Bhuban, Dist- Dhenkanal.
D.1 (D) Bandana Dash At/Vill/P.O. Baisingha, Dist- Dhenkanal... Defendants.
Take notice that you are not appearing in the court inspite of several summons. You are directed to appear in undersigned court on 31st july 2019 at 10a.m, failing which the suit shall be heard and decided in your absence.
By order
Sd.- C.J. (Sr. D), Kamakhya Nagar.
D-13583

**ପ୍ରଥମ ଜନ୍ମ ବାର୍ଷିକୀ**



**ଧନଞ୍ଜୟ ପରିଡା (କାହ୍ନା)**
କଣିପାଟିଆ, ଧର୍ମଶାଳା, ଯାଜପୁର
ଆଜି ପ୍ରଥମ ଜନ୍ମଦିନ ଅବସରରେ ସମସ୍ତଙ୍କର ଆଶୀର୍ବାଦ, ସ୍ନେହ ଓ ଶୁଭେଚ୍ଛା। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କୃପାରୁ ତୋର ଜୀବନ କୁସୁମିତ ହେଉ।
**ଶୁଭେଚ୍ଛା ସହ**
ଜେଜେ ବାପା: ବଟକୃଷ୍ଣ, ଜେଜେ ମା: ଶଶୀ, ବାପା: ଦେବା, ମା: ସୁନା, ଭଉଣୀ: ଦେବସ୍ମିତା, ବନ୍ଧୁ ଓ ପରିବାରବର୍ଗ।
ଧ-୧୩୫୯୩

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

ଡେଙ୍ଗୁ ନିରାକରଣ ସଚେତନତା ମାସ - ଜୁଲାଇ ୨୦୧୯
ସଚେତନ ହୁଅନ୍ତୁ, ସୁରକ୍ଷିତ ରୁହନ୍ତୁ
ଲକ୍ଷଣ ଓ ପ୍ରତିକାର:
- ଜ୍ୱର ସହିତ ଭୀଷଣ ହାଡ ଓ ଗଣ୍ଠି ବିନ୍ଧାହେବା, ଶରୀରରେ ଲାଲ୍ ଦାଗ ଦେଖାଦେବା, କେତେକ କ୍ଷେତ୍ରରେ ବାନ୍ତି ଓ ମୁଣ୍ଡବିନ୍ଧା ଆଦି ଲକ୍ଷଣ ଦେଖାଦେଲେ ତୁରନ୍ତ ନିକଟସ୍ଥ ଆଶା,ସ୍ୱାସ୍ଥ୍ୟକର୍ମୀ କିମ୍ବା ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ ।
- ପାଣି ପାତ୍ର,ଟାଙ୍କି,କୁଣ୍ଡ, ରୁମ୍ କୁଲର୍ ଇତ୍ୟାଦିକୁ ୨-୩ ଦିନରେ ଥରେ ସଫାକରି ପାଣି ବଦଳାଇ ଦିଅନ୍ତୁ ।
- ପୂରାଦେହକୁ ଘୋଡାଇ ରଖିଲାପରି ପୋଷାକ ପିନ୍ଧନ୍ତୁ ।
- ନିୟମିତ ମଶାରୀ ଟାଣି ଶୁଅନ୍ତୁ ।
ଘର ଆଖପାଖରେ ପଡିଥିବା ଉପରୋକ୍ତ ବର୍ଜ୍ୟବସ୍ତୁମାନଙ୍କରେ ଜମିଥିବା ପାଣିରେ ଡେଙ୍ଗୁମଶା (ଏଡିସ୍ )ବଂଶବୃଦ୍ଧି କରିଥାନ୍ତି । ଏଣୁ ସେଗୁଡ଼ିକୁ ତୁରନ୍ତ ପରିଷ୍କାର କରନ୍ତୁ ଓ ପାଣି ଜମିବାକୁ ଦିଅନ୍ତୁ ନାହିଁ ।
ଡେଙ୍ଗୁ ରୋଗର ଚିକିତ୍ସା ସମସ୍ତ ସରକାରୀ ଡାକ୍ତରଖାନାମାନଙ୍କରେ ବିନାମୂଲ୍ୟରେ ଉପଲବ୍ଧ ।
10003/13/0033/1920
facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
DSPL-49

# ରାଜ୍ୟରେ ୮୫ ଲକ୍ଷ ବେକାରି

**ଭୁବନେଶ୍ୱର,୨୫।୭(ବ୍ୟୁରୋ)**

- ନିଯୁକ୍ତି ନ ଦେଲେ କେହି ବର୍ତ୍ତିପାରିବେନି: ବିରୋଧୀ
- ବେକାରି ଦୂର କରିବା ପାଇଁ ପ୍ରସ୍ତୁତ ହେବ ରୋଡ୍ ମ୍ୟାପ:ମନ୍ତ୍ରୀ

ରାଜ୍ୟରେ ଉତ୍କଟ ହେଉଛି ବେକାରି ସମସ୍ୟା। ନିଯୁକ୍ତି ନ ପାଇ ବେକାର ଯୁବକ ଡ୍ରଗ ଆଡିକ୍ଟେଡ ହେବା ସହ ବ୍ରାଉନସୁଗାର ଚୋରା ବେପାରରେ ଲିପ୍ତ ରହୁଛନ୍ତି। ଚାକିରି ନ ପାଇ ଦେଶର ମାନବ ସମ୍ବଳ ପଥ ଭ୍ରଷ୍ଟ ହେଉଛି। ରାଜ୍ୟରେ ଦୀର୍ଘ ୨୦ ବର୍ଷ ଶାସନ କରୁଥିବା ରାଜ୍ୟ ସରକାର ବେକାର ଯୁବତୀ ଯୁବକଙ୍କୁ ନିଯୁକ୍ତି ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ରାଜ୍ୟରେ ୮୫ ଲକ୍ଷ ବେକାରି ଅଛନ୍ତି। କୃଷି କ୍ଷେତ୍ରଠାରୁ ଆରମ୍ଭ କରି ସରକାରୀ ଚାକିରିରେ ମାଳ ମାଳ ପଦବୀ ଖାଲି ପଡ଼ିଛି। ସରକାର ଏହାକୁ ଗୁରୁତ୍ୱର ସହ ନ ନେଲେ ଆଗାମୀ ଦିନରେ ଶାସକ କିମ୍ବା ବିରୋଧୀ କେହି ହେଲେ ବର୍ତ୍ତିପାରିବେ ନାହିଁ। ବିରୋଧୀ ଦଳ ମୁଲତବୀ ଆଲୋଚନା ବେଳେ ଏମିତି ଚେତାବନୀ ଦେଇଛନ୍ତି ସରକାରଙ୍କୁ।

ରାଜ୍ୟରେ ଉତ୍କଟ ବେକାରି ସମସ୍ୟାକୁ ନେଇ ବିରୋଧୀ ଦଳ ପକ୍ଷରୁ ଦିଆଯାଇଥିବା ମୁଲତବୀ ପ୍ରସ୍ତାବ ଆଲୋଚନାରେ ଭାଗ ନେଇ କଂଗ୍ରେସ ଦଳ ନେତା ନରସିଂହ ମିଶ୍ର ରାଜ୍ୟ ସରକାରଙ୍କୁ ଜୋରଦାର ଆକ୍ରମଣ କରିଛନ୍ତି। ସେ କହିଛନ୍ତି, ବିଜେଡି ୨୦ ବର୍ଷ ହେବ ଶାସନ କରୁଥିବା ବେଳେ ରାଜ୍ୟରେ ବେକାରି ସମସ୍ୟା ବଢ଼ି ଚାଲିଛି। ଏହି ସମସ୍ୟାର ସମାଧାନ କରିବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। କେନ୍ଦ୍ରର ଏନଡିଏ ସରକାର ବର୍ଷକୁ ୨ କୋଟି ଚାକିରି ଦେବାକୁ ପ୍ରତିଶ୍ରୁତି ଦେଇଥିଲା। ୫ ବର୍ଷରେ ୧୦ କୋଟିଙ୍କୁ ନିଯୁକ୍ତି ଦେବା କଥା। ଏହି ସମୟରେ ୪୫ ବର୍ଷର ବେକାରି ସମସ୍ୟା ରେକର୍ଡ ଭାଙ୍ଗିଛି। ୨୦୧୭-୧୮ରେ ଦେଶରେ ବେକାରି ସମସ୍ୟା ୬.୧ ପ୍ରତିଶତ ବୃଦ୍ଧି ହୋଇଛି। ବିମୁଦ୍ରୀକରଣ ପରେ ବେକାରି ଆହୁରି ବଢ଼ିଛି। ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ବହୁ ପଦବୀ ଖାଲି ରହିଥିଲେ ମଧ୍ୟ ସେଗୁଡ଼ିକୁ ପୂରଣ କରାଯାଉନାହିଁ।ସ୍ୱାସ୍ଥ୍ୟ ବିଭାଗରେ ୫୪,୦୮ ମଞ୍ଜୁରୀ ପଦବୀ ଥିବାବେଳେ ସେଥିରୁ ୧୬,୦୭୧ଟି ପଦବୀ ଖାଲି ରହିଛି। ସେହିପରି ସ୍କୁଲ ଓ ଗଣଶିକ୍ଷା ବିଭାଗରେ ମଞ୍ଜୁରୀ ପଦବୀ ୨ ଲକ୍ଷ ୧୬ ହଜାର ୭୪ ଥିବାବେଳେ ସେଥିରୁ ୩୦ ହଜାର ପଦବୀ, ପୂର୍ତ୍ତ ବିଭାଗରେ ୧୦,୪୩୫ ପଦବୀ ଥିବାବେଳେ ୩,୪୮୦ ପଦବୀ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ୭,୫୪୪ଟି ପଦବୀରୁ ୨,୮୬୭ ପଦବୀ ଖାଲି ରହିଛି । ଏହିପରି ସରକାରୀ ସଂସ୍ଥାରେ ୫ ଲକ୍ଷ ୮୩ ହଜାର ପଦବୀରୁ ୧ ଲକ୍ଷ ୩୧ ହଜାର ୫୧୮ ପଦବୀ ଖାଲି ରହିଛି। କୃଷି କ୍ଷେତ୍ରରେ ମଧ୍ୟ ୨୫ ଲକ୍ଷ ଲୋକ କାମଧନ୍ଦା ପାଉ ନାହାନ୍ତି। ଯୁବତୀ ଯୁବକମାନେ ଚାକିରି ନ ପାଇ କୁବାଟରେ ଯାଉଛନ୍ତି ବୋଲି ନରସିଂହ ଚେତାଇ ଦେଇଛନ୍ତି।

ଭାଜପା ସଭ୍ୟ ବିଷ୍ଣୁଚରଣ ସେଠୀ ରାଜ୍ୟରେ ବଢୁଥିବା ବେକାରି ସମସ୍ୟାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ସେ କହିଥିଲେ ଯେ ନିଯୁକ୍ତି ଓ କାମଧନ୍ଦା ନ ପାଇ ବହୁଲୋକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଚାଲି ଯାଉଛନ୍ତି। ୨୦୦୭-୦୮ରେ ୧କୋଟି ୧୪ ଲକ୍ଷ ଲୋକ ଦାଦନ ଖଟିବାକୁ ଓଡ଼ିଶା ବାହାରକୁ ଯାଇଛନ୍ତି। ୧୫ରୁ୫୯ ବର୍ଷର ୮୪ ଲକ୍ଷ ବେକାରି ରହିଛନ୍ତି। ୨୦୧୧ ଜନଗଣନା ଅନୁଯାୟୀ ସମୁଦାୟ ଜନସଂଖ୍ୟାର ୫୮.୨ ପ୍ରତିଶତ ଲୋକ ବେକାର। ସରକାରଙ୍କ ନିୟୋଜନ କାର୍ଯ୍ୟାଳୟରେ ୩୫.୪ ଲକ୍ଷ ବେକାରି ନାମ ପଞ୍ଜୀକୃତ କରିଛନ୍ତି। ବେକାର ଯୁବତୀ ଯୁବକଙ୍କୁ ଆଉଟସୋର୍ସରେ ରଖି ୮ ମାସ ପରେ ବିଦା କରାଯାଉଛି। ପୋଲିସ ଅଧିକାରୀ ପୁଅ ଛିନତାଇରେ ଧରାପଡୁଛନ୍ତି। ସରକାର ଏହାକୁ ଗମ୍ଭୀରତାର ସହ ନିଅନ୍ତୁ ବୋଲି କହିଥିଲେ।

ଭାଜପା ସଭ୍ୟ ମୁକେଶ ମହାଲିଙ୍ଗ, ଗଣେଶ ରାମସିଂ ଖୁଣ୍ଟିଆ ଏବଂ କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି ରାଜ୍ୟରେ ବଢୁଥିବା ବେକାରି ସମସ୍ୟାକୁ ନେଇ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ଦୃଷ୍ଟି ଆକର୍ଷଣକାରୀ ପ୍ରସ୍ତାବରେ ବିଜେଡି ସଭ୍ୟ ଅଶ୍ୱିନୀ ପାତ୍ର, ପ୍ରମୋଦ ମଲ୍ଲିକ, ସତ୍ୟନାରାୟଣ ପ୍ରଧାନ ଏବଂ ସୁବାସ ଚନ୍ଦ୍ର ବେହେରା କହିଥିଲେ ବେକାରି ସମସ୍ୟା କେବଳ ଓଡ଼ିଶାର ନୁହେଁ। ସାରା ଭାରତ ବର୍ଷରେ ଏହି ସମସ୍ୟା ଉତ୍କଟ ହୋଇଛି। ଓଡ଼ିଶାରୁ କାହିଁକି ବିହାର, ଉତ୍ତରପ୍ରଦେଶ, ଗୁଜରାଟରୁ ମଧ୍ୟ ଲୋକମାନେ ଅନ୍ୟ ରାଜ୍ୟକୁ କାର୍ଯ୍ୟ ଅନ୍ୱେଷଣରେ ଯାଉଛନ୍ତି। ବେକାରି ଯୁବତୀ ଯୁବକଙ୍କୁ ଆତ୍ମନିଯୁକ୍ତି ପାଇଁ ଦକ୍ଷତା ବିକାଶ ତାଲିମ ଦିଆଯାଉଛି। ୨୦୦୦ ମସିହାରେ ରାଜ୍ୟରେ ୨୩ଟି ଆଇଟିଆଇ ଥିବାବେଳେ ଏବେ ଏହା ୪୯କୁ ବୃଦ୍ଧି ପାଇଛି। ବେକାରିଙ୍କୁ କର୍ମସଂସ୍ଥାନ ଯୋଗାଇବାକୁ ସରକାର ଉଦ୍ୟମ ଜାରି ରଖିଛନ୍ତି ବୋଲି କହିଥିଲେ। ମୁଲତବୀ ଆଲୋଚନା ଜବାବରେ ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ପ୍ରେମାନନ୍ଦ ନାୟକ କହିଛନ୍ତି ଯେ ରାଜ୍ୟ ସରକାର ବେକାରି ସମସ୍ୟା ଦୂର କରିବା ସହ ଆତ୍ମନିଯୁକ୍ତି ଦେବାକୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଗଠନ କରିଛନ୍ତି। ବେକାରି ଯୁବତୀ ଯୁବକଙ୍କୁ କୁଶଳୀ ଓ ଦକ୍ଷତା ବୃଦ୍ଧି ପାଇଁ ଦକ୍ଷତା ବିକାଶ ତାଲିମ ପ୍ରଦାନ କରୁଛନ୍ତି। ବେକାର ସମସ୍ୟା ଦୂର କରିବାକୁ ବିଧାୟକମାନଙ୍କ ପରାମର୍ଶ ନିଆଯାଇ ଏକ ରୋଡ ମ୍ୟାପ ପ୍ରସ୍ତୁତ କରାଯିବ। ଏହାଛଡା ବେକାରିମାନଙ୍କୁ ଆତ୍ମନିଯୁକ୍ତି ଦେବା ସକାଶେ ମୁଖ୍ୟମନ୍ତ୍ରୀ ନିଯୁକ୍ତି କାର୍ଯ୍ୟକ୍ରମ, ପ୍ଲେସମେଣ୍ଟ ଟ୍ରେନିଂ ପ୍ରୋଗ୍ରାମ ଭଳି ବିଭିନ୍ନ କାର୍ଯ୍ୟକ୍ରମ ଚାଲୁ ରହିଛି। ଭୁବନେଶ୍ୱରଠାରେ ମଧ୍ୟ ଏକ ବିଶ୍ୱ ଦକ୍ଷତା କେନ୍ଦ୍ର ସ୍ଥାପନ କରିବା ଯୋଜନା ରହିଛି। ୩୧ଟି ଦକ୍ଷତା ବିକାଶ କେନ୍ଦ୍ର ମାଧ୍ୟମରେ ଯୁବତୀ ଯୁବକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

## ଜିଲ୍ଲା ଟିଠି
## ନୟାଗଡ଼



# ଚିନିକଳ ଦୁଃଖ

ନୟାଗଡ଼ ଜିଲାର ଏକମାତ୍ର ଶିଳ୍ପ ଥିଲା ଚିନିକଳ। ୧୯୮୪ ମସିହା ଏପ୍ରିଲରେ ନୟାଗଡ଼ର ବାଲୁଗାଁ ପଞ୍ଚାୟତ ପାଣିପୋଇଲାଠାରେ ଏହି କାରଖାନା ଶିଳାନ୍ୟାସ କରାଯାଇଥିଲା। ୧୮କୋଟି ଟଙ୍କା ବ୍ୟୟରେ ପ୍ରତିଷ୍ଠା କରାଯାଇଥିବା ଏହି କାରଖାନାରୁ ୧୯୮୮ରୁ ଚିନି ଉତ୍ପାଦନ ଆରମ୍ଭ ହୋଇଥିଲା। ଆଖୁଚାଷ ପାଇଁ ଅନୁକୂଳ ପରିବେଶ ଥିବା ଉକ୍ତ ଅଞ୍ଚଳର ଚାଷୀମାନେ ଏଥିପାଇଁ ଉପକୃତ ହେଉଥିଲେ। ସେମାନଙ୍କ ଆର୍ଥିକ ସ୍ଥିତି ବି ଚିନିକଳ ପାଇଁ ସୁଦୃଢ଼ ହୋଇପାରିଥିଲା। ହେଲେ ପରିଚାଳନାଗତ ତ୍ରୁଟି ଯୋଗୁ ସମବାୟ ଭିତ୍ତିରେ ପ୍ରତିଷ୍ଠିତ ହୋଇଥିବା ଏହି ଚିନିକଳ ବାରମ୍ବାର କ୍ଷତିରେ ଚାଲିଥିଲା। ଫଳରେ ଆଖୁ ଚାଷୀ ଓ କାରଖାନା କର୍ମଚାରୀମାନେ ସେମାନଙ୍କ ପ୍ରାପ୍ୟ ପାଇପାରିଲେ ନାହିଁ। ମାତ୍ର ୨ ବର୍ଷ ଚାଲିବା ପରେ ଚିନିକଳ ବନ୍ଦ ହେବା ଅବସ୍ଥାକୁ ଆସିଲା। ଏହା ପରେ ସରକାର ଚିନିକଳକୁ ତାମିଲନାଡୁର ଧରଣୀ ସୁଗାର୍ସ ନାମକ ଏକ କମ୍ପାନୀକୁ ଲିଜ୍ ସୂତ୍ରରେ ୧୨ ବର୍ଷ ପାଇଁ ହସ୍ତାନ୍ତର କରିଥିଲେ। ଧରଣୀ ସୁଗାର୍ସ କିଛି ବର୍ଷ କାରଖାନାକୁ ଚଳାଇବା ପରେ ଆଖୁ ଚାଷୀ ଓ କର୍ମଚାରୀଙ୍କ ବହୁ କୋଟି ଟଙ୍କା ନ ଦେଇ ରାତି ଅଧିଆ ଚମ୍ପଟ ମାରିଲା। ଫଳରେ ୨୦୦୦ରୁ ୨୦୦୪ ମସିହା ପର୍ଯ୍ୟନ୍ତ ଏହି କାରଖାନା ବନ୍ଦ ରହିଥିଲା। ୨୦୦୪ ଜୁନ୍‌ରେ ସରକାର ଚିନିକଳକୁ ମାତ୍ର ୫ କୋଟି ଟଙ୍କାରେ ଶିଳ୍ପପତି ତ୍ରୈଲୋକ୍ୟ ମିଶ୍ରଙ୍କୁ ହସ୍ତାନ୍ତର କଲେ। ହେଲେ ୨୦୧୨ ମସିହାରୁ ୨୦୧୪ ମଧ୍ୟରେ କର୍ମଚାରୀ ଓ ଆଖୁ ଯୋଗାଉଥିବା ଚାଷୀଙ୍କ ପ୍ରାୟ ୪ କୋଟି ଟଙ୍କା ପ୍ରାପ୍ୟ କାରଖାନା କର୍ତ୍ତୃପକ୍ଷ ବକେୟା ରଖିଥିଲେ। ଏହାକୁ ନେଇ ଅଶାନ୍ତିର ନିଆଁ ଜଳିବା ପୂର୍ବରୁ ଅର୍ଥାତ୍ ୨୦୧୪ ମାର୍ଚ୍ଚ ୪ ତାରିଖ ରାତିରେ ଚିନି କଳରେ କର୍ତ୍ତୃପକ୍ଷ ସବୁଦିନ ପାଇଁ ତାଲା ଝୁଲାଇଦେଲେ। ସେହିଦିନଠାରୁ ଏହି ଶିଳ୍ପକେନ୍ଦ୍ରରେ ତାଲା ଝୁଲିଲା। ସବୁ ଯେମିତି ଓଲଟପାଲଟ ହୋଇଗଲା। ଚାଷୀମାନେ ମୁଣ୍ଡରେ ହାତଦେଇ ବସିବା ଛଡ଼ା ଆଉକିଛି ଉପାୟ ନ ଥିଲା। ଆଜି ପର୍ଯ୍ୟନ୍ତ ଚିନିକଳ ବନ୍ଦ ରହିଛି। କାରଖାନା ଖୋଲିବା ପାଇଁ କେହି ଜଣେ ଚିନ୍ତା କରିନାହାନ୍ତି। ପ୍ରଶାସନ ଚୁପ୍ ହୋଇ ବସିଥିବା ବେଳେ ରାଜନୈତିକ ନେତୃବୃନ୍ଦ ଆନ୍ତରିକତା ପ୍ରକାଶ କରୁନାହାନ୍ତି। କାରଖାନା ବନ୍ଦ ହୋଇ ପଡ଼ିବା ଯୋଗୁ ଏହାର ପ୍ରଭାବ ସିଧାସଳଖ ଆଖୁଚାଷୀଙ୍କ ଉପରେ ପଡ଼ିଛି। ସେମାନଙ୍କ ଆର୍ଥିକ ସ୍ଥିତି ଦୁର୍ବଳ ହୋଇ ପଡ଼ିଥିବା ବେଳେ ଜିଲାରେ ଆଖୁଚାଷ ମଧ୍ୟ କମିବାରେ ଲାଗିଛି। ୨୦୧୨-୧୩ ଆର୍ଥିକ ବର୍ଷରେ ଜିଲାରେ ୪୫୦୦ ହେକ୍ଟର ଜମିରେ ଆଖୁ ଚାଷ କରାଯାଇଥିବା ବେଳେ ବର୍ତ୍ତମାନ ତାହା ୧୬୫୦ ହେକ୍ଟର ଜମିକୁ କମି ଆସିଛି। ଚାଷ ହେଉଥିବା ଆଖୁ ମଧ୍ୟରୁ କିଛି ଅନ୍ୟ ଜିଲାକୁ ବିକ୍ରି ପାଇଁ ପଠାଯାଉଥିବା ବେଳେ ଅବଶିଷ୍ଟ ଆଖୁରୁ ଦେଶୀ ପଦ୍ଧତିରେ ଗୁଡ଼ ତିଆରି କରି ଚାଷୀ ବିକ୍ରି କରୁଛନ୍ତି। ଏପରି ପରିସ୍ଥିତିରେ ଚାଷୀମାନେ ଦାଦନ ଖଟିବାକୁ ଯିବାକୁ ବାଧ୍ୟ ହେଉଛନ୍ତି। ମାସେ ତଳେ ଚିନିକଳ ବିକ୍ରି ନେଇ ଗୁଜବ ସୃଷ୍ଟି ହେବା ପରେ ବିଭିନ୍ନ ଦଳର ନେତା, ଚାଷୀ, ଚିନିକଳ କର୍ମଚାରୀମାନେ ଏକାଠି ହୋଇ କାରଖାନାର ପୁନରୁଦ୍ଧାର ପାଇଁ କ୍ରିୟାନୁଷ୍ଠାନ କମିଟି ଗଠନ କଲେ। କମିଟିର କର୍ମକର୍ତ୍ତା ବିଭିନ୍ନ ଗ୍ରାମରେ ବୁଲି ସଚେତନତା ସୃଷ୍ଟି କରିବା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କଲେ। ହେଲେ ତେଜି ଆସୁଥିବା ଏହି ଆନ୍ଦୋଳନ ହଠାତ୍ ଏବେ ଥମିବାକୁ ଲାଗିଛି। କାରଖାନା ଖୋଲିବା ଆଶା ଚାଷୀଙ୍କ ମନରୁ ମଉଳି ଯାଉଛି। ବନ୍ଦ ହୋଇ ପଡ଼ିଥିବା ଚିନିକଳ କେବେ ଖୋଲିବ, ଏହି ପ୍ରଶ୍ନର ଉତ୍ତର କାହା ପାଖରେ ନାହିଁ।

- ରଞ୍ଜନ କୁମାର ପ୍ରଧାନ

Be a Trendsetter. Everyday!
The Great Kalamandir ANNUAL Sale is now on!
UP TO 50% DISCOUNT*
*Conditions Apply
Get ready to grab exotic Sarees, Lehengas and Readymade Garments!
Choose from the widest range of exquisite fashion for the entire family at unbelievable prices. Shop more and save more.
Kalamandir ODISHA'S MOST POPULAR FASHION SHOP
କଳାମନ୍ଦିର
Shop with a smile.
3, Western Market, Bhubaneswar 751009
Benarasis | Kanjeevarams | Odissis | Printed Silks | Brocades | Jamevars | South Silks | Gadwals
Fancy Sarees | Lehengas | Suitings | Shirtings | Suits | Jackets | Kurta Pyjamas
Sherwanis | Exclusive Readymades | Women's Wear | Kidswear | Furnishings | Dress Materials
R K SWAMY BBDO KALA 2897/19

# ଟିମନ୍‌ଙ୍କ ବିରୋଧରେ ଲାଗିଲା ଏନ୍‌ଏସ୍‌ଏ

**ବଲାଙ୍ଗୀର ଅଫିସ, ୨୫।୭**

ଜମି ମାଫିଆ, ଟେଣ୍ଡର ଫିକ୍ସିଂର ମାଷ୍ଟରମାଇଣ୍ଡ ଟିମନ୍ ଓରଫ ଶ୍ରୀକାନ୍ତ କୁମ୍ଭାରଙ୍କ ବିରୋଧରେ ଏନ୍‌ଏସଏ (ଜାତୀୟ ନିରାପତ୍ତା ଆଇନ) ଲାଗୁ କରାଯାଇଛି। ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟ ଅରିନ୍ଦମ ଡାକୁଆ ଏ ନେଇ ନିର୍ଦ୍ଦେଶ ଜାରି କରିଛନ୍ତି। ଟିମନଙ୍କ ବିରୋଧରେ ଅନେକ ଜମିଲୁଟ୍, ଟେଣ୍ଡର ଫିକ୍ସିଂ, ରାହାଜାନୀ, ଅପହରଣ, ହତ୍ୟା ଭଳି ସଙ୍ଗୀନ ଅଭିଯୋଗ ରହିଛି। ବଲାଙ୍ଗୀର ଟାଉନ୍ ଓ ସଦର ଥାନାରେ ତାଙ୍କ ନାମରେ ୨୪ରୁ ଊର୍ଦ୍ଧ୍ୱ ମାମଲା ରହିଛି। ଗତ ଜୁନ୍ ୨୬ ତାରିଖରେ ବଲାଙ୍ଗୀର ସଦର ପୋଲିସ ଟିମ୍ ୩ ଜଣ ସହଯୋଗୀଙ୍କ ସହ ଟିମନଙ୍କୁ ଭୁବନେଶ୍ୱରରୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେଦିନଠାରୁ ସେ ବଲାଙ୍ଗୀର ଜିଲା କାରାଗାରରେ ରହିଛନ୍ତି। ଲୋକଙ୍କୁ ମାଡ ମାରି ଓ ହତ୍ୟା ଧମକ ଦେଇ ବଲାଙ୍ଗୀର ଟାଉନ୍ ସଂଲଗ୍ନ ବେସରକାରୀ ଜମି ଏବଂ ବହୁମୂଲ୍ୟ ସରକାରୀ ଜମି ଲୁଟ୍ କରି କୋଟିପତି ସାଜିବା ସହ ବଲାଙ୍ଗୀର ଏବଂ ଆଖପାଖ ଅଞ୍ଚଳରେ ସେ ଆତଙ୍କରାଜ ଚଲାଇଥିଲେ। ଟିମନ୍‌ଙ୍କ ବିରୋଧରେ ୨୦୧୫-୧୬ ରେ ପୋଲିସ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିଲା।

ସେହି ଜିନିଷ ସେହି କାମ, ଏବେ କିନ୍ତୁ ନୂଆ ନାମ
ଯାଦୁ, ପାଣିକନ୍ଦା ଓ ଗୋଡ଼ଫଟା ପାଇଁ ବିଶେଷ ଫଳପ୍ରଦ
ହାଇପାୱାର
ସ୍କେବିରାଜ୍ ମଲମ ଓ ଲୋଶନ
SCABIRAJ
(ପ୍ରତ୍ୟେକ ଔଷଧ ଦୋକାନରେ ମିଳେ)
ନକଲି ପ୍ରତି ସାବଧାନ!
DIBYA SAI PHARMACY, CUTTACK-11, PH.-6372898038

ମାଲକାନଗିରିରେ ବଢ଼ି ଚାଲିଛି ଗଞ୍ଜେଇ ଚାଷ

# ୪ଦିନରେ ୧୬ କୁଇଣ୍ଟାଲ ଜବତ

**ଭୁବନେଶ୍ୱର, ୨୫।୭(ବ୍ୟୁରୋ):**

- ଆନ୍ତଃରାଜ୍ୟ ର୍‍ୟାକେଟର ସମ୍ପୃକ୍ତି
- ଦେଢ଼ବର୍ଷରେ ୩ଶହ ୩୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ
- ଗିରଫ ୩୧୬ଜଣଙ୍କ ମଧ୍ୟରୁ ୧୩୭ ଅଭିଯୁକ୍ତ ବାହାର ରାଜ୍ୟର

ମାଓବାଦୀ ଅଧ୍ୟୁଷିତ ମାଲକାନାଗିରି ଜିଲାରେ ବେଆଇନ ଗଞ୍ଜେଇ ଚାଷ ଓ ଚୋରା ଚାଲାଣ ବଢ଼ିଚାଲିଛି। ଗତ ୪ଦିନ ମଧ୍ୟରେ ପୋଲିସ ୧୬୫୭.୭ କେଜି ଗଞ୍ଜେଇ ଜବତ କରିବା ସହ ୫ଟି ମାମଲା ରୁଜୁ କରି ୧୧ଜଣଙ୍କୁ ଗିରଫ କରିଛି। ଏମାନଙ୍କ ମଧ୍ୟରୁ ୨ଜଣ ତାମିଲନାଡୁର ହୋଇଥିବାବେଳେ ଛତିଶଗଡ଼ର ଜଣେ ଓ ଦୁଇଜଣ ହରିୟାଣାର। ସେମାନଙ୍କ ନିକଟରୁ ଗୋଟିଏ ବନ୍ଧୁକ ଓ ୭ ରାଉଣ୍ଡ ଗୁଳି ଜବତ ହୋଇଛି। ଅନ୍ୟପକ୍ଷରେ ଦେଢ଼ବର୍ଷ ମଧ୍ୟରେ ୩ଶହ ୩୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରାଯାଇଛି। ମୋଟ ୩୧୬ଜଣଙ୍କୁ ଗିରଫ କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୩୭ଜଣ ବାହାର ରାଜ୍ୟର ବୋଲି ଜଣାପଡିଛି।

ମିଳିଥିବା ସୂଚନାନୁସାରେ, ଚଳିତ ବର୍ଷ ବର୍ତ୍ତମାନ ସୁଧା ମାଲକାନାଗିରି ପୋଲିସ ୧୫,୯୫୯.୩ କେଜି ଗଞ୍ଜେଇ ସହ ଚାଲାଣରେ ବ୍ୟବହୃତ ୪୨ ଗାଡିକୁ ଜବତ କରିଛି। ୧୩୭ ଜଣ ଗଞ୍ଜେଇ ଚାଲାଣକାରୀଙ୍କୁ ଗିରଫ କରିଥିବାବେଳେ ୬୫ଟି ମାମଲା ରୁଜୁ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ୪୮ଜଣ ବାହାର ରାଜ୍ୟର। ସେହିପରି ୨୦୧୮ରେ ୧୭,୧୧୮ କେଜି ଗଞ୍ଜେଇ ଓ ୮୩ ଗାଡ଼ି ଜବତ କରାଯିବା ସହ ୧୭୯ଜଣ ଚାଲାଣକାରୀଙ୍କୁ ଗିରଫ କରାଯାଇଥିଲା। ଏମାନଙ୍କ ମଧ୍ୟରୁ ୮୯ଜଣ ରାଜ୍ୟ ବାହାରର ଜଣାପଡିଥିଲା। ବିଶେଷକରି ମାଥିଲ, ଓରକେଲ, କାଲିମେଳା, ମୋଟୁ, ଚିତ୍ରାକୋଣ୍ଡା ଥାନାଞ୍ଚଳରୁ ଏମାନଙ୍କୁ ଗିରଫ କରାଯାଇଥିବା ପୋଲିସ କହିଛି।

## ସୁରକ୍ଷା ଯୋଗାଉଛନ୍ତି ମାଓବାଦୀ

ମାଲିକାନଗିରି ଜିଲାରେ ଚାଲିଥିବା ଗଞ୍ଜେଇ ଚାଷରେ ମାଓବାଦୀଙ୍କ ହାତ ରହୁଥିବାବେଳେ ଆନ୍ତଃରାଜ୍ୟ ର୍‍ୟାକେଟ କାମ କରୁଛି। ସ୍ଥାନୀୟ ଓ ରାଜ୍ୟ ବାହାର ମାଫିଆଙ୍କୁ ହାତକରି ଜଙ୍ଗଲ ଭିତରେ ଗଞ୍ଜେଇ ଚାଷ କରୁଛନ୍ତି ମାଓବାଦୀ। ଗଞ୍ଜେଇ ଚାଷୀରୁ ବିପୁଳ ଅର୍ଥ ମିଳୁଥିବାରୁ ମାଓବାଦୀ ମାଫିଆ ଓ ଦଲାଲଙ୍କୁ ସୁରକ୍ଷା ତଥା ପ୍ରୋତ୍ସାହନ ଦେଉଛନ୍ତି। ମାଓବାଦୀଙ୍କ ନିକଟକୁ ଏହି ଦଲାଲଙ୍କ ସହାୟତାରେ ରାଜ୍ୟ ବାହାରୁ ଚୋରା ଅସ୍ତ୍ରଶସ୍ତ୍ର ଆସୁଛି। ଏପରିସ୍ଥଳେ ମାଓବାଦୀଙ୍କୁ ଦୁର୍ବଳ କରିବାକୁ ହେଲେ ଗଞ୍ଜେଇ ଚାଷ ଓ ଚାଲାଣକୁ ରୋକିବା ମାଲକାନାଗିରି ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ଗତବର୍ଷ ୪ଜଣ ଖବରଦାତାଙ୍କୁ ପୋଲିସ ଗିରଫ କରିବା ପରେ ଗଞ୍ଜେଇ ଚାଲାଣରେ ସ୍ଥାନୀୟ ଅଞ୍ଚଳର କେତେକ ମୁଷ୍ଟିମେୟ ବ୍ୟକ୍ତିଙ୍କ ହାତ ରହିଥିବା ଜଣାପଡ଼ିଛି।

TATA STEEL
TATA
RECRUITMENT OF
TRADE APPRENTICES (TA-2019)
**Domicile:** State of Jharkhand/Bihar/Odisha/West Bengal/Uttar Pradesh
**Eligibility (Qualification):** Matriculation or equivalent examination having passed in all subjects with minimum aggregate marks of 75% (60% for SC/ST candidates). Must have English, Science and Mathematics as subjects in Matriculation or equivalent examination (9.5 x CGPA= % Marks, if applicable)
**Age: For General Matriculate Candidates:** Should have been born between January 1, 2000 and January 1, 2004 (both days inclusive)
**For SC/ST Matriculate Candidates:** Should have been born between January 1, 1999 and January 1, 2004 (both days inclusive)
The application is open from **July 19 – August 5, 2019**
Fill the application and submit online. No hard copy to be submitted.
**How to apply:** Visit at **www.tatasteel.com/careers/work-with-us/tata-steel-india-careers**
**then click on Apply for Jobs/Internship**
**Online written assessment** is open from **17-27th August 2019** followed by Personal Interview and Medical examination subsequently.
Bilingual Online Assessment (In English & Hindi language only).
In case of any query or doubts, please contact us at 06576644232
Registered Office: Bombay House, 24, Homi Mody Street, Fort, Mumbai 400 001, India
Tel.: 022 66658282 Fax: 022 66657724
(CIN) – L27100MH1907PLC000260
Website: www.tatasteel.com

ଖେଳ ଭିତରେ ବି ଅତିରିକ୍ତ ହେଳାଭାବ ଭଲ ନୁହେଁ। ଜୀବନ ଓ କର୍ମସାଧନ ବେଳେ ମଧ୍ୟ ସେହିପରି ଅତିରିକ୍ତ ଗୁରୁଗାମ୍ଭୀର୍ଯ୍ୟ ଠିକ୍ ନୁହେଁ। ଉଭୟତ୍ର ହିଁ ଆମେ ଚାହୁଁ ଖେଳର ସ୍ୱଚ୍ଛନ୍ଦଲୀଳା ଓ ଶୃଙ୍ଖଳାର ମଧ୍ୟ ଗୁରୁତ୍ୱ ଓ ନିଷ୍ଠାପରତା। — ଶ୍ରୀଅରବିନ୍ଦ

# ମୁଦ୍ରା ରାକ୍ଷସ

ନରେନ୍ଦ୍ର ମୋଦି ସରକାର ୨୦୧୫ରେ ପାଣ୍ଠି ଅଭାବଜନିତ ସମସ୍ୟାରେ ପୀଡ଼ିତ ଉଦ୍ୟୋଗଗୁଡ଼ିକୁ ପାଣ୍ଠି ଯୋଗାଇବା ପାଇଁ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା (ପିଏମ୍ଏମ୍‌ୱାଇ) ଆରମ୍ଭ କରିଥିଲେ। ଏହି ଯୋଜନାର ଉଦ୍ଦେଶ୍ୟ ହେଲା ସଚ୍ଚା ଉଦ୍ୟୋଗଗୁଡ଼ିକର ବିକାଶରେ ପାଣ୍ଠିର ଅଭାବ ଯେପରି କୌଣସି ପ୍ରକାର ବାଧା ସୃଷ୍ଟି କରି ନ ପାରେ। ଏହି ଆନୁଷଙ୍ଗିକ ମୁକ୍ତ ଋଣ ମୁଖ୍ୟତଃ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏସ୍ଏମ୍ଇ)ଗୁଡ଼ିକ ପାଇଁ ଉଦ୍ଦିଷ୍ଟ ଥିଲା। ପ୍ରାରମ୍ଭିକ ଭାବେ ଏହି ମୁଦ୍ରା (ମାଇକ୍ରୋ ୟୁନିଟ୍‌ସ ଡେଭ୍‌ଲପ୍‌ମେଣ୍ଟ ଆଣ୍ଡ୍ ରିଫାଇନାନ୍ସ ଏଜେନ୍ସି) ଋଣ ୫୦,୦୦୦ ଟଙ୍କାରୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦିଆଯିବାର ବ୍ୟବସ୍ଥା ରହିଥିଲା। ତେବେ ସରକାର ଚଳିତବର୍ଷ ଉକ୍ତ ଉପର ସୀମାକୁ ୫୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। ଆନୁଷଙ୍ଗିକ ମୁକ୍ତ ଋଣ ଥିଲା ୨୦୧୯ ପାର୍ଲାମେଣ୍ଟ ନିର୍ବାଚନରେ ଭାଜପା ଇସ୍ତାହାରର ଅନ୍ୟତମ ପ୍ରମୁଖ ପ୍ରତିଶ୍ରୁତି। ମୁଦ୍ରା ହିତାଧିକାରୀଙ୍କ ସଂଖ୍ୟା ୧୯ କୋଟିରୁ ୩୦ କୋଟିକୁ ବୃଦ୍ଧି କରିବା ପାଇଁ କେନ୍ଦ୍ର ଏବେ ଉଦ୍ୟମରତ।

କ୍ଷୁଦ୍ର ଉଦ୍ୟୋଗଗୁଡ଼ିକୁ ସାହାଯ୍ୟର ହାତ ବଢ଼ାଇ ଅର୍ଥନୀତିକୁ ଆଗେଇନେବା ପାଇଁ କେନ୍ଦ୍ରର ଉଦ୍ୟମ ସ୍ୱାଗତଯୋଗ୍ୟ। କିନ୍ତୁ ତାହା ଆମ ଅର୍ଥନୀତିକୁ ଆଉ ଏକ ଖରାପ ଋଣର ଝଟ୍‌କା ଯଦି ଦିଏ, ତେବେ ତାହା ଅତ୍ୟନ୍ତ ସାଂଘାତିକ। ତେବେ ସେମିତି ହେବାର ସମ୍ଭାବନା ଏବେ ଉଜ୍ଜ୍ୱଳ ଦିଶିଲାଣି। ମୁଦ୍ରା ଋଣରୁ ହଠାତ୍ ଖରାପ ଋଣ ପରିସ୍ଥିତି ସୃଷ୍ଟି ହୋଇଥିବାର ଭାରତୀୟ ରିଜର୍ଭ ବ୍ୟାଙ୍କ ଜାଣିବାକୁ ପାଇଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ଏକ ବୈଠକରେ ଯୋଗଦେଇ ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ ମୁଦ୍ରା ଋଣଗୁଡ଼ିକ ଖରାପ ଋଣରେ ପରିଣତ ହେବାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଯେତିକି ମୁଦ୍ରା ଋଣ ଦିଆଯାଇଛି, ତା'ର ୯.୩ ପ୍ରତିଶତ ଅପରିଶୋଧ (ଏନ୍‌ପିଏ) ରହିଥିବା ଜଣାପଡ଼ିଛି। ପିଏମ୍ଏମ୍‌ୱାଇ ଅଧୀନରେ ୨୦୧୯ ଆର୍ଥିକ ବର୍ଷରେ ୩.୨୨ ଲକ୍ଷ କୋଟି ଟଙ୍କା ଋଣ ଦିଆଯାଇଥିବା ବେଳେ ଜୁଲାଇ ୨୦୧୯ ସୁଦ୍ଧା ମୁଦ୍ରା ଯୋଜନାରେ ୪୯,୨୧୬ କୋଟି ଟଙ୍କା ଦିଆଯାଇଛି। ମୁଦ୍ରା ଯୋଜନା ଲାଗୁହେବା ପରଠାରୁ ଏହା ଅଧୀନରେ ଖରାପ ଋଣ ପରିମାଣ ବୃଦ୍ଧି ପାଇଚାଲିଛି। ୨୦୧୬-୧୭ରେ ଖରାପ ଋଣ ପରିମାଣ ମୋଟ ଅଗ୍ରିମର ୪.୩୫ ପ୍ରତିଶତ ଥିବା ବେଳେ ୨୦୧୯ ଆର୍ଥିକ ବର୍ଷରେ ତାହା ବୃଦ୍ଧି ପାଇ ୯.୩ ପ୍ରତିଶତରେ ପହଞ୍ଚିଛି। ଯଦି ତୁରନ୍ତ କିଛି ସଂଶୋଧନୀ ବ୍ୟବସ୍ଥା ଗ୍ରହଣ କରା ନ ଯାଏ, ତେବେ ଏହା ୧୫ ପ୍ରତିଶତରୁ ଅଧିକ ବୃଦ୍ଧି ପାଇବାକୁ ବେଶି ଡେରି ଲାଗିବ ନାହିଁ।

## ଆଜିର ଅର୍ଥନୀତି

ମୁଦ୍ରାରେ ଖିଲାପୀଙ୍କ ସଂଖ୍ୟା ବୃଦ୍ଧି ପାଇଁ ଆର୍‌ବିଆଇ ବ୍ୟାଙ୍କଗୁଡ଼ିକ ଉପରେ ଦୋଷ ଦେଉଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ଋଣ ଦେବା ପୂର୍ବରୁ ତାହାର ଯଥେଷ୍ଟ ମୂଲ୍ୟାଙ୍କନ କରୁନାହାନ୍ତି ଏବଂ ସେହି ଋଣ ଠିକ୍ ବାଟରେ ଖର୍ଚ୍ଚ ହେଉଛି କି ନାହିଁ, ତାହା ଦେଖୁନାହାନ୍ତି ବୋଲି ଆର୍‌ବିଆଇ ଅଭିଯୋଗ କରିଛି। ଏହା ଠିକ୍ ନୁହେଁ। ମୁଦ୍ରା ଋଣ ପ୍ରଦାନ ବୃଦ୍ଧି କରିବା ଲାଗି କେନ୍ଦ୍ର ସରକାର ଓ ରିଜର୍ଭ ବ୍ୟାଙ୍କ ଗୁରୁତ୍ୱ ଦେଇଛନ୍ତି। ସେମାନେ ବ୍ୟାଙ୍କଗୁଡ଼ିକୁ ଅଧିକ ମୁଦ୍ରା ଋଣ ଦେବା ପାଇଁ ଟାର୍ଗେଟ ଦେଇଛନ୍ତି। ଯେତେବେଳେ ସରକାର ବ୍ୟାଙ୍କଗୁଡ଼ିକ ଉପରେ ଢିଲା ନୀତି ଅବଲମ୍ବନ ପାଇଁ ଚାପ ପକାଇଲେ, ସେତେବେଳେ ଆର୍‌ବିଆଇ ଚୁପ୍ ହୋଇ ବସିରହିଲା। ପୂର୍ବତନ ସେବି ଅଧ୍ୟକ୍ଷ ୟୁ.କେ. ସିହ୍ନାଙ୍କ ଅଧ୍ୟକ୍ଷତାରେ ଗଠିତ ପ୍ୟାନେଲ ଆନୁଷଙ୍ଗିକ ମୁକ୍ତ ଋଣର ସୀମା ୨୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି। ଯଦି ଏହି ପ୍ରସ୍ତାବକୁ ସରକାର ଗ୍ରହଣ କରନ୍ତି ତେବେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ଉପରେ ଅଧିକ ଚାପ ପଡ଼ିବ। ଅଧିକ ଋଣ ଟାର୍ଗେଟ ଦିଆଯାଇଥିବାରୁ ବ୍ୟାଙ୍କଗୁଡ଼ିକ ମୁଦ୍ରା ଋଣ ଦେବା ପାଇଁ କେବଳ ଟାକି ବସିଛନ୍ତି। ଖିଲାପୀ ଋଣୀମାନଙ୍କୁ ତାଗିଦ କରିବା ଓ ସେମାନେ ଟଙ୍କାକୁ ନେଇ କ'ଣ କରୁଛନ୍ତି, କାହିଁକି ଶୁଝୁନାହାନ୍ତି ସେ ବିଷୟରେ ତଦାରଖ କରିବା ପାଇଁ ବ୍ୟାଙ୍କଗୁଡ଼ିକ ପାଖରେ ଯଥେଷ୍ଟ କର୍ମଚାରୀ ନାହାନ୍ତି। ଥରେ ଋଣ ଦିଆଗଲା ପରେ ତାକୁ ଆଦାୟ କରିବା ପାଇଁ ବ୍ୟାଙ୍କଗୁଡ଼ିକ ପାଖରେ କିଛି ସାଧନ ନାହିଁ। ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଏବେ ସୁଦ୍ଧା ୧୦ ଲକ୍ଷ କୋଟି ଟଙ୍କାର ଅପରିଶୋଧ ଋଣ (ଏନ୍‌ପିଏ) ଭାର ସମ୍ଭାଳିବା ପାଇଁ ସଂଘର୍ଷ କରୁଛି। ବିନା ଗ୍ୟାରେଣ୍ଟିରେ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନୂଆ ଋଣ ଦିଆଯାଉଥିବାରୁ ଏବଂ ମାନ୍ଦା ଅର୍ଥନୀତି ଭିତରେ ଉଦ୍ୟୋଗୀମାନେ ଋଣ ପରିଶୋଧ କରିପାରୁ ନ ଥିବାରୁ ଏହା ବ୍ୟାଙ୍କଗୁଡ଼ିକର ଆର୍ଥିକ ସ୍ୱାସ୍ଥ୍ୟ ଉପରେ ଅତ୍ୟନ୍ତ କୁପ୍ରଭାବ ପକାଇବ। ବର୍ଷ ବର୍ଷ ଧରି କିଷାନ କ୍ରେଡିଟ କାର୍ଡ (କେସିସି) ଋଣ ପରିମାଣ ବୃଦ୍ଧି ପାଇଚାଲିଥିବା ବେଳେ ସେଗୁଡ଼ିକ ଅପରିଶୋଧ ରହୁଛି। ଚାଷୀମାନେ ବା ଉଦ୍ୟୋଗୀମାନେ ଋଣ ନେଇ ଠିକ୍ ବାଟରେ ଖର୍ଚ୍ଚ କରୁଛନ୍ତି କି ନା ବ୍ୟାଙ୍କଗୁଡ଼ିକ ତାହା ମନିଟର କରିପାରୁ ନ ଥିବାରୁ ଏନ୍‌ପିଏ ପରିମାଣ ବୃଦ୍ଧି ପାଉଛି ବୋଲି ବ୍ୟାଙ୍କଗୁଡ଼ିକ ଦର୍ଶାଉଛନ୍ତି। ଅଧିକାଂଶ କୃଷି ଋଣ ଓ ଆନୁଷଙ୍ଗିକ ମୁକ୍ତ ଋଣକୁ ଖାଉଟି ସାମଗ୍ରୀ କ୍ରୟ କରିବାରେ ଖର୍ଚ୍ଚ କରାଯାଉଥିବା ଜଣାପଡ଼ିଛି। ଆନୁଷଙ୍ଗିକ ମୁକ୍ତ ଋଣର ଉଦ୍ଦେଶ୍ୟ ଯେତେ ମହତ୍ ହେଉ ନା କାହିଁକି, ତାହା ଠିକ୍‌ଭାବେ ଖର୍ଚ୍ଚ ହେଉଛି କି ନା ତାହା ଯଦି ମନିଟର କରିବାର ବ୍ୟବସ୍ଥା ନ ରହେ, ତେବେ ସରକାରଙ୍କର ଏହି ମୁଦ୍ରା ଯୋଜନା ଏକ ମୁଦ୍ରା ରାକ୍ଷସରେ ପରିଣତ ହୋଇ ଅର୍ଥନୀତି ପ୍ରତି ବିପଦର କାରଣ ହେବ, ଏଥିରେ ସନ୍ଦେହ ନାହିଁ।

## ୨୫ ବର୍ଷ ତଳର ଧରିତ୍ରୀ

୨୬ ଜୁଲାଇ ୧୯୯୪

- ଉତ୍ତର ଆୟର୍ଲାଣ୍ଡରେ ଶାନ୍ତି ସ୍ଥାପନ କରିବା ଉଦ୍ଦେଶ୍ୟରେ ବ୍ରିଟେନ ଓ ଆୟର୍ଲାଣ୍ଡ ପକ୍ଷରୁ ପ୍ରସ୍ତୁତ ଶାନ୍ତି ଯୋଜନାକୁ ଆଇ.ଆର.ଏ.ର ରାଜନୈତିକ ଗୋଷ୍ଠୀ ସିଁନ୍‌ଫେନ୍‌ର ପ୍ରତ୍ୟାଖ୍ୟାନ।
- ବିହାରର ଲାଲୁ ପ୍ରସାଦ ଯାଦବଙ୍କ ୪ ବର୍ଷିଆ ପୁରାତନ ସରକାରଙ୍କ ବିରୋଧରେ ରାଜ୍ୟ ବିଧାନସଭାରେ ଆଗତ ଅନାସ୍ଥା ପ୍ରସ୍ତାବ କାଟଖାଇଲା।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | | | | C | 7 | | 4 | | |
| E | 5 | | | | | | | | | | | 1 | | |
| | | | 3 | | | | | 1 | E | | A | | B | 0 |
| 7 | | | 5 | | A | | | | | 6 | D | | E | |
| 8 | | | | 1 | 9 | | 0 | C | | | | D | | |
| | | | 1 | 0 | | B | 3 | | | E | 9 | | | |
| | E | | | | C | 6 | | | | 1 | | 0 | A | 7 |
| | | | 2 | | | | | | | | 5 | C | | 9 |
| A | | | 6 | | 8 | | 1 | | D | | | | | |
| | | 9 | | 4 | | | | | 7 | C | | E | 8 | |
| 4 | | 8 | | | | | | B | | 3 | | | | 6 |
| 6 | | | | | 4 | E | 2 | 0 | | A | | | | B |
| | | | A | | | | 9 | | 6 | | | | | 2 |
| | | 5 | | 8 | 1 | 7 | | | | | 4 | B | | |
| 0 | 2 | | B | | | | D | | | | E | 5 | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | 5 | 4 | 8 | 2 | 1 | 7 | B | 0 | 6 | C | A | D | 3 | E |
| 8 | 1 | 0 | 3 | D | B | E | C | 6 | 4 | 7 | 5 | 9 | A | 2 |
| B | 3 | C | 0 | E | A | 5 | 4 | 2 | 9 | 8 | D | 1 | 7 | 6 |
| 2 | D | 6 | 7 | 5 | 4 | 9 | A | 8 | 3 | 1 | E | C | 0 | B |
| A | E | 7 | C | 9 | 6 | D | 3 | 1 | 2 | 0 | B | 5 | 8 | 4 |
| 5 | 2 | 8 | A | B | C | 4 | 6 | D | 0 | E | 7 | 3 | 1 | 9 |
| 4 | C | 3 | E | 0 | 7 | 1 | 9 | B | D | 5 | 8 | 6 | 2 | A |
| D | 6 | 1 | 2 | 3 | 9 | 0 | 7 | 5 | A | B | 4 | E | C | 8 |
| 0 | 9 | A | D | 6 | 5 | C | 8 | E | 1 | 3 | 2 | B | 4 | 7 |
| E | 7 | B | 4 | 1 | 8 | 3 | 2 | A | C | 6 | 9 | 0 | D | 5 |
| 7 | 4 | D | B | 8 | 3 | 6 | 1 | 9 | 5 | 2 | 0 | A | E | C |
| 3 | B | 5 | 9 | C | 2 | 8 | D | 4 | E | A | 1 | 7 | 6 | 0 |
| 1 | A | 9 | 6 | 4 | 0 | B | E | 7 | 8 | D | C | 2 | 5 | 3 |
| C | 8 | E | 5 | A | D | 2 | 0 | 3 | 7 | 9 | 6 | 4 | B | 1 |
| 6 | 0 | 2 | 1 | 7 | E | A | 5 | C | B | 4 | 3 | 8 | 9 | D |

ଗତକାଲିର ଉତ୍ତର

# ସଙ୍କଟରେ ସଂସ୍କୃତି



ଡ. ପ୍ରଫୁଲ୍ଲ କୁମାର ସାହୁ

ସଂସ୍କୃତିର ସଂଜ୍ଞା ଓ ପରିସର ଦିଗ୍‌ବଳୟ ପରି ବ୍ୟାପକ ଓ ବିସ୍ତୃତ। ଦିଗ୍‌ବଳୟକୁ ଯେମିତି ଦେଖିହୁଏ କିନ୍ତୁ ଛୁଇଁ ହୁଏନି, ସେମିତି ସଂସ୍କୃତିକୁ ବୁଝିହୁଏ, କିନ୍ତୁ ପ୍ରକାଶ କରି ହୁଏନି ତା'ର ନିର୍ଦ୍ଦିଷ୍ଟ ସଂଜ୍ଞା ଓ ପରିସର। ତେବେ ଏହାର ବ୍ୟାଖ୍ୟା କରିବାକୁ ଯାଇ ବିଦ୍ୱାନ୍‌ମାନେ କହନ୍ତି- ମାନବୀୟ ବିଚାରବୋଧରୁ ବିକଶିତ ସାମାଜିକ ଜୀବନଧାରା ହିଁ ସଂସ୍କୃତି। ରୀତିନୀତି, ଧର୍ମ କର୍ମ, ପର୍ବପର୍ବାଣି, ବିଧିବିଧାନ, ପୋଷାକପରିଚ୍ଛଦ, ଖାଦ୍ୟପେୟ ଇତ୍ୟାଦି ତା'ର ଅଙ୍ଗୀଭୂତ ବିଷୟ। ପ୍ରତ୍ୟେକ ଦେଶର ପରିବେଶ ଓ ପରିସ୍ଥିତି ଅନୁଯାୟୀ ପ୍ରତିଷ୍ଠା ଲଭେ ସେଠାକାର ସାମାଜିକ ଚଳଣି। ତେଣୁ ସ୍ଥାନୀୟ ଜୀବନଧାରାକୁ ନେଇ ଦେଶ ଦେଶ ଭିତରେ ଥାଏ ସଂସ୍କୃତିରେ ଅନେକ ଫରକ।

ସଂସ୍କୃତି କୌଣସି ପାଠାଗାରରେ ସଂରକ୍ଷିତ ହୋଇ ରହିଥିବା ପେଡ଼ିସାଇତା ପାଟ ଲୁଗା ନୁହେଁ, ବରଂ ଏହା ନିତି ପିନ୍ଧା ଲୁଗାପରି ସାଧାରଣ ଓ ଅକୃତ୍ରିମ। ଅର୍ଥାତ୍ ଏହା ଏକ ଅପରିବର୍ତ୍ତନୀୟ ପ୍ରକ୍ରିୟା ନୁହେଁ, ବରଂ ପରିବର୍ତ୍ତନଶୀଳ। ମାତ୍ର ଅନ୍ୟ କୌଣସି ବାହାର ସଂସ୍କୃତି ଭାରି ପଡ଼ିବା କାରଣରୁ ଯଦି ତାକୁ ବଳପୂର୍ବକ ବଦଳାଇବାକୁ ଚେଷ୍ଟା କରାଯାଏ, ତେବେ ଭାଙ୍ଗିତୁଟି ଯାଏ ସଂସ୍କୃତିର ମୌଳିକତା। ବିଳାପ କରି ଉଠେ ତା'ର ଅବକ୍ଷୟୀ ଆତ୍ମା।

ଭାରତୀୟ ଜୀବନଧାରାରେ ସଂସ୍କୃତି ସହିତ ଆଗପଛ ହୋଇ ଆଉ ଦୁଇଟି କଥା ଯୋଡ଼ିହୋଇ ରହିଛି, ଗୋଟିଏ ଧର୍ମ ଓ ଅନ୍ୟଟି ପରମ୍ପରା। ଧର୍ମ ଆମ ସଂସ୍କୃତିର ମୂଳ ଉତ୍ସ। ଏଠାରେ ତା'ର ପ୍ରତିରୂପ ହେଉଛି ଆଧ୍ୟାତ୍ମିକତା। ଆଧ୍ୟାତ୍ମିକତା ପ୍ରତି ଥିବା ଶ୍ରଦ୍ଧାଶୀଳ ମନୋଭାବରୁ ଉନ୍ମେଷ ଆଚାରବୋଧ ହିଁ ସଂସ୍କୃତି ଏବଂ ତା'ର ପ୍ରବହମାନତାକୁ କୁହାଯାଏ ପରମ୍ପରା। ଭାରତୀୟ ସଂସ୍କୃତି ବୈଦିକ ସଂସ୍କୃତି ଓ ଲୋକସଂସ୍କୃତିର ଏକ ସମନ୍ୱିତ ରୂପ। ବୈଦିକ ସଂସ୍କୃତିର ଦିବ୍ୟ ସନ୍ଦେଶ ହେଉଛି ନୀତିପୂର୍ଣ୍ଣ ଜୀବନଯାପନ ବା ସତ୍ୟର ଶ୍ରଦ୍ଧାଶୀଳ ଅନୁଶୀଳନ। ତେଣୁ 'ସତ୍ୟମେବ ଜୟତେ' ଭାରତବର୍ଷର ଜୟଘୋଷ। ସେହି ଉଦ୍‌ଘୋଷଣା ପାଇଁ ଆମ ଜାତୀୟ ପ୍ରତୀକ ଅଶୋକଚକ୍ରରେ ଲେଖାଯାଇଛି 'ସତ୍ୟମେବ ଜୟତେ'। ମାତ୍ର ବିଡ଼ମ୍ବନାର ବିଷୟ ଏବେ ଅସତ୍ୟ ଉପରେ ଅଧିକ ଆସ୍ଥା ସ୍ଥାପନ କରିଛି ଆମ ଜାତୀୟ ଜୀବନ। ସବୁଠି ଅନ୍ୟାୟ ଓ ଅସତ୍ୟର ରାଜୁତି। ଆମ ନେତାମାନେ କିଭଳି ସତ୍ୟ ପାଠକରି ଅସତ୍ୟ ତଥ୍ୟ ପ୍ରଦାନ କରନ୍ତି ତାହା ଏଠାରେ ବୁଝାଇ କହିବା ନିଷ୍ପ୍ରୟୋଜନ। ବସୁଧୈବ କୁଟୁମ୍ବକମ୍ ଭାବନା ଭାରତୀୟ ସଂସ୍କୃତିର ଆତ୍ମିକ ସନନ୍ଦ। ବିଭିନ୍ନତା ମଧ୍ୟରେ ଏକତା ବା ସହାବସ୍ଥାନ କୌଶଳ ତା'ର ବିଶେଷତ୍ୱ। ମାତ୍ର ଏବେ ଏଠି ଉଦାରତା ଓ ମାନବତାର ସ୍ଥାନ ନେଲାଣି ହିଂସା, ଦ୍ୱେଷ ଓ ପରଶ୍ରୀକାତରତା। ଚାରିଆଡ଼େ ଛାଇଗଲାଣି ଅସହିଷ୍ଣୁତାର ବାତାବରଣ।

ପଲ୍ଲୀ ଜୀବନବୋଧକୁ ଆଧାରକରି ଗଢ଼ି ଉଠିଥିବା ରୀତିନୀତି, ଆଚାର ବିଚାର , କଳାସାହିତ୍ୟ ଓ ସଙ୍ଗୀତ ଦ୍ୱାରା ପରିପୁଷ୍ଟ ହୋଇଛି ଭାରତୀୟ ସଂସ୍କୃତି ଓ ପରମ୍ପରା। ସେଥିପାଇଁ କୁହାଯାଏ ଗ୍ରାମ୍ୟ ଜୀବନଧାରାରେ ରହିଛି ଭାରତୀୟ ସଂସ୍କୃତିର ଆତ୍ମା। ଅଥଚ ଏକ ଛିନ୍ନମୂଳ ସହରୀ ସଭ୍ୟତାର ପ୍ରଭାବରେ ଦୋହଲିଗଲାଣି ପଲ୍ଲୀ ମଣିଷର ବଦ୍ଧମୂଳ ବିଶ୍ୱାସ। ଚୁଲିକୁ ଗଲାଣି ତା'ର ଆଚାର ଓ ବିଚାର। ଆଗେ ଶିଶୁଟିଏ ଜନ୍ମ ହେଲେ ନୂତନ ଅତିଥିଙ୍କୁ ସ୍ୱାଗତ କରିବା ପାଇଁ ଷଷ୍ଠିପୂଜା, ଏକୋଇଶିଆ ପୂଜା, ସତ୍ୟନାରାୟଣ ପାଲା ଓ ଜାତକର୍ମ ଆଦି ଷୋଡ଼ଶ କର୍ମ କରାଯାଉଥିଲା ବିଧି ଅନୁସାରେ। ଏବେ ସେସବୁ ଆଉ ନାହିଁ କହିଲେ ଚଳେ। କେବଳ ଜନ୍ମଦିନରେ କେକ୍ କଟାଯାଉଛି ଏବଂ ନାଚଗୀତର ଆସର ଜମୁଛି ହୋଟେଲରେ। ଶୁଭକର୍ମରେ ଆଉ ଶୁଭୁନି କାହାଳି ଓ ହୁଳହୁଳି। ବାହାଘର ପୂର୍ବରୁ ଆବଶ୍ୟକ ହେଉନି କୋଷ୍ଠି ମେଳକ। ବୈଦିକ ବିବାହ ପରମ୍ପରାରୁ ଛିଟିକି ଆସି ଦାମ୍ପତ୍ୟ ସମ୍ପର୍କ ପହଞ୍ଚିଲାଣି ରେଜେଷ୍ଟ୍ରି ବିବାହ, କଣ୍ଟ୍ରାକ୍ଟ ବିବାହ ଓ ଶେଷରେ ଲିଭ୍-ଇନ୍-ରିଲେଶନ ପାଖରେ। ବରଯାତ୍ରୀ ଏବେ ବାରାତ୍। କେହି କାହାରିକୁ ପରଷିବାର ନାହିଁ ପ୍ରଚଳିତ ବଫେ ବ୍ୟବସ୍ଥାରେ।

ଏକାନ୍ନବର୍ତ୍ତୀ ପରିବାର ଥିଲା ଆମ ସଂସ୍କୃତିର ଏକ ବିଶେଷତ୍ୱ। ବାପା, ମାଆ, ଦାଦା, ଖୁଡ଼ୀ, ବଡ଼ବାପା, ବଡ଼ମାଆ, ଜେଜେବାପା, ଜେଜେମା' ଓ ଗୋଟେ ସାନବଡ଼ ପୁଅଝିଅଙ୍କୁ ନେଇ ଉଚ୍ଛୁଳି ଉଠୁଥିଲା ଘର। ଆତ୍ମକୈନ୍ଦ୍ରିକ ଭାବନା ଯୋଗୁ ଭାଙ୍ଗିପଡ଼ିଛି ସେ ପାରିବାରିକ ସମ୍ପର୍କ। ବାହାଘର ସରିଗଲା ପରେ ଭାଇଠାରୁ ଭାଇ ଭିନେ। ବାପଠାରୁ ପୁଅ ଅଲଗା। ପର ଲାଗିଲା କ୍ଷଣି ପିଲାମାନେ ଆପଣେଇ ନେଉଛନ୍ତି ସହରୀ ଜୀବନ। ସହରରେ ରହି ସେମାନେ ଭୁଲିଯାଉଛନ୍ତି ଭିଟାମାଟିର ମୋହ। ଗାଁରେ ଅସହାୟ ଅବସ୍ଥାରେ ପଡ଼ିରହିଥିବା ବୁଢ଼ା ବାପାମାଆଙ୍କ ଭଲମନ୍ଦ ବୁଝିବା ତ ଦୂରର କଥା, ଶେଷ ବେଳେ ତାଙ୍କ ମୁହଁରେ ପାଣି ଟୋପେ ଦେବାକୁ ବି ପହଞ୍ଚି ପାରୁନାହାନ୍ତି ଅନେକ ଉଚ୍ଚଶିକ୍ଷିତ ସନ୍ତାନ। ତେଣୁ ଯେଉଁ ଘର ଅଗଣାରେ ଦିନେ ଫାଟି ପଡୁଥିଲା ଖୁସିର ଲହରି, ହସର ଢେଉ, ସେଠାରେ ଏବେ କେବଳ ଉତ୍ପୀଡ଼କ ନିଃସଙ୍ଗତା।

ଆମ ସାମାଜିକ ଜୀବନଧାରା ସହିତ ଯୋଡ଼ିହୋଇ ରହିଥିଲା ବାରମାସରେ ତେର ପର୍ବ। କେତେବେଳେ ଆଧ୍ୟାତ୍ମିକ ପର୍ବ ତ କେତେବେଳେ କୃଷିଭିତ୍ତିକ ପର୍ବକୁ ନେଇ ଫାଟି ପଡୁଥିଲା ଗାଁ ଦାଣ୍ଡ। ବର୍ତ୍ତମାନର ଯୁବପିଢ଼ି ସେସବୁ ଉତ୍ସବ ପ୍ରତି ଆଗ୍ରହ ପ୍ରକାଶ କରିବା ତ ଦୂରର କଥା, ସେମାନେ କହିପାରିବେନି ଅକ୍ଷୟତୃତୀୟା କେବେ ପାଳନ କରାଯାଏ ବା ଶୀଳତଷଷ୍ଠୀର ମହାତ୍ମ୍ୟ କ'ଣ? ସେମାନେ ଏସବୁ ବଦଳରେ କେବଳ ଧୁମ୍‌ଧାମ୍‌ରେ ପାଳନ କରୁଛନ୍ତି ଇଂରାଜୀ ନୂଆବର୍ଷ, ଭାଲେଣ୍ଟାଇନ୍ ଡେ ଏବଂ ନିଜର ବାର୍ଥ ଡେ ପାର୍ଟି ଇତ୍ୟାଦି। ରଜ ଓ ପ୍ରଥମାଷ୍ଟମୀ ଭଳି ଅଳ୍ପ କେତୋଟି ପର୍ବ ଗ୍ରାମାଞ୍ଚଳରେ ପାଳନ ହେଉଛି ସତ, ହେଲେ ଆଗଭଳି ଆଉ ଘରଦ୍ୱାର ମହକି ଉଠୁନି ମାଟିହାଣ୍ଡି ପୋଡ଼ପିଠାର ଭୁରୁ ଭୁରୁ ବାସ୍ନାରେ। ମାଆମାନେ ସବୁ ମମିରେ ରୂପାନ୍ତରିତ ହୋଇଗଲା ପରେ ମାଟିହାଣ୍ଡି ଓ ମାଟିଚୁଲି ଆଉ ଦରକାର ହେଲାନି କି ସେମାନେ ଗଢ଼ି ଶିଖିଲେନି ଆରିସା, କାକରା, ମଣ୍ଡା। ତେଣୁ ପିଲାମାନେ ତା'ର ସ୍ୱାଦ ଜାଣିବେ କେଉଁଠୁ? ସାଧାରଣତଃ ଗୋଟିଏ ଅଞ୍ଚଳର ପରିବେଶ ଉପରେ ନିର୍ଭର କରେ ସେ ଅଞ୍ଚଳର ଖାଦ୍ୟ ପ୍ରସ୍ତୁତ ପ୍ରଣାଳୀ। ଶହ ଶହ ବର୍ଷର ପରୀକ୍ଷା ନିରୀକ୍ଷା ପରେ ପ୍ରତିଷ୍ଠା ଲାଭକରେ ସେଠାକାର ଖାଦ୍ୟ ପରମ୍ପରା। ସେହି ଅନୁସାରେ ଆମ ପିଲାଦିନେ ସକାଳର ଆହାର ଥିଲା ପଖାଳ ଭାତ କିମ୍ବା ଚୁଡ଼ା, ମୁଢ଼ି ଆଦି ସ୍ଥାନୀୟ ଜଳଖିଆ। ମାତ୍ର ଆମ ପରିବର୍ତ୍ତିତ ଜୀବନଶୈଳୀ ଓ ଖାଦ୍ୟରୁଚିରେ ତା'ର ସ୍ଥାନ ନେଲାଣି ବ୍ରେଡ୍, ବଟର, ଆମ୍‌ଲେଟ୍, ପିଜା, ବର୍ଗର କିମ୍ବା ଅନ୍ୟକିଛି। ଏକଦା ଭାରତୀୟ ନାରୀର ପରିଧାନ ଥିଲା ଶାଢ଼ି, ଯେଉଁ ପରିଧାନ ରୁଚି ପାଇଁ ସେ ଅର୍ଜିଥିଲା ବିଶ୍ୱପ୍ରସିଦ୍ଧି। ଏବେ କେବଳ ତା'ର ସେ ପରିଧାନ ରୁଚି ବଦଳି ନାହିଁ, ତା'ର ପୋଷାକୀ ଅଶ୍ଳୀଳତା କଥା ଭାବିଲେ ମନେହେଉଛି ପଶ୍ଚିମା ସଂସ୍କୃତିକୁ ଅନୁକରଣ କରି ସେ ହରେଇ ବସିଲାଣି ତା'ର ସ୍ୱଭାବ ଓ ତତ୍‌ସୁଲଭ ସଂଭ୍ରମତା।

ଏବେ ଗାଁ ହେଉ କି ସହର ଯେଉଁଠି ସାଂସ୍କୃତିକ ଉତ୍ସବଟିଏ ପାଳନ କରାଯାଉଛି, ସେଠାରେ ଦ୍ୱ୍ୟର୍ଥବୋଧକ ଆଧୁନିକ ଗୀତକୁ ନେଇ କାନଫଟା ଗର୍ଜନ କରୁଛି ମାଇକ୍। କମି କମି ଯାଉଛି ଭକ୍ତି ଗୀତର ଆଦର। ଭଜନ ବି ଆଉ ଲାଗୁନି ଭଜନ ପରି। ସଙ୍ଗୀତ ଦୁନିଆରେ ମୃଦଙ୍ଗ, ତାଳ, ଗିନି ଓ ହାରମୋନିୟମ୍‌ର ସ୍ଥାନ ନେଲାଣି ଟ୍ରାଙ୍ଗେ, ବାଙ୍ଗୋ ଓ ଏକଡ଼ିଆନ୍ ଇତ୍ୟାଦି। ସେ ସଙ୍ଗୀତରେ ନା ଅଛି ଆବେଗ ନା ଜୀବନ। ଆମ ଜୀବନକୁ ଶ୍ରୀମୟ କରେ ସଙ୍ଗୀତ। ବଂଶୀ ବା ସାହାନାଇରୁ ବାହାରୁଥିବା ସଙ୍ଗୀତକୁ ଦେଖିହୁଏ ନାହିଁ କି ଛୁଇଁହୁଏ ନାହିଁ ସତ, ହେଲେ ଶୂନ୍ୟରେ ସେ ଯେଉଁ ପ୍ରବାହ ସୃଷ୍ଟି କରେ ତାକୁ ଅନୁଭବ କରିପାରେ ମଣିଷ। ସେ ପ୍ରବାହରେ ଥାଏ ମଣିଷ ଅନ୍ତରକୁ ସୂକ୍ଷ୍ମ ଓ କୋମଳ କରି ଗଢ଼ିତୋଳିବାର ଅଦୃଶ୍ୟ ଶକ୍ତି। ମୁହୂର୍ତ୍ତକ ପାଇଁ ହେଲେ ବି ଆମକୁ ନେଇ ଭଗବାନଙ୍କ ପାଖରେ ପହଞ୍ଚେଇ ଦିଏ ମୀରାବାଈ କିମ୍ବା ଅନୁପ ଜଲୋଟାଙ୍କ ଭଜନ। ଏବେ କେଉଁଠି ବି ଦେଖିବାକୁ ମିଳୁନି ସେହି ଉଚ୍ଚାଙ୍ଗ ସଙ୍ଗୀତର ଗୁରୁଗମ୍ଭୀର ପରିବେଶ। ସବୁଠି ଲୋକଙ୍କ ଉପରେ ଲଦିଦିଆଯାଉଛି ସଂସ୍କୃତି-ବିବର୍ଜିତ ନୃତ୍ୟଗୀତର ଧମାକା। ଧୀରେ ଧୀରେ ଆଦର ହରାଉଛି ବାଳକୃଷ୍ଣ ଦାସ ଓ ଭିକାରୀ ବଳଙ୍କ ପରି ସଙ୍ଗୀତ ଶିଳ୍ପୀଙ୍କ କାଳଜୟୀ ଭଜନ ଓ ଜଣାଣ। ଆମର ଏହି ପରମୁଖାପେକ୍ଷିତା ପାଇଁ ଏ ଯାବତ୍ ଓଡ଼ିଶୀ ସଙ୍ଗୀତକୁ ମିଳୁନି ଶାସ୍ତ୍ରୀୟ ସଙ୍ଗୀତର ମାନ୍ୟତା। ବସ୍ତୁତଃ କବି, ଲେଖକ ଓ ସଙ୍ଗୀତ ଶିଳ୍ପୀମାନେ ଯଦି ଗଣରୁଚି ଆଗରେ ସ୍ୱାଭିମାନକୁ ବଳିଦେଇ ଲାଭକ୍ଷତିର ହିସାବ ଯୋଡ଼ିବେ, ତେବେ କେବେ ବି ସୃଷ୍ଟିହୋଇ ପାରିବନି ଉଚ୍ଚାଙ୍ଗ ସାହିତ୍ୟ ଓ ସଙ୍ଗୀତ।

ଏହି ପରିପ୍ରେକ୍ଷୀରେ ଆମେ ମନେରଖିବା ଉଚିତ ସଂସ୍କୃତି ଗୋଟିଏ ଜାତିର ଜୀବନନାଟିକା, ମୌଳିକ ମୂଲ୍ୟବୋଧ ଅନୁପ୍ରେରିତ ଜୀବନଶୈଳୀ। ସାମାଜିକ ବିକାଶ ନିମନ୍ତେ ସଂସ୍କୃତିକୁ ମାଜିମୁଜି ଚିକ୍କଣ କରାଯାଇପାରେ, ମାତ୍ର ତାକୁ ସମ୍ପୂର୍ଣ୍ଣ ଅବଜ୍ଞା କରି ଅନ୍ୟ କେଉଁ ସଂସ୍କୃତିକୁ ଅନୁକରଣ କରିବା ଅର୍ଥ ଏକ ତ୍ରୁଟିପୂର୍ଣ୍ଣ ବିଚାରଧାରାକୁ ଆପଣେଇ ନେବା, ଯେଉଁ ବିଚାରଧାରାକୁ ଆପଣାଇ ଧ୍ୱଂସ ପାଇ ଯାଇଥିଲା ସ୍ୱର୍ଣ୍ଣ ଲଙ୍କା।

ବିଜୁ ପଟ୍ଟନାୟକ ନଗର, ଭଦ୍ରକ,
ମୋ-୯୪୩୮୪୫୦୮

# ନୋତ୍ର ଦେମ୍‌ଙ୍କ ପାଇଁ ପ୍ରେମ



ଦେବଦତ୍ତ ପଟ୍ଟନାୟକ

ନୋତ୍ର ଦେମ୍ (notre dame) ମାନେ ଫ୍ରେଞ୍ଚ ଭାଷାରେ ଆୱାର ଲେଡି ବା ମଦର ମେରୀ। ପ୍ୟାରିସ୍‌ର ଚର୍ଚ୍ଚଗୁଡ଼ିକରେ ଏହି ଲୋକପ୍ରିୟ ନାମଟି ପ୍ରଭୁ ଯିଶୁଙ୍କ ମାଆ ମେରୀଙ୍କୁ ବୁଝାଏ। ମଧ୍ୟଯୁଗୀୟ ୟୁରୋପ ଇତିହାସରେ କ୍ୟାଥୋଲିକ୍ ସମ୍ପ୍ରଦାୟରେ ମା' ମେରୀଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

ବାଇବେଲର ନୂତନ ନିୟମରେ ଅଛି- ବିବାହ ପୂର୍ବରୁ ମେରୀଙ୍କୁ କୁହାଯାଇଥିଲା ଯେ, ସେ ଈଶ୍ୱରଙ୍କ ଦ୍ୱାରା ବଛାଯାଇଛନ୍ତି ଏବଂ ତାଙ୍କ ଗର୍ଭରୁ ଈଶ୍ୱରପୁତ୍ର ଏ ପୃଥିବୀରେ ଜନ୍ମଗ୍ରହଣ କରିବେ। କୁମାରୀ ହୋଇଥିଲେ ମଧ୍ୟ ସେ ଗର୍ଭଧାରଣ କଲେ ଏବଂ ପ୍ରଭୁ ଯିଶୁଙ୍କୁ ଜନ୍ମଦେଲେ। କୁମାରୀ ମାତୃତ୍ୱ ଚିନ୍ତାଧାରା ହେଉଛି ଖ୍ରୀଷ୍ଟଧର୍ମରେ ଅତି ମହତ୍ତ୍ୱପୂର୍ଣ୍ଣ। ଏହା ପ୍ରଭୁ ଯିଶୁଙ୍କୁ ଖ୍ରୀଷ୍ଟ ଭାବରେ ପ୍ରତିଷ୍ଠିତ କରେ, ଯେ କି ମାନବସମାଜକୁ ଆଲୋକିତ କରିବା ପାଇଁ ଈଶ୍ୱରଙ୍କ ଦ୍ୱାରା ବଛାଯାଇଥିବା ମଣିଷ ଏବଂ ଯିଏ ମଣିଷର ପାପକ୍ଷମା ପାଇଁ ଆବିର୍ଭୂତ ହୋଇଛନ୍ତି। ଅନେକ ପଣ୍ଡିତ ଯିଶୁଙ୍କୁ ଏ ପୃଥିବୀରେ ୨୦୦୦ ବର୍ଷ ତଳେ ଆତଯାତ ହେଉଥିବା ଜଣେ ଐତିହାସିକ ମଣିଷ ଭାବେ ଅଭିହିତ କରୁଥିବା ବେଳେ ସେ ଜଣେ କୁମାରୀଠାରୁ ଜନ୍ମଲାଭ କରିଥିବାର କିମ୍ବଦନ୍ତୀ ବା ଲୋକକଥାକୁ ନେଇ ଖ୍ରୀଷ୍ଟିଆନ ଜଗତରେ ସେ ଲୋକପ୍ରିୟ। କୁମାରୀଠାରୁ ଜନ୍ମଲାଭ କରିବାର ଚିନ୍ତାଧାରା ଇସଲାମୀୟ ପରମ୍ପରାରେ ମଧ୍ୟ ରହିଛି।

ପ୍ରାୟ ଦେଢ଼ହଜାର ବର୍ଷ ତଳେ ରୋମ୍ ସାମ୍ରାଜ୍ୟ ଖ୍ରୀଷ୍ଟବାଦକୁ ନିଜର ସରକାରୀ ଧର୍ମ ଭାବେ ଗ୍ରହଣ କରିନେଲା। ଏହାଦ୍ୱାରା ଜନସମାଜକୁ ଏକସୂତ୍ରରେ ଗୁନ୍ଥାଯାଇପାରିବ ବୋଲି ସେମାନଙ୍କର ବିଶ୍ୱାସ ଥିଲା। ତା'ପରେ ପରେ ଆଉ ଏକ ଚିନ୍ତାଧାରା ଜାଗ୍ରତ ହେଲା ଯେ ଯିଶୁଙ୍କ ପରି ମେରୀଙ୍କୁ ମଧ୍ୟ ସମ୍ମାନ ଦିଆଯିବା ଉଚିତ, କାରଣ ସେ ଜଣେ ସାଧାରଣ ନାରୀ ନୁହନ୍ତି, ସେ ହେଉଛନ୍ତି ଈଶ୍ୱରଙ୍କ ଜନନୀ। ମା' ମେରୀଙ୍କ ଉପାସନା ହଉଛି ମୂଳତଃ କ୍ୟାଥୋଲିକ୍ ସମ୍ପ୍ରଦାୟର ପରମ୍ପରା। ଏହାର ୫୦୦ ବର୍ଷ ପରେ ସୃଷ୍ଟି ହୋଇଥିବା ପ୍ରୋଟେଷ୍ଟାଣ୍ଟ ସମ୍ପ୍ରଦାୟ ଏହାକୁ ମାନନ୍ତି ନାହିଁ। ସେମାନେ ଈଶ୍ୱର ଓ ପ୍ରଭୁ ଯିଶୁଙ୍କ ଉପାସନା ଉପରେ ଗୁରୁତ୍ୱ ଦିଅନ୍ତି। କାରଣ ସେମାନଙ୍କ ଯୁକ୍ତି ଅନୁସାରେ କୁମାରୀ ମାଆଙ୍କ ଉପାସନା କରିବା ବିଷୟରେ ବାଇବେଲରେ କିଛି ଉଲ୍ଲେଖ ନାହିଁ। ଏହା ମିଶରୀୟ ଦେବୀ ଆଇସିସ୍ ଓ ତାଙ୍କ ପୁତ୍ର ହୋରସ୍‌ଙ୍କ ପୂଜା କରିବା ପରମ୍ପରାରୁ ଆସିଛି।

ପ୍ରାୟ ହଜାରେ ବର୍ଷ ତଳେ ଯେତେବେଳେ ଜେରୁଜେଲମ୍‌ର ପବିତ୍ର ଭୂମିକୁ ନିଜ କବ୍‌ଜାକୁ ଆଣିବା ପାଇଁ ଖ୍ରୀଷ୍ଟିଆନ୍ ଓ ଇସ୍‌ଲାମୀ ସମ୍ପ୍ରଦାୟ ଭିତରେ ଧର୍ମଯୁଦ୍ଧ ଚାଲିଲା, ସେତେବେଳେ ଅସ୍ତ୍ରଶସ୍ତ୍ର ଓ ସାଞ୍ଜୁରେ ସୁସଜ୍ଜିତ ଅନେକ ବୀର ଯୋଦ୍ଧା ସେମାନଙ୍କ ପ୍ରେମିକାମାନଙ୍କ ତରଫରୁ ଯୁଦ୍ଧରେ ଅବତୀର୍ଣ୍ଣ ହୋଇ ଶତ୍ରୁମାନଙ୍କୁ ପରାସ୍ତ କରିଥିବାର ବହୁ ରୋମାଞ୍ଚଭରା କାହାଣୀ ଶୁଣିବାକୁ ପାଉ। କିନ୍ତୁ ସେମାନଙ୍କ ପ୍ରେମ ଥିଲା 'ବିଶୁଦ୍ଧ', ଆତ୍ମିକ ଓ ଦେହବର୍ଜିତ, ଯେଉଁଥିରେ ଲେଶମାତ୍ର କାମଗନ୍ଧ ନ ଥିଲା। ଏହି ଶୁଦ୍ଧ ପ୍ରେମର ଚିନ୍ତାଧାରା, ଯେଉଁଥିରେ ଜଣେ ପୁରୁଷ ଜଣେ ମହିଳାଙ୍କ ତରଫରୁ ତାଙ୍କ ପ୍ରତି ସମ୍ପୂର୍ଣ୍ଣଭାବେ ଉତ୍ସର୍ଗୀକୃତ ହୋଇ ନିଃସର୍ତ୍ତଭାବେ ଯୁଦ୍ଧ କରିଥିଲେ, ତାହା ସେ ସମୟରେ ଅତ୍ୟନ୍ତ ଲୋକପ୍ରିୟ ଥିଲା। ଖ୍ରୀଷ୍ଟୀୟ ସନ୍ନ୍ୟାସୀମାନେ ଏହି ଆଦର୍ଶକୁ ଗ୍ରହଣ କରିନେଇଥିଲେ। ସେମାନେ ବୀର ଟେମ୍ପ୍ଲାର (ବୀର ଧର୍ମଯୋଦ୍ଧା)ଙ୍କ ପରି ମା' ମେରୀ (ଆୱାର ଲେଡି ବା ନୋତ୍ର ଦେମ୍)ଙ୍କ ତରଫରୁ ପବିତ୍ର ଭୂମିର ସୁରକ୍ଷା ପାଇଁ ଯୁଦ୍ଧ କଲେ। ଏହି ଆଦର୍ଶକୁ ୦୦୭ ଫିଲ୍ମଗୁଡ଼ିକରେ ଗ୍ରହଣ କରାଯାଇଛି, ଯେଉଁଥିରେ ଜେମ୍ସ ବଣ୍ଡ୍ ରାଣୀଙ୍କ ପାଇଁ ଓ ଦେଶ ପାଇଁ ଯାହାକିଛି କରିବା ଲାଗି ପ୍ରସ୍ତୁତ।

ଉକ୍ତ ଧର୍ମଯୁଦ୍ଧ ସମୟରେ ପ୍ୟାରିସ୍‌ରେ ମା' ମେରୀ, ପ୍ରଭୁ ଯିଶୁ ଓ ଈଶ୍ୱରଙ୍କ ପାଇଁ ପ୍ରସିଦ୍ଧ ନୋତ୍ର ଦେମ୍ ଚର୍ଚ୍ଚ ନିର୍ମିତ ହୋଇଥିଲା। ପ୍ରାୟ ୩୦୦ ବର୍ଷ ତଳେ ସ୍ୱାଧୀନତା ଓ ସମାନତା ଉପରେ ଗୁରୁତ୍ୱ ଦେଇଥିବା ଫରାସୀ ବିପ୍ଳବ ପରେ ରାଜାମାନଙ୍କର ସ୍ୱର୍ଗୀୟ ଅଧିକାର ଆଉ ରହିଲା ନାହିଁ। ସେତେବେଳେ ଏହି ଚର୍ଚ୍ଚକୁ ହେତୁବାଦୀ ଓ ଧର୍ମନିରପେକ୍ଷ ଶକ୍ତି ଆଉ ପବିତ୍ର ପୀଠ ବୋଲି ମାନିଲେ ନାହିଁ। ସେମାନେ ଏଠାରୁ ମା' ମେରୀଙ୍କ ବିଗ୍ରହଟିକୁ କାଢ଼ିଦେଇ ତା' ସ୍ଥାନରେ ଲେଡି ଅଫ୍ ଜଷ୍ଟିସ୍ ମୂର୍ତ୍ତି ସ୍ଥାପନ କଲେ। ବାଇବେଲରେ ବର୍ଣ୍ଣିତ ରାଜାମାନଙ୍କ ପ୍ରତିମୂର୍ତ୍ତିରୁ ମୁଣ୍ଡକାଟ କରାଗଲା କାରଣ ସେମାନଙ୍କୁ ସ୍ଥାନୀୟ ରାଜା ବୋଲି ମନେକରାଯାଉଥିଲା, ଯେଉଁମାନଙ୍କୁ ବିପ୍ଳବୀମାନେ ଘୃଣା କରୁଥିଲେ। ପରେ ଚର୍ଚ୍ଚଟିକୁ ପୁଣି ପାଦ୍ରିମାନଙ୍କୁ ହସ୍ତାନ୍ତର କରାଗଲା ଏବଂ ସେବେଠାରୁ ଏହା କେବଳ ଫ୍ରାନ୍ସର ନୁହେଁ, ବରଂ ସମଗ୍ର ୟୁରୋପୀୟ କ୍ୟାଥୋଲିକ ସମ୍ପ୍ରଦାୟର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତୀକ ଭାବେ ଗ୍ରହଣ କରାଯାଇ ଆସୁଛି।

(ଲେଖକ ଜଣେ ବିଶିଷ୍ଟ ପୁରାଣବିତ୍ ଏବଂ ପୁରାଣଶାସ୍ତ୍ର ଉପରେ ସେ ଅନେକ ପୁସ୍ତକ ରଚନା କରିଛନ୍ତି। ତାଙ୍କ ପୁସ୍ତକଗୁଡ଼ିକ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ୍ ଛକରେ ଥିବା ମଡର୍ନ ବୁକ୍ ଡିପୋ, ଫୋନ୍- ୦୬୭୪-୨୫୩୪୩୭୩, modbooks.bbsr@gmail.comରେ ଉପଲବ୍ଧ।)

ଲେଖକଙ୍କ ଇମେଲ୍ ଠିକଣା: devdutt@devdutt.com

## ଏଇ ଭାରତରେ

ପୁଅର ଅସ୍ଥି ଧରି ନ୍ୟାୟ ଭିକ୍ଷା କରୁଛନ୍ତି ୯୦ ବର୍ଷୀୟା ମା'। ଏପରି ଏକ ଅଭାବନୀୟ ଘଟଣା ଘଟିଛି ମଧ୍ୟପ୍ରଦେଶର ଶାହଡୋଲଠାରେ। ଦୀର୍ଘ ୧୧ ବର୍ଷ ତଳେ ତାଙ୍କ ପୁଅଙ୍କ ମୃତ୍ୟୁ ହୋଇଥିବା ବେଳେ ଏପର୍ଯ୍ୟନ୍ତ ତାଙ୍କୁ ନ୍ୟାୟ ମିଳି ନ ଥିବାରୁ ସେ ଆଇଜି ଅଫିସ ସାମ୍ନାରେ ନ୍ୟାୟ ମାଗୁଥିବା ଦେଖାଯାଇଛି। ତାଙ୍କ କହିବା କଥା ହେଲା ୧୧ ବର୍ଷ ତଳେ ତାଙ୍କ ପୁଅକୁ ହତ୍ୟା କରାଯାଇଥିଲା। ଏଥିପାଇଁ ସେ ଭୋପାଳ, ଜବଲପୁର, ଦିଲ୍ଲୀ ସବୁଠି ଯାଇ ଗୁହାରି କରିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ତାଙ୍କୁ କେହି ନ୍ୟାୟ ପ୍ରଦାନ କରିପାରି ନାହାନ୍ତି। ସୂଚନାଯୋଗ୍ୟ, ରତନୀ ନାମ୍ନୀ ଉକ୍ତ ମହିଳାଙ୍କ ପୁଅ ମୋହନ ବୈଗା(୪୨)ଙ୍କର ଅନୁପପୁର ଜିଲା ବତୁରା ଅଞ୍ଚଳରେ ଥିବା ଜଣେ ପେପର ମିଲ୍ ମାଲିକଙ୍କ ସହ ଝଗଡା ହୋଇଥିଲା। ପେପର ମିଲ୍ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଖାଲଖମା ସୃଷ୍ଟି ହୋଇଥିଲା। ରାସ୍ତାରେ ପାଣି ଜମାହେବା ଘଟଣାକୁ ବିରୋଧ କରିବାରୁ ପେପର ମିଲ୍ ମାଲିକଙ୍କ ସହ ଝଗଡା ହୋଇଥିଲା। ଏହାର କିଛି ଘଣ୍ଟା ପରେ ମୋହନଙ୍କ ମୃତ ଶରୀର ନିକଟରେ ଥିବା ଏକ ନାଳରୁ ମିଳିଥିଲା। ଗ୍ରାମବାସୀ ଏହାକୁ ଏକ ହତ୍ୟାକାଣ୍ଡ ବୋଲି କହିଥିଲେ ସୁଦ୍ଧା ଏହି ଘଟଣାକୁ ଚପାଇ ଦିଆଯାଇଛି। ଏବେ ୧୧ ବର୍ଷ ପରେ ବି ପୁଅ ମୃତ୍ୟୁର ନ୍ୟାୟ ଭିକ୍ଷା କରିଚାଲିଛନ୍ତି ମା'। ତାଙ୍କୁ ନ୍ୟାୟ ନ ମିଳିଲେ, ସେ ଆତ୍ମହତ୍ୟା କରିବାକୁ ଧମକ ଦେଇଛନ୍ତି।

## ଚିରନ୍ତନୀ

ଯେତେ ରୂପ ଅବୟବ ସବୁଠାରୁ ଦିଶେ ହୋଇ ବଡ଼
ରୂପାନ୍ତର ଘେନି କେତେ ହୋଇଛି ସେ ଜଡ଼ ଖାଲି ଜଡ଼!
ଯାଇଛି ମିଳାଇ କାହିଁ ଜଳେ ଥଳେ ଆକାଶେ ଆଲୋକେ
କେବେ ସୁଖେ ହସି ଏଥି ଲୁହ ଢାଳି କେବେ ମହାଶୋକେ।
ଚାଲିଥାଏ ସାଥୀମେଳେ ଜୀବନର ତଡ଼ିତ ପ୍ରବାହ,
ଯାଏ ନିଭି କାହିଁ ପୁଣି ମଧ୍ୟାହ୍ନର ତୀବ୍ର ବହ୍ନିଦାହ।
ବିଦାୟ ଘେନଇ ଶିଶୁ ଜନନୀର କ୍ରୋଡ଼ୁଁ ହୋଇ ଛନ୍ନ
ଯାଏ ରଖି ଧରାପରେ ସୁକୋମଳ ତା'ର ପଦଚିହ୍ନ
ଅଗଣିତ ପଦଚିହ୍ନ ବକ୍ଷେ ଧରି ଯେ କରେ ବିହାର
ଜଡ଼ରୂପୀ ହେ ଧରିତ୍ରୀ! ଘେନ ଏ ଜୀବର ନମସ୍କାର।
(ଜଡ଼-ଦର୍ଶନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବିଳମ୍ବିତ ନ୍ୟାୟ

ମହାଶୟ,

ପ୍ରତିଦିନ ନାରୀ ନିର୍ଯାତନା, ବଳାତ୍କାର, ଠକେଇ ଓ ହତ୍ୟାକାଣ୍ଡ ଭଳି ଅନେକ ଖବର ଟିଭି ଏବଂ ଖବରକାଗଜରୁ ଦେଖିବାକୁ ମିଳୁଛି। ଓକିଲମାନେ ତାରିଖ ମାଗିବାରେ ବ୍ୟସ୍ତ ଏବଂ ଜଜ୍‌ମାନେ ତାରିଖ ଦେବାରେ ଉଦାର। ମନେହୁଏ ଜଜ୍‌ମାନେ ଶୀଘ୍ର ନ୍ୟାୟ ଦେବାକୁ ରାଜି ନୁହନ୍ତି। ମୁଦାଲା ମୁଦେଇ ମରିଗଲେ ବି ମାମଲା ସରୁନାହିଁ। ଏପରିକି ଚେକ୍ ବାଉନ୍ସ ମାମଲା ବି ବର୍ଷ ବର୍ଷ ବିତିଯାଉଛି। ଅପରାଧୀ ବିନ୍‌ବଜାରରେ ଘୂରି ବୁଲୁଥିଲେ ବି ପୋଲିସ ତାକୁ ଧରିପାରୁ ନାହିଁ। ଫଳରେ ଅପରାଧୀ ଦଣ୍ଡ ପାଉନାହିଁ, ବରଂ ଆହୁରି ଅପରାଧ ଭିଆଇ ଚାଲିଛି। ଆହୁରି ମଧ୍ୟ ଦେଖାଯାଉଛି, ଧନୀ ଏବଂ କ୍ଷମତାଶାଳୀ ଲୋକେ ଅପରାଧ କରି ଆଗୁଆ ଜାମିନ ଅର୍ଡରଟା ହାତରେ ଧରି ବୁଲୁଛନ୍ତି। ବିଚିତ୍ର ଆମର ଆଇନ। ମନେହୁଏ ଅପରାଧୀଙ୍କୁ ସୁରକ୍ଷା ଦେବାକୁ ଆମ ଆଇନରେ ଭଲ ଗଳାବାଟ ରହିଛି। ଅପରାଧୀମାନେ ନିର୍ବାଚନରେ ଲଢୁଛନ୍ତି। ଅର୍ଥ ବ୍ୟୟ କରି ନିର୍ବାଚନରେ ବିଜୟ ହାସଲ କରୁଛନ୍ତି ଏବଂ ମନ୍ତ୍ରୀ ଆସନରେ ବସୁଛନ୍ତି। ସେମାନେ ରାଜ୍ୟ ତଥା ଦେଶ ପାଇଁ ଆଇନକାନୁନ୍ ତିଆରି କରୁଛନ୍ତି। ଏଥିପାଇଁ ତୁରନ୍ତ ବିଚାର ହୋଇ ଅପରାଧୀଙ୍କୁ ଦଣ୍ଡ ଦିଆଯିବା ନିହାତି ଦରକାର। କାରଣ ବିଳମ୍ବିତ ନ୍ୟାୟ ନ୍ୟାୟ ନୁହେଁ।

ଅକ୍ଷୟ ମହନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

### ଶହେ ବର୍ଷର କୋଠା ଭଙ୍ଗାଯାଉ

ପୁରୀ, କୋଲକାତା, ମୁମ୍ବାଇରେ ପୁରାତନ କୋଠା ଭୁଶୁଡ଼ିବା ଖବର ସମସ୍ତଙ୍କୁ ଜଣା। କୋଠା ଭୁଶୁଡ଼ିଲେ ଅନେକ ଧନଜୀବନ ନଷ୍ଟ ହେବା ନିଶ୍ଚିତ କଥା। ଆମର କହିବାର କଥା ହେଲା ଦେଶରେ ଯେତେ ଶହେ ବର୍ଷର ପୁରୁଣା କୋଠା ରହିଛି ସେସବୁ ଠାବ କରାଯାଇ ଘର ମାଲିକ ତଥା ସରକାର ଭାଙ୍ଗିଦେବା ବ୍ୟବସ୍ଥା କରିବା ଦରକାର। ମରାମତି କୋଠା ବିପଦର କାରଣ ଏହା ସମସ୍ତେ ବୁଝିବା ଉଚିତ। ସେହିପରି ଯେତେ ଶହେବର୍ଷର ସେତୁ ବା ପୋଲ ରହିଛି ସେସବୁ ମରାମତି ହେଉ କିମ୍ବା ନୂତନ କରି ନିର୍ମାଣ କରାଯାଉ। ବେଳହୁଁ ସାବଧାନ ନ ହେଲେ ଭବିଷ୍ୟତରେ କୋଠା, ପୋଲ ଭୁଶୁଡ଼ିବା ସହ ଜନ, ଧନ ନଷ୍ଟହେବା ବିଚିତ୍ର କଥା ନୁହେଁ।

ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଳିଗୋରଡ଼ା, ଗବକୁଣ୍ଡ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଟ୍ରାକ୍ଟର ତଳେ ଚାପିହୋଇ ଚାଳକ ମୃତ



ବୈପାରୀଗୁଡ଼ା,୨୫।୭(ଡି.ଏନ୍.ଏ.): ଗୁରୁବାର ବୈପାରୀଗୁଡ଼ା ବ୍ଲକ ପୂଜାରୀଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ନୂଆଗୁଡ଼ା ଗ୍ରାମରେ ଜମିରେ ହଳ କରୁଥିବା ଏକ ଟ୍ରାକ୍ଟର ଓଲଟି ପଡ଼ିବାରୁ ତଳେ ଚାପିହୋଇ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚୈତନ୍ୟ ନାୟକ (୨୩)। ଏହି ବ୍ଲକ ଅନ୍ତର୍ଗତ ଚିପାକୁର ଗ୍ରାମରେ ତାଙ୍କର ଘର। ଖବରପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ମୃତଦେହକୁ ଉଦ୍ଧାର କରାଯାଇଥିଲା। ମୃତଦେହ ବ୍ୟବଚ୍ଛେଦ ହୋଇ ନ ଥିବାବେଳେ ପୋଲିସ ତଦନ୍ତ ଚଳାଇଛି।

### କାର୍, ଗଞ୍ଜେଇ ଜବତ: ଜଣେ ଗିରଫ



ଜୟପୁର,୨୫।୭(ଡି.ଏନ୍.ଏ./ନି.ପ୍ର.): ଜୟପୁର ସଦରଥାନା ପୋଲିସ ଉତ୍ତରପ୍ରଦେଶକୁ ଚାଲାଣ ହେଉଥିବା ଏକ କାର୍‌ରୁ ୫୫ କିଲୋଗ୍ରାମ ଗଞ୍ଜେଇ ଜବତ କରିଛି। ଏଥିରେ ଜଣେ ଚାଲାଣକାରୀଙ୍କୁ ଗିରଫ କରାଯାଇଛି। ବୈପାରୀଗୁଡ଼ା ଅଞ୍ଚଳରୁ ଏହି କାର୍ (ୟୁପି ୭୨ଏଜେ ୯୨୭୫) ଗଞ୍ଜେଇ ନେଇ ଯାଉଥିବା ବେଳେ ପୂର୍ବ ସୂଚନା ଅନୁଯାୟୀ ପୋଲିସ ୩୨୬ ନମ୍ବର ଜାତୀୟ ରାଜପଥ ଟାଙ୍ଗୁଆ ଛକ ନିକଟରେ ଏହାକୁ ଅଟକାଇଥିଲା। ଯାଞ୍ଚ ବେଳେ ଗାଡ଼ିରୁ ଗଞ୍ଜେଇ ମିଳିବାପରେ ଏହାକୁ ଚାଲାଣ କରୁଥିବା ଉତ୍ତରପ୍ରଦେଶ ଜୋହନପୁର ଜିଲାର କୁଅଁର ନବନୀତ ସିଂ (୨୩)ଙ୍କୁ ପୋଲିସ ଥାନାକୁ ଆଣି ଅଟକ ରଖିଛି।

■ କୋଡିଙ୍ଗାମାଳି ଖଣି ଅଞ୍ଚଳକୁ ଅଶାନ୍ତ ନ କରିବାକୁ ନିବେଦନ

# ସରପଞ୍ଚମାନେ ଦେଲେ ଦାବିପତ୍ର



କୋରାପୁଟରେ ଜିଲା ପ୍ରଶାସନକୁ ଦାବିପତ୍ର ଦେବାକୁ ଆସିଥିବା ଲକ୍ଷ୍ମୀପୁର ବ୍ଲକର ସରପଞ୍ଚମାନେ।

କୋରାପୁଟ,୨୫।୭(ସ୍ୱ.ପ୍ର.)

କୋଡିଙ୍ଗାମାଳି ଖଣି ଅଞ୍ଚଳର ଶାନ୍ତ ପରିବେଶକୁ ଅଶାନ୍ତ ନ କରିବା ପାଇଁ ଲକ୍ଷ୍ମୀପୁର ବ୍ଲକର ସମସ୍ତ ସରପଞ୍ଚ ଓ ଅଞ୍ଚଳବାସୀ ଗୁରୁବାର ଜିଲା ପ୍ରଶାସନକୁ ଦାବିପତ୍ର ଦେଇଛନ୍ତି। ଏଥିରେ ସେମାନେ ଦର୍ଶାଇଛନ୍ତି ଯେ କୋଡିଙ୍ଗାମାଳି ଖଣି ଅଞ୍ଚଳରେ ରହିଥିବା ଶାନ୍ତ ପରିବେଶକୁ ଅଶାନ୍ତ କରିବା ପାଇଁ ଖଳ ପ୍ରକୃତିର ବ୍ୟକ୍ତିଙ୍କ ପ୍ରରୋଚନାରେ କେତେକ ନ୍ୟସ୍ତସ୍ୱାର୍ଥ ଗ୍ରାମବାସୀ ଶୁକ୍ରବାରରୁ କୋଡିଙ୍ଗାମାଳି ପର୍ବତରୁ ଖଣି ଖନନ ଓ ପରିବହନ କାର୍ଯ୍ୟକୁ ବିରୋଧ କରି ଲକ୍ଷ୍ମୀପୁରଠାରେ ଧାରଣା ଦେବାକୁ ଘୋଷଣା କରିଛନ୍ତି। ଏହି ଦୃଷ୍ଟିରୁ ପ୍ରଶାସନ ବିହିତ ପଦକ୍ଷେପ ନେବାକୁ ସେମାନେ ନିବେଦନ କରିଛନ୍ତି। ଧାରଣାକୁ ନେଇ ଯଦି ଏଠାରେ କିଛି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୁଏ, ତାହେଲେ ଜିଲା ପ୍ରଶାସନ ଦାୟୀ ରହିବ ବୋଲି ଏହି ପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି। ଏହି ଦାବିପତ୍ର ପ୍ରଦାନବେଳେ ଓଡିପେଣ୍ଠ ସରପଞ୍ଚ ଆଲାଇ ହିକ୍‌କା, ଲକ୍ଷ୍ମୀପୁର ସରପଞ୍ଚ ଉରମେ ହୁଇକା, ଚମ୍ପି ସରପଞ୍ଚ ରୂପଧର ଜାନି, କୁସୁମୁଗୁଡ଼ା ସରପଞ୍ଚ ଅମ୍ବିକା ଜାବେ, କାକିରିଗୁମ୍ମା ସରପଞ୍ଚ ପାର୍ବତୀ ହିକ୍‌କା, ଓଡ଼ିଆପେଣ୍ଠ ନାଏବ ସରପଞ୍ଚ କୃଷ୍ଣଚନ୍ଦ୍ର ମାଣିଙ୍ଗା, ମନୋଜ ମୁଦୁଲି, ଜାମ୍ବରି ହିକ୍‌କା, କାମେଶ୍ୱର କୁଲେସିକା, ଦିସାରୀ ହିକ୍‌କା, ସହଦେବ ବିଡିକା ଓ ଖଣି ଅଞ୍ଚଳର ବହୁ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ ଗତ ବୁଧବାର ଅଞ୍ଚଳବାସୀ ଖଣି ଖନନ ଓ ପରିବହନକୁ ବିରୋଧ କରି କୋରାପୁଟ ଉପଜିଲାପାଳ ଲଳିତ କୁମାର କହଁରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

■ଯୁକ୍ତ ୩ ପ୍ରଥମ ପର୍ଯ୍ୟାୟ ନାମଲେଖା ଶେଷ

## ଖାଲି ପଡ଼ିଲା ୧୭୮୦ ସିଟ୍

କୋରାପୁଟ,୨୫।୭(ସ୍ୱ.ପ୍ର.)

୨୦୧୯-୨୦ ଶିକ୍ଷାବର୍ଷ ପାଇଁ ଯୁକ୍ତ ୩ ତଥା ଡିଗ୍ରୀର ଗୁରୁବାର ଅପରାହ୍ନ ୫ଟା ବେଳେ ପ୍ରଥମ ପର୍ଯ୍ୟାୟ ନାମଲେଖା ଶେଷ ହୋଇଛି। ଏହାପରେ ଜିଲାରେ ୧୭୮୦ଟି ସିଟ ଖାଲି ପଡ଼ିଛି। ଯୁକ୍ତ ୩ କଳାରେ ୧୦୯୮, ଯୁକ୍ତ ୩ ପଦାର୍ଥ ବିଜ୍ଞାନରେ ୨୨୬, ଯୁକ୍ତ ୩ ଜୈବ ବିଜ୍ଞାନରେ ୧୭୯, ଯୁକ୍ତ ୩ ବାଣିଜ୍ୟରେ ୨୫୬ ଓ ଡିଗ୍ରୀ ସେଲ୍ଫ ଫାଇନାନ୍ସରେ ୨୧ଟି ସିଟ୍ ଖାଲି ପଡ଼ିଛି। ଯୁକ୍ତ ୩ ଶିକ୍ଷା ପାଇଁ ଜିଲାରେ ରହିଥିବା ୨୦ଟି ଡିଗ୍ରୀ କଲେଜରେ ଉପରୋକ୍ତ ସିଟ୍ ଖାଲି ପଡ଼ିଛି। କୋରାପୁଟ ଜିଲାରେ ଯୁକ୍ତ ୩ ଶିକ୍ଷା ପାଇଁ ସରକାରୀ ଓ ବେସରକାରୀ ମିଶି ୨୦ଟି ଡିଗ୍ରୀ କଲେଜ ରହିଛି। ଏଥିରେ ସମୁଦାୟ ସିଟ୍ ଯଥା ଯୁକ୍ତ ୩ କଳାରେ ୩୩୨୮ ସିଟ୍, ଯୁକ୍ତ ତିନି ପଦାର୍ଥ ବିଜ୍ଞାନରେ ୫୨୮ ସିଟ୍, ଯୁକ୍ତ ୩ ଜୈବ ବିଜ୍ଞାନରେ ୪୦୦ଟି ସିଟ୍, ଯୁକ୍ତ ତିନି ବାଣିଜ୍ୟ ପାଇଁ ୬୭୨ଟି ସିଟ୍ ଏବଂ ଡିଗ୍ରୀ ସେଲ୍ଫ ଫାଇନାନ୍ସରେ ୬୪ଟି ସିଟ୍ ରହିଥିବାବେଳେ ପ୍ରଥମ ପର୍ଯ୍ୟାୟ ନାମଲେଖା ଶେଷ ହେବା ପରେ ଜିଲାରେ ଡିଗ୍ରୀରେ ସମୁଦାୟ ୧୭୮୦ଟି ସିଟ୍ ଖାଲି ପଡ଼ିଛି। ସେହିପରି ପଟାଙ୍ଗିର ଗାଙ୍ଗେଶ୍ୱରୀ ମହାବିଦ୍ୟାଳୟରେ ଯୁକ୍ତ ଦୁଇ କଳାରେ ୭୧ଟି ସିଟ୍ ଖାଲି ପଡ଼ିଛି। ବନ୍ଧୁଗାଁ ବ୍ଲକ କୁମ୍ଭାରିପୁଟ ମହାବିଦ୍ୟାଳୟରେ ଯୁକ୍ତ ଦୁଇ ବିଜ୍ଞାନରେ ୧୩୯ଟି ସିଟ୍, ବାଣିଜ୍ୟରେ ୧୦୪ଟି ସିଟ୍ ଖାଲି ପଡ଼ିଥିବାବେଳେ ସେମିଳିଗୁଡ଼ାର ପୁଙ୍ଗାରଠାରେ ଥିବା ଏକଲବ୍ୟ ଆଦର୍ଶ ମହାବିଦ୍ୟାଳୟରେ ଯୁକ୍ତ ଦୁଇ ବିଜ୍ଞାନରେ ୮ଟି ସିଟ୍ ଖାଲି ପଡ଼ିଥିବା ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜଣାପଡ଼ିଛି।

## ଝିଅ ତଣ୍ଟିଚିପି ମାରିଲେ ବାପା

ନନ୍ଦପୁର,୨୫।୭(ଡି.ଏନ୍.ଏ.)

ଜଣେ ବ୍ୟକ୍ତି ନିଜ ଝିଅର ତଣ୍ଟି ଚିପି ହତ୍ୟା କରିବା ଭଳି ଅଭାବନୀୟ ଘଟଣା କୋରାପୁଟ ଜିଲାରେ ଦେଖିବାକୁ ମିଳିଛି। ଜିଲାର ନନ୍ଦପୁର ବ୍ଲକ ବେଲଗାଁ ପଞ୍ଚାୟତ ଅନ୍ତର୍ଗତ ପୂଜାରୀପୁଟ ଗ୍ରାମରେ ଦେବେନ୍ଦ୍ର ମୁଦୁଲିଙ୍କ ଘର। ବୁଧବାର ସନ୍ଧ୍ୟା ୫ଟାରେ ସେ ନିଜ ନାବାଳିକା ଝିଅ ସୁକାନ୍ତିଙ୍କ ତଣ୍ଟି ଚିପି ହତ୍ୟା କରିଥିଲେ। ଗୁରୁବାର ସୁକାନ୍ତିଙ୍କ ମାମୁ ସାଧୁ ମୁଦୁଲି ନନ୍ଦପୁର ଥାନାରେ ଏନେଇ ଏତଲା ଦେଇଛନ୍ତି। ସୁକାନ୍ତି ବେଲଗାଁ ସ୍ଥିତ ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ପାଠ ପଢୁଥିଲେ। କେଉଁ କାରଣରୁ ବାପା ଦେବେନ୍ଦ୍ର ଝିଅକୁ ହତ୍ୟା କଲେ, ତାହା ସ୍ପଷ୍ଟ ହୋଇନାହିଁ। ଏନେଇ କେସ୍ ନଂ ୪୦/୧୯ରେ ଏକ ହତ୍ୟା ମାମଲା ରୁଜୁ କରିବା ସହ ନନ୍ଦପୁର ପୋଲିସ ଅଭିଯୁକ୍ତ ବାପାଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଏସ୍‌ଆଇ ଜଳନ୍ଧର ସେଠୀ କହିଛନ୍ତି। ଶୁକ୍ରବାର ମୃତଦେହର ବ୍ୟବଚ୍ଛେଦ କରିବା ପରେ ହସ୍ତାନ୍ତର କରାଯିବ।

## ଜୟପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର ଦେଲେ ଏମ୍‌ପି

ଜୟପୁର,୨୫।୭(ନି.ପ୍ର.)



କେନ୍ଦ୍ର ମାନବ ସମ୍ବଳ ବିଭାଗ ମନ୍ତ୍ରୀଙ୍କୁ ଦାବିପତ୍ର ଦେଉଛନ୍ତି କୋରାପୁଟ ଏମ୍‌ପି।

କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ଜୟପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ଦାବି କରିଛନ୍ତି। କେନ୍ଦ୍ର ମାନବ ସମ୍ବଳ ବିଭାଗ ମନ୍ତ୍ରୀ ରମେଶ ପୋଖରିଆଲ ନିଶଙ୍କଙ୍କୁ ଚିଠି ଲେଖି ସେ କୋରାପୁଟ ସଂସଦୀୟ କ୍ଷେତ୍ର ଅଧୀନ ଜୟପୁରରେ କେନ୍ଦ୍ରୀୟ ବିଦ୍ୟାଳୟର ଆବଶ୍ୟକତା ଥିବା ଦର୍ଶାଇଛନ୍ତି। କୋରାପୁଟ ଜିଲା ଶିକ୍ଷାଧିକାରୀ ଗତ ଫେବୃୟାରୀ ୮ରେ ଗଣଶିକ୍ଷା ବିଭାଗ ଯୁଗ୍ମ ସଚିବଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ଏ ସମ୍ପର୍କିତ ଫିଜିବିଲିଟି ରିପୋର୍ଟ ଦେଇଥିଲେ। ଜୟପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ପାଇଁ ଆବଶ୍ୟକ ଭିତ୍ତିଭୂମି ରହିଥିବା ବେଳେ ଜୟପୁରର ପୂର୍ବତନ ଉପଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ପୂର୍ବରୁ ଏନେଇ ଏକ ରିପୋର୍ଟ ରାଜ୍ୟ ସରକାରଙ୍କୁ ଦେଇଥିଲେ।


**Central University of Orissa**
(Established Under the Act of Parliament, 2009)
Sunabeda, Dist.Koraput, Odisha. PIN-763004

Ref: CUO/LIB/22/2015 Dt. 22/07/2019

**WALK-IN-INTERVIEW**

A walk-in-interview will be held in Central University of Orissa, Koraput on 05.08.2019 at 09.30 A.M. in the Main Campus (Sunabeda) for 04 posts of Library Intern cum Assistant for the Central Library purely on contractual basis for a period of one year. For further details please visit our website www.cuo.ac.in/.

Sd/- Registrar

OFFICE OF THE CHAIRMAN
P.G.COUNCIL SHRI JAGANNATH
SANSKRIT VISHVAVIDYALAYA
SHRI VIHAR, PURI -3

No.1394/PGC Dt.24.07.19

**NOTIFICATION**

A Walk -in-interview will be held from 11.00 A.M. onwards on 02.08.2019 in the Office of the Chairman, P.G. Council, Shri Jagannath Sanskrit Vishvavidyalaya, Puri for engagement of one teaching faculty for the Department of Advaita Vedanta on class basis remun. The Reporting time in the office of the Chairman,P.G. Council is at 11.00 A.M. on 02.08.2019. Interested candidates who have secured 55% marks in Acharya Level in Advita Vedanta may attend the interview with all original Certificates / Mark sheets etc. on scheduled date & time.
No **TA/DA** etc. shall be given to the candidates for this purpose.

Sd./-
Chairman, PGC

**EMPANELMENT OF SPECIAL PUBLIC PROSECUTOR (SPP) FOR INCOME TAX DEPARTMENT, ODISHA REGION**

The office of the Pr.Chief Commissioner of Income Tax, Bhubaneswar invites applications from practicing advocates for empanelment as Special Public Prosecutor for representing the Department before the Hon'ble High Court of Orissa, the designated Session Court and its Subordinate Courts. In order to be eligible for engagement as an SPP, a person should be eligible to appear before the court as an advocate and have a minimum experience of 7 years as a Practicing Advocate, in Criminal matters. Adequate experience of handling trials relating to Direct Taxes is desirable. The application form for empanelment may be obtained from Shri M.Srinivas Rao, Income Tax Officer (Judicial & Technical), 2nd Floor, Aayakar Bhawan, O/o.the Pr.Chief Commissioner of Income Tax, Bhubaneswar, Odisha (Tel No.- 0674-2589667) on any working day during office hours.
THE LAST DATE FOR RECEIPT OF APPLICATION IS 09.08.2019.

(M.Srinivas Rao)
Income Tax officer (Judl.&Tech.)

CLASSIFIED DISPLAY

**Life Care Emporium** Upto 50% OFF
AN EXCLUSIVE SHOWROOM OF HOSPITAL ITEMS & BODY FITNESS MATERIALS
Plot No.48, Ground Floor, Narayani Complex, Ashok Nagar, Bhubaneswar-751009, E-mail: lifecareemporium@gmail.com, www.lifecareemporium.com
9861067341, 0674-2597841

ADMISSION NOTICE FOR BA.LLB COURSE
MAHAMAYA INSTITUTE OF LEGAL SCIENCE, NUAPADA
Approved by Bar Council of India, New Delhi
Recognised by Dept. Higher Education Govt. of Odisha
Affiliated by Sambalpur University, Jyoti Vihar, Burla
BUILD YOUR CAREER IN LAW
Course:- BA.LLB (Semester System)
Duration:- 5 years
Eligibility:- 12th or +2 Arts/ Science/ Commerce or equivalent degree recognized by CHSE, Odisha (40% for SC/ST, 42% for OBC & 45% for General)
Scholarship for ST/SC/ Minority Students.
Hostel facilities for Girls & Boys.
CONTACT- 7077415312

MEGA EXCHANGE OFFER
SEIKO CLOCKS
BRING IN YOUR OLD CLOCK - ANY MAKE, ANY CONDITION.
GET FLAT 25% OFF
ON ALL SEIKO CLOCKS
AUTHORISED DEALER
Khimji-K.D & Sons Pvt. Ltd.: 556/834, Cantonment Road, Cuttack, Ph: 7873000120
Lalchand Gem & Jewellers Pvt. Ltd.: 41/688, Machua Bazar, Cuttack, Ph: 7873121212
Lingaraj Watch & Communication: 89, Janpath, Bapuji Nagar, Bhubaneswar, Ph: 0674-2596023

ଶ୍ରବଣ ସମସ୍ୟା?
ଶ୍ରବଣ ଯନ୍ତ୍ର
ମାଗଣା ଶ୍ରବଣ ପରୀକ୍ଷା (HEARING TEST) ଓ ଡିଜିଟାଲ ଶ୍ରବଣ ଯନ୍ତ୍ର (DIGITAL HEARING AID) TRIAL ପାଇଁ ସମ୍ପର୍କ କରନ୍ତୁ!
EMI FACILITY WITH ATTRACTIVE DISCOUNT*
signia SIEMENS
Audizone Speech & Hearing Clinic
BHUBANESWAR Baramunda 9777806331 | BHUBANESWAR Saheed Nagar 6371045707 | BHUBANESWAR Jaydev Vihar 6372287878 | CUTTACK Link Road 7381770531 | KORAPUT In front of S.L.N Hospital 6372307123

ସବୁ ଔଷଧ ଦୋକାନରେ ଉପଲବ୍ଧ
ଆୟୁର୍ବେଦିକ ସିରପ୍
HEALTH FIT
Health Tonic
ଆୟୁର୍ବେଦିକ ତୈଳ
D. K. Artha OIL
WANTED Distributer & Stockist
Please Call Between 10.30am to 5pm
033-25649070

LEARN CCTV
Become a CCTV Engineer
Start your own Business in Low Investment
INSTALLATION & NETWORKING
CCTV Training Centre. Become a CCTV Engineer in Just 25 days
● CCTV, Biometric & EPABX Marketing, Installation & Technical Training.
● Onsite Practice ● Internship
● 100% Job Placement ● Class Detailing
● 100% Practical Training ● Hostel Facility available
ଅଳ୍ପ ପାଠୁଆ ବି ଯୋଗ୍ୟ ଇଞ୍ଜିନିୟର ହୋଇପାରିବେ।
SECURE TECHNICAL INSTITUTE Patia Square Bhubaneswar
7064320000, 9583171111

COLLEGE OF ENGINEERING & TECHNOLOGY (Autonomous)
NAAC 'A'
(A Constituent College of Biju Patnaik University of Technology, Odisha)
Techno Campus, P.O.- Mahalaxmi Vihar, Bhubaneswar - 751029, Odisha, India

No. 1940/CET Dated: 24.07.2019

ADMISSION NOTICE
DETAILS ON PROVISIONAL ADMISSION INTO REGULAR TWO-YEAR MASTER OF SCIENCE (M.Sc.) PROGRAMME – 2019

The provisional merit-list of candidates, documents and fees etc. required at the time of provisional admission into 2-year regular M.Sc. in Applied Chemistry, Applied Physics and Mathematics and Computing programs are notified in our college website: (www.cet.edu.in). The date for provisional admission is **30.7.2019.** For wait-listed (1st) candidates, the admission date is **06.08.2019** and their admission is subject to vacancy commensurating to their rank. For detailed information visit our college website **www.cet.edu.in.**

Sd/-
PRINCIPAL

OFFICE OF THE
PURI MUNICIPALITY, PURI
Phone-06752222122
e-mail-purimunicipality@yahoo.co.in

No.6188 Dt.25.07.19

Quotation Call Notice

Sealed quotations are invited from the intending person for auction of the following Sairat Mahals of Puri Municipality. The auction papers along with the terms and conditions will be available in the website: www.purimunicipality.nic.in & www.puri.nic.in from 25.07.2019, 11 A.M. to 30.07.2019 up to 5 P.M. The quotations will open on 31.07.2019 at 11 A.M. in presence of the quotationers or their authorized agents. Puri Municipality will not be responsible for delay in reaching the quotations.

**Sd./- Executive Officer**
**Puri Municipality, Puri**

**ANDHRA BANK**
(A Govt. of India Undertaking)
ZONAL OFFICE : Gayatri Central Plaza, Tatabenz Square, BERHAMPUR-5, DIST.- GANJAM

**APPLICATIONS ARE INVITED**

Jana Chetana Financial Literacy & Credit Counseling Trust established by Andhra Bank invites applications for the post of "Counselor" for their **Lead Bank Office, Paralakhemundi** centre from prospective candidates. The appointment shall be purely on contract basis for a period of one year.
The job involves creating financial awareness and educate common people on management of money, importance of savings, other facilities extended by the banks, benefits of borrowings from the banks, digital awareness, direct benefit transfer and other finance related aspects.
**Eligibility** :Retired Bank Officer not below the rank of Scale-I either under VRS or on superannuation .with rural service Age should not exceed 62 years as on date of appointment, physically active and of sound health. Should have aptitude for counseling and rural development activities with good communication skills.
**Remuneration** : Consolidated Monthly Pay : Rs. 20,000/-
Interested Candidates may apply in the prescribed format available at **Lead Bank Office, Parlakhemundi**, Dist. - Gajapati
Last date for receipt of applications is **09.08.2019** Filled in applications may be sent to the above address along with the enclosures/copies of (a) Pass certificate of 10th class/SSC or equivalent (b) Certificate of Degree / PG etc. (c) Photo copies of testimonials along with passport size photograph (d) Proof of residential address/Aadhaar
Applicants should be resident of Gajapati District The eligible candidates shall be called for interview. Canvassing in any form shall be a disqualification.

-sd/- **Zonal Manager**

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା,
[illegible]

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]

ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ

[illegible]

| ଅକାଉଣ୍ଟର ନାମ / ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା / ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
| --- | --- | --- | --- | --- | --- |
| [illegible] | [illegible] | [illegible] | [illegible] | [illegible] | [illegible] |

[illegible]

ତାରିଖ: [illegible]
ସ୍ଥାନ: ଭୁବନେଶ୍ୱର

ସ୍ୱା/- ପ୍ରାଧିକୃତ ଅଧିକାରୀ,
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

## ସଂକ୍ଷେପରେ

### ମହିଳାଙ୍କୁ ଅଶ୍ଳୀଳ ମେସେଜ୍ କରି ଜଣେ ଗିରଫ



**ପାରଳାଖେମୁଣ୍ଡି, ୨୫ା୭ (ସ୍ୱ.ପ୍ର.):** ଜଣେ ବିବାହିତା ମହିଳାଙ୍କୁ ଅଶ୍ଳୀଳ ମେସେଜ୍ କରିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଥିବା ଆଦର୍ଶଥାନା ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି । ଘଟଣାରୁ ପ୍ରକାଶ ଯେ, ଗଞ୍ଜାମ ଜିଲା ଖଲିକୋଟ ଥାନା ଅନ୍ତର୍ଗତ କଇଠଡ଼ା ଗ୍ରାମର କୁବେର ପଲେଇ ଜଣେ ବିବାହିତା ମହିଳାଙ୍କୁ ଫେସ୍‌ବୁକ୍ ଓ ହ୍ୱାଟସ୍‌ଆପ୍ ମାଧମରେ ଅଶ୍ଳୀଳ ମେସେଜ୍ କରିଥିବା ମହିଳା ଅଭିଯୋଗ କରିଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ, ଅଭିଯୁକ୍ତ ପୂର୍ବରୁ ଉକ୍ତ ମହିଳାଙ୍କ ସହ ସମ୍ପର୍କ ରଖି ଆସିଥିଲେ। ହେଲେ ମହିଳାଙ୍କ ପରିବାର ଲୋକେ ତାଙ୍କର ବାହାଘର ଅନ୍ୟତ୍ର କରାଇଥିଲେ। କୁବେର ୩ଟି ସନ୍ତାନର ପିତା ବୋଲି ମଧ ସୂଚନା ମିଳିଛି । ମହିଳାଙ୍କ ବିବାହ ପରେ ମଧ ଅଭିଯୁକ୍ତ ଯୁବକ ତାଙ୍କୁ ବିଭିନ୍ନ ଫେକ୍ ଆକାଉଣ୍ଟରୁ ବାରମ୍ବାର ଅଶ୍ଳୀଳ ମେସେଜ୍ କରିଥିଲେ । ତେବେ ମହିଳାଙ୍କ ପରିବାର ପକ୍ଷରୁ ଏ ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୋଗକୁ ଭିତ୍ତିକରି ଘଟଣାର ତଦନ୍ତ ପରେ ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ ଘଟଣାର ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ମହିଳାଙ୍କ ପରିଚୟ ଗୋପନ ରଖିଥିବା ସୂଚନା ମିଳିଛି। ତେବେ ଅଭିଯୁକ୍ତଙ୍କୁ ସହଯୋଗ କରିଥିବା ଅନ୍ୟଜଣେ ସହଯୋଗୀ ଏ ପର୍ଯ୍ୟନ୍ତ ଫେରାର ଥିବା ଜଣାପଡ଼ିଛି। ତାଙ୍କୁ ମଧ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି କୁହାଯାଇଛି । ଖବରଦାତା ସମ୍ମିଳନୀରେ ଗଜପତି ଏସ୍‌ପି ସାରା ଶର୍ମା, ପାରଳାଖେମୁଣ୍ଡି ଏସ୍‌ଡିପିଓ ଠାକୁର ପ୍ରସାଦ ପାତ୍ର, ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ଉପସ୍ଥିତ ଥିଲେ ।

### ୫ ଜୁଆଡି ଗିରଫ

**ଭଞ୍ଜନଗର,୨୫ା୭(ଡି.ଏନ.ଏ):** ଭଞ୍ଜନଗର ସହର ଭେଜିପୁଟ ବ୍ରାହ୍ମଣଦେବୀ ମନ୍ଦିର ନିକଟରେ ବୁଧବାର ସନ୍ଧ୍ୟାରେ ଚାଲିଥିବା ଏକ ଜୁଆ ଆଡ୍ଡାରେ ପୋଲିସ ଚଢ଼ାଉ କରି ୫ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୩୨ ହଜାର ୨ଶହ ଟଙ୍କା ଜବତ କରାଯାଇଛି। ପ୍ରକାଶ ଯେ, ମନ୍ଦିର ନିକଟରେ କିଛିଦିନ ହେବ ଜୁଆଖେଳ ଚାଲୁଥିଲା । ଏ ନେଇ ପୋଲିସ ନିକଟରେ ଖବର ପହଞ୍ଚିଥିଲା। ବୁଧବାର ସନ୍ଧ୍ୟାରେ ପୋଲିସ ଚଢ଼ାଉ କରି ୫ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ କେତେଜଣ ଖସିଯିବାରେ ସକ୍ଷମ ହୋଇଛନ୍ତି।

### ମହିଳାଙ୍କୁ ଆକ୍ରମଣ ଅଭିଯୋଗ

**ଛତ୍ରପୁର,୨୫ା୭(ଡି.ଏନ.ଏ):** ଚମାଖଣ୍ଡି ଥାନା ଅଧୀନ ଘଡଘଡାପଲ୍ଲୀ ଗାଁରେ ଜଣେ ମହିଳାଙ୍କୁ ୨ ଭାଇ କୌଣସି ଏକ କାରଣକୁ ନେଇ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଗୁରୁବାର ମହିଳା ଜଣଙ୍କ ଏ ନେଇ ଥାନାରେ ଅଭିଯୋଗ କରବାରୁ ପୋଲିସ ଏକ ମାମଲା (ନଂ.୮୭/୧୯) ରୁଜୁ କରି ତଦନ୍ତ ଜାରି ରଖିଥିବା ଆଇଆଇସି ସହଦେବ ମହାପାତ୍ର କହିଛନ୍ତି।

### ଗୋଷ୍ଠୀ ସଂଘର୍ଷ ମାମଲାରେ ଜଣେ ଗିରଫ

**ଦିଗପହଣ୍ଡି,୨୫ା୭(ଡି.ଏନ.ଏ.):** ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ଗ୍ରାମର ରବୀନ୍ଦ୍ର ପ୍ରଧାନଙ୍କୁ ବୁଧବାର ଚିକିଟି ଏସ୍‌ଡିପିଓ ସୁରେନ୍ଦ୍ର ନାଥ ମୁର୍ମୁ ଦିଗପହଣ୍ଡି ଥାନା ମାମଲା ନଂ. ୧୭୦/୧୮ରେ ବ୍ରହ୍ମପୁର କୋର୍ଟଚାଲାଣ କରିଛନ୍ତି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଯାଇଛି। ୨୦୧୮ ଅକ୍ଟୋବର ୧ରେ ଗାଁ ରାସ୍ତାରେ ହମ୍ପ ନିର୍ମାଣକୁ କେନ୍ଦ୍ରକରି ଅନୁସୂଚିତ ଜାତିର କେତେଜଣ ଯୁବକ ରବୀନ୍ଦ୍ରଙ୍କ ଘରେ ପଶି ତାଙ୍କୁ ଓ ତାଙ୍କ ସ୍ତ୍ରୀଙ୍କୁ ଆକ୍ରମଣ କରିଥିଲେ। ପରେ ସବର୍ଣ୍ଣ ଗୋଷ୍ଠୀର ଲୋକେ ଦଳିତ ପରିବାରଙ୍କୁ ଗୋଡ଼ାଇବା ସମୟରେ ସଞ୍ଜୁ ନାଇକ ଗୁରୁତର ହୋଇଥିଲେ। ସଞ୍ଜୁଙ୍କ ଏତଲାକ୍ରମେ ପୋଲିସ ସବର୍ଣ୍ଣ ଗୋଷ୍ଠୀର ୨୨ ଜଣଙ୍କ ନାଁରେ ମାମଲା ରୁଜୁ କରିଥିବା ବେଳେ ବନୀତା ପ୍ରଧାନଙ୍କ ଏତଲାକୁ ଭିତ୍ତିକରି ପୋଲିସ ଅନୁସୂଚିତ ଜାତି ଗୋଷ୍ଠୀର ୨୦ ଜଣଙ୍କ ନାଁରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଘଟଣାର ୯ ମାସ ପରେ ପୋଲିସ ରବୀନ୍ଦ୍ରଙ୍କୁ କୋର୍ଟଚାଲାଣ କରିଛି।

# ପୁରୀରୁ ଧରାପଡ଼ିଲେ ସାଇବର ଲୁଟେରା

## ଆକାଉଣ୍ଟ, ଏଟିଏମ୍ ପିନ୍ ହାତେଇ ଲୁଟୁଥିଲେ ଅଭିଯୁକ୍ତ

**ମାଲକାନଗିରି, ୨୫ା୭ (ଡି.ଏନ୍.ଏ/ସ୍ୱ.ପ୍ର.)**

ମାଲକାନଗିରି ପୋଲିସ ସାଇବର ଠକେଇରେ ଜଡିତ ଥିବା ଜଣେ ଆନ୍ତଃରାଜ୍ୟ ଅଭିଯୁକ୍ତଙ୍କୁ ପୁରୀରୁ ବୁଧବାର ଗିରଫ କରିଛି। ରାଜ୍ୟର ବିଭିନ୍ନ ବ୍ୟକ୍ତିଙ୍କୁ ପ୍ରଲୋଭନ ଦେଖାଇ ଚତୁରତାର ସହ ସେ ଏଟିଏମ୍ ପିନ ଓ ଆକାଉଣ୍ଟ ନମ୍ବର ନେଇ ଟଙ୍କା ଲୁଟୁଥିଲେ । ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ସୁବ୍ରତ ମହାପାତ୍ର (୨୩)। ସେ ପୁରୀ ଜିଲା ସତ୍ୟବାଦୀ ଥାନା ଅଞ୍ଚଳର ଓ ଝାଡଖଣ୍ଡ ରାଜ୍ୟର ଅପରାଧୀଙ୍କ ସହ ତାଙ୍କର ଲିଙ୍କ୍ ଥିବା ମାଲକାନଗିରି ଏସ୍‌ପି ଜଗମୋହନ ମୀନା ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ପ୍ରକାଶଯେ, କିଛି ମାସ ତଳେ ସୁବ୍ରତ କାଳିମେଳା ଥାନା ଅଧୀନ ଅକ୍ଷୟ ପଣ୍ଡାଙ୍କୁ ଫୋନ କରି ତାଙ୍କର ୨ଲକ୍ଷ ଟଙ୍କା ପୁରସ୍କାର ଉଠିଛି ବୋଲି କହିଥିଲେ। ଏଥିପାଇଁ ଅକ୍ଷୟଙ୍କୁ ଆକାଉଣ୍ଟ ନମ୍ବର ଏବଂ ଏଟିଏମ୍ ପିନ୍ ମାଗି ତାଙ୍କ ଆକାଉଣ୍ଟରେ ଥିବା ୪୦ ହଜାର ଟଙ୍କା ସୁବ୍ରତ ଉଠାଇ ନେଇଥିଲେ। ସେହିଭଳି ଓର୍କେଲ ଥାନା ଅଞ୍ଚଳର ଜଣଙ୍କ ଆକାଉଣ୍ଟରୁ ମଧ ସୁବ୍ରତ ଟଙ୍କା ଉଠାଇଥିବା ନେଇ ଫେବୃୟାରୀ ୧୨ରେ ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଥିଲା । ଏହା ବ୍ୟତୀତ ସୁବ୍ରତଙ୍କ ନାଁରେ ଯାଜପୁର ଜିଲା ବଡ଼ଚଣା ଥାନାରେ ଜୁନ୍ ୧୭ରେ କେସ୍ ନଂ ୧୩୩/୧୯ରେ ଆଇଟି ଆକ୍ଟରେ ମାମଲା ରୁଜୁ ହୋଇଥିଲା। ସେହିପରି କଟକର ଚାଉଳିଆଗଞ୍ଜ ଥାନାରେ କେସ୍ ନଂ ୭/୧୯ରେ ଜାନୁୟାରୀ ୬ରେ ଏବଂ ପାରଳଖେମୁଣ୍ଡି ଥାନାରେ କେସ୍ ନଂ ୧୪୧/୧୯ରେ ୧୮ ତାରିଖରେ ସୁବ୍ରତଙ୍କ ନାଁରେ ମାମଲା ରୁଜୁ ହୋଇଥିଲା । ସେହିଭଳି ପୁରୀ ସିଂହ ଦ୍ୱାର ଥାନାରେ ୪୬/୧୯ରେ ମାମଲା ରହିଛି ବୋଲି ଏସ୍‌ପି ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ମାଲକାନଗିରି ପୋଲିସ ସୁବ୍ରତଙ୍କ ଆକାଉଣ୍ଟକୁ ସିଲ କରିଛି। ତାଙ୍କଠାରୁ ନଗଦ ୨ ଲକ୍ଷ ୬ ହଜାର ୧୯୪ ଟଙ୍କା ଜବତ କରିଛି। ମାଲକାନଗିରି ସ୍ୱତନ୍ତ୍ର ସାଇବର ସେଲ ଇନ୍ସପେକ୍ଟର ସୌମେନ୍ଦ୍ର ଶେଖର ତ୍ରିପାଠୀଙ୍କ ନେତୃତ୍ୱରେ ଏକ ଟିମ୍ ଅଭିଯୁକ୍ତ ସୁବ୍ରତଙ୍କୁ ଧରିବାରେ ସଫଳ ହୋଇଥିଲେ।

**ସୂଚନା ଦେଲେ ଏସ୍‌ପି**

- ୪ ଜିଲାରେ ରହିଛି ୬ ସାଇବର ମାମଲା
- ଅଭିଯୁକ୍ତଙ୍କଠାରୁ ୨ ଲକ୍ଷରୁ ଅଧିକ ଟଙ୍କା ଜବତ



ଖବରଦାତା ସମ୍ମିଳନୀରେ ଏସ୍‌ପି ଓ ଗିରଫ ଅଭିଯୁକ୍ତ।

# ୩୯୦ କେଜି ଗଞ୍ଜେଇ ଜବତ

- ପାଣି ପାଉଚ୍ ଟ୍ରକ୍‌ରେ ହେଉଥିଲା ଚୋରାଚାଲାଣ
- ହରିୟାଣାର ୨ ଅଭିଯୁକ୍ତ ଗିରଫ
- ଗଞ୍ଜେଇର ଆନୁମାନିକ ମୂଲ୍ୟ ୩୫ଲକ୍ଷ



ଗଞ୍ଜେଇ ସହ ଗିରଫ ଅଭିଯୁକ୍ତମାନେ।

**ଚିତ୍ରକୋଣ୍ଡା, ୨୫ା୭(ଡି.ଏନ୍.ଏ.)**

ମାଲକାନଗିରି ଚିତ୍ରକୋଣ୍ଡା ଥାନା ଅଧୀନ ଏସାର କମ୍ପାନୀ ଛକରେ ଥାନା ଏସ୍‌ଆଇ ମାଧବ ବେହେରା ପାଟ୍ରୋଲିଂ କରୁଥିବାବେଳେ ଏକ ପାଣି ପାଉଚ୍ ବୋଝେଇ ଟ୍ରକରୁ ଗଞ୍ଜେଇ ଜବତ କରିଛି। ପୋଲିସ ଏହି ଘଟଣାରେ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ହରିୟାଣା ରାଜ୍ୟ ଜିନ୍ଦ ଜିଲା ସଫିଡମ ଥାନା ଅଧୀନ ବାହାଦୁରପୁର ଗ୍ରାମର ବିଷ୍ଣୁ ସିଂ(୨୯) ଓ ଜଗତାର ସିଂ (୩୮)।

ପ୍ରକାଶ ଯେ, ଅଭିଯୁକ୍ତ ଦ୍ୱୟ ଦଶ ଚକିଆ ଟ୍ରକ(ଏଚ୍‌ଆର୍-୬୫ବି-୭୮୦୭) ଯୋଗେ ଯାଉଥିବାବେଳେ ଚିତ୍ରକୋଣ୍ଡା ପୋଲିସ ସେମାନଙ୍କୁ ଅଟକାଇଥିଲା। ଆନ୍ଧ୍ରପ୍ରଦେଶ ଦାରାକୋଣ୍ଡାରୁ ପାଣି ପାଉଚ ନେଇ ହରିୟାଣା ଯାଉଥିଲେ ବୋଲି ସେମାନେ କହିଥିଲେ। ପୋଲିସ ଟ୍ରକଟିକୁ ଯାଞ୍ଚ କରିବାରୁ ସେଥିରୁ ୧୩ଟି ବସ୍ତାରେ ୩୯୦ କେଜି ଗଞ୍ଜେଇ ଜବତ କରିଥିଲା। ଯାହାର ଆନୁମାନିକ ମୂଲ୍ୟ ୩୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ପୋଲିସ ସୂଚନା ଦେଇଛି। ଏ ନେଇ ଚିତ୍ରକୋଣ୍ଡା ଥାନାରେ ୯୫/୧୯ରେ ଏକ ମାମଲା ରୁଜୁ କରାଯାଇ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ସାପ କାମୁଡ଼ାରେ ମହିଳା ମୃତ

**କୋରୁକୋଣ୍ଡା, ୨୫ା୭(ଡି.ଏନ୍.ଏ.)**

କୋରୁକୋଣ୍ଡା ବ୍ଲକ ନାକାମାମୁ ପଞ୍ଚାୟତ ବାମରାଇ ଗ୍ରାମର ଜଣେ ମହିଳାଙ୍କର ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ସେ ହେଲେ ଉକ୍ତ ଗାଁର ବାଲିଆ ମୁଦୁଲିଙ୍କ ସ୍ତ୍ରୀ ସୁମି (୩୦)। ସୁମି ଜମିକୁ ଧାନ ତଳି ରୋଇବାକୁ ଯାଇଥିଲେ। ସେଠାରେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡି ଥିଲା। ସଙ୍ଗେସଙ୍ଗେ ସେଠାରେ ଉପସ୍ଥିତ ଥିବା ଲୋକେ ତାଙ୍କୁ ଚିତ୍ରକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ମୃତ ଦେହକୁ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ହରିଶ୍ଚନ୍ଦ୍ର ଯୋଜନାରେ ସୁମିଙ୍କ ପରିବାରକୁ ୨୦୦୦ ଟଙ୍କା ଦିଆଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖା ଖା ବୋଇଲେ କି ପେଟ ପୂରେ ?**
**ନା ଦେବି ଦେବି ବୋଇଲେ କି ଦିନ ସରେ ?**

ଆପଣାର ଭାବ ନ ଥିଲେ ଖାଦ୍ୟ ପାତିକୁ ରୁଚି ନ ଥାଏ । ସାହାଯ୍ୟ ନ କରି ଦେବି ଦେବି ବୋଲି ମିଛ ଆଶ୍ୱାସନା ଦେଇ ଚାଲିଲେ ଦୁଃଖର ଦିନ ସରି ଯାଇ ନ ଥାଏ। ଯେଉଁଠି ସ୍ନେହ, ଆଦର, ସହାନୁଭୂତି ତଥା ଆନ୍ତରିକ ଭାବ ନ ଥାଏ ସେଠି ଏସବୁ ମୂଲ୍ୟହୀନ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଖଡୁ ଭଲ କରି ମାଜ୍**
**ମୁଦି ଭଲକରି ମାଜ୍**
**ସାଇ ତ ଜାଣିଲେ ପଡ଼ିଶା ଜାଣିଲେ**
**ଆଉ କାହିଁ ପାଇଁ ଲାଜ ?**

କଥା ଥରେ ପ୍ରଘଟ ହୋଇଗଲେ ଆଉଯେତେ ଲୁଚେଇଲେ ବି କଥା ଆଉ ଲୁଚି ପାରି ନ ନ ଥାଏ। ସେତେବେଳେ ତାକୁ ଲୁଚାଇ ରଖିବା ନେଇ ପ୍ରୟାସ କରିବସିଲେ ଭଗାରିହସା ହେବା ସାର ହୋଇଥାଏ। ଏପରିସ୍ଥଳେ ଆଉ କଥାକୁ ଲୁଚାଇ ନ ରଖି ନିଜ ବାଟରେ ଯାହା କରିବା କଥା ତାହା କରିବା ହିଁ ଉଚିତ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
- ଫ୍ରେଣ୍ଡସ୍ ପବ୍ଲିଶର୍ସ

# ୮ ମାଓବାଦୀ ମିଲିସିଆ ଗିରଫ



ଗିରଫ ମାଓବାଦୀ ମିଲିସିଆମାନେ।

**ମାଲକାନଗିରି, ୨୫ା୭(ଡି.ଏନ୍‌ଏ.)**

ତେଲେଙ୍ଗାନା ଭଦ୍ରାଦ୍ରୀ ପୋଲିସ ଓ ସିଆରପିଏଫ କୋମ୍ବିଂ କରି ଆଠ ଜଣ ମାଓବାଦୀ ମିଲିସିଆଙ୍କୁ ଗିରଫ କରିଛି। ସେମାନେ ହେଲେ ପଦ୍ମା ଇଦମାୟା, ମାଡକାମ ସୋମେଡୁ, ପଦମାୟା ଚିନ୍ନାୟା, ରାବା ମାଲାୟା, କୋମାରୁ ଭୁଜଙ୍ଗ ରାଓ, ତୁରାମା ରମେଶ,ଗୋଟି କୋୟା, ମାଡକାମ ବୁଦ୍ରା। ଛତିଶଗଡ ଓ ଆନ୍ଧ୍ରରେ ଗତ ଦୁଇବର୍ଷ ଧରି ଏମାନେ କାର୍ଯ୍ୟ କରୁଥିଲେ। ଏଥିସହ ସେମାନେ ମାଓବାଦୀଙ୍କୁ ବିଭିନ୍ନ ବିସ୍ଫୋରକ ଯୋଗାଇ ଦେଉଥିଲେ। ଗିରଫ ସମୟରେ ପୋଲିସ ସେମାନଙ୍କଠାରୁ ଏକ ବ୍ୟାଗ ମଧ୍ୟରେ ଜିଲେଟିନ୍ ଷ୍ଟିକ୍, ଡିଟୋନେଟର, ପୋଷ୍ଟର,ବ୍ୟାନର ଆଦି ଜବତ କରିଛି। ଚେର୍ଲା ଥାନାରେ ଏମାନଙ୍କୁ ରଖାଯାଇ ଅଧିକ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।


**CLASSIFIED DISPLAY**

**ALL EDITION - B/W (Everyday)**

| TARIFF | For Single Day | | For 7 Days | | For 15 Days | | For 30 days | | |
|---|---|---|---|---|---|---|---|---|---|
| MORE SPACE • SAME PRICE | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | GST 5% |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

for Booking Contact: 0674-2580385, 7894447148, 7894447131, 9337021532, 7894447167, 7894447165

FINANCE

**Laxmi Finance**
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :- 201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

**BANA DURGA FINANCE**
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ-1% ।
Help LINE
9658224556
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ 25 ବର୍ଷ ଧରି ଆପଣଙ୍କ ସେବାରେ
**JEEVANJYOTI FINANCE PVT. LTD.**
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର, ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
**MAHALAXMI FINANCE PVT. LTD.** ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

ଲୋନ! ଲୋନ! ଲୋନ
**BFC FINANCE**
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହରୁଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଲୋନ! ଲୋନ! ଲୋନ
୧ ରୁ୫୦ ଲକ୍ଷ୍ୟ ଲୋନ
**LAXMI NARAYAN FINANCE**
ଗୃହରୁଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

**FINANCE**
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

**ଋଣ**
ପ୍ରଥମ 100 କଲରଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫୦,୦୦,୦୦୦ ପର୍ଯ୍ୟନ୍ତ ଋଣ
**ସତ୍ୟମ୍ ଫାଇନାନ୍ସ**
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7291060977
7291046520
SCO- 106, Second Floor, Vishal Tower, Cannaught Place, Delhi.

BUSINESS


**BUSINESS**
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
କଂପାନୀ ବିରଲା ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
୨୦ ବର୍ଷର କୋଟ ଅଗ୍ରୀମେଣ୍ଟ
Plot No - 15/012, Devaraja Mohalla, Bangalore, Karnataka 570001
8929313996
7042350747

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
**MY PROMISE**
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର




ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।
-ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର



## ସଂକ୍ଷେପରେ

### ବିପଦକୁ ଡାକୁଛି ଖୋଲା ଟ୍ରାନ୍ସଫର୍ମର



ସେମିଳିଗୁଡ଼ା,୨୫।୭(ସ୍ୱ.ପ୍ର.): ସୁନାବେଡ଼ା ଏଇଏଫ୍ ଦୈନିକ ବଜାରର ହାଉସିଂ ବୋର୍ଡ଼ କଲୋନି ଯିବା ରାସ୍ତାରେ ଏକ ବିଦ୍ୟୁତ ଟ୍ରାନ୍ସଫର୍ମର ରହିଛି। କିନ୍ତୁ ଏହା ମୁକ୍ତଭାବେ ରହି ଲୋକଙ୍କ ପାଇଁ ବିପଦକୁ ଡାକୁଛି। ସେହି ରାସ୍ତା ଦେଇ ଦୈନନ୍ଦିନ ଲୋକେ ଯାତାୟାତ କରୁଥିବା ବେଳେ ନିକଟରେ ସ୍କୁଲ, ଅଙ୍ଗନୱାଡ଼ି, ମାର୍କେଟର ଶୌଚାଳୟ, ଏଇଏଫ ଦୈନନ୍ଦିନ ବଜାର ରହିଛି। ଟ୍ରାନ୍ସଫର୍ମର ଚାରିପଟେ ବ୍ୟାରିକେଡ୍ ନ ଥିବାବେଳେ ପୋଲ ଟିରେ ବେରିକେଟ ନଥିବା ନେଇ ବିଦ୍ୟୁତ ତାର ସଂଯୋଗ ମୁଣ୍ଡଟି ଖୋଲା ରହି ବିପଦ ସୃଷ୍ଟି କରୁଛି। ସାଉଥ୍କୋ ଏସ୍‌ଡିଓ ସଂଗ୍ରାମ ପାଣିଗ୍ରାହୀଙ୍କୁ ପଚାରିବାରୁ ସେ କହିଥିଲେ, ଆମ ପାଖରେ ଖବର ନାହିଁ। ଠିକାଦାର କାମ ସରିଲା ପରେ ହସ୍ତାନ୍ତର କରି ଚାଲିଯାଇଛନ୍ତି। ତୁରନ୍ତ ବ୍ୟାରିକେଡ୍ ବ୍ୟବସ୍ଥା କରିବା ପାଇଁ ଯନ୍ତ୍ରୀଙ୍କୁ କହିବି।

### ଜଳଶକ୍ତି ଅଭିଯାନ ସମ୍ପର୍କିତ କର୍ମଶାଳା



ସୁନାବେଡ଼ା,୨୫।୭(ଡି.ଏନ୍.ଏ.): ଜିଲା ଦଳିତ ସମାଜ ବିକାଶ ପରିଷଦ ପକ୍ଷରୁ ଜଳଶକ୍ତି ଅଭିଯାନ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଛି। ପରିଷଦର ସଭାପତି ଡମ୍ବରୁ କୁଲଦୀପ୍, ସମ୍ପାଦକ ଲୋକନାଥ କଣ୍ଟା ଓ ସଞ୍ଜୀବନୀର ନିର୍ଦ୍ଦେଶକ ସଞ୍ଜିବ୍ ମହାନ୍ତି କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ଆୟୋଜିତ ସଭାରେ ଜଳର ଅପବ୍ୟବହାରକୁ ରୋକିବା, ବର୍ଷାଜଳ ସଞ୍ଚୟ ଓ ଉପଯୁକ୍ତ ବ୍ୟବହାର ଆଦି ବିଷୟରେ ଆଲୋଚନା କରାଯାଇଥିଲା। ଏଥିସହ ଅଗଷ୍ଟ ୫ରେ ହେବାକୁ ଥିବା ବୃକ୍ଷରୋପଣ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି, ଅଧିକ ଚାରାରୋପଣ ଓ ରକ୍ଷଣାବେକ୍ଷଣ ପାଇଁ ବନବିଭାଗ ସହ ଯୋଗାଯୋଗ କରିବା ସହ ରେଞ୍ଜରଙ୍କୁ ସହଯୋଗ ପାଇଁ ଆଲୋଚନା ହୋଇଥିଲା। ଏହି ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ରହିବା ପାଇଁ ସଞ୍ଜୀବନୀର ନିର୍ଦ୍ଦେଶକ ନିବେଦନ କରିଛନ୍ତି। ସେହିପରି କାର୍ଯ୍ୟକ୍ରମରେ ସହଯୋଗ କରିବା ପାଇଁ ସମସ୍ତଙ୍କୁ ବିକାଶ ପରିଷଦ ପକ୍ଷରୁ ଲିଖିତ ଭାବେ ଜଣାଯାଇଛି। କର୍ମଶାଳାରେ ଜୟସେନ ବାଘ, ଦେବେନ୍ଦ୍ର ପାଣି, ପ୍ରକାଶ ଖୋସ୍‌ଲା, ଟୁନା ବାରିକ, ଶ୍ୟାମସୁନ୍ଦର କୂଲଦୀପ୍, ରାଜେଶ ଖରା, ସୁରେଶ ବାରିକ, ଗନ୍ଧର୍ବ ହନ୍ତାଳ, ନନ୍ଦ ଖେମୁଣ୍ଡୁ, ଘାସିରାମ ଶ୍ରୀମୁଳିଆ, ସୁରେନ୍ଦ୍ର ବଦବୁରା, ପ୍ରଶାନ୍ତ କୁଲଦୀପ୍ ସହଯୋଗ କରିଥିଲେ।

# ଭିଜେଇବା ବଦଳରେ ଶୁଖାଉଛି ଶ୍ରାବଣ

**କେବେ ପ୍ରଶାସନ କେବେ ପ୍ରକୃତି**

- ରବିଚାଷ ବେଳେ ହତାଦର କରିଥିଲା ପ୍ରଶାସନ
- ଏବେ ଖରିଫ୍ ଚାଷ ପାଇଁ ଦାଉ ସାଧୁଛି ପ୍ରକୃତି
- ୨ଲକ୍ଷ ୯୬ ହଜାର ହେକ୍ଟର ଜମିରେ ଖରିଫ୍ ଚାଷ ଟାର୍ଗେଟ୍
- ବୃଷ୍ଟିପାତ ଅଭାବରୁ ଚାଷୀକୁଳ ହତାଶ

ଜୟପୁର,୨୫।୭(ନି.ପ୍ର.)

କେବେ ପ୍ରଶାସନ ତ ପୁଣି କେବେ ପ୍ରକୃତି। ଏମାନଙ୍କ ହାତରେ ସବୁବେଳେ ହତାଦର ହୋଇଆସୁଛନ୍ତି ଚାଷୀକୁଳ। ଗତ ରବି ମଣ୍ଡିରେ କଷ୍ଟ ଉପାର୍ଜିତ ଧାନକୁ ବିକ୍ରି କରିପାରି ନଥିଲେ ଚାଷୀ। ଟାର୍ଗେଟ୍ ତାରିଖ ପାର ହୋଇଯାଇଥିବା କହି ପ୍ରଶାସନ ଆଉ ଧାନ କିଣି ନଥିଲା। ଏଣେ ଖରିଫ୍ ଋତୁ ଆରମ୍ଭ ହୋଇଯିବାରୁ ବାଧହୋଇ ଏମ୍ଏସ୍‌ପିଠାରୁ ବହୁ କମ୍ ଦରରେ ଦଲାଲଙ୍କ ହାତକୁ ଧାନ ଟେକିଦେଇଥିଲେ ଚାଷୀ। ଏବେ ଖରିଫ୍ ଚାଷ ପାଇଁ ସେମାନେ ଅଣ୍ଟା ଭିଡ଼ିବା ବେଳକୁ ବର୍ଷାର ଦେଖାନାହିଁ। ଶ୍ରାବଣରେ ମାଟି ଭିଜିବା କଥା, କିନ୍ତୁ ଶୁଖିଲା ପଡ଼ିଛି। ହାତ ଉଧାରି କରି ତଳି ପକାଇବା ଆରମ୍ଭ କରିବା ବେଳକୁ ବର୍ଷା ଅଭାବରୁ ତାହା ଶୁଖିବାକୁ ଲାଗିଲାଣି। ଆଉ କିଛି ଦିନ ଭିତରେ ଭଲ ବର୍ଷା ନହେଲେ ମରୁଡ଼ି ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ରହିଛି।

କୋରାପୁଟ ଜିଲାରେ କମ୍ ବୃଷ୍ଟିପାତ ହୋଇଛି। ଜିଲା ପାଇଁ ସ୍ୱାଭାବିକ ବୃଷ୍ଟିପାତ ୨୦୬.୮ ଏମ୍‌ଏମ୍ ଥିବାବେଳେ ୨୦୧୮ ଜୁନ୍‌ରେ ୧୩୦.୭୬ ମିମି ବର୍ଷା ହୋଇଥିଲା। ୨୦୧୯ ଜୁନରେ ତାହା ୧୯୮.୩୦ ମିମି ରହିଛି। ୨୦୧୮ ଜୁଲାଇରେ ସ୍ୱାଭାବିକ ବୃଷ୍ଟିପାତ ୩୭୫.୬ ମିମି ଥିବାବେଳେ ୪୯୩.୩୩ ମିମି ବର୍ଷା ହୋଇଥିଲା । ୨୦୧୯ ଜୁଲାଇ ୨୪ ସୁଦ୍ଧା ୨୯୧.୧୪ ମିମି ବର୍ଷା ହୋଇଛି। ଏହି ଅବଧି ସୁଦ୍ଧା ଜିଲାର କୋରପୁଟ ବ୍ଲକରେ ୩୦୪.୬୦ ମିମି, ଲମତାପୁଟ ବ୍ଲକରେ ୩୨୩.୨୦ ମିମି, ପଟ୍ଟାଙ୍ଗି ବ୍ଲକରେ ୧୩୧.୪୦ ମିମି, ବନ୍ଧୁଗାଁ ବ୍ଲକରେ୨୪୬.୮୦ ମିମି, ନନ୍ଦପୁର ବ୍ଲକରେ ୩୧୬.୫୦ ମିମି, ଦଶମନ୍ତପୁର ବ୍ଲକରେ ୨୯୯.୯୦ ମିମି, ନାରାୟଣପାଟଣା ବ୍ଲକରେ ୮୫.୪୦ ମିମି ବର୍ଷା ହୋଇଛି । ଲକ୍ଷ୍ମୀପୁର ବ୍ଲକରେ ୧୬୬ ମିମି, ସେମିଳିଗୁଡ଼ା ବ୍ଲକରେ ୨୮୭.୨୦ ମିମି, ଜୟପୁର ବ୍ଲକରେ ୪୦୧ ମିମି, କୋଟପାଡ଼ ବ୍ଲକରେ ୫୨୩.୫୦ ମିମି, କୁନ୍ଦୁରା ବ୍ଲକରେ ୨୯୬.୨୦ ମିମି, ବୋରିଗୁମ୍ମା ବଲ୍କରେ ୨୩୭.୨୦ ମିମି, ବୈପାରିଗୁଡ଼ା ବ୍ଲକରେ ୪୫୭.୮୦ ମିମି ବର୍ଷା ହୋଇଛି। ଜିଲାର ପଟ୍ଟାଙ୍ଗି, ନାରାୟଣପାଟଣା, ଲକ୍ଷ୍ମୀପୁର ବ୍ଲକରେ କମ ବର୍ଷା ହୋଇଥିବା ବେଳେ ବନ୍ଧୁଗାଁ, ଦଶମନ୍ତପୁର, ସେମିଳିଗୁଡ଼ା, ବୋରିଗୁମ୍ମାରେ ବ୍ଲକରେ ସାମାନ୍ୟ ବର୍ଷା ହୋଇଛି। ଚଳିତ ଖରିଫ ଋତୁରେ ୨ଲକ୍ଷ ୯୬ ହଜାର ହେକ୍ଟର ଜମିରେ ବିଭିନ୍ନ ଚାଷ ଲାଗି କୃଷି ବିଭାଗ ଯୋଜନା ପ୍ରସ୍ତୁତ କରିଛି। ଏଥିରୁ ୯୯ ହଜାର ହେକ୍ଟର ଜମିରେ ଧାନ, ୨୧ ହଜାର ୧୦୦ ହେକ୍ଟରରେ ମକା, ୪୯୦ ହେକ୍ଟର ଯଅ, ୧୧୧ ହେକ୍ଟର ବାଜରା, ୫୮ ହଜାର ୩୫୦ ହେକ୍ଟର ମାଣ୍ଡିଆ, ୧୨ ହଜାର ୧୧୦ ହେକ୍ଟର କ୍ଷୁଦ୍ରଶସ୍ୟ, ୭୧୦୬୧ ହେକ୍ଟର ଅନ୍ୟ ଶସ୍ୟ, ୨୧ ହଜାର ୫୯୦ ଶହ ହେକ୍ଟର ଡାଲିଜାତୀୟ, ୧୮ ହଜାର ୪୪୦ ହେକ୍ଟର ତୈଳବୀଜ, ୧୧୦୦ ହେକ୍ଟର ଝୋଟତନ୍ତୁ, ୪୬ ହଜାର ୪୨୪ ହେକ୍ଟର ପନିପରିବା, ୯ ହଜାର ୩୦ ହେକ୍ଟର ମସଲା, ୭ ହଜାର ୨୯୫ ହେକ୍ଟର ଆଖୁ, ୯ ହଜାର ୩୦ ହେକ୍ଟର ମରିଚ, ହଳଦୀ ଓ ଅଦା, ୯ ହେକ୍ଟର ଜମିରେ ଲେମନ ଗ୍ରାସ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

## ଯାଆଁଳ ଉତ୍ପାଦନ କେନ୍ଦ୍ରର ଶୁଭାରମ୍ଭ



ଶୁଭାରମ୍ଭ ହୋଇଥିବା ନୂତନ ଯାଆଁଳ ଉତ୍ପାଦନ କେନ୍ଦ୍ର।

କୋରାପୁଟ,୨୫।୭(ସ୍ୱ.ପ୍ର.)

କୋରାପୁଟର ପ୍ରଗତି ଅନୁଷ୍ଠାନ ପକ୍ଷରୁ ଭୁବନେଶ୍ୱରର ଭାକୃଅନୁପ-ସିଫା ସହାୟତାରେ ଗୁରୁବାର ସ୍ଥାନୀୟ ଦୟାନିଧିଗୁଡ଼ା ପ୍ରଗତି କୃଷକ କ୍ଷେତ୍ର ବିଦ୍ୟାଳୟରେ ମାଛ ଯାଆଁଳ ଉତ୍ପାଦନ କେନ୍ଦ୍ରର ଶୁଭାରମ୍ଭ କରାଯାଇଛି । ଭାକୃଅନୁପ-ସିଫାର ବୈଜ୍ଞାନିକ ଡ. ବିକାଶ ଚନ୍ଦ୍ର ମହାପାତ୍ର, ଡ. ଅଶୋକ ତରୁ ବାରାଟ ଓ ବୈଷୟିକ କର୍ମୀ ଉପସ୍ଥିତ ରହି କେନ୍ଦ୍ରରେ ପ୍ରଥମଥର ପାଇଁ ମାଛ ଯାଆଁଳ ପ୍ରସ୍ତୁତି ପରୀକ୍ଷଣ କରିଥିଲେ। ଏହା ସଫଳ ହେବା ପରେ ୫ ଲକ୍ଷରୁ ଅଧିକ ମାଛ ଅଣ୍ଡା ସଂଗ୍ରହ କରାଯାଇଛି। ସୂଚନା ଥାଉକି ଯେ ଭାକୃଅନୁପ-ସିଫା ଦ୍ୱାରା ପ୍ରଗତି ସହଯୋଗରେ କୋରାପୁଟ ଜିଲାରେ ଜନଜାତି ଉପଯୋଜନା ଆରମ୍ଭ କରାଯାଇ ପ୍ରଥମ ପର୍ଯ୍ୟାୟରେ ୧୭୦ ଜଣ ଚାଷୀଙ୍କୁ ୧୫ ହେକ୍ଟର ପାଇଁ ମାଛ ଯାଆଁଳ ଓ ମାଛ ଖାଦ୍ୟ ପ୍ରଦାନ କରାଯାଇଛି । ପ୍ରଗତି ପକ୍ଷରୁ ଜିଲାର ବୋରିଗୁମ୍ମା, କୋଟପାଡ଼ ଓ କୋରାପୁଟ ବ୍ଲକରେ ମାଛ ଯାଆଁଳ ପ୍ରସ୍ତୁତି କେନ୍ଦ୍ର କରାଯିବାକୁ ସ୍ଥିର କରାଯାଇଥିବାବେଳେ ପ୍ରଥମ ପର୍ଯ୍ୟାୟରେ ଏହା କୋରାପୁଟ ବ୍ଲକ ଦୟାନିଧିଗୁଡ଼ାରେ ଶୁଭାରମ୍ଭ କରାଯାଇଛି । ଶୁଭାରମ୍ଭ ଅବସରରେ ପ୍ରଗତି ସମ୍ପାଦକ ପ୍ରଭାକର ଅଧିକାରୀ ଉପସ୍ଥିତ ଥିଲେ ।

■ କୋଡ଼ିଙ୍ଗାମାଳି ଖଣି ଖୋଲାକୁ ବିରୋଧ

## ଥାନାର ଦ୍ୱାରସ୍ଥ ହେଲେ ୭ ଗାଁର ମହିଳା



ଥାନା ଆଇଆଇସିଙ୍କ ସହ ଆଲୋଚନା କରୁଛନ୍ତି ମହିଳାମାନେ।

ଦଶମନ୍ତପୁର,୨୫।୭(ଡି.ଏନ୍.ଏ.)

କୋଡ଼ିଙ୍ଗାମାଳି ଖଣି ଖୋଲାକୁ ବିରୋଧ କରି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ମୁର୍କାର ପଞ୍ଚାୟତର ୭ଖଣ୍ଡ ଗାଁର ମହିଳା ଗୁରୁବାର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପ୍ରକାଶ ଯେ, କୋଡ଼ିଙ୍ଗାମାଳି ପର୍ବତ ଉପରୁ ବେଆଇନ ଭାବେ ଖଣି ଖନନ ଓ ପରିବହନ କାର୍ଯ୍ୟ ଯୋଗୁ ପ୍ରଭାବିତ ଅଞ୍ଚଳବାସୀ ବହୁବାର ବ୍ଲକରୁ ଆରମ୍ଭ କରି ଜିଲା ଓ ରାଜ୍ୟ ପ୍ରଶାସନ ତଥା ଲୋକ ପ୍ରତିନିଧିଙ୍କୁ ଅଭିଯୋଗ କରି ଆସୁଥିଲେ। ଅନ୍ୟପକ୍ଷରେ ମହିଳାମାନେ ସଙ୍ଗଠନ କରି ଏହା ବିରୋଧରେ ଆନ୍ଦୋଳନ କରିବା ଯୋଗୁ ମୈତ୍ରୀ କମ୍ପାନୀ କର୍ତ୍ତୃପକ୍ଷ କିଛି ପ୍ରତିଶ୍ରୁତି ଦେଇ ଆନ୍ଦୋଳନକୁ ଶାନ୍ତ କରିଥିଲେ। କିନ୍ତୁ ୭ମାସ ପରେ ମଧ୍ୟ କୌଣସି ବ୍ୟବସ୍ଥା ନ ହେବାରୁ ସେମାନେ ବାଧହୋଇ ଦଶମନ୍ତପୁର ଥାନାର ଦ୍ୱାରସ୍ଥ ହେବା ସହ ଥାନାଧିକାରୀ କପିଳେଶ୍ୱର ବେହେରାଙ୍କୁ ଦାବିପତ୍ର ଦେଇଛନ୍ତି। ଦାବି ପୂରଣ ନ ହେବା ଯାଏ ସେମାନେ କୋଡିଙ୍ଗାମାଳିରେ ଆନ୍ଦୋଳନ ଚଳାଇବେ ବୋଲି ମହିଳା ସଂଘର ସଭାପତି ରେଣୁକା ଖରା କହିଛନ୍ତି। ଏତଲାକୁ ଆଧାର କରି କମ୍ପାନୀ ସହ ଯୋଗାଯୋଗ କରି ଜଣାଇବି ବୋଲି ଥାନାଧିକାରୀ ବେହେରା ମହିଳା ସଂଘକୁ ପ୍ରତିଶ୍ରୁତି ଦେଇଛନ୍ତି।

## ବିବାହର ୧୪ ବର୍ଷ ପରେ ଯୌତୁକ ନିର୍ଯାତନା ଅଭିଯୋଗ

ଜୟପୁର,୨୫।୭(ନି.ପ୍ର.)

ବିବାହକୁ ୧୪ ବର୍ଷ ହେଲା। ଏତେ ବର୍ଷ ଘର ସଂସାର କରି ରହିବା ପରେ ଗୁରୁବାର ଜଣେ ମହିଳା ଶାଶୁଘର ବିରୋଧରେ ଯୌତୁକ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ଏହା ସମସ୍ତଙ୍କୁ ଚକିତ କରିଛି। ସୂଚନା ଅନୁଯାୟୀ, ଜୟପୁର ଚନ୍ଦନବାଡ଼ ସାହିରେ ରହୁଥିବା ଶୁଚିସ୍ମିତା ବେହେରା ଗୁରୁବାର ଟାଉନ ଥାନାରେ ଲିଖିତ ଏତଲା ଦେଇ ଦର୍ଶାଇଛନ୍ତି ଯେ, ତାଙ୍କ ସ୍ୱାମୀ ନିଶିଥ୍ ବେହେରା, ଶାଶୁ ଓ ନଣନ୍ଦ ତାଙ୍କୁ ଯୌତୁକ ନର୍ଯାତନା ଦେଉଛନ୍ତି। ଏଭଳି ଅଭିଯୋଗ ପାଇବା ପରେ ଟାଉନଥାନା ପୋଲିସ କେସ୍ ନଂ ୫୪/୧୯ରେ ଏକ ମାମଲା ରୁଜୁ କରିଛି। ଏସ୍ଆଇ ଏସ୍.ଏସ୍. ଲୁଗୁନ ମାମଲାର ତଦନ୍ତ କରୁଛନ୍ତି।

## ବନ୍ଧୁଗାଁର ସମସ୍ୟା ସମାଧାନ ଦାବି

କୋରାପୁଟ,୨୫।୭(ସ୍ୱ.ପ୍ର.)

କୋରାପୁଟ ଜିଲାର ସୀମାନ୍ତ ବନ୍ଧୁଗାଁ ବ୍ଲକରେ ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ଗୁରୁବାର ବ୍ଲକର ସମସ୍ତ ନିର୍ବାଚିତ ପ୍ରତିନିଧି, ବିଭିନ୍ନ ଦଳର ନେତା ଓ ବୁଦ୍ଧିଜୀବୀ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇ ଜିଲାପାଳ ପୋମା ଟୁଡୁଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବନ୍ଧୁଗାଁ ବ୍ଲକର ଅଧ୍ୟକ୍ଷା ପ୍ରମିଳା ଜାକକାଙ୍କ ନେତୃତ୍ୱରେ ଜିଲା ପରିଷଦ ସଭ୍ୟ ଗୌରାଙ୍ଗ ପାତ୍ର, ସରିତା ସରିଧି, ଏଙ୍କେଟି ରାଓଙ୍କ ସମେତ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ଶତାଧିକ ଅଞ୍ଚଳବାସୀ ଗୁରୁବାର ମଧ୍ୟାହ୍ନରେ କୋରାପୁଟ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ବନ୍ଧୁଗାଁରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରରେ ୧୦୮ ଓ ୧୦୨ ନଥିବା ଯୋଗୁ ରୋଗୀସେବା ବ୍ୟାହତ ହେଉଥିବାରୁ ତୁରନ୍ତ ଏଠାକୁ ୨ଟି, ଆଲମଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଗୋଟିଏ ଓ କୁମ୍ଭାରିପୁଟ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୋଟିଏ ଏପରି ୪ଟି ଆମ୍ବୁଲାନ୍ସ ଦେବା ପାଇଁ ଦାବି କରିଛନ୍ତି। ସେହିପରି କୁମ୍ଭାରିପୁଟ ଓ ଆଲମଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ସେବା ପାଇଁ ଆବଶ୍ୟକ ସୁବିଧା ନଥିବା, ବନ୍ଧୁଗାଁରେ ବିଏସ୍ଏନ୍ଏଲ୍ ଟାୱାର ଠିକ ରୂପେ କାମ ନ କରିବା, ବନ୍ଧୁଗାଁ ସଦରରେ ବ୍ୟାଙ୍କ ଏଟିଏମ୍ ସୁବିଧା କରିବା ପାଇଁ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି।

**ଜିଲାପାଳଙ୍କୁ ଦାବିପତ୍ର**

■ ଫେସ୍‌ବୁକ୍ ଷ୍ଟାଟସ ଦେଲେ ମହିଳା

## ପୁଅଝିଅଙ୍କୁ ନେଇ ଆତ୍ମହତ୍ୟା କରିବାକୁ ଧମକ

- ଲକ୍ଷାଧିକ ଟଙ୍କା ନେଇ ଫେରାର ଥିବା ପାଲଟା ଅଭିଯୋଗ
- ଏତଲା ଦେଲେ ମହିଳାଙ୍କ ସ୍ୱାମୀଙ୍କ ସମେତ ୧୪ ମହିଳା

ଜୟପୁର,୨୫।୭(ଡି.ଏନ୍.ଏ.)

ଜୟପୁର ସାନତେଲି ସାହିର ଜଣେ ମହିଳାଙ୍କଠାରୁ ସ୍ୱାମୀ ଓ ଅନ୍ୟ କେତେକ ଲୋକ ଟଙ୍କା ଉଧାର ନେଇ ଫେରାଇ ନାହାନ୍ତି। ଫଳରେ ସେ ଅନ୍ୟମାନଙ୍କଠାରୁ ଆଣିଥିବା ଋଣ ପରିଶୋଧ କରିପାରୁନାହାନ୍ତି । ତେଣୁ ଅନ୍ୟ ଉପାୟ ନପାଇ ୨ ନାବାଳକ ପୁଅ ଓ ଝିଅକୁ ନେଇ ମହିଳା ଜଣକ ଫେରାର ହୋଇଯାଇଛନ୍ତି। ଏବେ ସେ ଆତ୍ମହତ୍ୟା କରିବେ ବୋଲି ଫେସ୍‌ବୁକ୍‌ରେ ଲେଖିବା ପରେ ଏହାକୁ ନେଇ ଚର୍ଚ୍ଚା ବଢୁଛି। ଅନ୍ୟପକ୍ଷରେ ସଂପୃକ୍ତ ମହିଳା ସହରର ବିଭିନ୍ନ ସାହିର ମହିଳା ଓ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାରୁ ଉଧାରି ନେଇ ଫେରାର ହୋଇଯାଇଥିବା ନେଇ ଟାଉନଥାନାରେ ତାଙ୍କ ସ୍ୱାମୀଙ୍କ ସମେତ ୧୪ରୁ ଅଧିକ ମହିଳା ଏତଲା ଦେଇଛନ୍ତି। ଜୟପୁର ଟାଉନଥାନାରେ ଏତଲା ଦିଆଯିବା ସହ ଅଭିଯୋଗକାରୀ ମହିଳାମାନେ ଏସ୍‌ଡିପିଓ ସାଗରିକା ନାଥଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ନିବେଦିତା ନାମ୍ନୀ ଏହି ମହିଳା ଜଣକ ତାଙ୍କ ଫେସବୁକରେ ଲେଖିଛନ୍ତି ଯେ, ସ୍ୱାମୀ ବାଲାଜୀ ପାଣିଗ୍ରାହୀ ୨ ଲକ୍ଷ ଟଙ୍କା ନେଇ ଫେରାଉ ନାହାନ୍ତି। ପାଲଟା ଶାରୀରିକ ଓ ମାନସିକ ନିର୍ଯାତନା ଦେଉଛନ୍ତି । ସହରର ଅନ୍ୟ କେତେକ ବ୍ୟକ୍ତି ମଧ୍ୟ ତାଙ୍କଠାରୁ ଟଙ୍କା ନେଇ ଫେରାଉ ନଥିବା ସେ ଉଲ୍ଲେଖ କରିଛନ୍ତି । ବିଭିନ୍ନ ଅର୍ଥ ଲଗାଣକାରୀ ସଂସ୍ଥା ଏବଂ ବ୍ୟକ୍ତିଗତ ଭାବେ ଅନ୍ୟଠୁ ଟଙ୍କା ଋଣ ଆଣିବା ପରେ ତାହାକୁ ସେ ଅନ୍ୟକୁ ଧାର ଦେଇଥିଲେ। ଧାର ଦେଇଥିବା ଟଙ୍କା ମିଳୁ ନଥିବାରୁ ସେ ନିଜ ଋଣ ପରିଶୋଧ କରିପାରୁ ନାହାନ୍ତି। ତେବେ ଫେସ୍‌ବୁକ୍‌ରେ ମହିଳାଙ୍କ ଏହି କଥାର ସତ୍ୟତା କେତେ ରହିଛି, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମହିଳାଙ୍କ ଏଭଳି ଫେସବୁକ୍ ଷ୍ଟାଟସ ପରେ ସହରର ସାନତେଲିସାହି, ପାଞ୍ଜିଆ ସାହି, ସୌରାସାହିର ମହିଳା ଓ ପୁରୁଷ ତଥା ଉପରୋକ୍ତ ମହିଳାଙ୍କ ସ୍ୱାମୀଙ୍କ ସମେତ ପ୍ରାୟ ୧୪ ଜଣ ଟାଉନଥାନାରେ ପହଞ୍ଚି ନିବେଦିତା ପ୍ରାୟ ୫ଲକ୍ଷ ଟଙ୍କା ଉଧାର ନେଇ ଫେରାର ହୋଇଯାଇଥିବା ଏତଲା ଦେଇଛନ୍ତି। ଏଥିରେ ତାଙ୍କର ଦୁଇ ଭାଇ ସହାୟତା କରିଥିବା ଥାନାରେ ଅଭିଯୋଗ ହୋଇଛି । ଏସ୍‌ଡିପିଓ ସାଗରିକା ନାଥ କହିଛନ୍ତି, ସତ୍ୟାସତ୍ୟ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ୟୁଜେଏ କୋରାପୁଟ ଶାଖାର ବୈଠକ

ଦାମନଯୋଡ଼ି, ୨୫।୭ (ଡି.ଏନ୍.ଏ.)

ଉତ୍କଳ ସାମ୍ବାଦିକ ସଂଘ କୋରାପୁଟ ଶାଖା ପକ୍ଷରୁ କୋରାପୁଟ ସର୍କିଟ୍ ହାଉସ୍ ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଂଘର କାର୍ଯ୍ୟକାରୀ ସଭାପତି ନିରଜ୍ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଂଘର ଜିଲା ସଭାପତି ନରସିଂହ ବ୍ରହ୍ମା, ଉପଦେଷ୍ଟା କୀର୍ତ୍ତି ଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ମାନସ ରଞ୍ଜନ କର, ଉପସଭାପତି ଚୈତନ୍ୟ ହନ୍ତାଳ, ଯୁଗ୍ମ ସମ୍ପାଦକ ଅରୁଣ ଓଝା, ଆୟୋଜକ ସମ୍ପାଦକ ସୁନାମ ହନ୍ତାଳ, କୋଷାଧ୍ୟକ୍ଷ ସୁଦର୍ଶନ ସେନାପତି, କାର୍ଯ୍ୟକାରିଣୀ ସଦସ୍ୟ ଗୋପାଳକୃଷ୍ଣ ପାଢ଼ୀ, ଅବିନାଶ ଜାନମ୍, ପତି ମୁଠାଇ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖବରଦାତା ଯିତେନ୍ଦ୍ର ମିଶ୍ର, ଘନଶ୍ୟାମ ରଥ, ପ୍ରଶାନ୍ତ ସାମନ୍ତରାୟ, ଅଭିତାଭ୍ ବେହେରା, ପତିତପାବନ ସାହୁ ଉପସ୍ଥିତ ରହି ଯୁବ ଖବରଦାତାମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଜନସାଧାରଣଙ୍କ ସମସ୍ୟା ଗୁଡ଼ିକୁ ସରକାର ଓ ପ୍ରଶାସନ ନିକଟରେ ପହଞ୍ଚାଇବା, ନିରପେକ୍ଷ ଓ ସତ୍ୟ ଖବର ପରିବେଷଣ, ଦୁର୍ନିତି ଓ ଗ୍ରାମାଞ୍ଚଳର ସମସ୍ୟା ଗୁଡ଼ିକୁ ପ୍ରଶାସନ ଓ ସରକାରଙ୍କ ନିକଟରେ ପହଞ୍ଚାଇବା ପାଇଁ ଉପଦେଶ ଦେଇଥିଲେ। ସେହିପରି କାର୍ଯ୍ୟରତ ଖବରଦାତା ମାନଙ୍କ ପ୍ରତି ହେଉଥିବା ଆକ୍ରମଣକୁ ବୈଠକରେ ନିନ୍ଦା କରାଯାଇଥିଲା। ଚତୁର୍ଥ ସ୍ତମ୍ଭର ସୁରକ୍ଷା ପ୍ରତି ସରକାର ଓ ପ୍ରଶାସନର ଉଦାସୀନତା ନେଇ କ୍ଷୋଭ ପ୍ରକାଶ କରାଯାଇଥିଲା। ବୈଠକରେ କୋରାପୁଟ ଜିଲାର ବିଭିନ୍ନ ବ୍ଲକ୍ ଓ ସହରାଞ୍ଚଳରୁ କାର୍ଯ୍ୟରତ ଖବରଦାତା ହାବିଲ୍ ଡଙ୍ଗ୍ରି, ପ୍ରଫୁଲ କୁମାର ଖୋସ୍ଲା, ରିଙ୍କୁ ଚୌଧୁରୀ, ଚନ୍ଦ୍ରକାନ୍ତ ସୁତାର୍, ଯୋଗେଶ ହନ୍ତାଳ, ଥବିର୍ ସମରନାଥ, ଦିଲୀପ୍ କୁମାର ଖୋରା, ଗୋପୀନାଥ କାର୍ତ୍ତୁଲ, ସୁଦର୍ଶନ ପ୍ରଧାନ, କୈଳାସ ଚନ୍ଦ୍ର ନାୟକ, ରାମ ଅନ୍ତାବିରିଆ, ମଦନ ମୋହନ ସାହୁ, ହୃଷିକେଶ ନାୟକ, ସଞ୍ଜୟ କୁମାର ପାଣି ପ୍ରମୁଖ ସଦସ୍ୟତା ଗ୍ରହଣ କରିଥିଲେ।

## ଅଙ୍ଗନୱାଡି କର୍ମୀଙ୍କ ନାଁରେ କାର୍ଯ୍ୟରେ ଅବହେଳା ଅଭିଯୋଗ

କୋରାପୁଟ,୨୫।୭(ସ୍ୱ.ପ୍ର.):

କୋରାପୁଟ ଜିଲାର କେବିଡି ପଞ୍ଚାୟତ ଅନ୍ତର୍ଗତ ବାନାବାଟି ଗ୍ରାମର ଅଙ୍ଗନୱାଡ଼ି କର୍ମୀଙ୍କ ବିରୋଧରେ ସଂପୃକ୍ତ ଗ୍ରାମବାସୀ ଗୁରୁବାର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ଅଭିଯୋଗପତ୍ର ଦେଇଛନ୍ତି। ଏଥିରେ ସେମାନେ ଦର୍ଶାଇଛନ୍ତି ଯେ ବାନାବାଟି ଗ୍ରାମର ଅଙ୍ଗନୱାଡ଼ି କର୍ମୀ ୧୫ ବର୍ଷ ହେଲା କାର୍ଯ୍ୟ କରିଆସୁଥିବାବେଳେ କିଛି ବର୍ଷ ହେଲା ନିୟମିତ ଗ୍ରାମକୁ ଆସୁ ନାହାନ୍ତି କି ଶିଶୁଙ୍କୁ ଠିକ୍ ଭାବେ ଖାଦ୍ୟ ଦେଉନାହାନ୍ତି। ଏନେଇ ଗ୍ରାମବାସୀ ଜୟପୁର ସିଡିପିଓଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ସେ ମଧ୍ୟ ସଂପୃକ୍ତ ଅଙ୍ଗନୱାଡ଼ି କର୍ମୀଙ୍କୁ ସବୁଦିନେ କେନ୍ଦ୍ରକୁ ଆସିବା ସହ ଶିଶୁଙ୍କୁ ଠିକ୍ ଭାବେ ଖାଦ୍ୟ ଦେବା ପାଇଁ ତାଗିଦ୍ କରିଥିଲେ । ଏନେଇ ସଂପୃକ୍ତ ଅଙ୍ଗନୱାଡ଼ି କର୍ମୀ ମଧ୍ୟ କାର୍ଯ୍ୟରେ ଆଉ ଅବହେଳା କରିବେ ନାହିଁ ବୋଲି ଲିଖିତ ଭାବେ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ କିଛି ଦିନ ପରେ ପୁଣି ସପ୍ତାହକୁ ମାତ୍ର ଦୁଇରୁ ୩ ଥର ଆସୁଥିବା ବେଳେ ପିଲାଙ୍କୁ ପାଠ ପଢ଼ାଉ ନଥିବା କିମ୍ବା ଖାଦ୍ୟ ଠିକ୍ ଭାବେ ଦେଉ ନଥିବା ଅଭିଯୋଗ ହୋଇଛି। ଗୁରୁବାର ଗ୍ରାମବାସୀ ସଂପୃକ୍ତ ଅଙ୍ଗନୱାଡ଼ି କର୍ମୀଙ୍କୁ କେନ୍ଦ୍ରରୁ ବାହାର କରି ଗ୍ରାମର ଜଣେ ଝିଅକୁ ନିଯୁକ୍ତି ଦେବା ପାଇଁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ମରାମତି ହେଉଛି, ଫେରିବା ପରେ ପୁଣି ଅଚଳ



- ବନ୍ଧୁଗାଁରେ ଆମ୍ବୁଲାନ୍ସ ଫେଲ୍
- ୬୦ ଥର ମରାମତି ହେଲାଣି ୧୦୮ ଆମ୍ବୁଲାନ୍ସ
- ନୂତନ ଆମ୍ବୁଲାନ୍ସ ଦାବିକଲେ ସ୍ଥାନୀୟ ଲୋକେ

ବନ୍ଧୁଗାଁ,୨୫।୭(ଡି.ଏନ୍.ଏ.)

ବନ୍ଧୁଗାଁ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୦୮ ଓ ୧୦୨ ଆମ୍ବୁଲାନ୍ସ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି ଗର୍ଭବତୀ ଓ ଗୁରୁତର ରୋଗୀ। ସ୍ଥାନୀୟ ନେତୃବୃନ୍ଦ, ବୁଦ୍ଧିଜୀବୀ ଓ ଖବରଦାତାଙ୍କୁ ନେଇ ଆୟୋଜିତ ବୈଠକରେ ଏନେଇ କ୍ଷୋଭ ପ୍ରକାଶ କରାଯାଇଛି। ବନ୍ଧୁଗାଁ ବ୍ଲକ କୋରାପୁଟରୁ ୧୦୦ କିମି ଓ ଆନ୍ଧ୍ର ସୀମାନ୍ତରେ ରହିଛି। ମାତୃ ମୃତ୍ୟୁହାର ରୋକିବାରେ ବନ୍ଧୁଗାଁ ସିଏଚ୍‌ସି ଜିଲାରେ ପ୍ରଶଂସିତ ହେଉଥିବା ସତ୍ତ୍ୱେ ଏଠାକାର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ପ୍ରତି କେହି ଧ୍ୟାନ ଦେଉନାହାନ୍ତି। ବର୍ତ୍ତମାନ ୧୦୮ ଓ ୧୦୨ ଆମ୍ବୁଲାନ୍ସ ଗାଡ଼ି ଅଚଳ ହୋଇ ପଡ଼ିରହିଛି। ୧୦୮ ଆମ୍ବୁଲାନ୍ସ ୪ ଜୁନ୍‌ରୁ ୨୨ ଜୁଲାଇ ଭିତରେ ମରାମତି ହୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପହଞ୍ଚିବା ପରେ ୨୩ ତାରିଖ ପୁଣିଥରେ ଅଚଳ ହୋଇଛି। ୧୦୮ ଆମ୍ବୁଲାନ୍ସ ବର୍ତ୍ତମାନ ସୁଦ୍ଧା ୬୦ଥର ମରାମତି ପାଇଁ କୋରାପୁଟକୁ ଯାଇଛି। କିନ୍ତୁ ଗାଡ଼ିରେ କୌଣସି ନୂତନ ସରଞ୍ଜାମ ନ ଲଗାଇ ଭାଙ୍ଗିଯାଇଥିବା ସରଞ୍ଜାମ ଓଲଡିଙ୍ଗ କରି ଲଗାଇ ପଠାଇ ଦିଆଯାଉଛି। ୧୦୮ ଆମ୍ବୁଲାନ୍ସ ଯେଉଁ କମ୍ପାନୀ ଦ୍ୱାରା ପରିଚାଳିତ ହେଉଛି, ସେମାନେ କୌଣସି ଦାୟିତ୍ୱ ସଠିକ୍ ଭାବରେ ନେଉନାହାନ୍ତି। ୧୦୮ ଗାଡ଼ିର ଛାତ କଣା ହୋଇଥିବା ଯୋଗୁ ରୋଗୀ ସଂପୂର୍ଣ୍ଣ ଓଦା ହୋଇଯାଉଛନ୍ତି। ଗାଡ଼ିରେ ବସିବାକୁ ସିଟ୍ ମଧ୍ୟ ନାହିଁ। ଗତ ୨୩ ତାରିଖ ମେକଡ଼ା ଗ୍ରାମର ଜଣେ ଗର୍ଭବତୀ ମହିଳାଙ୍କୁ ଆମ୍ବୁଲାନ୍ସରେ ବନ୍ଧୁଗାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ଗର୍ଭବତୀ ମହିଳାଙ୍କ ଅବସ୍ଥା ବହୁତ ଖରାପ ଥିବା ଯୋଗୁ ଡାକ୍ତର ମାନସ ମଲ୍ଲିକ କୋରାପୁଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ପାଇଁ ଜଣାଇଥିଲେ। ଠିକ୍ ଏହି ସମୟରେ ୧୦୮ ଆମ୍ବୁଲାନ୍ସ ଆସିବା ସମୟରେ ଟାୟାର ଫାଟି ଯାଇଥିଲା। ଗର୍ଭବତୀ ମହିଳା ୧୦୮ ସୁବିଧା ନ ପାଇବାରୁ ନିଜ ଟଙ୍କାରେ ଭଡ଼ା ଗାଡ଼ି କରି ରାୟଗଡ଼ା ଚିକିତ୍ସା ପାଇଁ ଯାଇଥିଲେ। ଜିଲା ପ୍ରଶାସନ ନୂତନ ଆମ୍ବୁଲାନ୍ସ ବ୍ୟବସ୍ଥା କରିବା ପାଇଁ ଦାବି ହୋଇଛି।

ଧରିତ୍ରୀ
DHARITRI
ରାୟଗଡା, ଶୁକ୍ରବାର, ୨୬ ଜୁଲାଇ, ୨୦୧୯



## ସଂକ୍ଷେପରେ

### ବିହନ ବିଶୋଧନ କାର୍ଯ୍ୟକ୍ରମ



**ଧୋଡ୍ରା,୨୫।୭(ଡି.ଏନ.ଏ)-** ଝରିଗାଁ ବ୍ଲକ ଚାଟିଗୁଡା ପଞ୍ଚାୟତ ବିଜାପୁର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ବିହନ ବିଶୋଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଓ ସୁରେଶ ଚନ୍ଦ୍ର ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା କୃଷି ଅଧିକାରୀ ଉମରକୋଟ ପ୍ରଭାତ କୁମାର ମାର୍ଥା, ଝରିଗାଁ ଏଏଓ ସୁନିତା ସିଂ, ସହକାରୀ କୃଷି ଅଧିକାରୀ ଯୋଗ ଦେଇ ବିହନ ବିଶୋଧନ କିପରି କରିବା ତାହା ଚାଷୀମାନଙ୍କୁ ବୁଝାଇଥିଲେ। ଉତ୍କୃଷ୍ଟ ମାନର ବିହନରୁ ଅଧିକ ଅମଳ ମିଳିଥାଏ ବୋଲି ଚାଷୀଙ୍କୁ ଅବଗତ କରିଥିଲେ। ପ୍ରତ୍ୟେକ ଚାଷୀ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଅନ୍ତର୍ଭୁକ୍ତ ହେବାକୁ କହିଥିଲେ। ସରପଞ୍ଚ ପଦ୍ମିନୀ ନାୟକ, ସମିତି ସଭ୍ୟ ଦଶରଥ ଭତ୍ରା ଉପସ୍ଥିତ ଥିଲେ।

### ଘୋଡ଼ାହାଡ଼ ପାଣି ପଞ୍ଚାୟତ ଶୀର୍ଷ କମିଟି ଆଲୋଚନା ସଭା

**ଦିଗପହଣ୍ଡି,୨୫।୭(ଡି.ଏନ.ଏ.):** ଦିଗପହଣ୍ଡିସ୍ଥିତ ଘୋଡ଼ାହାଡ଼ ପାଣି ପଞ୍ଚାୟତ ଶୀର୍ଷ କମିଟି ପକ୍ଷରୁ କାର୍ଯ୍ୟାଳୟ ସଭାଗୃହରେ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ପାଣି ପଞ୍ଚାୟତ ଶୀର୍ଷ କମିଟି ସମ୍ପାଦକ ରମେଶ ଚନ୍ଦ୍ର ପାତ୍ରଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଶୀର୍ଷ କମିଟି ସଭାପତି ତଥା ପୂର୍ବତନ ସରପଞ୍ଚ ବିଦ୍ୟାଧର ମହାପାତ୍ର ଅଧକ୍ଷତା କରିଥିଲେ। ଚିକିଟି ଜଳ ବିଭାଜନ ନିର୍ବାହୀ ଯନ୍ତ୍ରୀ ଇଂ. ଦିଲୀପ କୁମାର ଦାଶ, ଘୋଡ଼ାହାଡ଼ ଜଳସେଚନ ଉପଖଣ୍ଡ କାର୍ଯ୍ୟାଳୟ ଉପ ନିର୍ବାହୀ ଯନ୍ତ୍ରୀ ଇଂ. ପ୍ରମୋଦ କୁମାର ପଣ୍ଡା, ସହକାରୀ ଯନ୍ତ୍ରୀ ଇଂ. ନିରଞ୍ଜନ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ବର୍ଷା ଅଭାବରୁ ଧାନତଳି ଝାଉଁଳି ଗଲାଣି। ଚଳିତବର୍ଷ ଶାଖା କେନାଲରୁ ଘାସ, ଲଟାବୁଦା ସଫା ପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ ଅନୁଦାନ ମଞ୍ଜୁର କରାଯାଇନାହିଁ। ଘୋଡ଼ାହାଡ଼ ଡ୍ୟାମ ବାମ ଓ ଡ଼ାହାଣ କେନାଲ ଯୋଗେ ପାଣି ଛଡ଼ା ନ ଯିବାରୁ ଧାନତଳି ଘରା ଫାଟିଗଲାଣି। ତୁରନ୍ତ କେନାଲ ଯୋଗେ ପାଣି ଛାଡିବାକୁ ଦାବିକରି ପାଣି ପଞ୍ଚାୟତ କମିଟି କର୍ମକର୍ତ୍ତା ରାମନାଥ ବିଶୋୟୀ, ବିପ୍ର ପ୍ରଧାନ, କୋରା ବରାଡ଼, ଏ. ବୁଧିଆ ପାତ୍ର, କାଳୀ ଚରଣ ରାଉଳ, ପି. ଦଣ୍ଡ ପାତ୍ର ପ୍ରମୁଖ ସଭାରେ ପାଟିତୁଣ୍ଡ କରିଥିଲେ। ଉପସ୍ଥିତ ନିର୍ବାହୀ ଯନ୍ତ୍ରୀ ବିଭାଗ ପକ୍ଷରୁ ଶାଖା କେନାଲ ସଫେଇପାଇଁ ବ୍ୟୟ ଅଟକଳ ମଞ୍ଜୁର କରିବାକୁ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଆବଶ୍ୟକ ବର୍ଷା ନ ହେଲେ ଶୁକ୍ରବାର ଅପରାହ୍ନ ୪ଟାରେ ଡ୍ୟାମରୁ ପାଣି ଛଡ଼ାଯିବା ନିମନ୍ତେ ପ୍ରସ୍ତାବ ଗୃହୀତ ହୋଇଥିଲା।

## ■ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ନେଇ ଭାରତ ବିକାଶ ପରିଷଦର ଧାରଣା

# ସିଡିଏମ୍‌ଓଙ୍କ ପ୍ରକୋଷ୍ଠରେ ପକାଇଲେ ତାଲା

**ନବରଙ୍ଗପୁର,୨୫।୭(ବି.ପ୍ର.)**

**ନବରଙ୍ଗପୁର ସଦର ମହକୁମା ଡାକ୍ତରଖାନା**

ନବରଙ୍ଗପୁର ସଦର ମହକୁମା ଡାକ୍ତରଖାନାରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ଓ ରୋଗୀଙ୍କୁ ଡାକ୍ତରଙ୍କ ଦୁର୍ବ୍ୟବହାର ନେଇ ନବରଙ୍ଗପୁର ଭାରତ ବିକାଶ ପରିଷଦ ପକ୍ଷରୁ ଗୁରୁବାର ଜିଲା ଚିକିତ୍ସା ଅଧିକାରୀଙ୍କୁ ଦାବିପତ୍ର ଦେବା ସହ ଆଲୋଚନା କରିଥିଲେ। ଆଲୋଚନାରେ ପରିଷଦର ଦାବିକୁ ନେଇ ଜିଲା ଚିକିତ୍ସା ଅଧିକାରୀଙ୍କ ଠାରୁ ସନ୍ତୋଷ ଜନକ ଉତ୍ତର ନମିଳିବାରୁ ତାଙ୍କ ଚାମ୍ବରରେ ତାଲା ପକାଇ ପରିଷଦର ସଭ୍ୟସଭ୍ୟାମାନେ ଧାରଣାରେ ବସିଥିଲେ । ଜିଲାପାଳଙ୍କୁ ପରିଷଦର ସଭ୍ୟା ସୁଷମା ଜୈନ ଅଭିଯୋଗ କରିଥିଲେ । ପରେ ନବରଙ୍ଗପୁର ଥାନା ଅଧିକାରୀ ତାରିକ ଅହମ୍ମଦ ପହଞ୍ଚି ଜିଲା ଚିକିତ୍ସା ଅଧିକାରୀଙ୍କ ପ୍ରକୋଷ୍ଠରେ ପକାଯାଇଥିବା ତାଲା ଖୋଲିଥିଲେ । ନବରଙ୍ଗପୁର ସଦର ମହକୁମା ଡାକ୍ତରଖାନାରେ ମାତୃ ଓ ଶିଶୁ ଚିକିତ୍ସା କେନ୍ଦ୍ର କାର୍ଯ୍ୟକାରୀ ନହେବା, ଡିଜିଟାଲ ଡିସପେନସାରୀ କର୍ମଚାରୀ ସେମାନଙ୍କ ଦରମା ନପାଇବା, ରକ୍ତ ଭଣ୍ଡାରରେ ଟଙ୍କା ଆଦାୟ, ଗର୍ଭବତୀଙ୍କୁ ଜରୁରୀ କାଳୀନ ଚିକିତ୍ସା ଯୋଗାଇବା ପରିବର୍ତ୍ତେ



ସିଡିଏମଓଙ୍କ ପ୍ରକୋଷ୍ଠା ଆଗରେ ପରିଷଦର ସଭ୍ୟାସଭ୍ୟମାନେ ଧାରଣାରେ ବସିଛନ୍ତି।

ସେମାନଙ୍କୁ ରେଫର କରାଯାଉଛି, ଡାଇଲିସିସି କେନ୍ଦ୍ରରେ ରୋଗୀ ସେବା ପାଉ ନାହାନ୍ତି, ରୋଗୀଙ୍କୁ ଚିକିତ୍ସା ସମୟରେ ଡାକ୍ତର ଦୁର୍ବ୍ୟବହାର ପ୍ରଦର୍ଶନ କରୁଛନ୍ତି, ଅତିରିକ୍ତ ଚିକିତ୍ସା ଅଧିକାରୀ (ମେଡିକାଲ) ବିନା ଛୁଟିରେ ଚାଲି ଯାଉଛନ୍ତି, ଅନେକ ଡାକ୍ତର ଛୁଟିରେ ଯାଇ ଫେରୁ ନାହାନ୍ତି, ଜିଲାରେ ମେଡିସିନ ବିଶେଷଜ୍ଞ ଅଭାବ, ସଦର ମହକୁମା ଡାକ୍ତରଖାନାରେ ରୋଗୀଙ୍କୁ ଠିକ ଚିକିତ୍ସା ମିଳୁନଥିବା ନେଇ ଭାରତ ବିକାଶ ପରିଷଦ ଅଭିଯୋଗ ଆଣିଥିଲା । ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ (ମେଡିକାଲ) ସଂଜିତ ପଟ୍ଟନାୟକଙ୍କୁ ଆଲୋଚନା କରିବା ପାଇଁ ଡାକନ୍ତୁ ବୋଲି ପରିଷଦର ସଭ୍ୟମାନେ କହିଥିଲେ । ତେବେ ଜିଲା ଚିକିତ୍ସା ଅଧିକାରୀ ସତ୍ୟବ୍ରତ ଛୋଟରାୟ ଏସମସ୍ତ ଅବ୍ୟବସ୍ଥା ଉପରେ ସନ୍ତୋଷଜନକ ଉତ୍ତର ରଖି ପାରିନଥିଲେ । ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀଙ୍କୁ ଡକାଇ ନ ଥିଲେ । ରୋଗୀଙ୍କୁ କିଭଳି ସେବା ମିଳୁଛି ତାହା ପଚାରିବା ପାଇଁ ୱାର୍ଡକୁ ଯିବାକୁ ଡାକିଥିଲେ। ତେବେ ଜିଲା ଚିକିତ୍ସା ଅଧିକାରୀ ମନା କରିଥିଲେ। ଏସମସ୍ତ ଘଟଣାକୁ ନେଇ ପରିଷଦର ସଭ୍ୟାସଭ୍ୟମାନେ ଜିଲା ଚିକିତ୍ସା ଅଧିକାରୀଙ୍କ ତାଲାପକାଇ ଏକ ଘଣ୍ଟା ରଖିଥିଲେ । ଖବର ପାଇ ପୋଲିସ ପହଞ୍ଚିବା ପରେ ତାଲାଖୋଲାଯାଇଥିଲା। ଜିଲା ଚିକିତ୍ସା ଅଧିକାରୀ ଛୋଟରାୟ, ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ(ମେଡିକାଲ), ପରିଷଦର ସଭ୍ୟାସଭ୍ୟ ସମେତ ପୋଲିସ ଫୋର୍ସ ଡାକ୍ତରଖାନା ପରିସର ବୁଲି ରୋଗୀଙ୍କୁ କିଭଳି ସେବା ଯୋଗାଇ ଦିଆଯାଉଛି ତାହା ଦେଖିଥିଲେ । ସମସ୍ତ ଦାବି ଗୁଡିକ ୭ ଦିନ ମଧ୍ୟରେ ପୂରଣ ନହେଲେ ଓ ଏହା ଉତ୍ତର ନମିଳିଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ପରିଷଦ ଚେତାବନୀ ଦେଇଥିଲା। ଏଥିରେ ପରିଷଦର ସଭାପତି ଚନ୍ଦ୍ର କୁମାର ଆଚାର୍ଯ୍ୟ, ସଭ୍ୟା ସୁଷମା ଜୈନ, ଗୌରୀ ମାଝୀ, ମୃତ୍ୟୁଞ୍ଜୟ ମହାରଣା, ସୁବ୍ରତ ବେହେରା, ଗୌରୀ ମାଝୀ, ରାଜୁଲ ଜୈନ, ରାଜେଶ ଜୈନ, ଇଶ୍ୱର ପ୍ରସାଦ ସାବତ, ମଧୁ ସୂଦନ ରାଓ, ମନୋଜ ସଗରିଆ, ତ୍ରିନାଥ ମିଶ୍ର ସମେତ ସଭ୍ୟା ସଭ୍ୟମାନେ ଉପସ୍ଥିତ ଥିଲେ ।

## ଶିକ୍ଷକଙ୍କ ଯୋଗ୍ୟତା ପ୍ରମାଣପତ୍ର ଯାଞ୍ଚ



ଶିକ୍ଷକମାନଙ୍କ ସାର୍ଟିଫିକେଟ ଯାଞ୍ଚ କରାଯାଉଛି ।

**ଡାବୁଗାଁ,୨୫।୭(ଡି.ଏନ.ଏ.)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକରେ ୨ ଦିନ ଧରି ଶିକ୍ଷକମାନଙ୍କ ଯୋଗ୍ୟତା ପ୍ରମାଣପତ୍ର ଯାଞ୍ଚ କରାଯାଇଛି । ବ୍ଲକ ଅଧୀନ ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ ଯେଉଁ ଶିକ୍ଷକମାନେ ୨୦୧୧ ମସିହା ପରଠାରୁ ନିୟମିତ ହୋଇଛନ୍ତି ସେହି ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ଯୋଗ୍ୟତା ପ୍ରମାଣପତ୍ର ଡାବୁଗାଁ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଯାଞ୍ଚ କରାଯାଇଛି । ଏଥିପାଇଁ ଏକ ଯାଞ୍ଚ କମିଟି ଗଠନ କରାଯାଇଛି। ଏହି କମିଟିରେ ଅଧକ୍ଷ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ହୋତା, ସଭ୍ୟ ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମୀକାନ୍ତ ବାହିନୀପତି, ମୁଖ୍ୟ କିରାଣୀ କୈଳାସ କୁମାର ସିଂ ଓ ଆକାଉଣ୍ଟାଣ୍ଟ ଶୟନ ପୃଷ୍ଟି ପ୍ରମୁଖ ରହିଛନ୍ତି । ଏହି କମିଟି ୨ ଦିନରେ ବ୍ଲକ ଅଧୀନରେ କାର୍ଯ୍ୟରତ ମୋଟ ୧୧୦ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପ୍ରମାଣପତ୍ର ଯାଞ୍ଚ କରିଛି।

## ସାମାଜିକ ସମୀକ୍ଷା ସମ୍ପର୍କିତ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ ।

**ଡାବୁଗାଁ/କୋଷାଗୁମୁଡା, ୨୫।୭(ଡି.ଏନ.ଏ.)**

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗୁରୁବାର ସାମାଜିକ ଅନୁଷ୍ଠାନ ସ୍ପ୍ରେଡ ପକ୍ଷରୁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ-୨୦୧୩ର ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଆଲୋଚନଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍ପ୍ରେଡର ଜିଲା ସଂଯୋଜକ ନିରାକାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ, ମଧ୍ୟାହ୍ନ ଭୋଜନ, ପିଡିଏସ, ଗରମ ରନ୍ଧା ଖାଦ୍ୟ ଓ ମମତା ଯୋଜନା ଉପରେ ଆଲୋଚନା ହୋଇଥିଲା। ଏଥିରେ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଗୁଡିକ ଉପରେ ମଧ ଆଲୋଚନା ହୋଇଥିଲା । ଏହା ସହ ଜାତୀୟ ଖାଦ୍ୟ ସୁରକ୍ଷା ଆଇନର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିରେ ବ୍ଲକ ଶିକ୍ଷା ଅଧିକାରୀ ମଧ୍ୟାହ୍ନ ଭୋଜନ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ସଭାରେ ଏବିଡିଓ କୃପାସିନ୍ଧୁ ନାୟକ, ସିଡିପିଓ ନିବାସିନୀ ବିଶ୍ୱାଳ, ବ୍ଲକ ଶିକ୍ଷା ଅଧିକାରୀ ଈଶ୍ୱରଚନ୍ଦ୍ର ମାଝୀ, ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ପୁଷ୍ପାଞ୍ଜଳି ସାମଲ, ଅଙ୍ଗନୱାଡି ସୁପରଭାଇଜର, ସମସ୍ତ ପଞ୍ଚାୟତର ସରପଞ୍ଚ ଓ ପଞ୍ଚାୟତ ପ୍ରତିନିଧି ମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ସ୍ପ୍ରେଡର ବ୍ଲକ ସଂଯୋଜକ ପ୍ରଭାତ ପଣ୍ଡା ପରିଚାଳନା କରିଥିଲେ ।



ବିଏସଏଫ ୧୯ ବାଟାଲିୟନ ପକ୍ଷରୁ ଜନସାଧାରଣଙ୍କୁ ଅତ୍ୟାଧୁନିକ ବନ୍ଧୁକ ପ୍ରଦର୍ଶନ କରାଯାଇଛି।

# ସ୍ୱାଧୀନତା ଦିବସ ପାଇଁ ବୈଠକ

**ନବରଙ୍ଗପୁର,୨୫।୭(ବି.ପ୍ର.)**

ସ୍ୱାଧୀନତା ଦିବସ ପାଳନ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ଅଶୋକ ମେହେଟ୍ଟା ସମ୍ମିଳନୀ କକ୍ଷ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଜିଲାପାଳ ଅଜିତ କୁମାର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଏସପି ଶାନ୍ତନୁ କୁମାର ମହାନ୍ତି, ସିଡିଏମଓ ସତ୍ୟବ୍ରତ ଛୋଟରାୟ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ, ଜିଲା ଯୋଗାଣଅଧିକାରୀ ପ୍ରଶାନ୍ତ ବେବର୍ତ୍ତା, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ(ଆତ୍ମା) କମଳ ଲୋଚନ ନାୟକ ସମେତ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ । ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଏହାକୁ ପରିଚାଳନା କରିଥିଲେ । ନବରଙ୍ଗପୁର ଷ୍ଟାଡିୟମ ଠାରେ ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ବହୁ ଆଡମ୍ବରରେ ସ୍ୱାଧୀନତା ଦିବସ ପାଳିତ ହେବ । ଏନେଇ ପଡିଆର ମରାମତି ପାଇଁ ରାସ୍ତା ଓ ଗୃହ ନିର୍ମାଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରାତଃରେ ରାମଧୂନ ସହ ସହର ସ୍ଥିତ ସମସ୍ତ ବରପୁତ୍ର ମାନଙ୍କ ସ୍ଥାପିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ



ବୈଠକରେ ଜିଲାପାଳଙ୍କ ସହ ଅନ୍ୟମାନେ ।

ଅର୍ପଣ କରାଯିବ । ଅଗଷ୍ଟ ୧୧,୧୨ ଓ ୧୩ ତାରିଖରେ ପରେଡ ଅଭ୍ୟାସ କରାଯିବ । ରିଜର୍ଭ ଇନ୍ସପେକ୍ଟର ଏହାର ଦାୟିତ୍ୱରେ ରହିବେ । ୭ ଓ ୮ ତାରିଖରେ ନୋଡାଲ ଆରସିଡି ହାଇସ୍କୁଲ ଠାରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହେବ । ଖାଦ୍ୟ ବ୍ୟବସ୍ଥା ପାଇଁ ଜିଲା ଯୋଗାଣ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି । ମୁଖ୍ୟ ଅତିଥିଙ୍କ ପରେଡ ଅଭିବାଦନ ପାଇଁ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଗାଡି ବ୍ୟବସ୍ଥା ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଛି । ସେହିଭଳି ପଡିଆରେ ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । କୃଷି, ସ୍ୱାସ୍ଥ୍ୟ, ଶିକ୍ଷା ଆଦି ବିଭାଗର ପ୍ରଜ୍ଞାପନ ମେଢ ପ୍ରଦର୍ଶିତ ହେବ । ଏହା ସମେତ ଜିଲାର କୃତୀ ଛାତ୍ରୀ ଛାତ୍ର, ଆଶା, ଅଙ୍ଗନୱାଡି କର୍ମୀ ଓ କୃଷକଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱରା ସମ୍ମାନିତ କରାଯିବ । ସନ୍ଧ୍ୟାରେ ସ୍ଥାନୀୟ ଶାସ୍ତ୍ରୀ ଭବନଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା । ଏହି ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, ପୋଲିସ, ରାସ୍ତା ଓ ଗୃହ ନିର୍ମାଣ ବିଭାଗର ଅଧିକାରୀ ସମେତ ଭାରତ ବିକାଶ ପରିଷଦର ସଭ୍ୟା ସୁଷମା ଜୈନ, ଭାଜପାର ଯୁବ ନେତା ଗୌରୀ ମାଝୀ, ଦେବଦାଶ ମହାଙ୍କୁଡ, ମନୋଜ ପଟ୍ଟନାୟକ, କ୍ରୀଡା ପ୍ରଶିକ୍ଷକ ମନରଞ୍ଜନ ପ୍ରହରାଜ, ଜ୍ୟୋତି ପରିଚ୍ଛା ପ୍ରମୁଖ ଉପସ୍ଥିତ ଥିଲେ ।

## ଋଣ ଟଙ୍କା ଶୁଝି ନ ପାରି ମହିଳାଙ୍କ ଆତ୍ମହତ୍ୟା

**ବ୍ରହ୍ମପୁର ଅଫିସ,୨୫।୭**

ଲୋକଙ୍କଠାରୁ ବ୍ୟବସାୟ ପାଇଁ ଲକ୍ଷାଧିକ ଟଙ୍କା ଧାର ଆଣି ପରବର୍ତ୍ତୀ ସମୟରେ ତାହା ଶୁଝି ନ ପାରି ଜଣେ ମହିଳା ଗୁରୁବାର ଆତ୍ମହତ୍ୟା କରିଛନ୍ତି। ମୃତ ମହିଳା ହେଲେ ସ୍ୱର୍ଗତ ନିରଞ୍ଜନ ନାୟକଙ୍କ ସ୍ତ୍ରୀ କୁରି (୫୦) ବୋଲି ବଡବଜାର ଥାନାଧିକାରୀ ପ୍ରଶାନ୍ତ ଭୂପତି ସୂଚନା ଦେଇଛନ୍ତି। ପୋଲିସ ମୃତଦେହ ଜବତ କରି ନଂ.୧୧/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମେ ୨୪ ତାରିଖରେ ପୁରୁଣା ବ୍ରହ୍ମପୁରରେ ରହୁଥିବା କୁରିଙ୍କ ଝିଅ ରେଶମା ଧାର ଟଙ୍କା ଶୁଝି ନ ପାରି ମଧ ଆତ୍ମହତ୍ୟା କରିଥିଲେ। ସେହିପରି ଗୁରୁବାର ତାଙ୍କ ମା' କୁରି ଆତ୍ମହତ୍ୟା କରିଛନ୍ତି । ପ୍ରକାଶ ଯେ, କୁରି ଓ ତାଙ୍କ ପୁଅ କାହ୍ନା କୁଠାରି ମନ୍ଦିର ସାହିର ସତ୍ୟନାରାୟଣ ସୁବୁଦ୍ଧିଙ୍କ ଘରେ ଭଡ଼ାରେ ରହୁଥିଲେ। ବ୍ୟବସାୟ କରିବା ପାଇଁ ମହିଳା ଜଣକ କେତେ ଲୋକଙ୍କଠାରୁ ଲକ୍ଷାଧିକ ଟଙ୍କା ଧାର ନେଇଥିଲେ। ବ୍ୟବସାୟ ଭଲ ନ ହେବାରୁ ସେ ଠିକ୍ ସମୟରେ ଟଙ୍କା ଶୁଝିପାରି ନ ଥିଲେ। ଏହାକୁ ନେଇ ମହିଳା ଜଣକ କିଛିଦିନ ହେଲା ମାନସିକ ଦୁଶ୍ଚିନ୍ତାରେ ରହୁଥିଲେ ବୋଲି ତଦନ୍ତ ବେଳେ ପୋଲିସ ଜାଣିବାକୁ ପାଇଛି।

## ୨୯୬ ଶିକ୍ଷକଙ୍କ ପ୍ରମାଣପତ୍ର ଯାଞ୍ଚ

**ଉମରକୋଟ,୨୫।୭(ଡି.ଏନ.ଏ)**

ଉମରକୋଟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଧୀନରେ ଥିବା ଶିକ୍ଷକମାନଙ୍କ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ସ୍ଥାନୀୟ ବିଜୁ ପଟ୍ଟନାୟକ ମହିଳା ମହାବିଦ୍ୟାଳୟ ପରିସରରେ ଗୁରୁବାର ଯାଞ୍ଚ ହୋଇଛି। ବିଇଓ, ଏବିଇଓ ଏବଂ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ, ସିଆରସିସି ମାନେ ଉପସ୍ଥିତ ରହି ଯାଞ୍ଚ କରିଥିଲେ। ଏଥିରେ ଲେଭର ୫ର ଶିକ୍ଷକ ଶିକ୍ଷୟିତ୍ରୀ ୨୧୭ ଜଣ ଏବଂ ଏକ୍ସକ୍ୟାଡର ଶିକ୍ଷକ ଶିକ୍ଷୟିତ୍ରୀ ୭୯ ଯୋଗ୍ୟତା ପ୍ରମାଣ ପତ୍ର ଯାଞ୍ଚ କରାଯାଇଥିଲା। ମୋଟ ୨୯୬ ଜଣଙ୍କ ପ୍ରମାଣପତ୍ର ଯାଞ୍ଚ ହୋଇଛି। ଯାଞ୍ଚ ସମୟରେ କାହାରି ବି ନକଲି ପ୍ରମାଣ ପତ୍ର ନ ଥିଲା ବୋଲି ବିଇଓ ବିକାଶ ଚନ୍ଦ୍ର ସରକାର କହିଛନ୍ତି।

# ୫ ବର୍ଷ ହେଲା ବାରଣ୍ଡାରେ ଚାଲିଛି ପାଠପଢ଼ା

**ଝରିଗାଁ,୨୫।୭(ସ୍ୱ.ପ୍ର)**

ଗ୍ରାମାଞ୍ଚଳରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ନେଇ ସରକାର ସର୍ବଦା ଚେଷ୍ଟା କରୁଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତା ଅଭାବ ଯୋଗୁ ଏହା ସମ୍ଭବ ହେଉ ନାହିଁ। ଭିତ୍ତିଭୂମି ଅଭାବରୁ ଏବେ ବି ପିଲାମାନେ ବାରଣ୍ଡାରେ ବସି ପାଠ ପଢୁଛନ୍ତି। ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ପାଲିଆ ପଞ୍ଚାୟତ ବେଲଝରୀ ପ୍ରାଥମିକ ବିଦ୍ୟାଳୟରେ ଏହା ଦେଖିବାକୁ ମିଳିଛି। ଶ୍ରେଣୀ ଗୃହ ଅଭାବରୁ ୫ ବର୍ଷ ହେଲା ପିଲାମାନେ ବାରଣ୍ଡାରେ ବସି ପାଠ ପଢୁଛନ୍ତି। ୧୯୭୨ ମସିହାରେ ବେଲଝରୀ ଗ୍ରାମରେ ବିଦ୍ୟାଳୟ ସ୍ଥାପିତ ହୋଇଥିଲା। କ୍ରମଶଃ ସେହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଗଢାଯାଇ ପିଲାଙ୍କୁ ନିୟମିତ ପାଠ ପଢା ଯାଇଥିଲା। ଧିରେ ଧିରେ ବିଦ୍ୟାଳୟର ପୁରୁଣା ଶ୍ରେଣୀଗୃହ ଭାଙ୍ଗ ଯାଇଥିଲା। ଏହାପରେ ବେଲଝରୀ ପ୍ରାଥମିକ ବିଦ୍ୟାଳୟରେ ଗୋଟିଏ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ କରାଯାଇଥିଲା। ବିଦ୍ୟାଳୟରେ ୭୪ ଜଣ ଛାତ୍ରୀଛାତ୍ର ପାଠ ପଢୁଥିବା ବେଳେ ଅତିରିକ୍ତ ଶ୍ରେଣୀ ଗୃହରେ ପ୍ରଥମ, ଚତୁର୍ଥ ଏବଂ ପଞ୍ଚମ ଶ୍ରେଣୀର ପିଲାଙ୍କୁ ଜଣେ ଶିକ୍ଷକ ପାଠ ପଢାଉଛନ୍ତି।ପୁରୁଣା ବିଦ୍ୟାଳୟ ଗୃହ ବାରଣ୍ଡାରେ ପ୍ରାୟ ୫ ବର୍ଷ ହେଲାଣି ଦ୍ୱିତୀୟ ଏବଂ ତୃତୀୟ ଶ୍ରେଣୀର ପିଲାଙ୍କୁ ଅନ୍ୟ ଜଣେ ଶିକ୍ଷକ ପାଠ ପଢାଉଛନ୍ତି। ଏନେଇ ସମ୍ପୃକ୍ତ ସିଆରସିସିଙ୍କୁ ପ୍ରଧାନ ଶିକ୍ଷକ ଘନ ନାୟକ ଜଣାଇଛନ୍ତି । ସେହିପରି ସିଆରସିସି ପିତମ ପନକା ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ ଏ ପର୍ଯ୍ୟନ୍ତ ସମସ୍ୟାର ସମାଧାନ ହୋଇପାରି ନାହିଁ।



ଛାତ୍ରୀଛାତ୍ରମାନେ ବାରଣ୍ଡାରେ ପାଠ ପଢୁଛନ୍ତି।

## ■ ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ

# ବନ୍ଦ ହେଉନି ଯୁବତୀଙ୍କ ନାକ, ଦାନ୍ତ ମାଢ଼ିରୁ ରକ୍ତସ୍ରାବ

- ■ଜିଲାପାଳଙ୍କ ନିର୍ଦ୍ଦେଶକୁ ସିଡିଏମଓଙ୍କ ଅଣଦେଖା
- ■ଅସୁସ୍ଥତା ପାଇଁ ଦଶମ ପାଶ ପରେ ପାଠ ପଢା ବନ୍ଦ
- ■ବଦାନ୍ୟ ବ୍ୟକ୍ତିଙ୍କ ସହାୟତା ଆଶାରେ ପରିବାରବର୍ଗ

**ନବରଙ୍ଗପୁର,୨୫।୭(ବି.ପ୍ର.)**

ନବରଙ୍ଗପୁର ଜିଲା ପାପଡାହାଣ୍ଡି ସଦର ବ୍ଲକର ଜଗନ୍ନାଥ ବିଷୋୟୀଙ୍କ ଝିଅ କମଳ କୁମାରୀ ବିଷୋୟୀ(୨୨) । ଜନ୍ମର ୬ ମାସ ପରେ ୧ ବର୍ଷ ପର୍ଯ୍ୟନ୍ତ ନାକରୁ ରକ୍ତସ୍ରାବ ଆରମ୍ଭ ହୋଇଥିଲା । ପରେ ନାକ ଓ ଦାନ୍ତ ମାଢିରୁ ରକ୍ତସ୍ରାବ ଆରମ୍ଭ ହେଲା । ଜଗନ୍ନାଥ ଝିଅକୁ ନେଇ ବିଶାଖାପାଟଣାର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା କରାଇଥଲେ । କିନ୍ତୁ ରକ୍ତ ସ୍ରାବ ବନ୍ଦ ହୋଇ ନଥିଲା । ରକ୍ତ ସ୍ରାବ ଯୋଗୁ କମଳ ଦଶମ ପାଶ ହେବା ପରେ ପାଠ ପଢା ବନ୍ଦ ହୋଇଯାଇଛି। ନାକ ଓ ଦାନ୍ତ ମାଢିରୁ ରକ୍ତସ୍ରାବ ବନ୍ଦ ହେଉ ନ ଥିବାରୁ ପରିବାର ଲୋକ ରାୟପୁର, ଭୁବନେଶ୍ୱର, ନବରଙ୍ଗପୁରର ବିଭିନ୍ନ ଘରୋଇ ଡାକ୍ତରଖାନାରେ କମଳଙ୍କ ଚିକିତ୍ସା କରାଇବା ସହ ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନାରେ ଚିକିତ୍ସା କରାଇଥିଲେ । ତଥାପି ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ଘଟିଲା ନାହିଁ । ୨୨ ତାରିଖରେ କମଳ ଗୁରୁତର ହୋଇଯିବାରୁ ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନାରେ ଆଣି ପରିବାର ଲୋକ ଭର୍ତ୍ତି କରିଛନ୍ତି । ରକ୍ତ ପରୀକ୍ଷା ପରେ ଜଣାପଡିଥିଲା ଯେ ରକ୍ତସ୍ରାବ ଲାଗି ହିମୋଗ୍ଲୋବିନ ୨.୬ ପ୍ରତିଶତ ରହିଛି । ଡାକ୍ତର ୪ ୟୁନିଟ ରକ୍ତ ଆବଶ୍ୟକ ବୋଲି କହିବା ପରେ ୨ ୟୁନିଟ ରକ୍ତ ଚଢାଯାଇଛି । ଏବେ ୪ ପ୍ରତିଶତ ହିମୋଗ୍ଲୋବିନ ରହିଛି । ଗୁରୁବାର ଡାକ୍ତର ଆଉ ୨ ୟୁନିଟ ରକ୍ତ ଚଢାଇବା ପରିବର୍ତ୍ତେ ଡାକ୍ତରଖାନାରୁ ଡିସଚାର୍ଜ କରି ଦେବାରୁ ପରିବାର ଲୋକ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ । ତେବେ ଝିଅର ଅଧିକ ଚିକିତ୍ସା ପାଇଁ କେତେ ଟଙ୍କା ଖର୍ଚ୍ଚ ହେବ ଏବଂ ରୋଗ କଣ ହୋଇଛି ଡାକ୍ତର କହୁ ନାହାନ୍ତି ବୋଲି ପରିବାର ଲୋକ କହିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସମସ୍ତ ରିପୋର୍ଟ ଦେଖିବା ପରେ କହିଥିଲେ ଯେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲ ତାଙ୍କୁ ଭେଲୋର ନେବାକୁ ପରାମର୍ଶ ଦେଇଛନ୍ତି । ଏଠାରେ ହିମୋଗ୍ଲୋବିନ କେତେ ରହିଛି ତାହା ଦେଖନ୍ତୁ । ଡାକ୍ତରଖାନାରେ ରହନ୍ତୁ ପରେ ଦେଖିବା ବୋଲି କହିଥିଲେ। ରୋଗ କଣ ହୋଇଛି ଡାକ୍ତର କହୁ ନ ଥିବାରୁ ପରିବାର ଲୋକ କିଛି ଜାଣପାରୁ ନାହାନ୍ତି । ଝିଅକୁ ନେଇ ମାଆ ବାପା ବିଭିନ୍ନ ଡାକ୍ତରଖାନା ବୁଲି ଖର୍ଚ୍ଚାନ୍ତ ହୋଇ ଆର୍ଥିକ ସ୍ଥିତିରେ ଦୁର୍ବଳ ହୋଇ ଗଲେଣି । ଅଧିକ ଚିକିତ୍ସା ସୁବିଧା ପାଇଁ ଜିଲାପାଳଙ୍କୁ ମଧ ପରିବାର ଲୋକ ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସାହାଯ୍ୟ ପାଇଁ ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଡାକ୍ତରଙ୍କ ଠାରୁ ରୋଗ କଣ ଓ କେତେ ଟଙ୍କା ଖର୍ଚ୍ଚ ହେବ ତାହାର ରିପୋର୍ଟ ପ୍ରଦାନ ପାଇଁ ସିଡିଏମଓଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । କେଉଁ ଡାକ୍ତରଖାନାରେ ଏହାର ଚିକିତ୍ସା ବ୍ୟବସ୍ଥା ରହିଛି ତାହା ଲେଖାଇ ଆଣିବା ପାଇଁ ବାପା ମାଆଙ୍କୁ କହିଥିଲେ । ଏପରିକି ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମଧ ଏନେଇ ସହଯୋଗ କରିବାକୁ ପରିବାର ଲୋକଙ୍କୁ କହିଥିଲେ। ଏହାର ରିପୋର୍ଟ ଦେବା ଦୂରେ ଥାଉ ଡାକ୍ତର ଓ ସିଡିଏମଓ ଜିଲାପାଳଙ୍କ ନିର୍ଦ୍ଦେଶକୁ ମଧ ଅଣ ଦେଖା କରିଛନ୍ତି । ଏବେ ପରିବାର ବର୍ଗ ଜିଲା ପ୍ରଶାସନ ଓ କୌଣସି ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗ କାମନା କରିଛନ୍ତି । ଆର୍ଥିକ ସ୍ଥିତିରେ ଭାଙ୍ଗିପଡିଥିବା ଓ ଝିଅର ଆରୋଗ୍ୟ କାମନା କରୁଥିବା ମାଆ ବାପା ଏବେ ଚିନ୍ତାରେ ଭାଙ୍ଗିପଡିଛନ୍ତି ।



ଜିଲା ସଦର ମହକୁମା ଡାକ୍ତରଖାନାର ଚିକିତ୍ସାଧୀନ କମଳ କୁମାରୀ ବିଷୋୟୀ

# ପଶ୍ଚିମ, ଦକ୍ଷିଣ ଓଡ଼ିଶାରେ ଆଉ ୩ ଆରଡିସି କାର୍ଯ୍ୟାଳୟ ଖୋଲାଯାଉ

- ମନ୍ତ୍ରୀଙ୍କୁ ଘେରିଲେ ବିରୋଧୀ
- ଏ ବିଷୟରେ ଅନୁଧ୍ୟାନ କରିବାକୁ ରାଜସ୍ୱ ମନ୍ତ୍ରୀଙ୍କୁ ବାଚସ୍ପତିଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୨୫।୭(ବ୍ୟୁରୋ)**

ପୂର୍ବରୁ ରାଜ୍ୟରେ ୧୩ ଜିଲା ଥିଲା। ସେଥିପାଇଁ ୩ଟି ରାଜସ୍ୱ ଡିଭିଜନାଲ କମିଶନର(ଆର୍‌ଡିସି) ଖୋଲାଯାଇଥିଲା। ୧୩ରୁ ୩୦ ଜିଲା ହେଲା । ମାତ୍ର କୌଣସି ନୂଆ ଆର୍‌ଡିସି କାର୍ଯ୍ୟାଳୟ ଏପର୍ଯ୍ୟନ୍ତ ଖୋଲିଲା ନାହିଁ। ଲୋକମାନେ ପ୍ରଶାସନିକ ସେବାରୁ ବଞ୍ଚିତ ହେଉଛନ୍ତି। ବିଶେଷକରି ଆଦିବାସୀ ଅଧ୍ୟୁଷିତ ଜିଲାଗୁଡ଼ିକରେ ଜମିଜମା ସଂକ୍ରାନ୍ତୀୟ ସମସ୍ୟା ଭୟଙ୍କର ହେଲାଣି। ଦୂର ଦୂରାନ୍ତକୁ ଯାଇ ନିଜ ସମସ୍ୟା ସମାଧାନ କରି ପାରୁ ନାହାନ୍ତି। ତୁରନ୍ତ ନୂତନ ଆର୍‌ଡିସି କାର୍ଯ୍ୟାଳୟ ଖୋଲି ଗରିବ ଆଦିବାସୀଙ୍କୁ ସେବା ଯୋଗାଇ ଦିଆଯାଉ। ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ଆଉ ୩ଟି ଆର୍‌ଡିସି କାର୍ଯ୍ୟାଳୟ ଖୋଲାଯାଉ। ଆର୍‌ଡିସି କାର୍ଯ୍ୟାଳୟ ଖୋଲିବାକୁ ନେଇ ବିରୋଧୀ ଓ ଶାସକ ସଦସ୍ୟମାନେ ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କୁ ଘେରିଥିଲେ। ରାଜ୍ୟରେ ନୂତନ ଆର୍‌ଡିସି କାର୍ଯ୍ୟାଳୟ ଖୋଲିବା ପାଇଁ ସରକାର କୌଣସି ନିଷ୍ପତ୍ତି ନେଇ ନାହାନ୍ତି ବୋଲି ମନ୍ତ୍ରୀ କହିଥିଲେ। ମନ୍ତ୍ରୀଙ୍କ ଏଭଳି ଉତ୍ତର ଶୁଣି ସଦସ୍ୟମାନେ ହୋହଲ୍ଲା କରିଥିଲେ। ଲୋକମାନଙ୍କ ନିକଟରେ ପ୍ରଶାସନିକ ସେବା ପହଞ୍ଚାଇବାରେ ରାଜ୍ୟ ସରକାରଙ୍କ କୌଣସି ଆନ୍ତରିକତା ନାହିଁ ବୋଲି ବିରୋଧୀ ଦଳ ସଦସ୍ୟମାନେ ଅଭିଯୋଗ କରିଥିଲେ। ବିରୋଧୀଙ୍କ ଆପତ୍ତି ପରେ ବାଚସ୍ପତି ଏ ସମ୍ପର୍କରେ ଅନୁଧ୍ୟାନ କରିବାକୁ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଗୁରୁବାର ବିଧାନସଭା ପ୍ରଶ୍ନୋତ୍ତର ବେଳେ ମୂଳ ପ୍ରଶ୍ନକର୍ତ୍ତା ତାରାପ୍ରସାଦ ବାହିନୀପତି କୋରାପୁଟ ଜିଲାର ଜୟପୁରଠାରେ ଏକ ସ୍ୱତନ୍ତ୍ର ଆର୍‌ଡିସି କାର୍ଯ୍ୟାଳୟ ଖୋଲିବାକୁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ କହିଥିଲେ ଯେ, କଳାହାଣ୍ଡିରୁ ବ୍ରହ୍ମପୁର ୩୦୦ରୁ ୪୦୦ କିଲୋମିଟର ହେଉଛି। ନୂଆପଡ଼ା ଓ କୋରାପୁଟରୁ ମଧ୍ୟ ଏହା ଦୂରରେ ରହିଛି। ଏତେ ଦୂର ଯାଇ କାର୍ଯ୍ୟ କରିବା ସହଜ ନୁହେଁ। ଆଦିବାସୀ ଗରିବ ଲୋକଙ୍କୁ ସେବା ଯୋଗାଇଦେବା ପାଇଁ ଜୟପୁରଠାରେ ଆର୍‌ଡିସି କାର୍ଯ୍ୟାଳୟ ଖୋଲାଯାଉ। ବିଜେଡି ସଭ୍ୟ ପ୍ରଦୀପ ଅମାତ, ମନୋହର ରନ୍ଧାରୀ, କଂଗ୍ରେସ ସଭ୍ୟ ନରସିଂହ ମିଶ୍ର ଏବଂ ଭାଜପା ସଭ୍ୟ ନିତ୍ୟାନନ୍ଦ ଗଣ୍ଡ ପ୍ରମୁଖ ବୌଦ୍ଧ, ବଲାଙ୍ଗୀର, ନବରଙ୍ଗପୁର ଜିଲାରେ ନୂତନ ଆର୍‌ଡିସି କାର୍ଯ୍ୟାଳୟ ଖୋଲି ଲୋକଙ୍କୁ ସେବା ଯୋଗାଇ ଦେବାକୁ ଦାବି କରିଥିଲେ। ମନ୍ତ୍ରୀ କହିଥିଲେ, ଜୟପୁରଠାରେ ଆରଡିସି କାର୍ଯ୍ୟାଳୟ ଖୋଲିବାର ଏବେ କୌଣସି ପ୍ରସ୍ତାବ ନାହିଁ। ଜମିଜମା ମାମଲା ଫଇସଲା ପାଇଁ ମାଲକାନଗିରି, ନୂଆପଡ଼ା, କଳାହାଣ୍ଡି ଜିଲା ସମେତ ୨୭ଟି ରାଜସ୍ୱ ବୋର୍ଡ ଓ ଜିଲାପାଳଙ୍କୁ ଦାୟିତ୍ୱ ଦିଆଯାଇଛି। ପରବର୍ତ୍ତୀ ସମୟରେ ନୂତନ ଆରଡିସି ଖୋଲିବା ପାଇଁ ସରକାର ପରୀକ୍ଷା ନିରୀକ୍ଷା କରିବେ ବୋଲି ମନ୍ତ୍ରୀ କହିଥିଲେ।

- ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର ପ୍ରଧାନ

## ଓବିସି, ଏସ୍‌ଇବିସିଙ୍କ ପାଇଁ ସଂରକ୍ଷଣ ଲାଗୁ କର

ଭୁବନେଶ୍ୱର, ୨୫।୭(ବ୍ୟୁରୋ)– ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ଏବଂ ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ପଛୁଆ ବର୍ଗ (ଏସ୍‌ଇବିସି) ଲୋକଙ୍କ ପାଇଁ ଶିକ୍ଷାନୁଷ୍ଠାନ ଏବଂ ସରକାରୀ ଚାକିରି କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁରୋଧ କରିଛନ୍ତି। ଧର୍ମେନ୍ଦ୍ର ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶାରେ ଓବିସି ଓ ଏସ୍‌ଇବିସି ଲୋକମାନେ ରାଜ୍ୟ ଜନସଂଖ୍ୟାର ଏକ ପ୍ରମୁଖ ବର୍ଗ ଅଟନ୍ତି। ସେମାନଙ୍କ ମଧ୍ୟରୁ ଅନେକେ ଦାରିଦ୍ର୍ୟ ଓ ନିରକ୍ଷରତା ମଧ୍ୟରେ ରହିଛନ୍ତି। ଏହି କାରଣରୁ ଏମାନଙ୍କୁ ଶିକ୍ଷା ଓ ଚାକିରି କ୍ଷେତ୍ରରେ ବିଶେଷ ସୁବିଧା ଉପଲବ୍ଧ କରାଇବା ଜରୁରୀ।

**ପ୍ରଥମ ପୃଷ୍ଠାରୁ...**

## ମୁକୁଳିଲେ ସାରଥି...

ଝିଅ ସାରଥି ଏବଂ ତାଙ୍କ ସହଯୋଗୀ ଶରତ ଚନ୍ଦ୍ର ପାତ୍ରଙ୍କ ନାମରେ ଟଙ୍କା ଠକେଇ ଓ ଯୌନ ନିର୍ଯାତନା ଅଭିଯୋଗ ଆଣିଥିଲେ। ପ୍ରଥମ ଦୁଇ ମାମଲାରେ ସାରଥିଙ୍କୁ ପୂର୍ବରୁ ଜାମିନ ମିଳି ସାରିଥିବାବେଳେ ତୃତୀୟ ମାମଲା ପାଇଁ ଗତ ୧୭ତାରିଖରେ ସାରଥିଙ୍କ ପକ୍ଷରୁ ହାଇକୋର୍ଟରେ ଜାମିନ ଆବେଦନ କରାଯାଇଥିଲା। ଉକ୍ତ ଜାମିନ ଆବେଦନର ଶୁଣାଣି କରି ହାଇକୋର୍ଟ ଗତ ୨୨ ତାରିଖରେ ତାଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ। ବାରିମୂଳ ଆଶ୍ରମକୁ ନ ଯିବା, ରାଜ୍ୟ ବାହାରକୁ ଯିବା ପୂର୍ବରୁ କୋର୍ଟ ଓ ତଦନ୍ତ ଅଧିକାରୀଙ୍କୁ ସୂଚନା ଦେବା, ସର୍ବସାଧାରଣ ସ୍ଥାନରେ ସଭାରେ ସାମିଲ ନ ହେବା, ଗଣମାଧ୍ୟମକୁ ସୂଚନା ନ ଦେବା ଆଦି ସର୍ତ୍ତରେ ସାରଥି ଜାମିନରେ ମୁକୁଳିଛନ୍ତି। ଏହି ମାମଲାରେ ପୂର୍ବରୁ ସାରଥିଙ୍କ ସହଯୋଗୀ ପାତ୍ର ଜାମିନରେ ମୁକୁଳିଥିବା ସରକାରୀ ଓକିଲ ନିରଞ୍ଜନ ବଳ ସୂଚନା ଦେଇଛନ୍ତି।

## ଖୁବ୍‌ଶୀଘ୍ର ସ୍ୱାସ୍ଥ୍ୟନୀତି: ମନ୍ତ୍ରୀ

**ଭୁବନେଶ୍ୱର,୨୫।୭(ବ୍ୟୁରୋ)**

ରାଜ୍ୟ ପାଇଁ ଖୁବ୍‌ଶୀଘ୍ର ନୂଆ ସ୍ୱାସ୍ଥ୍ୟନୀତି ଆସିବ। ରାଜ୍ୟରେ ୨୦୦୦ ନୂଆ ଡାକ୍ତରୀ ପଦବୀ ସହ ୧୫,୦୦୦ ପାରା ମେଡିକାଲ ଷ୍ଟାଫ ପଦବୀ ସୃଷ୍ଟି କରାଯିବ। କିଛି ମାସ ପରେ ରାଜ୍ୟରେ ଡାକ୍ତର ଅଭାବ ଦେଖାଯିବ ନାହିଁ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏନେଇ ସମସ୍ତ ପଦକ୍ଷେପ ନିଆଯାଉଥିବା ବିଭାଗୀୟ ମନ୍ତ୍ରୀ ନବ ଦାସ କହିଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଖର୍ଚ୍ଚଦାବି ଆଲୋଚନା ସମୟରେ ମନ୍ତ୍ରୀ ବିଧାନସଭାରେ ଏହି କଥା କହିଛନ୍ତି। ଏପରିକି ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇ ସାରିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ନବ କହିଛନ୍ତି ଯେ, ରାଜ୍ୟରେ ସ୍ୱାସ୍ଥ୍ୟସେବାକୁ ଅଧିକ ଲୋକାଭିମୁଖୀ କରାଯିବ। ଓଡ଼ିଶା ସମେତ ପଡ଼ୋଶୀ ରାଜ୍ୟର ଲୋକମାନେ ମଧ୍ୟ ରାଜ୍ୟର ସ୍ୱାସ୍ଥ୍ୟସେବା ଉପରେ ନିର୍ଭରଶୀଳ। ରାଜ୍ୟ ବାହ୍ୟ ଚିକିତ୍ସା ପଞ୍ଜୀକରଣରେ ଓଡ଼ିଶା ସାରା ଦେଶରେ ଦ୍ୱିତୀୟ ସ୍ଥାନ ହାସଲ କରିଛି। ରାଜ୍ୟରୁ ମ୍ୟାଲେରିଆ ନିରାକରଣ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ସମେତ ଏକାଧିକ ସଂସ୍ଥା ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି। ରାଜ୍ୟର ୭ଟି ଭେଷଜ ମହାବିଦ୍ୟାଳୟରେ ଉନ୍ନତ ମାନର ଚିକିତ୍ସା ମଧ୍ୟ ଯୋଗାଇ ଦିଆଯାଉଛି। ୨୦୧୯-୨୦ ଆର୍ଥିକ ବର୍ଷରେ ମୋଟ ୬୮୦୨,୧୨,୦୩,୦୦୦ ଟଙ୍କାର ବ୍ୟୟ ଅଟକଳ କରାଯାଇଥିବା ମନ୍ତ୍ରୀ ଦାସ ସୂଚନା ଦେଇଛନ୍ତି।

## ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

ଆକାଶ ଶୋଭା ବିଲ୍‌ଡିଂ

ପଣ୍ଡିତ୍ ଜବାହାର୍‌ଲାଲ୍ ନେହେରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧

ପତ୍ର ସଂଖ୍ୟା: 17479/ଭୁ.ଉ.କ., ଭୁବନେଶ୍ୱର ତା25।07।2019ରିଖ

KVM- 72 / 95

### ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, କଳିଙ୍ଗ ବିହାର ହାଉସିଂ ପ୍ରକଳ୍ପ ଏମ୍.ଆଇ.ଜି ଘର ନଂ. K9A–50କୁ ଶ୍ରୀ ହିମାଂଶୁ ଭୂଷଣ ଦାସ, ଗ୍ରାମ–ବଡହାଟ କରଣସାହି, ପୋ/ଥାନା–କେନ୍ଦ୍ରାପଡ଼ା, ଜିଲ୍ଲା–କେନ୍ଦ୍ରାପଡ଼ାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଉକ୍ତ ଗୃହର ଲିଜ୍ ଦଲିଲ ସମ୍ପାଦନ କରିବାପରେ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ସୌଭାଗ୍ୟଲକ୍ଷ୍ମୀ ସାହୁ, ସ୍ୱା–ପ୍ରସନ୍ନ କୁମାର ସାହୁ, ଗ୍ରାମ–ରଙ୍କଦେଉଳି, ପୋ–ଦାମସାହି, ଥାନା–ରଣପୁର, ଜିଲ୍ଲା–ନୟାଗଡଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହଟିର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ସୂଚନା ପ୍ରକାଶନର ୧୫(ପନ୍ଦର)ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବରେ ଜଣାଇବେ, ତତ୍‌ପରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ ସମ୍ପାଦନ କରାଯିବ।

**ସ୍ୱା./- ଆବଣ୍ଟନ ଅଧିକାରୀ-୨**

# OFFICE OF THE MUNICIPAL COUNCIL, RAIRANGPUR

Phone No.06794-222054

**E-Mail ID :- rairangpurn.hud@ori.nic.in / rrpurnac@gmail.com**

**"e" PROCUREMENT NOTICE**

**No.01** **TENDER CALL NOTICE** **Date: 24.07.2019**

BID IDENTIFICATION NO.-T2RRP2019-20

Bid documents consisting of specification the schedule of quantities and the set of terms & conditions of contract and other necessary documents can be seen in the Govt. Website i.e. www.tendersorissa.gov.in

1. **Nature of the works :- Civil Works 1 (One)**
2. **No. of Works :- Bid Identification No.T1RRP2019-20**

| Procurement Officer | Bid Identification No. | Availability of Tender on-line for bidding | | End Date for submission of Bid documents EMD. tender paper cost Etc as per DTCN dropping on this office Tender Box Otherwise tender will be rejected | Date & Time of opening of tender |
|---|---|---|---|---|---|
| | | From | To | | Technical Bid & Financial Bid |
| 1 | 2 | 3 | 4 | 5 | 6 |
| Executive Officer Rairangpur Municipality | T2RRP 2019-20 | 25.07.2019 At- 10.00 AM. | 05.08.2019 Up to 5.00 PM. | 06.08.2019 up to 5.00 PM. | 08.08.2019 At-11 AM. |

3. If all the tender work will be not completed within fixed period mentioned in the tender schedule the work agreement and work order automatically cancelled.
4. The Authority reserves the right to reject any or all tender without assigning any reason thereof.
5. Further the details can be seen from the procurement portal :- www.tendersorissa.gov.in.

Sd./- Executive Officer
Rairangpur Municipality

No. CAD-230

# OFFICE OF THE JOINT MANAGER
## THE ODISHA STATE POLICE HOUSING AND WELFARE CORPORATION LTD.
### (A Govt. of Odisha Undertaking)
### SAMBALPUR DIVISION

OPHWC

**AT:- HOTA BUILDING, SRIT COLONY, (NEAR LIFE CARE HOSPITAL), BUDHARAJA, SAMBALPUR**

**Tel./Fax. (0663) 2541061, e-mail: jm_sambalpur@rediffmail.com & jmsbp.ophwc.od.@nic.in**

## PRE-QUALIFICATION NOTICE

(For Enlistment of different class of Contractors for execution of works through K-2 Agreement)

The Odisha State Police Housing & Welfare Corporation Ltd. (OSPH&WC), Sambalpur Division invites application for enlistment of contractors for execution of Civil, PH & Internal Electrification works of various building projects in the district of Sambalpur, Bargarh, Deogarh, Jharsuguda, Sundargarh, Angul & Dhenkanal. All applications will be evaluated as per terms and conditions laid down in the pre-qualification documents for enlistment. After successful evaluation of the pre-qualification documents, selected firms will be registered in Sambalpur Division, OSPH&WC's Contractors list, valid for a period of 01 (One) year from date of enlistment.

The pre-qualification documents can be obtained from the office of the undersigned during office hours on payment of Rs. 2240/-(Rupees two thousand two hundred and forty) only inclusive of GST (Non refundable) in Cash or Demand draft or pay order drawn in favour of **"The Odisha State Police Housing & Welfare Corporation Ltd-Sambalpur Division"** drawn on any Nationalized Bank payable at Sambalpur. The above documents can also be obtained through Speed Post by sending a self-addressed envelope of size 35cmX25cm with stamped Rs.75.00 (Rupees Seventy) only. The pre-qualification documents will also available from our website www.ophwc.nic.in and the same can be downloaded. However, in case of downloaded pre-qualification documents, cost of Rs.2240/-(Rupees two thousand two hundred and forty) only (Non-refundable) described as above in the shape of Demand draft or Pay order shall be enclosed along with pre-qualification documents, failing which pre-qualification documents shall be summarilyrejected.

Application for pre-qualification shall be submitted in sealed cover super-scribing **"Application for enlistment of Contractors in OSPH&WC, Sambalpur Division"** addressed to the Joint Manager, OSPHWC, Hota Building, SRIT Colony (near Life Care Hospital), Budharaja, Sambalpur-04 for award of work eventually to be drawn on K2 Agreement in line with the rules of OPWD Code & other clauses as decided by the Corporation.

The pre-qualification document not submitted in prescribed format or otherwise than in the manner prescribed in the document shall be rejected.

**Last date for issue of pre-qualification document up to : 05.00 PM, Dt-05.08.2019**
**Last date for receipt up to : 02.00 PM, Dt-06.08.2019**
**Date of opening at : 04.00 PM, Dt-06.08.2019**

-Sd/-
Joint Manager.

12098/11/0001/1920

# ODISHA HYDRO POWER CORPORATION LTD

CIN: U40101OR1995SGC003963
(GOVERNMENT OF ODISHA UNDERTAKING)

## OFFICE OF THE GENERAL MANAGER (EL.)

CHIPLIMA HYDRO ELECTRIC PROJECT, CHIPLIMA
At/P.O – CHIPLIMA– 768026, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505

OHPC CAD-232

**No.-CHEP/TW-121 (Vol.-II)/2355** **Date: 25.07.2019**

**TENDER CALL NOTICE NO.-CHEP-07/2019-20**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the eligible reputed Firms / Service Contractors / Agencies for the following work as mentioned below.

| Description | Cost of Tender Paper (Non-refundable) | Estimated Cost / EMD (Refundable) |
|---|---|---|
| Catering & Caretaking of OHPC Guest House at CHEP, Chiplima | Rs.2,360/- (Rs.2,000/- + GST @18%) | Rs.4,74,774/- EMD=Rs.4,750/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com **from dtd.29.07.2019 up to 12:30 PM of dtd.08.08.2019.**

**04006/11/0005/1920** **Sd/- Unit Head, CHEP, Chiplima**

# Government of Orissa
## Parliamentary Affairs Department

**No.5405 /PAD, Dated the 24th July, 2019**
**ME/4 - 30/2014 (29321600502014)**

**TENDER CALL NOTICE**

No.03-QQ :- Sealed tenders in plain paper / letter pad are invited from the intending only from the Godrej authorized dealers/Firms/ Suppliers located at Bhubaneswar having valid GST registration number and Income Tax Clearance Certificate for supply of Office furniture's(such as Numero Uno table with Pedestral + Eru-01 set, Aristrocat Sofa Set(3+1+1)-01 set, Executive Revolving Chair(Helovery high back)-01 set, Computer Table-01 No., Computer Chair-01 No., Supreme Sofa Set(3+1+1)-01 set, Finnesse Table 6 inch with ERU+ Drawer, Alice Coffee Table, Work Table(4'2") Bavarian Beech color- 01 No. for official use in the Parliamentary Affairs Department(o/o ministers).

The intending firms/suppliers should have Govt. registered/ proper shop located only at Bhubaneswar as per address mentioned on their tender papers. The tenders of the stock point suppliers will not be considered.

The Tenderers should deposit earnest money of Rs.1,000/- (One thousand) only in shape of A/C Payee Bank Draft / Pay Order payable to the Joint Secretary to Government, Parliamentary Affairs Department which will be refunded to the Tenderers whose tenders are not accepted. The Tenders should reach the undersigned by 09.08.2019 up to 12.30 P.M. at the latest and shall be opened on the same day at 01:00 P.M. in the presence of Tenderers or their authorized representatives.

The authority reserves the right to reject all or any Tender/ Tenders without assigning any reason thereof. The Tenders received incomplete or after the scheduled date and time and those does not have proper shop shall be rejected. The accepted Tender will be valid for one year i.e. 31.07.2020.

**Sd./- Manmohan Barik)**
42001/11/0004/1920 **Joint Secretary to Government**

# ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର

**ସଂଖ୍ୟା:27502** **ତା:୨୫।୦୭।୨୦୧୯**

## ନୋଟିସ

No.25-N :- ଏତଦ୍ୱାରା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଓଡ଼ିଶାଙ୍କ ବିଜ୍ଞାପନ ସଂଖ୍ୟା.୬୯୧୪ ତା:୧୩।୦୨।୨୦୧୯ରିଖ ଅନୁସାରେ Special Drive ଚୁକ୍ତିଭିତ୍ତିକ ଶିକ୍ଷକ ନିୟୋଜନ ନିମନ୍ତେ ଆବେଦନ କରିଥିବା ପ୍ରାର୍ଥୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ତା ୩୧।୦୩।୨୦୧୯ ରିଖରେ ଅନୁଷ୍ଠିତ online ପରୀକ୍ଷା (CBT)ରେ କୃତକାର୍ଯ୍ୟ ହୋଇଥିବା ସମସ୍ତ ପ୍ରାର୍ଥୀଙ୍କର ଶିକ୍ଷାଗତ ଯୋଗ୍ୟତା ଓ ଅନ୍ୟାନ୍ୟ ଯୋଗ୍ୟତା ସମ୍ପର୍କିତ ସମସ୍ତ ପ୍ରମାଣପତ୍ର ଓ ଅନ୍ୟାନ୍ୟ କାଗଜପତ୍ର ତା ୦୨।୦୮।୨୦୧୯ ଓ ୦୩।୦୮।୨୦୧୯ରିଖରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଯାଞ୍ଚ ହେବ। ଏହି ସମ୍ପର୍କିତ ଏକ ବିସ୍ତୃତ ନୋଟିସ ୱେବସାଇଟ **https://dseodisha.in/** ରେ ତା ୨୫।୦୭।୨୦୧୯ରିଖରେ ପ୍ରକାଶ ପାଇଛି। ଏଣୁ ସମ୍ପୃକ୍ତ ପ୍ରାର୍ଥୀମାନେ ନିର୍ଦ୍ଦିଷ୍ଟ ତାରିଖ ଓ ସ୍ଥାନରେ ପହଞ୍ଚି ପ୍ରମାଣପତ୍ରଗୁଡ଼ିକୁ ଯାଞ୍ଚ କରାଇନେବେ। ନିର୍ଦ୍ଦିଷ୍ଟ ତାରିଖରେ ପ୍ରମାଣପତ୍ର ଯାଞ୍ଚ ନ କରାଇଲେ ପାର୍ଥିତ୍ୱ ବିଚାରକୁ ନିଆଯିବ ନାହିଁ।

**ସ୍ୱା./- ବିଭୁ ପ୍ରସାଦ ଷଡଙ୍ଗୀ**
11024/11/0002/1920 **ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା**

# GOVERNMENT OF ODISHA
## OFFICE OF THE EXECUTIVE ENGINEER
## RURAL WORKS DIVISION, BALLIGUDA

PhoneNo.-06846-243114
Mobile No: 9437562286 **No.213-O**
E-Mail: rw_balliguda@yahoo.com

**No. 2221 / RWDB** **Dated: 22.07.2019**

Government of Odisha e-Procurement Notice

Bid Identification No. Online Tender/ 01 /EE RWD BLG/2019-20

| | | | |
|---|---|---|---|
| **1** | **Name of the work** | : | **Building Works.** |
| **2** | **Total Number of Works** | : | **3 (Three) Nos.** |
| **3** | **Estimated cost** | : | **As per Annexure** |
| **4** | **Class of Contractors** | : | **As per Annexure** |
| **5** | **Period of Completion** | : | **As per Annexure** |
| **6** | **Others Details** | | |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Executive Engineer Rural Works Division Balliguda | Online Tender/ 03 /EE RWD BLG/ 2019-20 | 01.08.2019 at 10.00 AM | 15.08.2019 up to 5.00 PM |

Further details can be seen from the e-procurement portal website **www.tendersorissa.gov.in**

**Executive Engineer**
**Rural Works Division**
**Balliguda**

25150/11/0003/1920

# BHUBANESWAR MUNICIPAL CORPORATION

**No. 20558** **NOTICE INVITING TENDER (NIT)** **Date. 24.07.2019**

**NATIONAL COMPETITIVE BIDDING THROUGH e-Procurement**

**Tender/Bid Identification No. BMC-CE- II - 01/2019-2020 Dt.24.07.2019**

On behalf of the Commissioner, Bhubaneswar Municipal Corporation (BMC), City Engineer, Bhubaneswar Municipal Corporation invites **Percentage Rate Bids through e-Procurement** in conformity with the terms and conditions of the Detailed Tender Call Notice (DTCN) in Two Bid system (Part-I : General & Technical Bid and Part-II: Financial Bid/Price Bid/BOQ) from intending **bidders** fulfilling the minimum eligibility criteria as and other detailed qualifying requirements given in this DTCN and to be eventually drawn up in the standard P, Contract Form of BMC.The bid should be submitted on-line through the website **www.tendersorissa.gov.in** by eligible class of contractors. The bidders should have the necessary Portal Enrolment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrolment, but shall have to subsequently undergo registration with the appropriate authority of the State Government before signing agreement as per prevalent registration norms of state.

| Sl. No. | Name of the work | Amount put to Tender (In Lakh) | E.M.D * (In Lakhs) Online | Cost of Tender Documents Online | Period of Completion in days | Class of Contractor Eligible to Participate |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Rejuvenation and sustainable conservation of Bindusagar. | 23371292/- | 233800 | 11200.00 | 365 | "B" or "A" |
| 2 | Rejuvenation and sustainable conservation of Periphery Ponds of Bindusagar. | 6713548/- | 67200 | 11200.00 | 180 | "B" or "A" |

2. Mode of Submission of tender : Tender should be submitted online in **www.tendersodisha.gov.in.**
3. The bidders desirous to participate in bidding must possess compatible Digital Signature Certificate of Class-II and Class-III and should follow the changes/ modifications/ addendum to DTCN, if any.
4. **Critical Dates:-**

| SN | Description | | Critical Dates |
|---|---|---|---|
| I | Period of availability of tenders on-line | : | 11.30 AM of 26.07.2019 to 5.00 PM 19.08.2019 |
| ii | Last date & time of seeking clarification as per Schedule - J | : | 14.08.2019 up to 5.00 PM |
| iii | Last date & time of bidding on-line | : | 19.08.2019 up to 5.00 PM |
| iv | Date & time of opening of Technical Bid | : | 21.08.2019 at 11.30 AM |
| v | Date & time of opening of the Financial Bid | : | Will be intimated to Technically successful bidder (s) |

5. **Minimum Eligibility Criteria:-**

I) Average Annual Financial turnover during the last 3 year, ending 31st March 2018, should be at least 30% of the estimated cost.

ii) Experience of having successfully completed similar works during last 7 years ending 28.02.2019 should be either of the following : -

a. Three similar completed works costing not less than the amount equal to 40% of the estimated cost.

or

b. Two similar completed works costing not less than the amount equal to 50% of the estimated cost.

or

c. One similar completed works costing not less than the amount equal to 80% of the estimated cost.

**Note :-** **"Similar work"** such as Renovation/Reclamation/Construction of Water bodies.
The firm shall have to submit the performance certificate of the works constructed by them for satisfactory performance from appropriate authority i.e., not below the rank of Executive Engineer/equivalent.

6. The bid for the work shall remain open for acceptance for a period of **120 days** from the date of opening of price bids. If any Bidder/ Tenderer withdraws his bid/tender before the said period or makes any modifications in the terms and conditions of the bid, the said earnest money shall stand forfeited.
7. Other details can be seen in the bidding documents, which is available in website **www.tendersorissa.gov.in.**
8. The Bidder should have not been black listed by any Govt/ Govt. Undertaking or should have not been debarred from BMC on the bid opening date. Self-declaration certificate by Bidder in the form of Affidavit is to be submitted.
9. Subsequent corrigendum if required shall be appeared in the website.
10. Authority reserves the right to reject any or all the tenders without assigning any reasons thereof.

**By Order of Commissioner, BMC**

**City Engineer**
**Bhubaneswar Municipal Corporation**

**Progress Through Partnership for a Better Bhubaneswar**



ନିର୍ମଳ କୁମାର ମିଶ୍ର





### ୱିମ୍ବେଲଡନ୍ - ୨୦୧୯

- ତାରିଖ: ଜୁଲାଇ ୧ରୁ ୧୪
- ବର୍ଗ: ଗ୍ରାଣ୍ଡସ୍ଲାମ୍ (ଆଇଟିଏଫ୍)
- ପୁରସ୍କାର ରାଶି: ୩୮,୦୦୦,୦୦୦ ପାଉଣ୍ଡ
- ସର୍ଫେସ: ଗ୍ରାସ
- ଭେନ୍ୟୁ: ଅଲ୍ ଇଂଲଣ୍ଡ ଲନ୍ ଟେନିସ ଆଣ୍ଡ କ୍ରୋକ୍ୱେଟ କ୍ଲବ

**ଚାମ୍ପିୟନ**

- ପୁରୁଷ ସିଙ୍ଗଲ୍ସ: ନୋଭାକ୍ ଜୋକୋଭିଚ୍
- ମହିଳା ସିଙ୍ଗଲ୍ସ: ସିମୋନା ହାଲେପ
- ପୁରୁଷ ଡବଲ୍ସ: ଜୁଆନ ସେବାଷ୍ଟିଆନ କାଲାବ/ ରୋବେର୍ଟ ଫରାହ
- ମହିଳା ଡବଲ୍ସ: ସିଏ- ସୁ- ୱେଇ/ବାର୍ବୋରା ଷ୍ଟ୍ରାଇକୋଭା

ମିକ୍ସଡ ଡବଲ୍ସ: ଇଭାନ ଡୋଡିଗ/ ଲଟିଶା ଚାନ୍




# ୱିମ୍ବେଲଡନ ଗ୍ରାଣ୍ଡସ୍ଲାମ୍

**ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୱିମ୍ବେଲଡନ ଟେନିସ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଗ୍ରାସ୍ କୋର୍ଟରେ ଖେଳାଯାଇଥିବା ଏହି ହାଇପ୍ରୋଫାଇଲ ଟୁର୍ନାମେଣ୍ଟରେ ସର୍ବିୟାର ନୋଭାକ୍ ଜୋକୋଭିଚ୍ ଚାମ୍ପିୟନ ହୋଇ ଟାଇଟଲ ବଜାୟ ରଖିଛନ୍ତି। ସବୁଥର ଭଳି ଟୁର୍ନାମେଣ୍ଟର ଏହି ୧୩୩ତମ ସଂସ୍କରଣରେ କେତୋଟି ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଥିଲା। ମହିଳା ସିଙ୍ଗଲ୍ସରେ ସିମୋନା ହାଲେପ୍ ବାଜି ମାରି ରୋମାନିଆ ପାଇଁ ପ୍ରଥମ ଟାଇଟଲ ଜିତିଛନ୍ତି ...**

ୱିମ୍ବେଲଡନ ଓପନ ଗ୍ରାଣ୍ଡସ୍ଲାମ୍ ଟେନିସ୍‌ର ୧୩୩ ତମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ଅନ୍ତର୍ଜାତୀୟ ଟେନିସ୍ ଫେଡେରେଶନ୍ (ଆଇଟିଏଫ୍) ଏବଂ ଅଲ୍ ଇଂଲଣ୍ଡ ଲନ୍ ଟେନିସ୍ ଏବଂ କ୍ରୋକୁଏଟ୍ କ୍ଲବ ଦ୍ୱାରା ଆୟୋଜିତ ଏହି ମର୍ଯ୍ୟାଦାସମ୍ପନ୍ନ ଟୁର୍ନାମେଣ୍ଟ ବିଶ୍ୱର ସମସ୍ତ ଟେନିସ୍ ଖେଳାଳି ଏବଂ ପ୍ରଶଂସକମାନଙ୍କ ସ୍ୱପ୍ନର ଟୁର୍ନାମେଣ୍ଟ ରୂପେ ପରିଚିତ। ବିଶ୍ୱର ଶ୍ରେଷ୍ଠ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ମଧ୍ୟରୁ ଏହା ଅନ୍ୟ ଏକ ଗ୍ରାସ୍ କୋର୍ଟ ପ୍ରତିଯୋଗିତା। ବିଜ୍ଞାପନ ଏବଂ ସର୍ବାଧିକ ପୁରସ୍କାର ରାଶି ଯୋଗୁ ଏହା ଅଷ୍ଟ୍ରେଲିଆନ୍ ଗ୍ରାଣ୍ଡସ୍ଲାମ୍, ଫ୍ରେଞ୍ଚ ଗ୍ରାଣ୍ଡସ୍ଲାମ ଏବଂ ୟୁଏସ୍ ଗ୍ରାଣ୍ଡସ୍ଲାମ୍‌ଠାରୁ ସଂପୂର୍ଣ୍ଣ ନିଆରା ରହିଆସିଛି। ପରମ୍ପରା ଦୃଷ୍ଟିକୋଣରୁ ପ୍ରତ୍ୟେକ ବର୍ଷ ଜୁଲାଇ ୧ରୁ ଆରମ୍ଭ ହୋଇ ୱିମ୍ବେଲଡ଼ନ ୧୪ତାରିଖ ଶେଷ ହୋଇଥାଏ। ମୋଟ ଉପରେ ୧୫ଦିନ ବ୍ୟାପୀ ଏହି ଟୁର୍ନାମେଣ୍ଟ ଖେଳାଯାଇଥାଏ। ସେଲିବ୍ରିଟିମାନଙ୍କର ସମାହାର ଏହି ଟୁର୍ନାମେଣ୍ଟର ମୁଖ୍ୟ ବିଶେଷତ୍ୱ ରହିଆସିଛି। ବିଶ୍ୱ ଟେନିସ୍ ଜଗତର ସମସ୍ତ ଷ୍ଟାର ଖେଳାଳିମାନଙ୍କ ସମାଗମ ମଧ୍ୟ ଟୁର୍ନାମେଣ୍ଟର ଅନ୍ୟ ଏକ ଆକର୍ଷଣ। ଚଳିତଥର ନୋଭାକ ଜୋକୋଭିଚ୍, ନାଓମି ଓସାକା, କାଇଲ୍ ଏଡ୍‌ମଣ୍ଡ, ସିମୋନା ହାଲେପ୍, ଭେନସ୍ ୱିଲିୟମ୍ସ, ଷ୍ଟାନିସ୍‌ଲାସ ୱାରିଙ୍କା, କାରୋଲିନା ପ୍ଲିସ୍କୋଭା, ଥୋମାସ ଫାବିଆନୋ, କେଭିନ୍ ଆଣ୍ଡରସନ୍, ରୋଜର ଫେଡରର, ସେରେନା ୱିଲିୟମ୍ସ, ରାଫାଲ ନାଡାଲ, ଜୋହାନା କୋଣ୍ଟାଙ୍କ ପରି ତାରକା ଖେଳାଳିମାନଙ୍କ ସମାହାର ଟୁର୍ନାମେଣ୍ଟକୁ ଆହୁରି ଆକର୍ଷଣୀୟ କରିଥିଲା। ଟୁର୍ନାମେଣ୍ଟ ଆରମ୍ଭରୁ କେତୋଟି ବିପର୍ଯ୍ୟୟ ଦେଖିବାକୁ ମିଳିଥିଲା। ଗତବର୍ଷର ମହିଳା ସିଙ୍ଗଲ୍ସ ଚାମ୍ପିୟନ ଆଞ୍ଜେଲିକ୍ କର୍ବର ଦ୍ୱିତୀୟ ରାଉଣ୍ଡରୁ ହାରି ବିଦାୟ ନେଇଥିଲେ ଓ ଏହା ଟୁର୍ନାମେଣ୍ଟର ସବୁଠାରୁ ବଡ଼ ବିପର୍ଯ୍ୟୟ ସାବ୍ୟସ୍ତ ହୋଇଥିଲା। ମହିଳା ସିଙ୍ଗଲ୍ସ ଫାଇନାଲରେ ସିମୋନା ହାଲେପ ପ୍ରତିପକ୍ଷ ଆମେରିକାର ଅଭିଜ୍ଞ ଖେଳାଳି ସେରେନା ୱିଲିୟମ୍ସଙ୍କୁ ସିଧାସଳଖ ସେଟ୍‌ରେ ପରାସ୍ତ କରି ଚାମ୍ପିୟନ ହୋଇଥିଲେ। ସେହିପରି ସେଣ୍ଟର କୋର୍ଟରେ ଅନୁଷ୍ଠିତ ପୁରୁଷ ବିଭାଗର ତୀବ୍ର ପ୍ରତିଯୋଗିତା ମୂଳକ ଫାଇନାଲ ମ୍ୟାଚ୍‌ରେ ସର୍ବିୟ ଷ୍ଟାର ଖେଳାଳି ଜୋକୋଭିଚ୍ ଏବଂ ସୁଇଜରଲାଣ୍ଡର ୩୭ ବର୍ଷୀୟ ଭେଟେରାନ୍ ଖେଳାଳି ଫେଡରର ପରସ୍ପରକୁ ଭେଟିଥିଲେ। ଦୀର୍ଘ ୫ ଘଣ୍ଟାର ଏକ ଉତ୍କଣ୍ଠାପୂର୍ଣ୍ଣ ଏବଂ ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚରେ ନୋଭାକ ଜୋକୋଭିଚ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲେ। ଗତବର୍ଷ ଚାମ୍ପିୟନ ହୋଇଥିବା ଜୋକୋଭିଚ୍ ଏଥର ଟାଇଟଲ ବଜାୟ ରଖିବାକୁ ସକ୍ଷମ ହୋଇଥିଲେ। ୱିମ୍ବେଲଡନ୍ ଇତିହାସରେ ଏହା ଏକ ଐତିହାସିକ ମ୍ୟାଚ ରୂପେ ସ୍ଥାନ ପାଇଛି। ଆଇଟିଏଫ୍ ର୍‍ୟାଙ୍କିଙ୍ଗ୍‌ରେ ବର୍ତ୍ତମାନ ନୋଭାକ ଜୋକୋଭିଚ୍ ଏକ ନମ୍ବର ର୍‍ୟାକିଙ୍ଗରେ ରହିଥିବା ବେଳେ ଭେଟେରାନ୍ ରୋଜର ଫେଡରର ତୃତୀୟ ସ୍ଥାନରେ ରହିଛନ୍ତି। ଜୋକୋଭିଚ କ୍ୟାରିୟରର ୧୬ତମ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିବା ସହିତ ନିଜର ପ୍ରଭାବ ବଜାୟ ରଖିଛନ୍ତି। ସେହିପରି ମହିଳା ଟେନିସ ର୍‍ୟାଙ୍କିଙ୍ଗରେ ୪ର୍ଥ ସ୍ଥାନରେ ଥିବା ସିମୋନା ହାଲେପ୍ ୯ମ ସ୍ଥାନରେ ଥିବା ଆମେରିକାର ଷ୍ଟାର ଖେଳାଳି ସେରେନାଙ୍କୁ ହରାଇ ନିଜର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ୍ ଟାଇଟଲ ହାସଲ କରିଛନ୍ତି। ଚଳିତ ବର୍ଷ ଅଷ୍ଟ୍ରେଲିଆନ୍ ଗ୍ରାଣ୍ଡସ୍ଲାମ୍‌ରେ ପୁରୁଷ ବିଭାଗରେ ନୋଭାକ ଜୋକୋଭିଚ ଚାମ୍ପିୟନ ହୋଇଥିବା ବେଳେ ନାଓମି ଓସାକା ମହିଳା ବିଭାଗର ଟାଇଟଲ ହାସଲ କରିଥିଲେ। ସେହିପରି ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଫ୍ରେଞ୍ଚ୍ ଓପନ୍‌ରେ ପୁରୁଷ ବିଭାଗରେ ରାଫାଲ ନାଡାଲ ଚାମ୍ପିୟନ ହୋଇଥିଲା ବେଳେ ମହିଳା ବିଭାଗରେ ଆସଲେ ବାର୍ଟି ଟାଇଟଲ ହାସଲ କରିଥିଲେ।

୧୮୭୭ରେ ସ୍ଥାପିତ ଏବଂ ୧୪୨ବର୍ଷରେ ପଦାର୍ପଣ କରିଥିବା ବିଶ୍ୱର ଏହି ସର୍ବପୁରାତନ ଏବଂ ସମ୍ମାନଜନକ ଟୁର୍ନାମେଣ୍ଟରେ ରୋଜର ଫେଡରର ଓପନ୍ ଏରାରେ ସର୍ବାଧିକ ୮ଥର ଟାଇଟଲ ବିଜେତା ହୋଇଥିବା ବେଳେ ମହିଳା ବିଭାଗରେ ମାର୍ଟିନା ନାଭ୍ରାତିଲୋଭା ସର୍ବାଧିକ ୯ଥର ଚାମ୍ପିୟନ ହୋଇ ରେକର୍ଡ ସୃଷ୍ଟି କରିଛନ୍ତି। ଏଥର ଟୁର୍ନାମେଣ୍ଟରେ ସର୍ବାଧିକ ୩୮ ମିଲିୟନ ପାଉଣ୍ଡର ପୁରସ୍କାର ରାଶି ରଖାଯାଇଥିଲା। ଉଭୟ ବିଭାଗର ଚାମ୍ପିୟନ ଏବଂ ରନର୍ସ ଅପ୍‌ଙ୍କୁ ଯଥାକ୍ରମେ ୨,୩୫୦,୦୦୦ ମିଲିୟନ ପାଉଣ୍ଡ ଏବଂ ୧,୧୭୫,୦୦୦ ମିଲିୟନ ପାଉଣ୍ଡ ପ୍ରଦାନ କରାଯାଇଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ରବିବାରରେ ଇଂଲଣ୍ଡରେ ୨ଟି ଗୁରୁତ୍ୱପୂର୍ଣ୍ଣ ଫାଇନାଲ ଅନୁଷ୍ଠିତ ହୋଇଥିଲା। ଆଇସିସି ଏକଦିବସୀୟ ବିଶ୍ୱକପ କ୍ରିକେଟ ଫାଇନାଲ ଏବଂ ଟେନିସ୍ ସେଣ୍ଟର କୋର୍ଟରେ ଦୀର୍ଘ ୫ ଘଣ୍ଟା ଧରି ଅନୁଷ୍ଠିତ ହୋଇଥିଲା ୱିମ୍ବେଲଡ଼ନ ଫାଇନାଲ ମ୍ୟାଚ। ବିଶ୍ୱକପ୍ ଫାଇନାଲର ରୋମାଞ୍ଚ ଓ ଉତ୍କଣ୍ଠାପୂର୍ଣ୍ଣ ଟେନିସ୍ ସମଗ୍ର କ୍ରୀଡ଼ାଜଗତକୁ ବାନ୍ଧି ରଖିବାକୁ ସକ୍ଷମ ହୋଇଥିଲା। ଦୁଇଟିଯାକ ଅବିସ୍ମରଣୀୟ ଏବଂ ରୋମାଞ୍ଚକର ଫାଇନାଲ ସମସ୍ତ କ୍ରୀଡାପ୍ରେମୀମାନଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ବସ୍ତୁ ରହିଥିଲା। ଲଣ୍ଡନର କ୍ରୀଡ଼ାପ୍ରେମୀ ଏବଂ ସମଗ୍ର ବିଶ୍ୱରୁ ଆସିଥିବା ଖେଳପ୍ରେମୀ ସେଦିନ ଏହି ଦୁଇଟି ବହୁ ପ୍ରତୀକ୍ଷିତ ଫାଇନାଲ ମଧ୍ୟରୁ କେଉଁଟିର ମଜ୍ଜାନେବେ ହୁଏତ ସେଥିପାଇଁ ବେଶ୍ ଚିନ୍ତାରେ ପଡିଯାଇଥିଲେ। ୱିମ୍ବେଲଡନର ସେଣ୍ଟର କୋର୍ଟରେ ଯେଉଁ ଦୁଇଜଣ ପ୍ରତିଦ୍ୱନ୍ଦ୍ୱୀ ପ୍ରାୟ ୫ଘଣ୍ଟା ଧରି ୫ସେଟ୍ ପାଇଁ ଚାମ୍ପିୟନ ହେବା ଲାଗି ସେମାନଙ୍କ ସଂଘର୍ଷ ଜାରି ରଖିଥିଲେ ସେମାନେ ଥିଲେ ଟେନିସ୍ ଇତିହାସର ଦୁଇଜଣ ସର୍ବକାଳୀନ ଶ୍ରେଷ୍ଠ ଖେଳାଳି ଫେଡରର ଏବଂ ଜୋକୋଭିଚ୍। ୧୫,୦୦୦ ସିଟ୍ ବିଶିଷ୍ଟ ସେଣ୍ଟର କୋର୍ଟରେ ସେଲିବ୍ରିଟିମାନେ ଏହି ରୋମାଞ୍ଚକର ମ୍ୟାଚ ଦେଖିବାକୁ ପାଇଥିଲେ। ସେହିପରି ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡ ମଧ୍ୟ ବିଶ୍ୱକପ୍ ଫାଇନାଲ ମ୍ୟାଚ୍ ଦେଖିବାପାଇଁ ଦର୍ଶକମାନଙ୍କ ଦ୍ୱାରା ଭରପୂର ହୋଇଥିଲା।

ୱିମ୍ବେଲଡନ ଗ୍ରାଣ୍ଡସ୍ଲାମ୍‌ରେ ଚାମ୍ପିୟନ ହେବା କମ୍ ଗୌରବର କଥା ନୁହେଁ। ପ୍ରତ୍ୟେକ ମ୍ୟାଚରେ ଅଧିକ ଚାପ ରହିଥାଏ କାରଣ ଫାଇନାଲରେ ଏଟିପି ର୍‍ୟାକିଙ୍ଗର ଶ୍ରେଷ୍ଠ ଖେଳାଳିମାନଙ୍କ ସହିତ ମୁକାବିଲା କରିବାକୁ ହୋଇଥାଏ। ସେଥିପାଇଁ ସ୍ୱତନ୍ତ୍ର ଗେମ ପ୍ଲାନ୍ କରିବାର ଆବଶ୍ୟକତା ରହିଥାଏ। ବିଶ୍ୱରେ ରହିଥିବା କୋଟି କୋଟି ଟେନିସପ୍ରେମୀ ସେମାନଙ୍କର ଫେଭରାଇଟ୍ ଖେଳାଳିମାନଙ୍କ ଖେଳ ଦେଖିବାକୁ ଏଠାରେ ପହଞ୍ଚିଥାନ୍ତି। ହାର୍ଡ କୋର୍ଟ, କ୍ଲେ କୋର୍ଟ ଅପେକ୍ଷା ଗ୍ରାସ୍ କୋର୍ଟରେ ଖେଳାଯାଉଥିବା ଟେନିସ୍‌ର ଏକ ସ୍ୱତନ୍ତ୍ରତା ରହିଥାଏ। ଯାହା ହେଉ ଉଭୟ କ୍ଷେତ୍ରରେ ଭଲ ଖେଳର ବିଜୟ ହୋଇଛି। ବିଶ୍ୱକପର ଗ୍ଲାମର ଆଗରେ ଯଦିଓ ୱିମ୍ବେଲଡନ ପରି ଟେନିସ୍‌ର ଚମକ ଫିକା ପଡିଯାଇଥିଲା ତଥାପି ଟେନିସ୍ ପ୍ରେମୀମାନେ ୱିମ୍ବେଲଡନର ଏହି ୧୩୩ ତମ ସଂସ୍କରଣର ଭରପୂର ଆନନ୍ଦ ଉଠାଇଥିଲେ।

# ଟିମ୍ ଇଣ୍ଡିଆର ନୂଆ ସୈନିକ



**ଏକଦା ୨୦୦ ଟଙ୍କା ପାଇଁ ଗୋଟିଏ ଲେଖାଏ ମ୍ୟାଚ୍ ଖେଳୁଥିବା ନବଦୀପ ଏବେ ଭାରତ ପାଇଁ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାକୁ ଯାଉଛନ୍ତି। ଭାରତୀୟ ଦଳରେ ପୂର୍ବରୁ ସାମିଲ ହୋଇଥିଲେ ମଧ୍ୟ ଏହି ୨୬ ବର୍ଷୀୟ ଦ୍ରୁତ ବୋଲର କେବେବି ଖେଳିବାର ସୁଯୋଗ ପାଇ ନ ଥିଲେ। ଏଥର ସେ ଆଗାମୀ ୱେଷ୍ଟଇଣ୍ଡିଜ୍ ଗସ୍ତ ପାଇଁ ଭାରତୀୟ ଟି୨୦ ଓ ଦିନିକିଆ ଦଳରେ ସାମିଲ ହୋଇଛନ୍ତି...**

୨୦୧୯ ଆଇପିଏଲ୍‌ର ଉଦ୍‌ଘାଟନୀ ମ୍ୟାଚରେ ଭାରତର ଜଣେ ଉଦୀୟମାନ ଦ୍ରୁତ ବୋଲର ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ ହେଉଛନ୍ତି ହରିୟାଣାର କର୍ନାଲରେ ଜନ୍ମିତ ଦିଲ୍ଲୀ କ୍ରିକେଟର ନବଦୀପ ସଇନି। ୱେଷ୍ଟଇଣ୍ଡିଜ ଗସ୍ତ ଲାଗି ଗତ ରବିବାର ଘୋଷଣା କରାଯାଇଥିବା ଦିନିକିଆ ଓ ଟି୨୦ ଦଳରେ ଏହି ୨୬ ବର୍ଷୀୟ ଫାଷ୍ଟ ବୋଲରଙ୍କୁ ସାମିଲ କରାଯାଇଛି। ଫଳରେ ସେ ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ବନିଯାଇଛନ୍ତି। ଏହି ଦ୍ରୁତ ବୋଲର ଲଗାତର ୬ ବର୍ଷ ଘରୋଇ କ୍ରିକେଟ୍‌ରେ ଚମତ୍କାର ପ୍ରଦର୍ଶନ କରିପାରିଥିବାବେଳେ ଚଳିତଥର ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ତାଙ୍କୁ କ୍ରୟ କରିଥିଲା। ଉଦ୍‌ଘାଟନୀ ମ୍ୟାଚରେ ଆର୍‌ସିବି ମାତ୍ର ୭୦ ରନ କରିଥିଲା। ୭୧ ରନର ବିଜୟଲକ୍ଷ୍ୟ ନେଇ ଚେନ୍ନାଇ ସୁପର କିଙ୍ଗ୍ସ ପକ୍ଷରୁ ଅମ୍ବାତି ରାୟୁଡୁ ଓ ଅଷ୍ଟ୍ରେଲିଆର ଭେଟେରାନ କ୍ରିକେଟର ସେନ ୱାଟସନ୍ ବ୍ୟାଟିଂ ଆରମ୍ଭ କରିବାକୁ ଆସିଥିଲେ। ଇନିଂସର ଦ୍ୱିତୀୟ ଓଭର ବୋଲିଂ କରୁଥିବା ଏହି ବୋଲରଙ୍କୁ ୱାଟସନ୍ ପ୍ରଥମ ଥର ସମ୍ମୁଖୀନ ହୋଇଥିଲେ। ମାତ୍ର ପ୍ରଥମ ବଲରେ ହିଁ ଏହି ବୋଲର ୱାଟସନ୍‌ଙ୍କୁ ଚକ୍‌ମା ଦେଇଥିଲେ। ସଇନିଙ୍କ ଏହି ବଲ୍ ଘଣ୍ଟା ପ୍ରତି ୧୫୧ କିମି ବେଗରେ ଯାଇ ୱାଟସନ୍‌ଙ୍କ ହେଲ୍‌ମେଟ୍‌ରେ ବାଜିଥିଲା ଓ ସେ ସେହିଠାରେ ହିଁ ପଡ଼ିଯାଇଥିଲେ। ଏ ଘଟଣା ପରେ ସେ ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟି ଥିଲେ।

ଚଳିତ ବର୍ଷ ଆଇପିଏଲ୍‌ରେ ନବଦୀପ ଡେବ୍ୟୁ କରିବା ସହ ଆର୍‌ସିବିର ସମସ୍ତ ୧୩ଟି ମ୍ୟାଚ ଖେଳିଥିଲେ। ନିଜ ଦ୍ରୁତ ବୋଲିଂରେ ସେ ସମସ୍ତଙ୍କୁ ପ୍ରଭାବିତ କରିଥିଲେ। ଆଇପିଏଲ୍‌ରେ ୧୧ଟି ଉଇକେଟ ହାସଲ କରିଥିବାବେଳେ କ୍ରମାଗତ ଭାବେ ୧୫୦ କିମିରୁ ଅଧିକ ବେଗରେ ବୋଲିଂ କରି ସେ ଚର୍ଚ୍ଚାକୁ ଆସିଥିଲେ। ସମ୍ପ୍ରତି ନବଦୀପ ଭାରତୀୟ-ଏ' ଟିମ୍‌ରେ ସାମିଲ ହୋଇ ୱେଷ୍ଟଇଣ୍ଡିଜ ଗସ୍ତରେ ଯାଇଛନ୍ତି। ଆଣ୍ଟିଗୁଆରେ ଅନୁଷ୍ଠିତ ୱେଷ୍ଟଇଣ୍ଡିଜ-ଏ' ବିପକ୍ଷ ଦ୍ୱିତୀୟ ଅନ୍‌ଅଫିସିଆଲ ଦିନିକିଆରେ ନବଦୀପ ୪୬ ରନରେ ୫ ଉଇକେଟ୍ ହାସଲ କରିପାରିଥିଲେ। ପୁରସ୍କାର ସ୍ୱରୂପ ତାଙ୍କୁ ୱେଷ୍ଟଇଣ୍ଡିଜ ଗସ୍ତ ଲାଗି ଭାରତର ଦିନିକିଆ ଓ ଟି୨୦ ଦଳରେ ସାମିଲ କରାଯାଇଛି।

୨୦୧୩ ପୂର୍ବରୁ ନବଦୀପ ଆଦୌ ଲେଦର ବଲ୍ କ୍ରିକେଟ୍ ଖେଳି ନ ଥିଲେ। ସେହିପରି ରାଜ୍ୟ ତଥା ବିସିସିଆଇ ଘରୋଇ କ୍ରିକେଟର କୌଣସି ବୟସ ବର୍ଗରେ ମଧ୍ୟ ସେ ଖେଳି ନାହାନ୍ତି। କର୍ନାଲରେ ଅନୁଷ୍ଠିତ ଆଞ୍ଚଳିକ ଟେନିସ୍ ବଲ୍ କ୍ରିକେଟରେ ସେ ଖେଳି ଆସୁଥିଲେ। ମ୍ୟାଚ୍ ପିଛା ତାଙ୍କର ପାରିଶ୍ରମିକ ରହିଥିଲା ମାତ୍ର ୨୦୦ଟଙ୍କା। ତେବେ ଦିଲ୍ଲୀର ପୂର୍ବତନ ମିଡିୟମ୍ ପେସ୍ ବୋଲର ସୁମିତ ନରୱାଲ ନବଦୀପଙ୍କୁ ଦେଖିଥିଲେ। ନରୱାଲ କର୍ନାଲ ପ୍ରିମିୟର ଲିଗ୍ ଆୟୋଜନ କରୁଥିବାବେଳେ ନବଦୀପ ଏହି ଟୁର୍ନାମେଣ୍ଟରେ ଖେଳୁଥିଲେ। ନବଦୀପଙ୍କ ଦ୍ରୁତ ବୋଲିଂ ପ୍ରତି ସେ ଆକୃଷ୍ଟ ହୋଇ ତାଙ୍କୁ ଦିଲ୍ଲୀ ରଣଜୀ ଦଳର ନେଟ୍ସକୁ ନେଇଥିଲେ। ଏଠାରେ ନବଦୀପ ଗୌତମ ଗମ୍ଭୀରଙ୍କୁ ବୋଲିଂ କରିଥିଲେ। ତାଙ୍କ ବୋଲିଂରେ ଗମ୍ଭୀର ବାରମ୍ବାର ବିଟ୍ ହେଲେ। ପରେ ଗମ୍ଭୀର ନବଦୀପଙ୍କ ଲାଗି ଗୋଟିଏ ହଳ ଜୋତା ଯୋଗାଡ଼ କରିଥିଲେ ଓ ଦିଲ୍ଲୀ ନେଟ୍ସରେ ରେଗୁଲାର ବୋଲିଂ କରିବାକୁ କହିଥିଲେ। ଏହାପରେ ଗମ୍ଭୀର ନବଦୀପଙ୍କୁ ଦଳରେ ସାମିଲ କରିବା ପାଇଁ ଦିଲ୍ଲୀ କ୍ରିକେଟ୍ ଆସୋସିଏଶନ୍‌କୁ ବାରମ୍ବାର ସୁପାରିସ କରିଥିଲେ ଓ ଶେଷରେ ୨୦୧୩-୧୪ ରଣଜୀ ସିଜନ୍‌ରେ ନବଦୀପଙ୍କୁ ଦିଲ୍ଲୀ ରଣଜୀ ଦଳରେ ସ୍ଥାନ ମିଳିଥିଲା। ଏହାପରେ ନବଦୀପ ଆଉ ପଛକୁ ଫେରି ଚାହିଁନାହାନ୍ତି। ୨୦୧୭-୧୮ ରଣଜୀ ସିଜନ୍‌ରେ ଦିଲ୍ଲୀ ରଣଜୀ ଫାଇନାଲରେ ପହଞ୍ଚିଥିବାବେଳେ ସେ ଦଳ ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ବର୍ଷ ସେ ୮ଟି ମ୍ୟାଚ ଖେଳି ୩୪ଟି ଉଇକେଟ ହାସଲ କରିଥିଲେ। ବେଙ୍ଗଲ ବିପକ୍ଷ ସେମିଫାଇନାଲରେ ସେ ପ୍ରଥମ ଇନିଂସରେ ୫୫ରନରେ ୩ଟି ଓ ଦ୍ୱିତୀୟ ଇନିଂସରେ ୩୫ରନରେ ୪ଟି ଉଇକେଟ ହାସଲ କରିଥିଲେ। ଫଳରେ ଦିଲ୍ଲୀ ୮୬ରନରେ ବିଜୟୀ ହୋଇ ଫାଇନାଲରେ ପହଞ୍ଚିପାରିଥିଲା। ଅଧିନାୟକ ଥିବାବେଳେ ଗମ୍ଭୀର ତାଙ୍କ ପାଇଁ ଯେଉଁ ପ୍ରୟାସ କରିଥିଲେ ସେ ତାହାର ଯଥାର୍ଥ ପ୍ରମାଣିତ କରିଛନ୍ତି। ନବଦୀପଙ୍କ ପିତା ହରିୟାଣା ସରକାରଙ୍କ ଅଧୀନରେ ଜଣେ ଡ୍ରାଇଭର ଭାବେ କାର୍ଯ୍ୟ କରନ୍ତି। ତାଙ୍କ ଜେଜେ ଭାରତୀୟ ସ୍ୱାଧୀନତା ସଂଗ୍ରାମ୍‌ରେ ଅଂଶଗ୍ରହଣ କରିଥିଲେ ଓ ସୁଭାଷ ଚନ୍ଦ୍ର ବୋଷଙ୍କ ଇଣ୍ଡିଆନ ଆର୍ମିରେ ଯୋଗଦେଇ ଥିଲେ। ସେ ଆଫଗାନିସ୍ତାନ ବିପକ୍ଷ ଏକମାତ୍ର ଟେଷ୍ଟ ମ୍ୟାଚ୍‌ରେ ଖେଳିବା ପାଇଁ ଭାରତୀୟ ଦଳରେ ସାମିଲ ହୋଇଥିଲେ। ମହମ୍ମଦ ସାମିଙ୍କ ବଦଳ ଖେଳାଳି ଭାବେ ଦଳରେ ସାମିଲ ହୋଇଥିଲେ ମଧ୍ୟ ଖେଳିବାର ସୁଯୋଗ ପାଇ ନ ଥିଲେ। ସେହିପରି ସଦ୍ୟ ସମାପ୍ତ ବିଶ୍ୱକପ୍‌ରେ ସେ ଷ୍ଟାଣ୍ଡବାଇ ବୋଲର ଭାବେ ଦଳରେ ସାମିଲ ହୋଇଥିଲେ ମଧ୍ୟ ସେ କୌଣସି ମ୍ୟାଚ୍ ଖେଳି ନ ଥିଲେ।

### ନବଦୀପ ସଇନି

- ଡାହାଣ ହାତୀ ଦ୍ରୁତ ବୋଲର
- ଜନ୍ମ: ୨୩ ନଭେମ୍ବର, ୧୯୯୨ (୨୬ ବର୍ଷ), ହରିୟାଣା, କର୍ନାଲ
- ଉଚ୍ଚତା: ୫ ଫୁଟ ୧୦ ଇଞ୍ଚ୍
- ଘରୋଇ ଦଳ: ଦିଲ୍ଲୀ
- ଆଇପିଏଲ୍ ଟିମ୍: ଦିଲ୍ଲୀ ଡେୟାର ଡେଭିଲ୍ସ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର
- ଘରୋଇ ଟୁର୍ନାମେଣ୍ଟ: ସୟଦ ମୁସ୍ତାକ ଅଲି ଟ୍ରଫି, ରଣଜୀ ଟ୍ରଫି, ବିଜୟ ହଜାରେ ଟ୍ରଫି, ଦେଓଧର ଟ୍ରଫି।

### ପର୍ସିଆଲିଟି

ଟୋକିଓ ଅଲିମ୍ପିକ୍ସ ପାଇଁ ପ୍ରିପେୟାର
ଲେଡି ହକି ଟିମ୍ ମଣି
ଯୋଗ୍ୟତା ହାସଲ କରିବା ଲକ୍ଷ୍ୟରେ
ରେଡି ରାମପାଲ ରାଣୀ
ଗ୍ରେଭି, ତେଲ ରୋଗ ଖଣି
ପୁଷ୍ଟିକର ଖାଅ ୱେନ୍ କହି ଦିଏ
ଡାଏଟ ପ୍ଲାନ୍ ପୁଣି।।।୧

କ୍ରୀଡ଼ା ଜଗତର ଡିସ୍କସ୍ ରାଣୀ
ଆଥ୍ଲେଟ ପାର୍ବତୀ ସେଠୀ
ୟୁରୋପିଆନ୍ ମାଷ୍ଟର୍ସ ଗେମ୍‌ରେ
ଭାଗ ନେଉଅଛି ଜଟି
ମାଲେସିଆ ପରି ଖଟି
ସ୍ୱର୍ଣ୍ଣ, ରୌପ୍ୟ ଆଣ ଇଟାଲୀରେ ଲଢ଼ି
ଶୁଭେଚ୍ଛା ଆମର ବେଟୀ।।।୨



ଅର୍ଜୁନ ପ୍ରାଇଜ୍‌ରୁ ବଞ୍ଚିତ ରାଜ୍ୟର
ଦେଖ ଦୌଡ଼ରାଣୀ ଦୂତୀ
ଭାରତୀୟ ଦୌଡ଼କୁଦ ସଂଘ ଦାୟୀ
କଲା ପକ୍ଷପାତ ନୀତି
ରାଜା ଅବା ରାଣୀ ସାଥୀ
ପକ୍ଷପାତିତାର ଶିକାର ଲୋକର
ପ୍ରଜା ଭଳି ବିତେ ରାତି।।।୩

-ସୁବାସ ଚନ୍ଦ୍ର ପ୍ରଧାନ

| Dollar | Sensex | Nifty | Gold | Silver |
| --- | --- | --- | --- | --- |
| 69.04 (6) | 37,830.98 (▼16.67) | 11,252.15 (▼19.15) | 35,870.00 (₹0) | 42,300.00 (₹0) |

“ଦୁର୍ବଳ ବଜାର ମନୋଭାବ ଏବଂ ଦେଶର ଆର୍ଥିକ ପରିସ୍ଥିତିକୁ ଦେଖିଲେ ଗତ ତ୍ରୈମାସରେ ଭଲ ଫଳାଫଳ କରିଛୁ।
–ସଞ୍ଜୟ ଅଗ୍ରୱାଲ, ଏୟୁ ସ୍ମଲ୍ ଫାଇନାନ୍ସ ଏମଡି



“ମ୍ୟାଫ୍‌ସିସ୍ ଗ୍ରୁପ୍‌ର ଅଭିବୃଦ୍ଧି ବିଭିନ୍ନ ସେଗ୍‌ମେଣ୍ଟରେ ବ୍ୟାପକ ଆଧାରିତ। ଗ୍ରାହକଙ୍କୁ ବ୍ୟବସାୟ ପରିବର୍ତ୍ତନରେ ସହାୟତା କରାଯାଉଛି।
–ନୀତିନ ରାକେଶ, ମ୍ୟାଫ୍‌ସିସ୍ ଗ୍ରୁପ୍ ସିଇଓ



## ସଂକ୍ଷେପରେ

### ଜିଏସ୍‌ଟି କାଉନ୍‌ସିଲ୍ ବୈଠକ ସ୍ଥଗିତ

**ନୂଆଦିଲ୍ଲୀ,୨୫-୭:** କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ଅଧକ୍ଷତାରେ ଗୁରୁବାର ବସିବାକୁ ଥିବା ଜିଏସ୍‌ଟି କାଉନସିଲର ୩୬ତମ ବୈଠକ ଶେଷ ମୁହୂର୍ତ୍ତରେ ସ୍ଥଗିତ ରଖାଯାଇଛି। ପାର୍ଲାମେଣ୍ଟରେ ତାଙ୍କର ବ୍ୟସ୍ତତା କାରଣରୁ ଏହି ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି। ଫଳରେ ଏହି ବୈଠକରେ ଇ-ଯାନ ଉପରେ ଟିକସ ଆଦାୟକୁ ନେଇ ହେବାକୁ ଥିବା ନିଷ୍ପତ୍ତି ପୁଣି କିଛି ଦିନ ପାଇଁ ଘୁଞ୍ଚିଗଲା। ଇ-ଯାନ ଉପରେ ନିଆଯାଉଥିବା ଟିକସକୁ ୧୨ରୁ ୫%କୁ ହ୍ରାସ କରିବା ନେଇ ନିଷ୍ପତ୍ତି ନିଆଯିବାର ଥିଲା ବୋଲି ଜଣେ ଅଧିକାରୀ କହିଛନ୍ତି। ବୈଠକର ପରବର୍ତ୍ତୀ ତାରିଖ ପରେ ପ୍ରକାଶ କରାଯିବ। ସେ କହିଛନ୍ତି ଯେ, ରାଜ୍ୟ ସଭାରେ ଆଇବିସି ସଂଶୋଧନ ବିଲ୍ ଉପରେ ଆଲୋଚନାରେ ଅର୍ଥମନ୍ତ୍ରୀ ସୀତାରାମନ୍ ଅଂଶଗ୍ରହଣ କରିବାକୁ ଥିବାରୁ କାଉନସିଲ୍ ବୈଠକରେ ଯୋଗ ଦେଇପାରିବେ ନାହିଁ ବୋଲି ଜଣାପଡିଥିଲା। ଇତିମଧରେ ପଶ୍ଚିମବଙ୍ଗ ଅର୍ଥମନ୍ତ୍ରୀ ଅମିତ ମିତ୍ର ମଙ୍ଗଳବାର ସୀତାରାମନ୍‌ଙ୍କୁ ପତ୍ର ଲେଖି ମାତ୍ର ଗୋଟିଏ ଏଜେଣ୍ଡା ପାଇଁ ତରବରିଆ ବୈଠକ ଡାକିବାକୁ ବିରୋଧ କରିଥିଲେ।

### ୨ଟି କଦଳୀ ଦାମ୍ ୪୪୨ ଟଙ୍କା

**ନୂଆଦିଲ୍ଲୀ,୨୫-୭:** ବଲିଉଡ୍ ଷ୍ଟାର୍ ରାହୁଲ ବୋଷ ଚଣ୍ଡିଗଡର ଏକ ସମୃଦ୍ଧ ହୋଟେଲରେ ଖାଇବା ବେଳେ ମାତ୍ର ୨ଟି କଦଳୀ ପାଇଁ ୪୪୨ ଟଙ୍କା ପ୍ରଦାନ କରିଛନ୍ତି। ସେ ଏ ସମ୍ପର୍କରେ ଟୁଇଟରରେ ସେ ଏକ ଭିଡିଓ ପୋଷ୍ଟ କରି ନିଜର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହା ଜଣାପଡିବା ପରେ କର୍ତ୍ତୃପକ୍ଷଙ୍କ ପକ୍ଷରୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ରାହୁଲ ତାଙ୍କ ଭିଡିଓରେ ଦର୍ଶାଇଛନ୍ତି ଯେ, ହୋଟେଲ ଜେଡବ୍ଲ୍ୟୁ ମାରିୟଟ ମାତ୍ର ୨ଟି କଦଳୀ ପାଇଁ ୪୪୨.୫୦ ଟଙ୍କା ଆଦାୟ କରିଛି। ସମସ୍ତଙ୍କୁ ଏହା ବିଶ୍ୱାସ କରିବାକୁ ହେବ। ଏହି ଟୁଇଟର ପୋଷ୍ଟ ସମ୍ପର୍କରେ ଜାଣିବା ପରେ ଚଣ୍ଡିଗଡ ଡେପୁଟି ଏକ୍ସାଇଜ ଆଣ୍ଡ ଟ୍ୟାକ୍ସେଶନ କମିଶନର ମନଦୀପ ସିଂ ବ୍ରାର୍ ବୁଧବାର ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

## ■ ଚାଇନା ୱେବ୍‌ସାଇଟରେ ଶପିଂ
# ଦେବାକୁ ହେବ ୫୦% ଅଧିକ ଟିକସ

- ■ ୫ ହଜାର ଟଙ୍କାରୁ କମ୍ ମୂଲ୍ୟର ଉପହାର ବିଦେଶରୁ ଅଣାଯାଇପାରିବ
- ■ ଚାଇନା କମ୍ପାନୀ ଏହାର ଫାଇଦା ନେଇ ଟିକସ ଦେଉନାହାନ୍ତି
- ■ ପେମେଣ୍ଟ ଗେଟ୍‌ୱେକୁ ଟିକସ ବ୍ୟବସ୍ଥାରେ ସାମିଲ କରିବା ବିଚାର




**ନୂଆଦିଲ୍ଲୀ,୨୫-୭**

ଚାଇନାର ଇ-କମର୍ସ ପ୍ଲାଟଫର୍ମରୁ ସାମଗ୍ରୀ କିଣୁଥିବା ଗ୍ରାହକ ସାବଧାନ ହୋଇଯାଆନ୍ତୁ। ଖୁବ୍‌ଶୀଘ୍ର ସେମାନଙ୍କଠାରୁ ସାମଗ୍ରୀ କିଣିବା ବାବଦରେ ୪୦ରୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ଜିଏସ୍‌ଟି ଏବଂ କଷ୍ଟମ୍ସ ଡ୍ୟୁଟି ଆଦାୟ କରାଯିବ।

ପ୍ରାପ୍ତ ସୂଚନାରୁ ପ୍ରକାଶ, ଚାଇନାର ଇ-କମର୍ସ କମ୍ପାନୀରୁ କିଣାଯାଉଥିବା ସାମଗ୍ରୀ ଉପରେ ଇଣ୍ଟିଗ୍ରେଟେଡ ଜିଏସ୍‌ଟି(ଆଇଜିଏସ୍‌ଟି)ର ବ୍ଲେଣ୍ଡେଡ୍ ଫ୍ଲାଟ୍ ଟିକସ ଏବଂ କଷ୍ଟମ୍ସ ଡ୍ୟୁଟି ଆଦାୟ କରିବାକୁ ଆୟକର ବିଭାଗ ବିଚାର କରୁଛି। ଚାଇନାର ଇ-କମର୍ସ ସାଇଟ୍‌ରୁ ଅବୈଧ ଭାବେ ମାଲ୍ କିଣିବାକୁ ରୋକିବା ଲାଗି ଏଭଳି ପଦକ୍ଷେପ ନିଆଯାଉଥିବା ମନେକରାଯାଉଛି।

ଏହି ମାମଲା ସହ ଜଡ଼ିତ ଦୁଇଟି ସୂତ୍ରରୁ କୁହାଯାଇଛି ଯେ, ଚାଇନାର ଅନ୍‌ଲାଇନ ୱେବସାଇଟରୁ ଶପିଂ କରୁଥିବା ଗ୍ରାହକଙ୍କଠାରୁ ଏହି ଟିକସ ଆଦାୟ କରାଯିବ। ଗତ ବର୍ଷକ ମଧ୍ୟରେ ଗିଫ୍ଟ ରୂପରେ ଚାଇନାରୁ ଆସିଥିବା ସାମଗ୍ରୀ ଭର୍ତ୍ତି ଜାହାଜକୁ କଷ୍ଟମ ବିଭାଗ ଧରିଥିବାର ବହୁ ନଜିର ରହିଛି। ଦେଶରେ ପ୍ରଚଳିତ ଆଇନ ଅନୁସାରେ ୫୦୦୦ ଟଙ୍କାରୁ କମ୍ ମୂଲ୍ୟର ସାମଗ୍ରୀକୁ ଉପହାର ରୂପରେ ବିଦେଶରୁ ଆଣିହେବ। ଏହା ଉପରେ କୌଣସି କଷ୍ଟମ୍ସ ଡ୍ୟୁଟି ଲାଗୁ କରାଯାଏ ନାହିଁ। ଚାଇନା ସମେତ ବହୁ ବିଦେଶୀ ଇ-କମର୍ସ ୱେବ୍‌ସାଇଟ ଏହି ନିୟମର ଫାଇଦା ଉଠାଇ ଉପହାର ଛଳରେ କୌଣସି ଡ୍ୟୁଟି ନ ଦେଇ ନିଜର ସାମଗ୍ରୀକୁ ଭାରତ ପଠାଇ ଚାଲିଛନ୍ତି। ପ୍ରାପ୍ତ ସୂତ୍ର ଅନୁଯାୟୀ କ୍ଲବ୍ ଫ୍ୟାକ୍ଟ୍ରି, ଅଲିଏକ୍ସପ୍ରେସ ଓ ଶୀନ୍ ଭଳି ଚାଇନା ରିଟେଲର ଟିକସ ବିଭାଗର ନଜରରେ ରହିଛି। ଉକ୍ତ ପଦକ୍ଷେପ ଯୋଗୁ ସେମାନଙ୍କର ବ୍ୟବସାୟ ପ୍ରଭାବିତ ହେବ। ଏହି ଯୋଜନାରେ ସରକାର ପେମେଣ୍ଟ ଗେଟ୍‌ୱେକୁ ସାମିଲ କରିବାକୁ ଭାବୁଛନ୍ତି। ଏହାଦ୍ୱାରା ଗ୍ରାହକ ଚାଇନାରୁ ସାମଗ୍ରୀ କିଣିବା ମାତ୍ରେ ଏହାର ମୂଲ୍ୟ ଉପରେ ଆଇଜିଏସ୍‌ଟି ଏବଂ କଷ୍ଟମ ଡ୍ୟୁଟିକୁ ସାମିଲ କରାଯିବ। ଅଦ୍ୟାବଧି ଭିନ୍ନ ଶ୍ରେଣୀ ପାଇଁ ଅଲଗା ଟିକସ ଅଥବା ଏକ ବ୍ଲେଣ୍ଡେଡ ଟିକସ ହାର ଆଦାୟ କରାଯିବା ନେଇ ସରକାର ଆଜିଯାଏ ନିଷ୍ପତ୍ତି ନେଇ ପାରୁ ନ ଥିଲେ।

### ଚାଇନାରୁ ଭାରତ ଆସିବ ଟପ୍ ଖେଳଣା କମ୍ପାନୀ

**ନୂଆଦିଲ୍ଲୀ,୨୫-୭:** ଆମେରିକା ସହିତ ଜାରି ଟ୍ରେଡ୍ ୱାର୍ ଚାଇନା ପାଇଁ ମହଙ୍ଗା ସାବ୍ୟସ୍ତ ହେଉଛି। କମ୍ପାନୀଗୁଡ଼ିକ ଚାଇନାରୁ ନିଜର କାରଖାନା ଅନ୍ୟ ଦେଶକୁ ସ୍ଥାନାନ୍ତର କରିବା ଆରମ୍ଭ କଲେଣି। ମିଡିଆ ରିପୋର୍ଟ ଅନୁଯାୟୀ ବିଶ୍ୱର ସର୍ବବୃହତ୍ ଖେଳଣା କମ୍ପାନୀଗୁଡ଼ିକ ମଧ୍ୟରୁ ଅନ୍ୟତମ ହାସ୍‌ବ୍ରୋ ଇଙ୍କ୍ ଚାଇନାରୁ ନିଜର କାରଖାନାକୁ ଭିଏତ୍‌ନାମ ଏବଂ ଭାରତକୁ ସ୍ଥାନାନ୍ତର କରିବାକୁ ବିଚାର କରୁଛି।

ସାର୍ବଜନୀନ ରୂପରେ କାରବାର କରୁଥିବା ସବୁଠାରୁ ବଡ଼ ଖେଳଣା ନିର୍ମାତା କମ୍ପାନୀ ନିକଟରେ ‘ଫ୍ରୋଜନ୍’ ଏବଂ ‘ଆଭେଞ୍ଜର୍ସ’ ଭଳି ଫ୍ରାଞ୍ଚାଇଜ ରହିଛି। କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ଚାଇନାରେ ଆମେରିକା ସାମଗ୍ରୀ ଉତ୍ପାଦନ ୨୦୨୦ ଶେଷ ସୁଦ୍ଧା ୫୦% ପର୍ଯ୍ୟନ୍ତ ହ୍ରାସ ପାଇବ। ସୂଚନାଯୋଗ୍ୟ ଯେ, ଆମେରିକା ସହ ଟ୍ରେଡ ୱାର୍ ଆରମ୍ଭ ହେବା ପରେ ଚାଇନାର ଅର୍ଥନୀତି ଧିମା ହେବାରେ ଲାଗିଛି। ସେଠାରେ ଉତ୍ପାଦନ କରୁଥିବା ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକ ଏବେ ଅନ୍ୟ ଦେଶକୁ ଚାଲିଯିବାକୁ ଚିନ୍ତା କରୁଛନ୍ତି। ହାସବ୍ରୋ ଇଙ୍କ ଏହି କମ୍ପାନୀଙ୍କ ମଧ୍ୟରେ ଅନ୍ୟତମ। ତେବେ ଇଣ୍ଟେଲ କର୍ପ ମଧ୍ୟ ଚାଇନାରୁ ତା’ର ବହିବସ୍ତାନି ଗୋଟାଇବ ବୋଲି ସଙ୍କେତ ଦେଇସାରିଛି। ହାସ୍‌ବ୍ରୋର ଚିଫ୍ ଏକ୍‌ଜିକ୍ୟୁଟିଭ ଅଫିସର ବ୍ରାୟାନ ଗୋଲ୍ଡନର କହିଛନ୍ତି ଯେ, କମ୍ପାନୀ ନିଜର ପାଦ ବଢ଼ାଇଚାଲିଛି। ଉତ୍ପାଦନ ବଢ଼ାଇବା ଲାଗି ଏହା ଭୌଗୋଳିକ କ୍ଷେତ୍ରକୁ ଯୋଡି ଚାଲିଛି।

### ■ ବଦଳିକୁ ବିରୋଧ ସୁଭାଷ ଗର୍ଗ ଭିଆର୍‌ଏସ୍ ନେବେ

**ନୂଆଦିଲ୍ଲୀ,୨୫-୭**

ରାଜସ୍ଥାନ କ୍ୟାଡର ଆଇଏଏସ୍ ଅଧିକାରୀ ସୁଭାଷ ଚନ୍ଦ୍ର ଗର୍ଗ ବିଭାଗ ବଦଳିବାର ଦିନକ ପରେ ସ୍ୱେଚ୍ଛା ଅବସର ଯୋଜନା(ଭିଆର୍‌ଏସ୍)ରେ ଆବେଦନ କରିଛନ୍ତି। ତାଙ୍କୁ ବୁଧବାର ଅର୍ଥ ମନ୍ତ୍ରଣାଳୟରୁ ହଟାଇ ଶକ୍ତି ମନ୍ତ୍ରଣାଳୟର ସଚିବ ଭାବେ ନିଯୁକ୍ତ କରାଯାଇଥିଲା। ଏଥିପୂର୍ବରୁ ସେ ଅର୍ଥ ମନ୍ତ୍ରଣାଳୟର ସଚିବ ଥିଲେ। ଆସନ୍ତାବର୍ଷ ଅକ୍ଟୋବରରେ ସେ ଅବସର ନେଇଥାନ୍ତେ। ଦୀର୍ଘ ୧୯ ବର୍ଷ ପରେ ପ୍ରଥମ ଅର୍ଥ ସଚିବ ଭାବେ ସେ ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ତାଙ୍କ ସ୍ଥାନରେ ନିବେଶ ଏବଂ ରାଷ୍ଟ୍ରାୟତ୍ତ ସମ୍ପତ୍ତି ପରିଚାଳନା ବିଭାଗ ସଚିବ ଅତନୁ ଚକ୍ରବର୍ତ୍ତୀଙ୍କୁ କେନ୍ଦ୍ର ସରକାର ଆର୍ଥିକ ବ୍ୟାପାର ବିଭାଗ ସଚିବ ଭାବେ ନିଯୁକ୍ତ କରିଛନ୍ତି। ବିଭାଗ ବଦଳିବା କାରଣରୁ ଗର୍ଗ ବେଶ ଅସନ୍ତୁଷ୍ଟ ଥିଲେ ବୋଲି ମନେ କରାଯାଉଛି। ଅର୍ଥ ମନ୍ତ୍ରଣାଳୟରେ ସେ ସର୍ବବରିଷ୍ଠ ଥିଲେ। ସେ ଆର୍ଥିକ ନୀତି ଏବଂ ଆର୍‌ବିଆଇ ସମ୍ପର୍କିତ ମାମଲା ଦାୟିତ୍ୱରେ ଥିଲେ। ବଜେଟ ପ୍ରସ୍ତୁତ ପ୍ରକ୍ରିୟାରେ ସେ ସାମିଲ ହୋଇଥିଲେ।


## ନୀରବ ମୋଦିଙ୍କ ହାଜତ ମିଆଦ ବୃଦ୍ଧି



**ଲଣ୍ଡନ,୨୫-୭:** ବ୍ରିଟେନର ୱେଷ୍ଟ ମିନ୍‌ଷ୍ଟର ଅଦାଲତ ପଳାତକ ହୀରା ବ୍ୟବସାୟୀ ନୀରବ ମୋଦିଙ୍କ ହାଜତ ମିଆଦକୁ ଅଗଷ୍ଟ ୨୨ ଯାଏ ବୃଦ୍ଧି କରିଛନ୍ତି। ଏଥିପୂର୍ବରୁ ବ୍ରିଟିଶ ଉଚ୍ଚ ଅଦାଲତ ଜୁନ୍ ୧୨ରେ ତାଙ୍କର ଜାମିନ ଆବେଦନକୁ ଖାରଜ କରି ଜୁଲାଇ ୨୫ ପର୍ଯ୍ୟନ୍ତ ହାଜତରେ ରହିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ୱାଣ୍ଡସ୍‌ୱର୍ଥ ଜେଲ୍‌ରୁ ଭିଡିଓ କନଫରେନ୍ସ ଜରିଆରେ ନୀରବଙ୍କୁ କୋର୍ଟରେ ହାଜର କରାଯାଇଥିଲା। ତାଙ୍କ ପକ୍ଷରୁ ଆଗତ ୪ଥର ଜାମିନ ଆବେଦନକୁ ଅଦାଲତ ଖାରଜ କରିସାରିଛନ୍ତି। ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ମହାଦୁର୍ନୀତି ମାମଲାରେ ତାଙ୍କୁ ପ୍ରତ୍ୟର୍ପଣ ଲାଗି ଭାରତ ପକ୍ଷରୁ ଆବେଦନ କରାଯାଇଛି। ଚିଫ୍ ମାଜିଷ୍ଟ୍ରେଟ ଏମ୍ମା ଆର୍ବୁଥନଟ୍ କହିଛନ୍ତି ଯେ, ଆସନ୍ତାବର୍ଷ ମେ’ରେ ନୀରବଙ୍କ ପ୍ରତ୍ୟର୍ପଣ ନେଇ ୫ ଦିନିଆ ଶୁଣାଣି ହେବ।

## ଭାରତରେ ପେମେଣ୍ଟ ସର୍ଭିସ ଆରମ୍ଭ କରିବ ହ୍ୱାଟ୍‌ସଆପ୍

**ନୂଆଦିଲ୍ଲୀ,୨୫-୭**



ପେମେଣ୍ଟ ସର୍ଭିସ ପ୍ରଦାନ କ୍ଷେତ୍ରରେ ବଜାରରେ ନିଜର ବ୍ୟବସାୟ କରୁଥିବା ପେଟିଏମ୍, ଗୁଗଲ ପେ, ଭୀମ ଆପ୍, ଫୋନ୍‌ପେ ଭଳି କମ୍ପାନୀଙ୍କୁ ଟକ୍କର ଦେବା ଲାଗି ଚଳିତ ବର୍ଷ ଭାରତରେ ହ୍ୱାଟ୍‌ସଆପ୍ ନିଜର ପେମେଣ୍ଟ ସର୍ଭିସ ଆରମ୍ଭ କରିବାକୁ ଯାଉଛି। ଭାରତ ଗସ୍ତରେ ଆସିବା ଅବସରରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ କମ୍ପାନୀର ଗ୍ଲୋବାଲ ଭାଇସ ପ୍ରେସିଡେଣ୍ଟ ୱିଲ୍ କ୍ୟାଥକାର୍ଟ ଏ ସମ୍ପର୍କରେ ଘୋଷଣା କରିଛନ୍ତି। ଏହି ମେସେଜିଂ ଆପ୍ ଗତ ଏକ ବର୍ଷ ହେବ ନିଜର ୧୦ ଲକ୍ଷ ୟୁଜରଙ୍କୁ ସାଥିରେ ନେଇ ପେମେଣ୍ଟ ସର୍ଭିସକୁ ପରୀକ୍ଷାମୂଳକ ଭାବେ ଚଳାଇଛି। ଭାରତରେ ହ୍ୱାଟ୍‌ସଆପ୍‌ର ପ୍ରାୟ ୪୦ କୋଟି ଓ ସାରା ଦୁନିଆରେ ୧୫୦ କୋଟି ୟୁଜର ରହିଛନ୍ତି। କମ୍ପାନୀ ଭାରତ ବ୍ୟତୀତ ଅନ୍ୟ ଦେଶରେ ମଧ୍ୟ ପେମେଣ୍ଟ ସେବା ଆରମ୍ଭ କରିବାକୁ ଚାହୁଁଛି। ତେବେ ଭାରତରେ ପେମେଣ୍ଟ ସର୍ଭିସ ଆରମ୍ଭ କରିବା ଲାଗି ହ୍ୱାଟ୍‌ସଆପ୍‌କୁ ଅଥେଣ୍ଟିକେଶନ ଏବଂ ଡାଟା ଷ୍ଟୋରେଜ ଭଳି ସମସ୍ୟାର ସମ୍ମୁଖୀନ ହେବାକୁ ପଡିବ। ଅନ୍ୟପକ୍ଷରେ ପୂର୍ବରୁ ପ୍ରତିଯୋଗିତାରେ ଥିବା ଅନ୍ୟ କମ୍ପାନୀଗୁଡ଼ିକ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ହ୍ୱାଟ୍‌ସଆପ୍‌ର ପେମେଣ୍ଟ ପ୍ଲାଟଫର୍ମ ଉପଭୋକ୍ତାଙ୍କ ଲାଗି ବିପଦପୂର୍ଣ୍ଣ ହେବ। ଏହା ନିର୍ଦ୍ଧାରିତ ନିୟମ ଅନୁଯାୟୀ ଆରମ୍ଭ ହେବ ନାହିଁ। ସୂଚନାଥାଉ କି, ଆର୍‌ବିଆଇର ନିୟମ ଅନୁଯାୟୀ ଏହା ପେମେଣ୍ଟ ସମ୍ପର୍କିତ ଡାଟାକୁ ଭାରତରେ ରଖିବା ନେଇ ବ୍ୟବସ୍ଥା କରିସାରିଛି ବୋଲି ହ୍ୱାଟ୍‌ସଆପ୍ ପକ୍ଷରୁ ଗତବର୍ଷ କୁହାଯାଇଛି। ଚଳିତ ବର୍ଷ ମେ’ରେ କମ୍ପାନୀ ପକ୍ଷରୁ ସୁପ୍ରିମକୋର୍ଟରେ କୁହାଯାଇଛି ଯେ, ଜୁଲାଇ ସୁଦ୍ଧା କମ୍ପାନୀର ପରୀକ୍ଷାମୂଳକ ପେମେଣ୍ଟ ସର୍ଭିସ୍ ବ୍ୟବସ୍ଥା ଶେଷ ହୋଇଯିବାର ଆଶାକରାଯାଉଛି। ତେବେ ଏହା ଆର୍‌ବିଆଇ ନିୟମ ପାଳନ ସମ୍ପୂର୍ଣ୍ଣ ନ ହେବା ଯାଏ ଭାରତରେ ପେମେଣ୍ଟ ସର୍ଭିସ ସିଷ୍ଟମ ଆରମ୍ଭ କରିବ ନାହିଁ ବୋଲି ହ୍ୱାଟ୍‌ସଆପ୍ କହିଛି।

# ଯାଞ୍ଚ ଘେରରେ ବୃହତ୍ ଟେକ୍ କମ୍ପାନୀ

ୱାଶିଂଟନ/ଭୁବନେଶ୍ୱର(ବ୍ୟୁରୋ)୨୫-୭

**ଫେସ୍‌ବୁକ, ଗୁଗଲ, ଆମାଜନ ଭଳି ଆମେରିକାର ବୃହତ ଟେକ୍ ଓ ଇ-କମର୍ସ କମ୍ପାନୀ ନିଜର କ୍ଷମତା ଓ ପ୍ରତିପତ୍ତିର ବିସ୍ତାର କରି ସରକାର ତଥା ବ୍ୟବସାୟକୁ ପ୍ରଭାବିତ କରୁଥିବାରୁ ଏବେ ଯାଞ୍ଚ ଘେରକୁ ଆସିଗଲେଣି। ସେମାନଙ୍କର ଏକଚାଟିଆ ବ୍ୟବସାୟିକ ନୀତି ଯୋଗୁ ପ୍ରତିଯୋଗିତା ପ୍ରାୟ ଶେଷ ହୋଇଗଲାଣି। ପରିସ୍ଥିତି ଏପରି ହେଲାଣି ଯେ, ଟ୍ରମ୍ପ ପ୍ରଶାସନ ନିକଟରେ ସେମାନଙ୍କର ପକ୍ଷଚ୍ଛେଦନ ପାଇଁ ଦାବି ଜୋର୍ ଧରିଛି। ଆମେରିକା ସରକାର ମଧ୍ୟ ଏହି ବୃହତ୍ ଟେକ୍ କମ୍ପାନୀଙ୍କ କାର୍ଯ୍ୟଶୈଳୀକୁ ନେଇ ସନ୍ତୁଷ୍ଟ ନୁହନ୍ତି। କୌଣସି ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପୂର୍ବରୁ ଫେସ୍‌ବୁକ, ଗୁଗଲ, ଆମାଜନ ବିରୋଧରେ ବ୍ୟାପକ ତଦନ୍ତ କରିବାକୁ ପ୍ରଶାସନିକ ନିଷ୍ପତ୍ତି ନିଆଯାଇଛି।**

### ବଢ଼ିଛି ଚିନ୍ତା

ବିଶେଷଜ୍ଞ ଓ ସମାଲୋଚକଙ୍କ କହିବାନୁଯାୟୀ, ଏହି ୩ ବୃହତ୍ ଟେକ୍ କମ୍ପାନୀଙ୍କ ଏକଚାଟିଆ ବ୍ୟବହାରକୁ ନେଇ ଯେ କେବଳ ଚିନ୍ତା ବଢ଼ିଛି ତାହା ନୁହେ ଏଥିସହିତ ଗୋପନୀୟତା ଏବଂ ରାଜନୀତି ମଧ୍ୟ ଜଡ଼ିତ ରହିଛି। ଜଷ୍ଟିସ୍ ଡିପାର୍ଟମେଣ୍ଟ କେଉଁ କମ୍ପାନୀଗୁଡ଼ିକ ବିରୋଧରେ ଯାଞ୍ଚ କରିବ ସେ ସମ୍ପର୍କରେ ଉଲ୍ଲେଖ କରିନାହିଁ ସତ ତେବେ ଉକ୍ତ ୩ ବୃହତ କମ୍ପାନୀ ଏହାର ଯାଞ୍ଚ ପରିସରରେ ରହିଥିବା ସ୍ପଷ୍ଟ ହୋଇଛି।

### କିଭଳି ହୋଇଛନ୍ତି ବିପଦ

**■ ଫେସ୍‌ବୁକ**

ସାରା ବିଶ୍ୱରେ ପ୍ରାୟ ୨୭୦ କୋଟି ୟୁଜର ଏହି କମ୍ପାନୀର ମୁଖ୍ୟ ୱେବ୍‌ସାଇଟ୍‌କୁ ବ୍ୟବହାର କରୁଛନ୍ତି। ଏହିସହିତ ଏହାର ଦୁଇ ସହଯୋଗୀ କମ୍ପାନୀ ଇନ୍‌ଷ୍ଟାଗ୍ରାମ୍ ଓ ହ୍ୱାଟ୍‌ସଆପ୍ ମଧ୍ୟ ୟୁଜରଙ୍କୁ ସହାୟତା କରିଚାଲିଛି। ଏହାକୁ ଦୃଷ୍ଟିରେ ରଖିଲେ ଏହା ପ୍ରାୟ ୧୦୦ କୋଟିରୁ ଊର୍ଦ୍ଧ୍ୱ ୟୁଜରଙ୍କ ଡାଟାକୁ ନିୟନ୍ତ୍ରଣ କରୁଛି। ଡାଟାର ଅପବ୍ୟବହାର ସହ ଏହାକୁ ନେଇ ଯେ କାରସାଦି କରି ହେବ ତାହା କେମ୍ବ୍ରିଜ ଆନାଲିଟିକା ଦୁର୍ନୀତିର ପର୍ଦ୍ଦାଫାଶ୍ ପରେ ଜଣାପଡିଛି। ଗୋପନୀୟତା ଭଙ୍ଗ କରିବା ଅଭିଯୋଗରେ ବୁଧବାର ଫେଡେରାଲ ଟ୍ରେଡ୍ କମିଶନ ଫେସ୍‌ବୁକ୍ ବିରୋଧରେ ୫ ବିଲିୟନ ଡଲାର ଜରିମାନା ଆଦାୟ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅର୍ଥ ଦେବାକୁ କମ୍ପାନୀ ରାଜି ମଧ୍ୟ ହୋଇଯାଇଛି। ସେହିପରି ସିକ୍ୟୁରିଟି ରେଗୁଲେଟରଙ୍କୁ ଭୁଆଁ ବୁଲାଇବା ଅଭିଯୋଗରେ ଏହା ଆହୁରି ୧୦୦ମିଲିୟନ ଡଲାର ଦେବାକୁ ସମ୍ମତି ପ୍ରକାଶ କରିଛି।

**■ ଗୁଗଲ**

ବିଶେଷଜ୍ଞଙ୍କ କହିବାନୁଯାୟୀ, ସାରା ବିଶ୍ୱରେ ଭରସାଯୁକ୍ତ ସର୍ଚ୍ଚ ଇଞ୍ଜିନ ଭାବେ ୟୁଜରଙ୍କ ଅତି ପ୍ରିୟ ହୋଇଥିବାରୁ ଅନ୍ୟ ପ୍ରତିଯୋଗୀଙ୍କ ଅପେକ୍ଷା ଗୁଗଲ ନିଜର ଉତ୍ପାଦ, ବିଜ୍ଞାପନ ଆଦିକୁ ନିଜ ୱେବ୍‌ସାଇଟ୍‌ରେ ପ୍ରଦର୍ଶନ କରିପାରୁଛି। ସେହିପରି ସ୍ମାର୍ଟଫୋନ ନିର୍ମାତାଙ୍କ ସହ ଷଡଯନ୍ତ୍ର କରି ମୋବାଇଲ ଫୋନ୍‌ରେ ନିଜର ଉତ୍ପାଦ ଓ ବିଜ୍ଞାପନ ପ୍ରଦର୍ଶନ କରୁଥିବା ନେଇ କମ୍ପାନୀ ବିରୋଧରେ ଅଭିଯୋଗ ହୋଇଛି। ଏହାକୁ ନେଇ ଯାଞ୍ଚ ମଧ୍ୟ ହୋଇଛି। ଏହାଛଡ଼ା ଗୁଗଲ ପକ୍ଷରୁ ବିଜ୍ଞାପନ ପ୍ରଦର୍ଶନ ସବୁଠୁ ବଡ଼ ଚିନ୍ତାର ବିଷୟ ହୋଇଛି। ଏହି କାରଣରୁ କମ୍ପାନୀ ବିରୋଧରେ ଅବିଶ୍ୱାସ ଅଭିଯୋଗ ଆଣି ୟୁରୋପୀୟ ୟୁନିୟନ ୮ ବିଲିୟନ ଡଲାର ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛି।




**■ ଆମାଜନ**

ବିଶ୍ୱର ବହୁ ଦେଶରେ ଆମାଜନ ଇ-କମର୍ସ ବ୍ୟବସାୟରେ ପ୍ରାଧାନ୍ୟ ବିସ୍ତାର କରିଛି। ଏହା ଡାଟାକୁ ବ୍ୟବହାର କରି ଥାର୍ଡ ପାର୍ଟି ମର୍ଚ୍ଚାଣ୍ଟଙ୍କ ଉପରେ ନିଜର ପ୍ରଭାବ ବିସ୍ତାର କରିପାରୁଛି। ଫଳରେ ଉଭୟ ଗ୍ରାହକ ଓ ଅନ୍ୟ ପ୍ରତିଯୋଗୀମାନେ ପ୍ରଭାବିତ ହେଉଛନ୍ତି। ଜଣେ କଂଗ୍ରେସ ସାଂସଦଙ୍କ ଅଭିଯୋଗ ଅନୁଯାୟୀ, ଆମାଜନ ନିଜ ବ୍ରାଣ୍ଡରେ ବିଶିଷ୍ଟ କଳାକାରଙ୍କ ଦ୍ୱାରା ନିର୍ମିତ ସାମଗ୍ରୀର ପ୍ରତିରୂପ ବଜାରକୁ ଛାଡୁଛି ଏବଂ ଗ୍ରାହକଙ୍କୁ ନିଜ ଉତ୍ପାଦ ସହ ଯୋଡୁଛି। ଆମାଜନ ରିଟେଲ ଉଦ୍ୟୋଗକୁ ନଷ୍ଟ କରିଦେଉଛି ବୋଲି ୟୁଏସ୍ ଟ୍ରେଜେରି ସଚିବ ଷ୍ଟିଭ୍ ଏମ୍‌ନୁଚିନ ଅଭିଯୋଗ କରିଛନ୍ତି।

### କ’ଣ ହେବ ତଦନ୍ତ

ଏମାନଙ୍କ ବିରୋଧରେ ବିଭିନ୍ନ ଦୃଷ୍ଟିକୋଣରୁ ଯାଞ୍ଚ କରିବା ଲାଗି ୟୁଏସ୍ ଡିପାର୍ଟମେଣ୍ଟ ଘୋଷଣା କରିଛି। ବ୍ୟବସାୟ କ୍ଷେତ୍ରରେ ସେମାନେ ପ୍ରତିଯୋଗିତାକୁ ନଷ୍ଟ କରିଦେବା ଲାଗି ଉଦ୍ୟମ କରୁଛନ୍ତି କି, ସେ ସମ୍ପର୍କରେ ଯାଞ୍ଚ ହେବ ବୋଲି ଡିପାର୍ଟମେଣ୍ଟ କହିଛି। ଏହି ଅନ୍‌ଲାଇନ ମାର୍କେଟିଂ କମ୍ପାନୀଗୁଡ଼ିକ କିଭଳି ଦିନକୁ ଦିନ କ୍ଷମତା ବୃଦ୍ଧି କଲେ, ପ୍ରତିଯୋଗିତାକୁ ଶେଷ କରିଦେବା ଲାଗି ସେମାନେ କେଉଁ ରଣନୀତି ଆପଣାଇଲେ, ଇନୋଭେଶନକୁ କିପରି ଭାବେ ଶ୍ୱାସରୁଦ୍ଧ କରାଯାଉଛି ଆଦି ସମ୍ପର୍କରେ ତଦନ୍ତ ହେବ ବୋଲି କୁହାଯାଇଛି। ଆମେରିକା ଡିପାର୍ଟମେଣ୍ଟ ଅଫ୍ ଜଷ୍ଟିସ୍ ଆଣ୍ଟିଟ୍ରଷ୍ଟ ଡିଭିଜନ ପକ୍ଷରୁ କୁହାଯାଇଛି ଯେ, ଏହି କମ୍ପାନୀଗୁଡ଼ିକ ନିଜର କ୍ଷମତାର ପ୍ରୟୋଗ କରି ପ୍ରତିଯୋଗିତାକୁ କୋଣଠେସା କରୁଛନ୍ତି କିନା ଯାଞ୍ଚ ହେବ। ସେହିପରି ଗୁଗଲ, ଫେସ୍‌ବୁକ୍, ଆମାଜନ ଓ ଆପଲ ଦ୍ୱାରା ଗ୍ରହଣ କରାଯାଉଥିବା ଆକ୍ରମଣାତ୍ମକ ବ୍ୟବସାୟିକ ବ୍ୟବସ୍ଥା ସମ୍ପର୍କରେ ୟୁଏସ୍ ଲେଜିସ୍‌ଲେଟିଭ କମିଟି ସ୍ୱତନ୍ତ୍ର ଭାବେ ଯାଞ୍ଚ ଆରମ୍ଭ କରିଛି।

### ଦୃଢ଼ ନିୟାମକ ବ୍ୟବସ୍ଥା ଲୋଡା



ୟୁଜର କ’ଣ ଶେୟାର କରିବେ କଣ ନାହିଁ ତାହା ଜାଣିପାରୁ ନାହାନ୍ତି। ଫଳରେ ସେମାନଙ୍କ ଗତିବିଧି କମ୍ପାନୀଗୁଡିକ ଜାଣି ପାରୁଛନ୍ତି। ଡାଟା ଶେୟାର ବେଳେ ସଚେତନତାର ଅଭାବ ରହୁଛି। ଏହାର ଅଭାବରୁ କମ୍ପାନୀଗୁଡିକ ୟୁଜର ଡାଟାକୁ ନେଇ ଆହୁରି ଦୃଢ ଭାବେ ବ୍ୟବହାର କରିବେ। ଡାଟାକୁ ନିଜ ସ୍ୱାର୍ଥ ଲାଗି କମ୍ପାନୀ ବ୍ୟବହାର ନ କରିବେ ବୋଲି କହି ହେବ ନାହିଁ। ଟେକ୍ନୋଲୋଜି କମ୍ପାନୀରେ ବାଣିଜ୍ୟିକ ନିୟମ ଉଲ୍ଲଂଘନର ନଜିର ରହିଛି। ଫଳରେ ଆମେରିକାରେ ବଡ ଟେକ୍ନୋଲୋଜି କମ୍ପାନୀ ତଦନ୍ତ ଘେରକୁ ଆସୁଛନ୍ତି। ଦୃଢ ନିୟାମକ ଏବଂ ନିୟମ ଅବମାନନାରେ କଠୋର ଜରିମାନା ଲାଗୁ ହେଲେ ଏଭଳି କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରାଯାଇ ପାରିବ।
**– ଜ୍ଞାନ ପାଣିଗ୍ରାହୀ, ସିନିୟର ସାଇବର ସିକ୍ୟୁରିଟି ଆନାଲିଷ୍ଟ**

### ଏକଚାଟିଆ କାର୍ଯ୍ୟ ଉପରେ ରୋକ ଲାଗୁ



ୟୁଜର ବା ଗ୍ରାହକଙ୍କୁ ନେଇ କମ୍ପାନୀ ଶକ୍ତିଶାଳୀ। ଉନ୍ନତ ରାଜସ୍ୱ ଯୋଗୁ ବଡ ଟେକ୍ନୋଲୋଜି କମ୍ପାନୀଗୁଡିକ ଏକଚାଟିଆ ହୋଇ ପଡୁଛନ୍ତି। ସେମାନଙ୍କ ସାମ୍ନାରେ ପ୍ରତ୍ୟକ୍ଷ ଭାବେ ଏକ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳୁ ନାହିଁ। ଏହା ଫଳରେ ମନମୁଖୀ କାର୍ଯ୍ୟ ଦେଖିବାକୁ ମିଳୁଛି। ବାଣିଜ୍ୟ ନିୟମ ଠିକ୍ ଭାବେ ପାଳନ ଏବଂ ନିୟମ ଅବମାନନାରେ କଠୋର ଜରିମାନା ପ୍ରଦାନ ନେଇ ନିର୍ଦ୍ଦେଶ ଦିଆଯାଉଛି।
**– ସ୍ୱସ୍ତିକ ଷଡଙ୍ଗୀ, ଆଇଟି ଆସେଟ୍ ଇଞ୍ଜିନିୟର**

### ବାଣିଜ୍ୟିକ ସ୍ୱାର୍ଥକୁ ଅଧିକ ଦେଖୁଛନ୍ତି କମ୍ପାନୀ



ସୁରକ୍ଷିତ ଡାଟା କୌଣସି ଦେଶ ଲାଗି ଦୀର୍ଘମିଆଦୀ ଭିତ୍ତିରେ ଲାଭ ଦେବ। ଗୁଗୁଲ, ଫେସବୁକ ଭଳି କମ୍ପାନୀ ଡାଟା ନିୟନ୍ତ୍ରଣରେ ପ୍ରମୁଖ ସ୍ଥାନରେ ଅଛନ୍ତି। ଡାଟାର ଅପବ୍ୟବହାର ଅନେକ ଅସୁବିଧା ଡାକି ଆଣିଥାଏ। ଏବେ କମ୍ପାନୀଗୁଡିକ ସେମାନଙ୍କ ବାଣିଜ୍ୟିକ ସ୍ୱାର୍ଥକୁ ଅଧିକ ବିଚାର କରୁଛନ୍ତି। ଏଭଳି ବିଭିନ୍ନ ପ୍ରସଙ୍ଗ ଲାଗି କମ୍ପାନୀଗୁଡିକୁ ବୃହତ ପରିମାଣର ଜରିମାନା ଦେବାକୁ ନିର୍ଦ୍ଦେଶ ଦିଆଯାଉଛି। ଏକ୍ଷେତ୍ରରେ ବାଣିଜ୍ୟ ନୈତିକତା ଏବଂ ଅନ୍ତର୍ଜାତୀୟ ବାଣିଜ୍ୟ ନିୟମ ପାଳନ ହେବା ଆବଶ୍ୟକ।**– ଜି.ସନ୍ତୋଷ ବାବୁ, ଛାତ୍ର, ଅନୁଗୋଳ**

### ବେଆଇନ କାର୍ଯ୍ୟକଳାପ ନିୟନ୍ତ୍ରିତ ହେଉ



କମ୍ପାନୀଗୁଡିକ ଦୃଢ ୟୁଜର ବେସ୍ ମାଧ୍ୟମରେ ନିଜର ଏଜେଣ୍ଡା ଏବେ ପ୍ରସ୍ତୁତ କରୁଛନ୍ତି। ୟୁଜର ଅନୁସାରେ କମ୍ପାନୀଗୁଡିକ ପ୍ରଚୁର ଅର୍ଥ ରୋଜଗାର କରୁଛନ୍ତି। ହେଲେ ସ୍ୱାର୍ଥ ଆସିଲେ ସେହି ୟୁଜରଙ୍କ ଡାଟା କାହାକୁ ଶେୟାର କରିବାକୁ କମ୍ପାନୀ ପଛାଉ ନାହାନ୍ତି। ଏଭଳି ଅନ୍ୟ ଘଟଣାମାନ ବଡ ଟେକ୍ନୋଲୋଜି କମ୍ପାନୀରେ ଦେଖାଯାଉଛି। ଏକ ସୁସ୍ଥ ପ୍ରତିଦ୍ୱନ୍ଦ୍ୱିତା ରହୁ ନାହିଁ। ଏ କ୍ଷେତ୍ରରେ ବେଆଇନ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବାର ଆବଶ୍ୟକତା ରହିଛି।
**– ବଳରାମ ନାୟକ, ଆଣ୍ଡ୍ରଏଡ ଡେଭଲପର**


ଅନୁଗୋଳ ANGUL
ଖଣି ପ୍ରଭାବିତ ଅଞ୍ଚଳ ଓ ଲୋକଙ୍କ ବିକାଶ ଓ କଲ୍ୟାଣ
Development and Welfare of Mining Affected Areas & People

District Mineral Foundation, Angul




We Are Looking for Professional Individuals to Join Our Team

No. CAD-230

| | | | |
| --- | --- | --- | --- |
| O & G Specialist | : 2 No. | Anesthesia Specialist | : 3 Nos. |
| Pediatrics Specialist | : 5 Nos. | ENT Specialist | : 1 No. |
| Medicine Specialist | : 4 Nos. | Ophthalmic Specialist. | : 4 Nos. |
| Surgery Specialist | : 7 Nos. | Pathology Specialist | : 3 Nos. |
| Psychiatric Specialist | : 1 No. | Orthopedic Specialist | : 2 Nos. |
| | | MO (MBBS) | : 40 Nos. |

Send Application To
DMF Cell, DRDA Angul, Pin: 759122, Odisha
Or dmfangul@gmail.com

Last Date 31.08.2019

For More Details Please visit www.angul.nic.in

-Sd-
Collector & Chairperson-Cum-Managing Trustee, DMF, Angul

24012/11/0001/1920



"ଟେଷ୍ଟରେ ଆୟର୍ଲାଣ୍ଡ ଦିନେ ଇଂଲଣ୍ଡର ବିପର୍ଯ୍ୟୟ ଘଟାଉ, ମୋର ଏକ ସ୍ୱପ୍ନ ଥିଲା । ମୋ ୫ ଉଇକେଟ ସଫଳତା ସହ ଏହା ସାକାର ହୋଇଛି ।
–ଟିମ୍ ମର୍ଟାଗ୍, ଆୟର୍ଲାଣ୍ଡ ବୋଲର



"ଶୁକ୍ରବାର ମୋ ଅନ୍ତର୍ଜାତୀୟ ଦିନିକିଆ କ୍ୟାରିୟରର ଅନ୍ତିମ ମ୍ୟାଚ ଖେଳି ଶ୍ରୀଲଙ୍କାର ଯୁବ ଖେଳାଳିଙ୍କ ପାଇଁ ସୁଯୋଗ ସୃଷ୍ଟି କରିବାକୁ ଯାଉଥିବାରୁ ମୁଁ ବହୁତ ଖୁସି ।
–ଲସିଥ ମାଲିଙ୍ଗା, ଶ୍ରୀଲଙ୍କା ପେସ୍ ବୋଲର

## ସଂକ୍ଷେପରେ

### ଭାରତକୁ ଜିତାଇଲେ ଅଧିନାୟକ ପ୍ରିୟମ

ୱ୍ରସେଷ୍ଟର, ୨୫ା୭ (ପି.ଟି.)- ଅଧିନାୟକ ପ୍ରିୟମ ଗର୍ଗଙ୍କ ଅପରାଜିତ ଶତକୀୟ ଇନିଂସ ବଳରେ ଯୁବ ଭାରତୀୟ କ୍ରିକେଟ୍ ଦଳ ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ତ୍ରି-ରାଷ୍ଟ୍ରୀୟ ସିରିଜର ଏକ ମ୍ୟାଚ୍‌ରେ ବାଂଲାଦେଶକୁ ୩୫ ରନରେ ପରାସ୍ତ କରିଦେଇଛି। ଟସ୍ ଜିତି ବ୍ୟାଟିଂ କରିଥିବା ଭାରତ ଅଧିନାୟକ ପ୍ରିୟମଙ୍କ ୧୦୦ ରନ (୯୭ ବଲ) ବଳରେ ନିର୍ଦ୍ଧାରିତ ୫୦ ଓଭରରେ ୫ ଉଇକେଟ୍ ହରାଇ ୨୬୫ ରନ୍ କରିଥିଲା। ଓପନର୍ ଯଶସ୍ୱୀ ଜୟସ୍ୱାଲ ୬୩, ଉଇକେଟ୍‌କିପର ଧ୍ରୁବ ଜୁରେଲ ୩୪ ରନ୍ କରିଥିଲେ। ଜବାବରେ ବାଂଲାଦେଶ ଯୁବ ଦଳ ଅଧିନାୟକ ଆକବର ଅଲି (୫୬), ଶମିନ ହୋସେନ (୪୬), ତାଞ୍ଜିଦ୍ ହାସାନ (୪୪) ଓ ମୃତ୍ୟୁଞ୍ଜୟ ଚୌଧୁରୀ (୩୩)ଙ୍କ ଉପଯୁକ୍ତ ବ୍ୟାଟିଂ ସତ୍ତ୍ୱେ ୪୭.୧ ଓଭରରେ ସମସ୍ତ ଉଇକେଟ୍ ହରାଇ ୨୨୯ ରନରେ ସୀମିତ ରହିଥିଲା। ବିଜୟୀ ଦଳ ପକ୍ଷରୁ କାର୍ତ୍ତିକ ତ୍ୟାଗୀ ୪ ଓ ଶୁଭଙ୍ଗ୍ ହେଗ୍‌ଡେ ୩ ଉଇକେଟ୍ ଅକ୍ତିଆର କରିଥିଲେ। ପୂର୍ବରୁ ଭାରତ ଉଦ୍‌ଘାଟନୀ ମୁକାବିଲାରେ ଆୟୋଜକ ଇଂଲଣ୍ଡ ଯୁବ ଦଳକୁ ୫ ଉଇକେଟ୍‌ରେ ପରାସ୍ତ କରିଥିଲା। ଏଥିସହ ୨ ମ୍ୟାଚ୍‌ରୁ ୨ ବିଜୟ ଲାଭ କରି ଭାରତ ଯୁବ ଦଳ ୪ ପଏଣ୍ଟ ପାଇ ଟେବୁଲର ଶୀର୍ଷରେ ରହିଛି।

### ବିଶ୍ୱ ଚାମ୍ପିୟନଶିପ୍ ପଦକ ବିଜେତା ଅଲିମ୍ପିକ କ୍ୱାଲିଫାୟର ଖେଳିବେ

ନୂଆଦିଲ୍ଲୀ,୨୫ା୭(ପି.ଟି.)- ଆଗକୁ ରୁଷିଆରେ ଆୟୋଜନ ହେବାକୁ ଥିବା ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍‌ରେ ପଦକ ହାସଲ କଲେ ଭାରତୀୟ ବକ୍ସରମାନେ ସିଧାସଳଖ ଅଲିମ୍ପିକ୍ସ କ୍ୱାଲିଫାୟର ଖେଳିବାକୁ ଯୋଗ୍ୟତା ହାସଲ କରିବେ। ଏଥିପାଇଁ ଜାତୀୟ ଦଳରେ ଏହି ପଦକ ବିଜେତା ବକ୍ସରମାନଙ୍କୁ ସାମିଲ କରାଯିବ ବୋଲି ବକ୍ସିଂ ହାଇପରଫର୍ମାନ୍ସ ଡାଇରେକ୍ଟର ସାଣ୍ଟିଆଗୋ ନିଏଭା କହିଛନ୍ତି। ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ଅନ୍ତର୍ଜାତୀୟ ବକ୍ସିଂ ଆସୋସିଏଶନ (ଏଆଇବିଏ)କୁ ସସ୍‌ପେଣ୍ଟ କରିବା ପରେ ରୁଷିଆରେ ଖେଳାଯିବାକୁ ଥିବା ବିଶ୍ୱ ଚାମ୍ପିୟନଶିପ୍ ଆଉ ଅଲିମ୍ପିକ୍ କ୍ୱାଲିଫାୟର ବିବେଚିତ ହେଉନାହିଁ। ଏଆଇବିଏରେ ହୋଇଥିବା ପ୍ରଶାସନିକ ଓ ଆର୍ଥିକ ପରିଚାଳନାରେ ତ୍ରୁଟି ଯୋଗୁ ସସ୍‌ପେଣ୍ଡ ହୋଇଛି ବୋଲି ଆଇଓସି ତରଫରୁ କୁହାଯାଉଛି। ଯେଉଁ ବକ୍ସରମାନେ ବିଶ୍ୱ ଚାମ୍ପିୟନଶିପ୍‌ରେ ପଦକ ଜିତିବେ ସେମାନେ ଅଲିମ୍ପିକ୍ସ କ୍ୱାଲିଫାୟର ପାଇଁ ସିଧାସଳଖ ଦଳରେ ସାମିଲ ହେବେ ବୋଲି ନିଏଭା କହିଛନ୍ତି। ଏପରି ହେଲେ ବକ୍ସରମାନେ ନିଜ ପ୍ରତିଭା ଓ ଦକ୍ଷତାର ପ୍ରମାଣ ଦେବେ ଓ ସେମାନଙ୍କ ପ୍ରତି କୌଣସି ଅନ୍ୟାୟ ହେବ ନାହିଁ। ୟେକାଟେରିନବର୍ଗ ସହରରେ ବିଶ୍ୱ ଚାମ୍ପିୟନଶିପ୍ ଆଗାମୀ ସେପ୍ଟେମ୍ବର ୭ରୁ ଆରମ୍ଭ ହୋଇ ୧୫ ତାରିଖରେ ଶେଷ ହେବ। ଏହି ପ୍ରତିଯୋଗିତାରେ ଭାରତ ମୋଟ ଉପରେ ୪ଟି ବ୍ରୋଞ୍ଜ୍ ପଦକ ହାସଲ କରିଛି। ଇଟାଲୀରେ ତାରକା ବକ୍ସର ବିଜେନ୍ଦର ସିଂ ୨୦୦୯ରେ ଭାରତ ପାଇଁ ପ୍ରଥମ ବିଶ୍ୱ ଚାମ୍ପିୟନଶିପ୍ ପଦକ ହାସଲ କରିଥିଲେ।

# ଭାରତୀୟ ଦଳରେ ଓଡ଼ିଶାର ନୀଲମ, ଆଶିଷ

ନୂଆଦିଲ୍ଲୀ, ୨୫ା୭

ଅଲିମ୍ପିକ୍ ହକି ଟେଷ୍ଟ ଇଭେଣ୍ଟ ହକି ଟୁର୍ନାମେଣ୍ଟ ଅଗଷ୍ଟ ୧୭ରୁ ୨୧ ପର୍ଯ୍ୟନ୍ତ ଜାପାନରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ପାଇଁ ଗୁରୁବାର ୧୮ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଏହି ଦଳରେ ୨ ଓଡ଼ିଆ ଖେଳାଳି ନୀଲମ ସଞ୍ଜୀପ୍ ଖେସ୍ ଓ ଆଶିଷ ଟପ୍ପୋ ସ୍ଥାନ ପାଇଛନ୍ତି। ଟିମ୍ ମ୍ୟାନେଜମେଣ୍ଟ ନିୟମିତ ଅଧିନାୟକ ମନପ୍ରୀତ ସିଂ, ଅଭିଜ୍ଞ ଗୋଲକିପର ପି.ଆର. ଶ୍ରୀଜେଶ, ବୀରେନ୍ଦ୍ର ଲାକ୍ରା ଏବଂ ସୁରେନ୍ଦର କୁମାରଙ୍କ ପରି ସିନିୟର ଖେଳାଳିଙ୍କୁ ବିଶ୍ରାମ ଦେବାକୁ ନିଷ୍ପତ୍ତି ନେଇଛି। ବିଶ୍ରାମ ମିଳିବା ଫଳରେ ସିନିୟର ଖେଳାଳିମାନେ ଆହତ ସମସ୍ୟାରୁ ମୁକ୍ତ ହେବା ସହ ସତେଜ ମନରେ ଆଗାମୀ ନଭେମ୍ବରରେ ହେବାକୁଥିବା ଅଲିମ୍ପିକ୍ କ୍ୱାଲିଫାଇଂ ମ୍ୟାଚଗୁଡ଼ିକ ଖେଳିପାରିବେ ବୋଲି କୋଚ୍ ଗ୍ରାହାମ ରିଡ୍ ପ୍ରକାଶ କରିଛନ୍ତି।

"ଗତ ୧୨ ମାସ ଧରି କଠିନ କରିଶ୍ରମ କରିଆସୁଥିବା ମନପ୍ରୀତ ସିଂଙ୍କ ସମେତ ଅନେକ ସିନିୟର ଖେଳାଳିଙ୍କୁ ଆମେ ବିଶ୍ରାମ ଦେବାକୁ ନିଷ୍ପତ୍ତି ନେଇଛୁ। ଫଳରେ ସେମାନେ କୌଣସି ଆହତ ସମସ୍ୟାକୁ ଆସିବେ ନାହିଁ ଏବଂ ଆଗାମୀ ୩ ମାସ ଧରି ସତେଜ ରହିବେ। ଏହାଦ୍ୱାରା ଆମେ ନଭେମ୍ବରରେ ହେବାକୁଥିବା କ୍ୱାଲିଫାଇଂ ମ୍ୟାଚ ପାଇଁ ଭଲଭାବେ ପ୍ରସ୍ତୁତ ହୋଇପାରିବୁ" ବୋଲି ରିଡ୍ କହିଛନ୍ତି। ସିନିୟର ଖେଳାଳିଙ୍କ ଅନୁପସ୍ଥିତିରେ ହରମନପ୍ରୀତ ସିଂ ଅଧିନାୟକ ଓ ମନଦୀପ ସିଂ ଉପଅଧିନାୟକ ଦାୟିତ୍ୱ ତୁଲାଇବେ। ଆଶିଷ ଟପ୍ପୋ ଓ ସମସେର ସିଂ ପ୍ରଥମଥର ପାଇଁ ସିନିୟର ଦଳରେ ଭାଗ୍ୟ ପରୀକ୍ଷା କରିବେ। ଅନ୍ୟପକ୍ଷରେ ଦୀର୍ଘ ୯ ମାସ ପରେ ଅଭିଜ୍ଞ ଏସ.ଭି. ସୁନୀଲ ଜାତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟ କେତେକ ଖେଳାଳିଙ୍କ ପାଇଁ ଅନ୍ତର୍ଜାତୀୟ ସ୍ତରରେ ଦକ୍ଷତା ପ୍ରତିପାଦନର ସୁଯୋଗ ଆଣିଛି ବୋଲି ରିଡ୍ କହିଛନ୍ତି। "ଭାରତର ବିଶ୍ୱ ର୍‍ୟାଙ୍କିଂ ପ୍ରତି ବିପଦ ନ ଥିବାରୁ ଆଗାମୀ ବଡ଼ ମୁକାବିଲା ପାଇଁ ଆମେ କେତେ ପ୍ରସ୍ତୁତ ତାହା ଟୋକିଓ ଟେଷ୍ଟ ଇଭେଣ୍ଟରୁ ଜଣାପଡ଼ିବ। ଆମେ ଅନେକ ଖେଳାଳିଙ୍କୁ ଦୀର୍ଘଦିନଧରି ଅନ୍ତର୍ଜାତୀୟ ସ୍ତରରେ ପରୀକ୍ଷା କରି ପାରିନାହୁଁ। ଏହି ଇଭେଣ୍ଟରେ ତାହା ମଧ୍ୟ ହୋଇଯିବ" ବୋଲି ରିଡ୍ ପ୍ରକାଶ କରିଛନ୍ତି।



ଆଶିଷ ଟପ୍ପୋ



ନୀଲମ ସଞ୍ଜୀପ ଖେସ୍

**ଭାରତୀୟ ଦଳ**

କ୍ରିଷ୍ଣନ ବାହାଦୁର ପାଠକ, ଗୁରିନ୍ଦର ସିଂ, ହରମନପ୍ରୀତ ସିଂ(ଅଧିନାୟକ), କୋଥାଜିତ ସିଂ ଖାଡାଙ୍ଗବାମ୍, ହାର୍ଦ୍ଦିକ ସିଂ, ନୀଳକାନ୍ତ ଶର୍ମା, ବିବେକ ସାଗର ପ୍ରସାଦ, ଜସକରନ ସିଂ, ମନଦୀପ ସିଂ(ଉପ-ଅଧିନାୟକ), ଗୁରସାହେବଜିତ ସିଂ, ନୀଲମ ସଞ୍ଜୀପ ଖେସ୍, ଜର୍ମନପ୍ରୀତ ସିଂ, ବରୁଣ କୁମାର, ଆଶିଷ ଟପ୍ପୋ, ଏସ.ଭି. ସୁନୀଲ, ଗୁରଜାନ୍ତ ସିଂ, ସମସେର ସିଂ, ସୁରଜ କରକେରା।



ଭାରତୀୟ ହକି ଦଳ।

**ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟ ହକି**

- ହରମନପ୍ରୀତ ସିଂ ଅଧିନାୟକ
- ମନଦୀପ ସିଂ ଉପଅଧିନାୟକ
- ଆଶିଷ, ସମସେର ନୂଆ ମୁହଁ
- ଏସ.ଭି. ସୁନୀଲଙ୍କ ପ୍ରତ୍ୟାବର୍ତ୍ତନ

**କାର୍ଯ୍ୟସୂଚୀ**

ଅଂଶଗ୍ରହଣକାରୀ ଦଳ: ଭାରତ, ଜାପାନ, ମାଲେସିଆ ଓ ନ୍ୟୁଜିଲାଣ୍ଡ

ଅଗଷ୍ଟ ୧୭: ଭାରତ ବନାମ ମାଲେସିଆ, ସମୟ: ଅପରାହ୍ନ ୩ଟା
ନ୍ୟୁଜିଲାଣ୍ଡ ବନାମ ଜାପାନ, ସମୟ: ଅପରାହ୍ନ ୩ଟା ୩୦

ଅଗଷ୍ଟ ୧୮: ଜାପାନ ବନାମ ମାଲେସିଆ, ସମୟ: ଅପରାହ୍ନ ୩ଟା
ଭାରତ ବନାମ ନ୍ୟୁଜିଲାଣ୍ଡ, ଅପରାହ୍ନ ୩ଟା ୩୦

ଅଗଷ୍ଟ ୧୯: ବିଶ୍ରାମ ଦିବସ

ଅଗଷ୍ଟ ୨୦: ମାଲେସିଆ ବନାମ ନ୍ୟୁଜିଲାଣ୍ଡ, ସମୟ: ସକାଳ ୬ଟା
ଭାରତ ବନାମ ଜାପାନ, ସମୟ: ସକାଳ ୮ଟା ୧୫

ଅଗଷ୍ଟ ୨୧: ୩ୟ/୪ର୍ଥ ସ୍ଥାନ ପାଇଁ ମ୍ୟାଚ, ସମୟ: ସକାଳ ୬ଟା
୧ମ/୨ୟ ସ୍ଥାନ ପାଇଁ ମ୍ୟାଚ, ସମୟ: ସକାଳ ୮ଟା ୩୦।
(ପୁରସ୍କାର ବିତରଣ ଉତ୍ସବ, ସନ୍ଧ୍ୟା ୬ଟା)

# ଉଷ୍ମ ପରିବେଶ ନେଇ ଆୟୋଜକ ଚିନ୍ତିତ

**ଟୋକିଓ ଅଲିମ୍ପିକ୍ସ**



ଟୋକିଓ, ୨୫ା୭(ଏଏଫ୍‌ପି)

ଆସନ୍ତାବର୍ଷ ଜୁଲାଇ ଓ ଅଗଷ୍ଟରେ ଆୟୋଜନ ହେବାକୁ ଥିବା ଅଲିମ୍ପିକ୍ସ ପାଇଁ ଆୟୋଜକମାନେ ଏକାଧିକ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛନ୍ତି। ଟୋକିଓରେ ତାପମାତ୍ରା ବୃଦ୍ଧି ଓ ସମ୍ଭାବ୍ୟ ଉଷ୍ମ ପରିବେଶ ପାଇଁ ଆୟୋଜକମାନେ ଚିନ୍ତା ପ୍ରକଟ କରିଛନ୍ତି। ଏ ଭଳି ପରିସ୍ଥିତିର ସାମ୍ନା କରିବାକୁ ଆୟୋଜକମାନେ ଏବେଠାରୁ ବିଭିନ୍ନ ପ୍ରକାର ବ୍ୟବସ୍ଥା ତଥା ପରୀକ୍ଷା ନିରୀକ୍ଷା ଗ୍ରହଣ କରିବା ଆରମ୍ଭ କଲେଣି। ଯଦି ତାପାମାତ୍ରାରେ ଅତ୍ୟଧିକ ବୃଦ୍ଧିଘଟେ ତେବେ ଏହାର ପ୍ରତିକାର ପାଇଁ ଆୟୋଜକମାନେ ଏବେ ଏୟାର କଣ୍ଡସନ ଟେଷ୍ଟର ବ୍ୟବହାର ସମେତ ପାଣି ବା କ୍ଷୁଦ୍ର ଜଳକଣିକା ଛିଞ୍ଚିବା ନେଇ ପରୀକ୍ଷା କରିଛନ୍ତି। ଏଥିପାଇଁ ସୁରକ୍ଷାକର୍ମୀଙ୍କୁ ଆୟୋଜକମାନେ ମକ୍ ଡ୍ରିଲ୍ କରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଟୋକିଓର ଗରମ ତଥା ଆର୍ଦ୍ର ପରିବେଶ ଆୟୋଜକଙ୍କ ପାଇଁ ଚିନ୍ତା ସୃଷ୍ଟି କରିଛି। ଗତବର୍ଷ ଏହି ସମୟରେ ସହରରେ ଗରମ ପବନ ବ୍ୟାପକ ଭାବେ ବହିଥିଲା ଓ ଲୋକଙ୍କୁ ସମସ୍ୟାରେ ପକାଇଥିଲା। ଏବେ ଅପେକ୍ଷାକୃତ କମ୍ ଗରମ ଅନୁଭୂତ ହେଉଛି। ତେବେ ସମ୍ଭାବ୍ୟ ଉଷ୍ମ ପରିବେଶ ପାଇଁ ଆଗୁଆ ପ୍ରସ୍ତୁତ ରହିବା ପାଇଁ ଆୟୋଜକମାନେ ପ୍ରୟାସ ଜାରି ରଖିଛନ୍ତି। ଏଥିପାଇଁ ପରୀକ୍ଷାମୂଳକ ଭାବେ ଗୁରୁବାରଠାରୁ ଅନ୍ତର୍ଜାତୀୟ ଭଲିବଲ୍ ଇଭେଣ୍ଟ ଆୟୋଜନ କରାଯାଉଛି। ଏହି ଇଭେଣ୍ଟ ଅବସରରେ ବିଭିନ୍ନ ପ୍ରକାର ପରୀକ୍ଷାନିରୀକ୍ଷା କରାଯିବ। କ୍ରୀଡ଼ା ପ୍ରଶଂସକଙ୍କୁ ଏଥିପାଇଁ ଫ୍ରି ଫୋଲ୍ଡିଂ ପ୍ୟାନ୍ ଓ ଟାୱେଲ ପ୍ରଦାନ କରାଯାଉଛି। ଏହି କ୍ରୀଡ଼ା ମହାକୁମ୍ଭ ଅବସରରେ ଆଥଲେଟ୍, ଦର୍ଶକ, ଭଲ୍ୟୁଣ୍ଟିୟର, ବିଦେଶୀ ପର୍ଯ୍ୟଟକ, ବୟସ୍କ, ଛୋଟପିଲା ଓ ଅନ୍ୟାନ୍ୟ ବ୍ୟକ୍ତିମାନଙ୍କ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଅଲିମ୍ପିକ ଡେଲିଭରି ଅଫିସର ହିଡେମାସା ନାକାମୁରା କହିଛନ୍ତି।

ଓସିଏନ– ସାଇଡ ପାର୍କରେ ଟୋକିଓ ଓପନ୍ ଅଫ୍ ଦି ଏଫ୍‌ଆଇଭିବି ବିଚ୍ ଭଲିବଲ ୱାର୍ଲ୍ଡ ଟୁର ଆୟୋଜନ ହେଉଛି। ଏଠାରେ ତାପମାତ୍ରା ୩୦ ଡିଗ୍ରୀ ସେଲସିୟସ ରହିଛି। ସୂର୍ଯ୍ୟକିରଣ ମଧ୍ୟ ସମସ୍ୟା ସୃଷ୍ଟି କରିବ। ଏୟାର କଣ୍ଡିସନ ଲଗାଯାଇଥିବା ଟେଣ୍ଟ ସହିତ ପାଣି ଛିଞ୍ଚିବାର ବ୍ୟବସ୍ଥା କରାଯିବ। ସେହିପରି ବହୁ ପରିମାଣରେ ଫୁଲ ବିଭିନ୍ନ ସ୍ଥାନରେ ରଖିବାର ବ୍ୟବସ୍ଥା କରାଯିବ। ଦର୍ଶକମାନେ ସାଥିରେ ପର୍ଯ୍ୟାପ୍ତ ପାଣି ଆଣିବା ସହ ଟୋପି ପିନ୍ଧିବାକୁ ଅନୁରୋଧ କରାଯିବ। ସାଥିରେ ଅଧିକ ଜିନିଷ ନ ଆଣିବାକୁ ଦର୍ଶକମାନଙ୍କୁ କୁହାଯିବ। ଆମେ ପାଣିପାଗକୁ ନିୟନ୍ତ୍ରଣ କରିପାରିବୁ ନାହିଁ। ଏହା ଅମ। ହାତରେ ନାହିଁ। ତେବେ ଏହାକୁ ସାମ୍ନା କରିବାକୁ ପ୍ରୟାସ କରିବୁ ବୋଲି ନାକାମୁରା କହିଛନ୍ତି। ଛାଇ ସୃଷ୍ଟି କରିବା ଓ ଜଳକଣିକା ଛିଞ୍ଚିବା ମଧ୍ୟ ସେତେଟା ସହଜ ନୁହେଁ। ଏତବଡ଼ ଏରିଆରେ ଏଭଳି କରିବା ନିଶ୍ଚିତ ଭାବେ କଷ୍ଟକର ବୋଲି ସେ ସ୍ୱୀକାର କରିଛନ୍ତି। ଉଲ୍ଲେଖଥାଉ କି, ଆସନ୍ତାବର୍ଷ ଜୁଲାଇ ୨୪ରୁ ଅଗଷ୍ଟ ୯ ତାରିଖ ମଧ୍ୟରେ ଜାପାନ ରାଜଧାନୀ ଟୋକିଓ ଅଲିମ୍ପିକ୍ସ ଆୟୋଜନ ହେବ।

## ସିନ୍ଧୁ, ସାଇ ପ୍ରଣୀଥ୍ କ୍ୱାର୍ଟରରେ

ଟୋକିଓ, ୨୫ା୭ (ପି.ଟି.)

ଅଲିମ୍ପିକ୍ସ ରୌପ୍ୟ ପଦକ ବିଜୟିନୀ ଷ୍ଟାର୍ ଭାରତୀୟ ମହିଳା ଶଟ୍‌ଲର ପି.ଭି. ସିନ୍ଧୁ ଓ ବି. ସାଇ ପ୍ରଣୀଥ୍ ଏଠାରେ ଚାଲିଥିବା ଜାପାନ୍ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିନେଇଛନ୍ତି। କିନ୍ତୁ ଅନ୍ୟତମ ଭାରତୀୟ ପ୍ରତିଯୋଗୀ ଏଚ୍.ଏସ୍. ପ୍ରଣୟଙ୍କୁ ନିରାଶ ହେବାକୁ ପଡ଼ିଛି। ମହିଳା ସିଙ୍ଗଲ୍ସ ୨ୟ ରାଉଣ୍ଡର ଏକ ମୁକାବିଲାରେ ୫ମ ସିଡ୍ ସିନ୍ଧୁ ୧୧–୨୧, ୨୧–୧୦, ୨୧–୧୩ ଗେମ୍‌ରେ ଜାପାନର ଅୟା ଓହରିଙ୍କୁ ପରାସ୍ତ କରିଛନ୍ତି। ଏହି ମ୍ୟାଚ୍ ଜିତିବାକୁ ସିନ୍ଧୁଙ୍କୁ ଏକ ଘଣ୍ଟା ପାଖାପାଖି ସମୟ ଲାଗିଥିଲା। ଏଥିସହ ଓହରିଙ୍କ ବିପକ୍ଷରେ ସିନ୍ଧୁ ବିଜୟ ବ୍ୟବଧାନକୁ ୮–୦କୁ ବଢ଼ାଇଛନ୍ତି। ଚାଇନାର ଚେନ୍ ଜିଆଓ ଜିନ୍ ଓ ୪ର୍ଥ ସିଡ୍ ଜାପାନର ଏକାନେ ୟାମାଗୁଚିଙ୍କ ମଧ୍ୟରେ ହେବାକୁ ଥିବା ମ୍ୟାଚ୍‌ରେ ଯିଏ ଜିତିବେ ସିଏ ଅନ୍ତିମ–୮ ରାଉଣ୍ଡରେ ସିନ୍ଧୁଙ୍କ ସହ ମୁକାବିଲା କରିବେ। ଅପରପକ୍ଷରେ ପୁରୁଷ ସିଙ୍ଗଲ୍ସ ମୁକାବିଲାରେ ପ୍ରଣୀଥ୍ ୨୧–୧୩, ୨୧–୧୬ ସିଧାସଳଖ ଗେମ୍‌ରେ ଘରୋଇ ପ୍ରତିଯୋଗୀ କାଣ୍ଟା ସୁନେୟାମାଙ୍କୁ ପରାସ୍ତ କରିଛନ୍ତି। ମ୍ୟାଚ୍ ଜିତିବାକୁ ପ୍ରଣୀଥ୍‌ଙ୍କୁ ମାତ୍ର ୪୫ ମିନିଟ୍ ସମୟ ଲାଗିଥିଲା। ତେବେ ପ୍ରଥମ ରାଉଣ୍ଡରେ ସାଥୀ ଖେଳାଳି କିଦାମ୍ବୀ ଶ୍ରୀକାନ୍ତଙ୍କୁ ପରାସ୍ତ କରିଥିବା ପ୍ରଣୟ ୯–୨୧, ୧୫–୨୧ ସିଧାସଳଖ ଗେମ୍‌ରେ ଡେନମାର୍କର ରାସମସ୍ ଗେମେକଙ୍କ ନିକଟରୁ ହାରି ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ସେହିଭଳି ପୁରୁଷ ଡବଲ୍ସରେ ସାତ୍ୱିକସାଇରାଜ ରାନ୍‌କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଯୋଡ଼ି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

## ଝାଡ଼ଖଣ୍ଡ ଓପନ ଆମନ୍ତ୍ରଣୀୟ ବିଲିୟାର୍ଡ୍ସ
# ସୁବ୍ରତ ସେମିଫାଇନାଲରେ

ଭୁବନେଶ୍ୱର, ୨୫ା୭(କ୍ରୀଡ଼ା ପ୍ରତିନିଧି)

ଝାଡ଼ଖଣ୍ଡ ରାଜ୍ୟ ବିଲିୟାର୍ଡ ଆଣ୍ଡ ସ୍ନୁକର ଆସୋସିଏଶନ ଆନୁକୂଲ୍ୟରେ ଗତ ୨୩ରୁ ଜାମସେଦପୁରଠାରେ ଆରମ୍ଭ ହୋଇଥିବା ୩ୟ ଝାଡ଼ଖଣ୍ଡ ଓପନ ଆମନ୍ତ୍ରଣୀୟ ଟୁର୍ନାମେଣ୍ଟରେ ଓଡ଼ିଶାର ସୁବ୍ରତ ଦାସ ପ୍ରଭାବୀ ପ୍ରଦର୍ଶନ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ମ୍ୟାଚରେ ରୂପେଶ କୁମାରଙ୍କୁ ୩–୧ରେ ହରାଇ କ୍ୱାର୍ଟର ଫାଇନାଲରେ ପହଞ୍ଚିଥିବା ସୁବ୍ରତ ପରେ ଆଦର୍ଶ ବର୍ମାଙ୍କୁ ୩–୦ ଫ୍ରେମ୍‌ରେ ପରାସ୍ତ କରିବାରେ ସକ୍ଷମ ହୋଇଛନ୍ତି। ସେମିଫାଇନାଲରେ ସେ ଭାରତର ଟପ୍–୧୬ ର୍‍ୟାଙ୍କ ଖେଳାଳି ନୀରଜ କୁମାରଙ୍କୁ ଭେଟିବେ। ଏହି ପ୍ରତିଯୋଗିତାରେ ସୁବ୍ରତଙ୍କ ବ୍ୟତୀତ ଅନ୍ୟତମ ଓଡ଼ିଆ ଖେଳାଳି ସୌଭାଗ୍ୟ ବେହେରା ଅଂଶଗ୍ରହଣ କରିଛନ୍ତି।



ସୌଭାଗ୍ୟ ବେହେରା ଓ ସୁବ୍ରତ ଦାସ

# ଜାତୀୟ ହୁଇଲ ଚେୟାର ଫେନ୍ସିଂ ପାଇଁ ଓଡ଼ିଶା ଦଳ

ଭୁବନେଶ୍ୱର(କ୍ରୀଡ଼ା ପ୍ରତିନିଧି/ କଟକ ଅଫିସ),୨୫ା୭

ଚେନ୍ନାଇର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଆସନ୍ତା ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ୧୨ତମ ଜାତୀୟ ହୁଇଲ ଚେୟାର ଫେନ୍ସିଂ ଚାମ୍ପିୟନଶିପ ଅନୁଷ୍ଠିତ ହେବ। ଏଥିପାଇଁ ଗୁରୁବାର ୧୩ ଜଣିଆ ଓଡ଼ିଶା ଦଳ ଘୋଷଣା କରାଯାଇଛି । ଏଥିରେ ୭ ଜଣ ପୁରୁଷ ଓ ୬ ଜଣ ମହିଳା ଖେଳାଳି ଅଛନ୍ତି । ଜୁଲାଇ ୧୨ରୁ ୨୫ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଦଳ ଚୟନ ଶିବିର ଚାଲିଥିଲା । ଶିବିର ଶେଷ ହେବାପରେ ପ୍ରଦର୍ଶନ ଭିତ୍ତିରେ ଦଳ ଚୟନ ହୋଇଥିଲା। "ଗତଥର ଏହି ପ୍ରତିଯୋଗିତାରେ ଓଡ଼ିଶାରୁ କେବଳ ପୁରୁଷ ଦଳ ଅଂଶଗ୍ରହଣ କରିଥିଲା। ଆମେ ରନର୍ସଅପ୍ ହୋଇଥିଲୁ। ମଣିପୁର ଚାମ୍ପିୟନ ହୋଇଥିଲା। ଏଥର ଆମେ ଭଲ ଅଭ୍ୟାସ କରିଛୁ ଏବଂ ଆମ ମହିଳା ଦଳ ମଧ୍ୟ ଅଂଶଗ୍ରହଣ କରୁଛି। ତେଣୁ ଚାମ୍ପିୟନ ହୋଇ ରାଜ୍ୟକୁ ଫେରିବା ଆମର ମୁଖ୍ୟ ଲକ୍ଷ୍ୟ ହେବ" ବୋଲି ଗୁରୁବାର ଚେନ୍ନାଇ ଯାତ୍ରା ଅବସରରେ ପ୍ରକାଶ କରିଛନ୍ତି ଓଡ଼ିଶା ଦଳର ବରିଷ୍ଠ ସଦସ୍ୟ ରାଖାଲ କୁମାର ସେଠୀ। ଦଳ ସହ ରବିନ କୁମାର କୋଚ ଏବଂ ସୁନୀଲ ପ୍ରଧାନ ମ୍ୟାନେଜର ଭାବେ ଚେନ୍ନାଇ ଯାତ୍ରା କରିଛନ୍ତି ।

**ଓଡ଼ିଶା ମହିଳା ଦଳ:** ମାଳତୀ ପାନାଉରେ (ଖୋର୍ଦ୍ଧା), ମଧୁମଞ୍ଜରୀ ଧଳ (ଯାଜପୁର), ଶୀଲା ମନ୍ତ୍ରି(ଗଜପତି), ଜୁଲି ସାହୁ (ଖୋର୍ଦ୍ଧା), ପୂଜା ନାୟକ (ଗଜପତି), ଲକ୍ଷ୍ମୀ ପାତ୍ର (ବରଗଡ଼)।

**ଓଡ଼ିଶା ପୁରୁଷ ଦଳ:** ଭି. ରମେଶ ରାଓ (ଗଞ୍ଜାମ), ରାଖାଲ କୁମାର ସେଠୀ (ଭଦ୍ରକ), ପ୍ରଭାକର ବେହେରା (କଟକ), ଅକ୍ଷୟ କୁମାର ସାହୁ (ପୁରୀ), ଦେବମୃତ ସାହୁ (ଯାଜପୁର), ପ୍ରଫୁଲ୍ଲ ଖଣ୍ଡାୟତରାୟ (ଜଗତ୍‌ସିଂହପୁର), କମଳାକାନ୍ତ ନାୟାର (ପୁରୀ)।



ଜାତୀୟ ହୁଇଲ ଚେୟାର ଫେନ୍ସିଂ ପାଇଁ ମନୋନୀତ ଓଡ଼ିଶା ଦଳ।

# ଭାରତ ୨୩୮ ରନରେ ବିଜୟୀ

**ଦୃଷ୍ଟିହୀନ ଟି୨୦ କ୍ରିକେଟ**

ଭୁବନେଶ୍ୱର, ୨୫ା୭(କ୍ରୀଡ଼ା ପ୍ରତିନିଧି)

ସମ୍ପ୍ରତି କାରିବିୟନ ଗସ୍ତରେ ଥିବା ଭାରତୀୟ ଦୃଷ୍ଟିହୀନ କ୍ରିକେଟ ଦଳ ଦିନିକିଆ ସିରିଜ ପରି ଟି୨୦ରେ ମଧ୍ୟ ଧମାକାଦାର ଆରମ୍ଭ କରିଛି। ଗୁରୁବାର ଅନୁଷ୍ଠିତ ପ୍ରଥମ ଟି୨୦ ମ୍ୟାଚରେ ଭାରତ ୨୩୮ ରନରେ ଘରୋଇ ଜାମାଇକାକୁ ପରାସ୍ତ କରିଛି।

ଟସ୍ ଜିତି ଜାମାଇକା ପ୍ରଥମେ ଭାରତକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ଭାରତ ଭେଙ୍କଟେଶ୍ୱର ରାଓ ଓ ଦୀପକ ମଲିକଙ୍କ ସହାୟତାରେ ଓପନିଂ ଯୋଡ଼ିରେ ୮୨ ରନ ସଂଗ୍ରହ କରି ବଡ଼ ସ୍କୋର ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲା। ଦୀପକ ୨୬ ବଲ୍‌ରୁ ୩୪ ରନ କରି ଆଉଟ ହୋଇଥିବାବେଳେ ଭେଙ୍କଟେଶ୍ୱର ୨୮ ବଲ୍‌ରୁ ଦ୍ରୁତ ୫୩ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ମିଡଲ ଅର୍ଡରରେ କ୍ରିଜ୍‌କୁ ଆସିଥିବା ସୁନୀଲ ରମେଶ ମାତ୍ର ୪୭ ବଲ୍‌ରୁ ଧୂଆଁଧାର ଶତକୀୟ ଇନିଂସ(୧୦୭ ରନ) ଖେଳି ଅପରାଜିତ ରହିବା ସହ ଭାରତ ସ୍କୋରକୁ ୨୦ ଓଭରରେ ୨୮୬/୩ରେ ପହଞ୍ଚାଇ ଦେଇଥିଲେ। ଅଧିନାୟକ ଅଜୟ ରେଡ୍ଡୀ ୨୯ ରନରେ ଅପରାଜିତ ରହିଥିଲେ। ବଡ଼ ସ୍କୋରର ପିଛା କରିଥିବା ଜାମାଇକା ପ୍ରତିପକ୍ଷ ଅଧିନାୟକ ଅଜୟଙ୍କ ବୋଲିଂର ସମ୍ମୁଖୀନ ହୋଇ ନପାରି ପ୍ରଥମ ଓଭରରେ ହିଁ ୨ଟି ଉଇକେଟ ହରାଇଥିଲା। ଚାପର ବଶବର୍ତ୍ତୀ ହୋଇଥିବା ଏହି ଦଳ ୧୧.୩ ଓଭରରେ ୪୮ ରନରେ ଅଲଆଉଟ ହୋଇଯାଇଥିଲା। ଭାରତ ପକ୍ଷରୁ ଅଜୟ ୧୨ ରନ ବିନିମୟରେ ସର୍ବାଧିକ ୪ଟି ଉଇକେଟ ନେଇଥିଲେ। ଅଲରାଉଣ୍ଡ ସଫଳତା ପାଇଁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ବିଜୟ ଫଳରେ ୨ ମ୍ୟାଚ ବିଶିଷ୍ଟ ସିରିଜରେ ଭାରତ ୧–୦ରେ ଅଗ୍ରଣୀ ଲାଭ କରିଛି। ପୂର୍ବରୁ ଖେଳାଯାଇଥିବା ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜରେ ଭାରତ ୨–୦ରେ ଅଗ୍ରଣୀ ରହିଥିବାବେଳେ ତୃତୀୟ ତଥା ଅନ୍ତିମ ଦିନିକିଆ ଶୁକ୍ରବାର ଜାମାଇକାରେ ଅନୁଷ୍ଠିତ ହେବ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୨୮୬/୩(ସୁନୀଲ ରମେଶ–୧୦୭*, ଭେଙ୍କଟେଶ୍ୱର ରାଓ–୫୩, ଦୀପକ ମଲିକ–୩୪, ଅଜୟ ରେଡ୍ଡୀ–୨୯*, ଫର୍ଗୋଲା–୧/୩୭, କୋଲେ–୧/୫୬)।
ଜାମାଇକା ୧୧.୩ ଓଭରରେ ୪୮/ଅଲଆଉଟ(ଗ୍ରାହାମ–୧୨, ଅଜୟ–୪/୧୨, ଦୀପକ–୨/୫, ପଙ୍କଜ–୧/୧, ସୋନୁ–୧/୧୫)।
ମ୍ୟାନ ଅଫ ଦି ମ୍ୟାଚ: ଅଜୟ ରେଡ୍ଡୀ



ପ୍ରୋ–କବାଡ଼ି ଲିଗ୍‌ର ମୁମ୍ବାଇ ଚରଣ ପ୍ରତିଯୋଗିତାରେ ପୃଥକ୍ ପୃଥକ୍ ଯୋଜନା ସହାୟତାରେ ଆମ ଦଳ ଉନ୍ନତ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବ।

**–ସଞ୍ଜୀବ କୁମାର ବି ୟାନ, ୟୁ ମୁମ୍ବା କୋଚ୍**




ଚଳିତ ବିଶ୍ୱ ସନ୍ତରଣ ଚାମ୍ପିୟନଶିପ୍‌ରେ ହଙ୍ଗେରୀର କ୍ରିଷ୍ଟଫ୍ ମିଲାଙ୍କ ଟେକ୍‌ନିକ୍ ମୋତେ ପ୍ରଭାବିତ କରିଛି ।

**–ମାଇକେଲ ଫେଲ୍‌ପ୍ସ, ଆମେରିକାର କିମ୍ବଦନ୍ତୀ ସନ୍ତରଣକାରୀ**

## ସଂକ୍ଷେପରେ

### ଦେଶାଇ ପୁନେରୀ ପଲ୍‌ଟନ ଅଧିନାୟକ



ପୁଣେ, ୨୫।୭ (ପି.ଟି.)-ଅଲଟିମେଟ୍ ଟେବୁଲ ଟେନିସ (ୟୁଟିଟି) ଲିଗ୍ ସିଜନ ୩ ପାଇଁ ହରମିତ୍ ଦେଶାଇଙ୍କୁ ଗୁରୁବାର ପୁନେରୀ ପଲ୍‌ଟନ ଟେବୁଲ ଟେନିସ ଦଳର ଅଧିନାୟକ ଭାବେ ଘୋଷଣା କରାଯାଇଛି। ହରମିତ ନିକଟରେ କଟକରେ ଅନୁଷ୍ଠିତ ୨୧ତମ ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ଚାମ୍ପିୟନଶିପ୍‌ରେ ଟାଇଟଲ ବିଜୟୀ ହୋଇଥିଲେ। ପୁନେରୀ ପଲ୍‌ଟନ ଟେବୁଲ ଟେନିସ ୟୁଟିଟିର ଏକ ନୂଆ ଦଳ। ପ୍ରତିଯୋଗିତାରେ ପଦାର୍ପଣ କରୁଥିବାରୁ ମୋ ଉପରେ ଗୁରୁଦାୟିତ୍ୱ ରହିଛି। ଦଳର ପ୍ରଦର୍ଶନ ଯେପରି ଭଲ ରୁହେ ସେଥିପାଇଁ ଆମେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବୁ ବୋଲି ଦେଶାଇ ପ୍ରକାଶ କରିଛନ୍ତି। ଲିଗ୍‌ର ତୃତୀୟ ଡଭିଜନ ନୂଆଦିଲ୍ଲୀରେ ଅନୁଷ୍ଠିତ ହେଉଛି। ଏଥିରେ ୬ଟି ଦଳ ଅଂଶଗ୍ରହଣ କରୁଛନ୍ତି। ଅଗଷ୍ଟ ୧୧ରେ ଲିଗ୍ ଶେଷ ହେବ।

### ପ୍ରେସିଡେଣ୍ଟ କପ୍ ସେମିରେ ବିଧୁରି



ନୂଆଦିଲ୍ଲୀ, ୨୫।୭ (ପି.ଟି.)- ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜେତା ଭାରତୀୟ ବକ୍ସର ଗୌରବ ବିଧୁରି (୫୬ କିଗ୍ରା) ଫିଲିପାଇନ୍ସଠାରେ ଚାଲିଥିବା ପ୍ରେସିଡେଣ୍ଟ କପ୍ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ୨୦୧୭ରେ ହମ୍ବର୍ଗରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ଏକମାତ୍ର ବକ୍ସର ଭାବେ ପଦକ ଜିତିଥିବା ଗୌରବ କ୍ୱାର୍ଟର ଫାଇନାଲ ମୁକାବିଲାରେ ଆଫଗାନିସ୍ତାନର ୱାରିସ କରିମିଙ୍କୁ ପରାସ୍ତ କରି ଅନ୍ତିମ-୪'ରେ ପହଞ୍ଚିଛନ୍ତି। ଏଥିସହ ସେ ଦେଶ ପାଇଁ ମଧ ପଦକ ନିଶ୍ଚିତ କରିଛନ୍ତି। ସେମିଫାଇନାଲରେ ଗୌରବ ଘରୋଇ ବକ୍ସର ଜୁନ୍‌ମିଲାର୍ଡୋ ଓଗାୟରେଙ୍କୁ ଭେଟିବେ। ଦିଲ୍ଲୀର ଏହି ତାରକା ବକ୍ସର ସେପ୍ଟେମ୍ବରରେ ରୁଷିଆରେ ହେବାକୁ ଥିବା ଆଗାମୀ ବିଶ୍ୱ ଚାମ୍ପିୟନଶିପ୍ ଲାଗି ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି।

### ଫିଫା ର୍‍ୟାଙ୍କିଙ୍ଗ୍: ଖସିଲା ଭାରତ

ନୂଆଦିଲ୍ଲୀ,୨୫।୭(ପିଟି)- ଭାରତୀୟ ଫୁଟ୍‌ବଲ ଦଳର ଫିଫା ର୍‍ୟାଙ୍କିଙ୍ଗ୍‌ରେ ଅବନତି ଘଟିଛି। ଦଳ ପୂର୍ବ ଅପେକ୍ଷା ଦୁଇଟି ସ୍ଥାନ ତଳକୁ ଖସି ୧୦୩ତମ ମାନ୍ୟତାରେ ପହଞ୍ଚିଥିବା ଦର୍ଶାଇଛି ନୂଆ ଫିଫା ର୍‍ୟାଙ୍କିଙ୍ଗ୍। ନିକଟରେ ଶେଷ ହୋଇଥିବା ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଟୁର୍ନାମେଣ୍ଟରେ ଭାରତୀୟ ଦଳ ଦୁଇଟି ପରାଜୟ ସହ ଗୋଟିଏ ମ୍ୟାଚ୍ ଡ୍ର' ରଖିଥିଲା। ଅହମ୍ମଦାବାଦଠାରେ ଅନୁଷ୍ଠିତ ଇଭେଣ୍ଟରେ ଭାରତ ୨-୪ ଗୋଲରେ ତାଜିକିସ୍ତାନଠାରୁ ଓ ୨-୫ ଗୋଲରେ କୋରିଆଠାରୁ ପରାସ୍ତ ହୋଇଥିବାବେଳେ ସିରିୟା ବିପକ୍ଷ ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ରଖିଥିଲା। ଭାରତ ପାଖରେ ଏବେ ୧୨୧୪ ର୍‍ୟାଙ୍କିଙ୍ଗ୍ ପଏଣ୍ଟ ରହିଛି, ଯାହାକି ପୂର୍ବାପେକ୍ଷା ୫ ପଏଣ୍ଟ କମ୍। ଫିଫା ର୍‍ୟାଙ୍କିଙ୍ଗ୍‌ରେ ସର୍ବୋଚ୍ଚ ମାନ୍ୟତାପ୍ରାପ୍ତ ଏସିଆନ୍ ଦଳ ମଧ୍ୟରେ ଭାରତ ବର୍ତ୍ତମାନ ୧୮ତମ ସ୍ଥାନକୁ ଖସିଛି। ଫିଫା ର୍‍ୟାଙ୍କିଙ୍ଗ୍‌ର ୨୩ତମ ସ୍ଥାନରେ ଥିବା ଇରାନ ଶୀର୍ଷ ର୍‍ୟାଙ୍କଧାରୀ ଏସିଆନ୍ ଦଳ। ଏହା ପଛକୁ ଜାପାନ (୩୩ତମ ସ୍ଥାନ), କୋରିଆ (୩୭), ଅଷ୍ଟ୍ରେଲିଆ (୪୬) ଓ କାତାର (୬୨) ରହିଛନ୍ତି। ମୋଟ ଉପରେ ବେଲଜିୟମ ନେତୃତ୍ୱାଧୀନ ର୍‍ୟାଙ୍କିଙ୍ଗ୍‌ରେ ବ୍ରାଜିଲ, ଫ୍ରାନ୍ସ, ଇଂଲଣ୍ଡ ଓ ଉରୁଗୁଏ ଯଥାକ୍ରମେ ଟପ୍ ୫ରେ ରହିଛନ୍ତି।

# ରାଜ୍ୟ ସଂଘ ନିର୍ବାଚନ ମୁଖ୍ୟ ପ୍ରସଙ୍ଗ

## ଆଜି ସିଓଏ ବୈଠକ

**ନୂଆଦିଲ୍ଲୀ,୨୫।୭(ପି.ଟି.)**

ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ପରିଚାଳନା ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ପ୍ରଶାସକ କମିଟି(ସିଓଏ)ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶୁକ୍ରବାର ଅନୁଷ୍ଠିତ ହେବ। ଏଥିରେ ରାଜ୍ୟ ସଂଘଗୁଡ଼ିକର ନିର୍ବାଚନ ନିର୍ଦ୍ଧାରିତ ସମୟରେ ଶେଷ କରିବା ଏବଂ ଏନ୍‌ସିଏ ବ୍ୟାଟିଂ ପରାମର୍ଶଦାତା ପଦ ପାଇଁ ପୂର୍ବତନ ଭାରତୀୟ ଓପନର ବିକ୍ରମ ରାଠୋରଙ୍କ ଆବେଦନ ଉପରେ ଆଲୋଚନା ହେବ ବୋଲି ସୂଚନା ମିଳିଛି। ନିର୍ବାଚନ ଲାଗି ରାଜ୍ୟ ସଂଘଗୁଡ଼ିକ ନିର୍ବାଚନ ଅଧିକାରୀ ନିଯୁକ୍ତି ପାଇଁ ବର୍ଦ୍ଧିତ ସମୟସୀମା ଶେଷ ହୋଇଛି। ଜୁଲାଇ ୧ତାରିଖ ସୁଦ୍ଧା ନିର୍ବାଚନ ଅଧିକାରୀ ନିଯୁକ୍ତ କରିବାକୁ ପ୍ରଥମେ ସମୟ ଧାର୍ଯ୍ୟ କରାଯାଇଥିବାବେଳେ ପରବର୍ତ୍ତୀ ସମୟରେ ସିଓଏ ସମୟସୀମା ଜୁଲାଇ ୨୫ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଥିଲା। ସେହିପରି ରାଜ୍ୟ ସଂଘଗୁଡ଼ିକୁ ସେମାନଙ୍କ ସମ୍ବିଧାନରେ ରହିଥିବା କିଛି ତ୍ରୁଟିକୁ ସୁଧାରିବା ସହ ଲୋଧା କମିଟି ସୁପାରିସ ଅନୁଯାୟୀ ପ୍ରସ୍ତୁତ କରିବାକୁ ସିଓଏ ନିର୍ଦ୍ଦେଶ ଦେଇଥିଲା। ନଚେତ ଆସନ୍ତା




ଅକ୍ଟୋବରରେ ହେବାକୁ ଥିବା ବିସିସିଆଇ ନିର୍ବାଚନରେ ନିର୍ଦ୍ଦେଶ ଅନୁଯାୟୀ ସମ୍ବିଧାନ ପଞ୍ଜୀକରଣ କରି ନ ଥିବା ସଂଘଗୁଡ଼ିକୁ ଭୋଟ ଦେବାରୁ ବଞ୍ଚିତ କରାଯିବ ବୋଲି ସିଓଏ ଚେତାବନୀ ଦେଇଥିଲା। ଗତ ମେ'ରେ ଆସନ୍ତା ସେପ୍ଟେମ୍ବର ୧୪ ତାରିଖ ସୁଦ୍ଧା ରାଜ୍ୟ ସଂଘ ନିଜର ନିର୍ବାଚନ ଶେଷ କରିବାକୁ ସିଓଏ ନିର୍ଦ୍ଦେଶ ଦେଇଥିଲା। ସେହିପରି ୩୬ଟି ସଂଘ ମଧ୍ୟରୁ ୨୦ଟି ସଂଘ ନିର୍ବାଚନ ଅଧିକାରୀ ନିଯୁକ୍ତ କରିବା ପ୍ରକ୍ରିୟା ଜାରି ରଖିଛନ୍ତି। ଏହି ସଂଘମାନଙ୍କ ମଧ୍ୟରେ ଦେଶର ଅନ୍ୟତମ ପ୍ରମୁଖ ସଂଘ ମୁମ୍ବାଇ କ୍ରିକେଟ ଆସୋସିଏଶନ ରହିଛି। ତେବେ ଯେଉଁ ସଂଘ ନିୟମାନୁଯାୟୀ କାର୍ଯ୍ୟ ନ କରିବେ ସେ ଭୋଟ ଅଧିକାର ହରାଇବେ ବୋଲି ବିସିସିଆଇର ଜଣେ ଅଧିକାରୀ କହିଛନ୍ତି।

ବୈଠକରେ ଆଲୋଚନା ହେବାକୁ ଥିବା ଅନ୍ୟ ପ୍ରସଙ୍ଗଟି ହେଉଛି ରାଠୋରଙ୍କ ଏନ୍‌ସିଏ ବ୍ୟାଟିଂ ପରାମର୍ଶଦାତା ପଦବୀ ସମ୍ପର୍କରେ। ନିକଟରେ ରାଠୋର ଭାରତର ୧୯ ବର୍ଷରୁ କମ୍ ଦଳର କୋଚ ଭାବେ ନିଯୁକ୍ତି ପାଇବାରେ ବିଫଳ ହୋଇଥିଲେ। ତାଙ୍କ ସମ୍ପର୍କିୟ ଆଶିଷ କାପୁର ଜାତୀୟ ଜୁନିୟର ଚୟନକର୍ତ୍ତା ରହିଥିବାବେଳେ ରାଠୋରଙ୍କ ନିଯୁକ୍ତି ନେଇ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ (କନଫ୍ଲିକ୍ଟ ଅଫ୍ ଇଣ୍ଟରେଷ୍ଟ) ପରିସ୍ଥିତି ସୃଷ୍ଟି କରିଥିବାରୁ ସେତେବେଳେ ଏହାକୁ ରୋକି ଦିଆଯାଇଥିଲା। କାପୁର ନିଜ ପଦବୀରେ ରହିଥିବାବେଳେ ରାଠୋରଙ୍କ ନିଯୁକ୍ତି ନେଇ ସିଓଏ ବିସିସିଆଇ ଲିଗାଲ ଟିମ୍‌ର ସହାୟତା ନେବାର ସମ୍ଭାବନା ରହିଛି। ତେବେ ରାଠୋରଙ୍କ ଏନ୍‌ସିଏ ଆବେଦନ ଗ୍ରହଣ କରାଯାଇ ନ ପାରେ ବୋଲି ଏହି ବିସିସିଆଇ ଅଧିକାରୀ କହିଛନ୍ତି। ସେହିପରି ଭାରତୀୟ ଦଳର ପରବର୍ତ୍ତୀ କୋଚ୍ କିଏ ବାଛିବେ ସେ ନେଇ ମଧ ବୈଠକରେ ଆଲୋଚନା ହୋଇପାରେ। ସୌରଭ ଗାଙ୍ଗୁଲି ଏବଂ ଭିଭିଏସ୍ ଲକ୍ଷ୍ମଣ ଏକାଧିକ ପଦବୀରେ କାର୍ଯ୍ୟ କରୁଥିବାରୁ ଏହି ଦୁଇଜଣଙ୍କ ସହ ସଚିନ ତେନ୍ଦୁଲକରଙ୍କୁ ନେଇ ଗଠିତ କମିଟି କିମ୍ବା କପିଳ ଦେବଙ୍କ ନେତୃତ୍ୱାଧୀନ ଆଡ୍–ହକ୍ କମିଟି କୋଚ୍ ନିଯୁକ୍ତ କରିବ ସେ ନେଇ ସ୍ପଷ୍ଟ ହୋଇନାହିଁ।

### ଆଶଙ୍କାରେ ଓସିଏ ନିର୍ବାଚନ

# ବାହାର ରାଜ୍ୟରୁ ଆସିବେ ନିର୍ବାଚନ ଅଧିକାରୀ

**କଟକ ଅଫିସ,୨୫।୭**

ଆଶଙ୍କା ଭିତରକୁ ଠେଲି ହେବାରେ ଲାଗିଛି ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ର କର୍ମକର୍ତ୍ତା ନିର୍ବାଚନ। ଗତ ଜୁଲାଇ ୧ ତାରିଖ ସୁଦ୍ଧା ରାଜ୍ୟ ସଂଘଗୁଡ଼ିକ ନିର୍ବାଚନ ଅଧିକାରୀ ନିଯୁକ୍ତ କରିବେ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଜୁଲାଇ ମାସ ଶେଷହେବାକୁ ବସିଥିବା ବେଳେ ଓସିଏରେ ନିର୍ବାଚନ ଅଧିକାରୀ ନିଯୁକ୍ତ ହୋଇ ପାରିନାହିଁ। ନିର୍ବାଚନ ଅଧିକାରୀ ନିଯୁକ୍ତ କରିବା ନେଇ ଓସିଏ ସରକାରୀ ସ୍ତରରେ ସହାୟତା ଲୋଡିଥିଲା। ଆଉ ଅଳ୍ପ ଦିନ ପରେ ନିର୍ବାଚନ ପ୍ରକ୍ରିୟା ମଧ ଆରମ୍ଭ ହେବ। ମାତ୍ର ସରକାରୀ ସ୍ତରରେ ନିର୍ବାଚନ ଅଧିକାରୀ ପ୍ରଦାନ କରାଯାଇ ନ ଥିବା ଜଣାପଡ଼ିଛି। ଯାହାଫଳରେ ଓସିଏ ବିସିସିଆଇ ସହ ଏ ସଂକ୍ରାନ୍ତରେ ପରାମର୍ଶ କରି ପଡୋଶୀ ରାଜ୍ୟ ତଥା ପଶ୍ଚିମବଙ୍ଗ, ବିହାର କିମ୍ବା ଝାଡ଼ଖଣ୍ଡରୁ ନିର୍ବାଚନ ଅଧିକାରୀ ଆଣିବ ବୋଲି ଜଣେ ପୂର୍ବତନ ବରିଷ୍ଠ ଅଧିକାରୀ କହିଛନ୍ତି। ନିର୍ବାଚନ ନ ହେବା ଫଳରେ ଦେଶର ସମସ୍ତ କ୍ରିକେଟ ସଂଘ ଆର୍ଥିକ ସଙ୍କଟ ଭିତରେ ଗତି କରୁଛି। ଏଥିରୁ ସ୍ଥାୟୀ ଭାବେ ମୁକୁଳିବା ପାଇଁ କେବଳ ନିର୍ବାଚନ ହିଁ ଭରସା। ହେଲେ ଓସିଏ ପାଇଁ ବିଭିନ୍ନ ଦିଗରୁ ସମସ୍ୟାମାନ ମୁଣ୍ଡ ଟେକିବାରେ ଲାଗିଛି। ବିସିସିଆଇ ପକ୍ଷରୁ ନିର୍ବାଚନ ଅଧିକାରୀ ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ ପାଇବା ପୂର୍ବରୁ ଓସିଏ ଏ କ୍ଷେତ୍ରରେ ତତ୍ପରତା ଦେଖାଇଥିଲା। ନିର୍ବାଚନ ଅଧିକାରୀ ଖୋଜା ଚାଲିଛି ବୋଲି ମଧ ଓସିଏ ପକ୍ଷରୁ ପୂର୍ବରୁ ଘୋଷଣା ହୋଇଥିଲା। ଏ ନେଇ ୩ଜଣଙ୍କ ନାମ ସୁପାରିସ କରାଯାଇଥିଲା। ଆଲୋଚନା ଭିତରେ ସମୟ ଅତିବାହିତ ହୋଇଥିବା ବେଳେ କାହିଁକି ନିର୍ବାଚନ ଅଧିକାରୀ ନିଯୁକ୍ତ ହୋଇପାରିନାହିଁ ତାହା ସ୍ପଷ୍ଟ ହୋଇନାହିଁ। ଅଗଷ୍ଟ ୧୪ ସୁଦ୍ଧା ନିର୍ବାଚନ ବିଧି ଓ ଭୋଟର ତାଲିକା ପ୍ରଚଳନ ଏବଂ ସେପ୍ଟେମ୍ବର ୧୪ ସୁଦ୍ଧା ରାଜ୍ୟ ଆସୋସିଏଶନଗୁଡ଼ିକର ନିର୍ବାଚନ ହେବ। ଯଦି ଖୁବଶୀଘ୍ର ନିର୍ବାଚନ ଅଧିକାରୀ ନିଯୁକ୍ତ ନ ହୁଅନ୍ତି ତାହେଲେ ଓସିଏର ନିର୍ବାଚନ ବନ୍ଦ ହୋଇଯିବ ବୋଲି ପୂର୍ବତନ ବରିଷ୍ଠ ଅଧିକାରୀ ଜଣଙ୍କ କହିଥିଲେ।

# ବାଇଜୁସ ଟିମ୍ ଇଣ୍ଡିଆର ନୂଆ ପ୍ରାୟୋଜକ

**ନୂଆଦିଲ୍ଲୀ,୨୫।୭(ପି.ଟି.)**




ଭାରତୀୟ ଖେଳାଳି ଖୁବ୍‌ଶୀଘ୍ର ନୂଆ ବ୍ରାଣ୍ଡ ନାମ ରହିଥିବା ଅଫିସିଆଲ ଜର୍ସି ପିନ୍ଧି ପଡ଼ିଆକୁ ଓହ୍ଲାଇବେ। ଏ ନେଇ ଗୁରୁବାର ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ସ୍ପଷ୍ଟ କରିଛି। ଚାଇନାର ମୋବାଇଲ ନିର୍ମାଣକାରୀ ସଂସ୍ଥା 'ଓପୋ' ବେଙ୍ଗାଲୁରୁର ଶିକ୍ଷା ଓ ବୈଷୟିକ ଏବଂ ଅନ୍‌ଲାଇନ ଶିକ୍ଷାଦାନ ଦେଉଥିବା ସଂସ୍ଥା ବାଇଜୁସକୁ ଜର୍ସି ପ୍ରାୟୋଜକ ଅଧିକାର ହସ୍ତାନ୍ତର କରିଛି। ୨୦୧୭ରେ ବିସିସିଆଇ ସହ ଓପୋ ୧୦୭୯ କୋଟି ଟଙ୍କାର ୫ ବର୍ଷିଆ ଚୁକ୍ତି କରିଥିଲା। ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଆସନ୍ତା ସେପ୍ଟେମ୍ବର ୧୫ରୁ ଆରମ୍ଭ ହେବାକୁ ଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଘରୋଇ ସିରିଜ୍‌ରୁ ଏହି ନୂଆ ଜର୍ସିରେ ପଡ଼ିଆକୁ ଓହ୍ଲାଇବ। ଏ ନେଇ ଗୁରୁବାର ଓପୋ, ବାଇଜୁସ ଓ ବିସିସିଆଇ ମଧ୍ୟରେ ଏକ ତ୍ରିପାକ୍ଷିକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ବିସିସିଆଇ ଭାରତର ଏହି ଅଗ୍ରଣୀ ଲର୍ନିଂ ଆପ୍ ବାଇଜୁସକୁ ନୂଆ ପ୍ରାୟୋଜକ ଭାବେ ସ୍ୱାଗତ ଜଣାଇଛି ଓ ଆସନ୍ତା ସେପ୍ଟେମ୍ବର ୫ରୁ ମାର୍ଚ୍ଚ ୨୦୨୨ ପର୍ଯ୍ୟନ୍ତ ବାଇଜୁସ ଭାରତୀୟ ଦଳର ଜର୍ସି ପ୍ରାୟୋଜକ ହେବ ବୋଲି ଘୋଷଣା କରିଛି। ଏହି ହସ୍ତାନ୍ତର ନେଇ ବିସିସିଆଇ, ଓପୋ ଏବଂ ବାଇଜୁସ ମଧ୍ୟରେ ତ୍ରିପାକ୍ଷିକ ଚୁକ୍ତି ହୋଇଥିବା ଜଣେ ବିସିସିଆଇ ଅଧିକାରୀ କହିଛନ୍ତି। ୨୦୧୭ ପୂର୍ବରୁ ଭିଭୋ ମୋବାଇଲ ୭୬୮ କୋଟି ଟଙ୍କାରେ ଜର୍ସି ପ୍ରାୟୋଜକ ରହିଥିବାବେଳେ ଏହାପରେ ଓପୋ ଏହି ଅଧିକାର ହାସଲ କରିଥିଲା। ଚୁକ୍ତି ଅନୁଯାୟୀ ଓପୋ ଦ୍ୱିପାକ୍ଷିକ ମ୍ୟାଚ ଲାଗି ୪.୬୧ କୋଟି ଓ ଆଇସିସି ଇଭେଣ୍ଟର ମ୍ୟାଚ ଲାଗି ୧.୫୬ କୋଟି ଟଙ୍କା ଦେଉଥିଲା। ତେବେ ପ୍ରାୟୋଜକ ହସ୍ତାନ୍ତର ନେଇ ଉଭୟ ଓପୋ ଓ ବାଇଜୁସ ବିସିସିଆଇକୁ ଅବଗତ କରାଇଛନ୍ତି। ନୂଆ କମ୍ପାନୀ ପୂର୍ବ କମ୍ପାନୀର ଚୁକ୍ତି ମୁତାବକ ଅର୍ଥ ପ୍ରଦାନ କରିବାକୁ ଥିବାରୁ ବିସିସିଆଇର ଏଥିରେ କୌଣସି ଆର୍ଥିକ କ୍ଷତି ହେବ ନାହିଁ ବୋଲି ସମ୍ପୃକ୍ତ ଅଧିକାରୀ କହିଛନ୍ତି। ଅନ୍ୟ ଜଣେ ଅଧିକାରୀଙ୍କ ସୂଚନା ଅନୁଯାୟୀ, ପ୍ରାୟୋଜକ ବଦଳ କରାଗଲେ ବିସିସିଆଇକୁ ଅଧିକ ଅର୍ଥ ମିଳିବ। ନିୟମାନୁଯାୟୀ ପ୍ରାୟୋଜକ ବଦଳରେ ଉଭୟ ପାର୍ଟି ବିସିସିଆଇକୁ ୧୦ ପ୍ରତିଶତ ଅଧିକ ଅର୍ଥ ଓ ୬ ମାସର ନୋଟିସ ଦେବେ। ତେବେ ଏହି ଅଧିକ ଅର୍ଥ କିଏ ଦେବ ତାହା ଦୁଇ ପାର୍ଟି ସ୍ଥିର କରିବେ ବୋଲି ଏହି ଅଧିକାରୀ ସୂଚନା ଦେଇଛନ୍ତି। ତେବେ ବିସିସିଆଇ ନିଜ ବିଜ୍ଞପ୍ତିରେ ଏହି ଚୁକ୍ତିର ଆର୍ଥିକ ସ୍ୱରୂପ ସମ୍ପର୍କରେ କୌଣସି ତଥ୍ୟ ପ୍ରକାଶ କରିନାହିଁ।

## ବ୍ରାଏନ ବ୍ରଦର୍ସଙ୍କ ସହିତ ମୁକାବିଲା କରିବେ ଡିଭିଜ

**ଆଟଲାଣ୍ଟା, ୨୫।୭ (ପି.ଟି.)**

ଆଟଲାଣ୍ଟା ଓପନ୍ ଏଟିପି ଟୁର୍ନାମେଣ୍ଟ କ୍ୱାର୍ଟର ଫାଇନାଲ ମୁକାବିଲାରେ ଭାରତ ଡିଭିଜ ଶରନ ଓ ତାଙ୍କ ପାର୍ଟନର ଜୋନାଥନ ଏର୍ଲିଚ କିମ୍ବଦନ୍ତୀ ବ୍ରାଏନ ବ୍ରଦର୍ସ ମାଇକ୍ ଓ ବବ୍‌ଙ୍କ ସହିତ ମୁକାବିଲା କରିବେ। ଶରନ ଓ ଏର୍ଲିଚ ଏହି ଏଟିପି ୨୫୦ ଇଭେଣ୍ଟର ପ୍ରଥମ ରାଉଣ୍ଡରେ ମିଓମିର କେକ୍‌ମାଭୋଚ୍ ଓ ରବର୍ଟ ଲିଣ୍ଡଷ୍ଟେଡ୍‌ଙ୍କୁ ୨–୬, ୬–୩, ୧୩–୧୧ ସେଟ୍‌ରେ ହରାଇ ଦେଇଛନ୍ତି। ଅନ୍ୟପକ୍ଷରେ ୧୦୦ରୁ ଅଧିକ ଏଟିପି ଡବଲ୍ସ ଟାଇଟଲ ଜିତିଥିବା ବ୍ରାଏନ ବ୍ରଦର୍ସ ସେମାନଙ୍କ ପ୍ରଥମ ରାଉଣ୍ଡ ମ୍ୟାଚରେ ଆମେରିକାର ୱାଇଲ୍ଡକାର୍ଡ ଯୋଡ଼ି ଖ୍ରିଷ୍ଟୋଫର ଏୟୁବ୍ୟାଙ୍କ୍ସ ଏବଂ ଡୋନାଲ୍ଡ ୟଙ୍ଗଙ୍କୁ ୬–୪, ୬–୨ରେ ହରାଇ ଦେଇଛନ୍ତି। ଭେଟେରାନ ଲିଆଣ୍ଡର ପେସ୍ ଏବଂ ତାଙ୍କ ପାର୍ଟନର ମାରଅସ୍ କୋପିଲ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଏହି ଯୋଡ଼ି ଏକ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ବ୍ରିଟିଶ ଆମେରିକାନ୍ ଯୋଡ଼ି ଟେଲର ଫ୍ରିଜ୍ ଏବଂ କାମେରନ ନୁରିଙ୍କଠାରୁ ୬–୭ (୨), ୪–୬ ସେଟ୍‌ରେ ପରାସ୍ତ ହୋଇଛନ୍ତି।

# ଲିଚ୍, ରୟଙ୍କ ପ୍ରଥମ ଟେଷ୍ଟ ଅର୍ଦ୍ଧଶତକ

**ଲଣ୍ଡନ, ୨୫।୭ (ଏଏଫ୍‌ପି)**

ଲର୍ଡ୍ସଠାରେ ଚାଲିଥିବା ଆୟର୍ଲାଣ୍ଡ ବିପକ୍ଷ ଏକ ମାତ୍ର ଟେଷ୍ଟ ମ୍ୟାଚରେ ଜ୍ୟାକ୍ ଲିଚ୍ ଏବଂ ଜାସନ ରୟ ସେମାନଙ୍କର ପ୍ରଥମ ଟେଷ୍ଟ ଅର୍ଦ୍ଧଶତକ ହାସଲ କରିଛନ୍ତି। ଉଭୟେ ଦ୍ୱିତୀୟ ଉଇକେଟ ଯୋଡ଼ିରେ ୧୪୫ରନ ଯୋଗ କରିବା ଦ୍ୱାରା ଇଂଲଣ୍ଡ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିଛି। ଦଳ ଦ୍ୱିତୀୟ ଦିବସ ଖେଳ ଚା'ପାନ ବିରତି ସୁଦ୍ଧା ୫ ଉଇକେଟରେ ୨୦୯ ରନ କରିଛି। ଦଳ ଏପର୍ଯ୍ୟନ୍ତ ମୋଟ ଉପରେ ୮୭ ରନ ଅଗ୍ରଣୀ ଲାଭ କରିସାରିଛି। ଜୋ ରୁଟ୍ ୧୨ ଏବଂ ମୋଇନ ଅଲି ୭ ରନ କରି ଅପରାଜିତ ରହିଛନ୍ତି।

ପ୍ରଥମ ଇନିଂସରେ ୧୧୨ରନ ପଛୁଆ ରହିଥିବା ଇଂଲଣ୍ଡ ଏହାର ଦ୍ୱିତୀୟ ଇନିଂସ ଖେଳିବାକୁ ଯାଇ ୨୬ରନରେ ପ୍ରଥମ ଉଇକେଟ ହରାଇଥିଲା। ରୋରି ବର୍ନସ ମାତ୍ର ୬ ରନ କରି ବଏଡ୍ ରାନକିନଙ୍କ ବଲ୍‌ରେ ଉଇକେଟକିପର ଗ୍ୟାରି ୱିଲସନଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଯାଇଥିଲେ। ପରେ ଲିଚ୍‌ଙ୍କ ସହିତ ଜାସନ ରୟ ବ୍ୟାଟିଂରେ ଯୋଗ ଦେଇଥିଲେ। ଟିମ୍ ମୁର୍ଟାଗଙ୍କ ବଲ୍‌ରେ ମାର୍କ ଆଡେରଙ୍କ ଦ୍ୱାରା କ୍ୟାଚଆଉଟ ହେବା ପୂର୍ବରୁ ଲିଚ୍ ୧୬୨ ବଲ୍‌ର ସାମ୍ନା କରି ୧୬ ଚୌକା ସହ ୯୨ ରନ କରିଥିଲେ। ରୟ ୭୮ବଲ୍‌ରୁ ୭୨ରନ କରିଥିବାବେଳେ ୧୦ ଚୌକା ଓ ଗୋଟିଏ ଛକା ଲଗାଇଥିଲେ। ସେ ଷ୍ଟୁଆର୍ଟ ଥମ୍ପସନଙ୍କ ଦ୍ୱାରା କ୍ୟାଚ ଓ ବୋଲ୍ଡ ହୋଇଯାଇଥିଲେ। ବୁଧବାର ପ୍ରଥମ ଦିବସ ଖେଳରେ ଇଂଲଣ୍ଡ ୮୫ରନରେ ଅଲଆଉଟ ହୋଯାଇଥିଲା। ଜବାବରେ ଆୟର୍ଲାଣ୍ଡ ସମସ୍ତ ଉଇକେଟ ହରାଇ ୨୦୭ରନ କରିଥିଲା।

**ସଂକ୍ଷିପ୍ତ ସ୍କୋର**

**ଇଂଲଣ୍ଡ ପ୍ରଥମ ଇନିଂସ:** ୮୫/ଅଲଆଉଟ

**ଆୟର୍ଲାଣ୍ଡ ପ୍ରଥମ ଇନିଂସ:** ୨୦୭/ଅଲଆଉଟ

**ଇଂଲଣ୍ଡ ଦ୍ୱିତୀୟ ଇନିଂସ:** ୨୦୯/୫ (ଜ୍ୟାକ୍ ଲିଚ୍–୯୨, ଜାସନ ରୟ–୭୨, ଷ୍ଟୁଆର୍ଟ ଥମ୍ପସନ–୧/୩୫, ଟିମ୍ ମୁର୍ଟାଗ୍–୧/୩୭)।

# ଭାରତୀୟ ଦଳର ଫିଲ୍ଡିଂ କୋଚ୍ ପାଇଁ ଜଣ୍ଟି ରୋଡ୍ସଙ୍କ ଆବେଦନ

**ମୁମ୍ବାଇ, ୨୫।୭ (ପି.ଟି.)**

ଦକ୍ଷିଣ ଆଫ୍ରିକାର ପୂର୍ବତନ କ୍ରିକେଟର୍ ତଥା ନବେ ଦଶକରେ ବିଶ୍ୱର ଶ୍ରେଷ୍ଠ ଫିଲ୍ଡର ବିବେଚିତ ହୋଇଥିବା ଜଣ୍ଟି ରୋଡ୍ସ ଭାରତୀୟ ଦଳର ଫିଲ୍ଡିଂ କୋଚ୍ ପଦ ପାଇଁ ଆବେଦନ କରିଛନ୍ତି। ନିଜର ଅବିଶ୍ୱସନୀୟ ଫିଲ୍ଡିଂ ପାଇଁ କ୍ରିକେଟ୍ ଜଗତରେ ପରିଚିତ ଜଣ୍ଟି ଏହି ପଦ ପାଇଁ ଆବେଦନ କରିଥିବା ପ୍ରାର୍ଥୀଙ୍କ ମଧ୍ୟରେ ସବୁଠାରୁ ଚର୍ଚ୍ଚିତ ଚେହେରା ହୋଇଛନ୍ତି। 'ହଁ, ଭାରତୀୟ ଦଳର ନୂଆ ଫିଲ୍ଡିଂ କୋଚ୍ ପଦ ପାଇଁ ମୁଁ ଆବେଦନ କରିଛି। ମୁଁ ଏବଂ ମୋ ସ୍ତ୍ରୀ ଆମେ ଉଭୟ ଏହି ଦେଶକୁ ବହୁତ ଭଲ ପାଉ। ଆମେ ଏଠାରୁ ଅନେକ କିଛି ପାଇଛୁ। ଆମର ଦୁଇ ସନ୍ତାନ ମଧ ଭାରତରେ ଜନ୍ମ ଗ୍ରହଣ କରିଛନ୍ତି' ବୋଲି ୪୯ ବର୍ଷୀୟ ରୋଡ୍ସ ଏକ ୱେବ୍‌ସାଇଟ୍‌କୁ ସାକ୍ଷାତକାର ଅବସରରେ କହିଛନ୍ତି। ୧୯୯୨ରେ ଜଣେ ବ୍ୟାଟ୍ସମ୍ୟାନ ଭାବେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିବା ଜଣ୍ଟି ଜାତୀୟ ଦଳ ପକ୍ଷରୁ ୫୨ ଟେଷ୍ଟ ଓ ୨୪୫ ଦିନିକିଆ ମ୍ୟାଚ୍‌ରେ ପ୍ରତିନିଧିତ୍ୱ କରିଛନ୍ତି। ତେବେ ବ୍ୟାଟିଂ ଅପେକ୍ଷା ସେ ନିଜର ଫିଲ୍ଡିଂ ଲାଗି ବେଶ୍ ପରିଚିତି ଲାଭ କରିପାରିଥିଲେ। ବିଶେଷ କରି ୧୯୯୨ ବିଶ୍ୱକପ୍‌ରେ ସେ ଯେଉଁଭଳି ଭାବେ ପାକିସ୍ତାନ ଅଧିନାୟକ ଇଞ୍ଜାମାମ–ଉଲ୍–ହକ୍‌ଙ୍କୁ 'ଉଡିକି' ରନ୍ ଆଉଟ୍ କରିଥିଲେ ତାହା ଆଜି ବି କ୍ରିକେଟ୍‌ପ୍ରେମୀଙ୍କ ମନରେ ଉଜ୍ଜୀବିତ ରହିଛି। ଜଣ୍ଟି ଏଥିପୂର୍ବରୁ ଆଇପିଏଲ୍ ଦଳ ମୁମ୍ବାଇ ଇଣ୍ଡିଆନ୍ସର ଫିଲ୍ଡିଂ କୋଚ୍ ଦାୟିତ୍ୱ ନିର୍ବାହ କରୁଛନ୍ତି। ସେହିଭଳି କିଛିଦିନ ପୂର୍ବେ ସେ ଟି୨୦ ମୁମ୍ବାଇ ଲିଗ୍ ଅବସରରେ ଏକ ଫିଲ୍ଡିଂ କର୍ମଶାଳା ଆୟୋଜନ କରିଥିଲେ।

ଉଲ୍ଲେଖଯୋଗ୍ୟ, ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମୁଖ୍ୟ କୋଚ୍ ସମେତ ବ୍ୟାଟିଂ କୋଚ୍, ବୋଲିଂ କୋଚ୍ ଓ ଫିଲ୍ଡିଂ କୋଚ୍ ପଦ ପାଇଁ ନିକଟରେ ଦରଖାସ୍ତ ଆହ୍ୱାନ କରିଥିଲା, ଯାହାର ଶେଷ ତାରିଖ ଜୁଲାଇ ୩୦ ରହିଛି। ବର୍ତ୍ତମାନ ଭାରତୀୟ ଦଳର ଫିଲ୍ଡିଂ କୋଚ୍ ଦାୟିତ୍ୱ ତୁଲାଉଥିବା ଆର୍. ଶ୍ରୀଧରଙ୍କ ଅବଧି ବିଶ୍ୱକପ୍ ପରେ ଶେଷ ହୋଇଯାଇଥିଲେ ମଧ ଆଗାମୀ ୱେଷ୍ଟଇଣ୍ଡିଜ ଗସ୍ତକୁ ନଜରରେ ରଖାଯାଇ ତାଙ୍କ କାର୍ଯ୍ୟକାଳକୁ ୪୫ ଦିନ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

## ଏଆଇବିଏ ଆଥଲେଟ କମିଶନ ସଦସ୍ୟତା ଦୌଡ଼ରେ ସରିତା

**ନୂଆଦିଲ୍ଲୀ,୨୫।୭(ପି.ଟି.)**

ଭାରତର ପୂର୍ବତନ ବିଶ୍ୱଚାମ୍ପିୟନ ମହିଳା ବକ୍ସର ଏଲ୍. ସରିତା ଦେବୀ ଅନ୍ତର୍ଜାତୀୟ ବକ୍ସିଂ ଆସୋସିଏଶନ (ଏଆଇବିଏ) ଆଥଲେଟ କମିଶନର ସଦସ୍ୟ ହେବା ସମ୍ଭାବନା ସୃଷ୍ଟି ହୋଇଛି। ଏ ନେଇ ତାଙ୍କ ନାମ ସୁପାରିସ କରାଯାଇଛି। ପ୍ରଥମଥର ପାଇଁ ଏଭଳି କମିଶନ ସ୍ଥାପନ କରାଯାଇଛି। ଗତ ସେପ୍ଟେମ୍ବର– ଅକ୍ଟୋବରରେ ପୁରୁଷ ଓ ମହିଳା ବିଶ୍ୱଚାମ୍ପିୟନଶିପ୍ ଅବସରରେ ମତଦାନ ପରେ ଏପରି ନିଷ୍ପତ୍ତି ନିଆଯାଇଛି। ଏସିଆନ ଚାମ୍ପିୟନଶିପ୍ ୫ଟି ସ୍ୱର୍ଣ୍ଣ ସମେତ ୮ଟି ପଦକ ହାସଲ କରିଥିବା ୩୭ ବର୍ଷୀୟ ସରିତା ବକ୍ସିଂ ଫେଡେରେଶନ ଅଫ ଇଣ୍ଡିଆ (ବିଏଫ୍‌ଆଇ) କାର୍ଯ୍ୟକାରୀ କମିଟିରେ ଆଥଲେଟ୍ସ ପ୍ରତିନିଧି ଭାବେ କାର୍ଯ୍ୟକରୁଛନ୍ତି। ଏଆଇବିଏ ଆଥଲେଟ କମିଶନର ସଦସ୍ୟ ପାଇଁ ବିଏଫ୍‌ଆଇ ସରିତାଙ୍କ ନାମ ସୁପାରସ କରିଛି। ମୋ ନାମ ସୁପାରିଶ କରାଯାଇଥବାରୁ ଗର୍ବିତ ଓ ଯଦି ମୁଁ ଏହି କମିଶନରେ ସ୍ଥାନ ପାଏ ତାହେଲେ ଏହା ମୋ ପାଇଁ ଏକ ବଡ଼ ଦାୟିତ୍ୱ ସଦୃଶ ହେବ ବୋଲି ସରିତା କହିଛନ୍ତି। ମଣିପୁରର ଏହି ଅଭିଜ୍ଞ ମହିଳା ବକ୍ସର ଲାଇଟଓ୍ୱେଟ୍ ୬୦ କେ.ଜି. ବର୍ଗରେ ବିଭିନ୍ନ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଥାନ୍ତି। ପୂର୍ବତନ ଜାତୀୟ ଚାମ୍ପିୟନ ଓ ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ା ରୌପ୍ୟପଦକ ବିଜୟିନୀ ସରିତା ଏସିଆନ ବ୍ଲକ୍‌ରୁ ଏକମାତ୍ର ପ୍ରାର୍ଥୀ ଭାବେ ଏହି ସଦସ୍ୟତା ଦୌଡ଼ରେ ସାମିଲ ହୋଇଛନ୍ତି। ବିନା ପ୍ରତିଦ୍ୱନ୍ଦ୍ୱିତାରେ ସେ ଏହି ସଦସ୍ୟତା ହାସଲ କରିବେ। କାରଣ ଜଣେ ଲେଖାଏ ପୁରୁଷ ଓ ମହିଳା ବକ୍ସର ୫ଟି ରିଜିଓନାଲ ଫେଡେରେଶନ (ଏସିଆ, ଓସେନିଆ, ୟୁରୋପ, ଆମେରିକା ଓ ଆଫ୍ରିକା) ଏହି କମିଶନରେ ସ୍ଥାନ ପାଇବେ।


# ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ସିପ୍ରା ଦାଶ**
ଗ୍ରାମ: ବୀରରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ଜି: ପୁରୀ
ତିରୋଧାନ: ୨୨।୦୭।୨୦୦୩
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଆଦର୍ଶ, ସ୍ୱାଭିମାନ ତଥା ସେବା ମନୋବୃତ୍ତି ଆମ୍ଭମାନଙ୍କ ପାଇଁ ଚିରସ୍ମରଣୀୟ। ଯେଉଁଠାରେ ଥାଆନ୍ତୁ ଆପଣଙ୍କ ଆଶୀର୍ବାଦ ସଦାସର୍ବଦା ଆମ ଉପରେ ଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ:**
ସ୍ୱା: ମନୋଜ କୁମାର ଦାଶ, ପୁତ୍ର: ଅମିତ୍ ବିକ୍ରମ ଦାଶ (ନିକା), ସୁମିତ୍ ବିକ୍ରମ ଦାଶ (ଟିକା), ବୋହୂ: ବିନିତା କର (ନିତୁ), ନାତି: ଶ୍ରେୟାଂସ ଦାଶ (ରିଶି)।
ଧ–୬୩୮୬

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତା ପ୍ରିୟମ୍ବଦା ନାୟକ**
ଗରିପୁର, ଚାନ୍ଦବାଲି, ଭଦ୍ରକ
ଆବିର୍ଭାବ: ୧୮।୦୬।୧୯୪୪
ତିରୋଧାନ: ୧୬।୦୭।୨୦୧୯
ତୁମର ସ୍ନେହ ଆମ ପାଇଁ ଅପୂରଣୀୟ। ତୁମର ସ୍ନେହ, ଶ୍ରଦ୍ଧା, ଭଲପାଇବା ଆମପାଇଁ ଅଭୁଲା। ଏକାଦଶାହରେ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ବାବା ଆଖଣ୍ଡଳମଣିଙ୍କ ନିକଟରେ ପ୍ରାର୍ଥନା କରୁଛୁ।
**ଶ୍ରଦ୍ଧାଞ୍ଜଳିସହ:**
ପୁତ୍ର, ପୁତ୍ରବଧୂ, ଭଣଜା, ଭାଣିଜୀ, ଭଣଜା ବୋହୂ, ଜ୍ୱାଇଁ, ଝିଅ, ନାତି, ନାତୁଣୀ, ପୁତୁରା, ପୁତୁରାବୋହୂ
ଧ–୧୩୫୯୧



**ଇପାରୀ ରାଜେଶ୍ୱର ପାତ୍ର**
ଭଗବତୀ କ୍ଲଥ୍ ଷ୍ଟୋର୍
ଶୁଭଲକ୍ଷ୍ମୀ ଜୁଏଲର୍ସ
ଗୋପବନ୍ଧୁ ନଗର, ଆସିକା
ଆବିର୍ଭାବ : ୨୦.୧୨.୧୯୪୬
ତିରୋଧାନ : ୧୫.୭.୨୦୧୯
ଆଜି ଆପଣଙ୍କ ତିରୋଧାନର ଦ୍ୱାଦଶାହ ଦିବସରେ ଆପଣଙ୍କ ଅମରଆତ୍ମାର ସଦ୍‌ଗତି ଲାଗି ଜଗତରନାଥ ଶ୍ରୀ ଜଗନ୍ନାଥଙ୍କ ଚରଣାରବିନ୍ଦରେ ଶତକୋଟି ପ୍ରଣତି ଜଣାଉଛୁ ।
– ଶୋକସନ୍ତପ୍ତ ପରିବାର ବର୍ଗ ବନ୍ଧୁବାନ୍ଧବ ଓ ଆତ୍ମୀୟ ସ୍ୱଜନ
ଧ–୧୩୫୯୨

**୭ମ ଶ୍ରାଦ୍ଧବାର୍ଷିକ**



**ସ୍ୱର୍ଗତ ଡାକ୍ତର କୈଳାସ ଚନ୍ଦ୍ର ମହାନ୍ତି**
(ଶ୍ରାବଣ କୃଷ୍ଣପକ୍ଷ ନବମୀ ତିଥି)
ତିରୋଧାନ: ୧୨।୦୭।୨୦୧୨
ଗ୍ରାମ–ଜଳପୋକ, ଜିଲ୍ଲା–କେନ୍ଦ୍ରାପଡ଼ା
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ:**
ପତ୍ନୀ–ଅନସୂୟା ମହାନ୍ତି, ପୁଅ–ଜନ୍ମେଜୟ ମହାନ୍ତି, ବୋହୂ: କୃଷ୍ଣପ୍ରିୟା ମହାନ୍ତି, ମୃତ୍ୟୁଞ୍ଜୟ ମହାନ୍ତି, ମମତାଞ୍ଜଳି ମହାନ୍ତି, ନାତୁଣୀ: ଶାଶ୍ୱତୀ ମହାନ୍ତି ଏବଂ ପରିବାରବର୍ଗ।
ଧ–୧୩୫୯୦

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ବିକ୍ରମ କେଶରୀ ବରାଳ**
ଆବିର୍ଭାବ: ୧୭।୦୬।୧୯୬୭
ତିରୋଧାନ: ୨୭।୦୭।୨୦୦୮
ବାପାରେ, ମା ପଛେ ପଛେ ତୁ ଚାଲିଗଲୁ। ଯେଉଁ ବୟସରେ ଚାଲିଗଲୁ ଯେ ବାପାର ଅବସ୍ଥା କ'ଣ ହୋଇଥିବ ତୁ ଆରପାରିରେ ବୁଝିପାରୁଥିବୁ। ତୋର ଜ୍ଞାନ ଗରିମା, ପିତୃଭକ୍ତି ସବୁକିଛି ସଦାସର୍ବଦା ମୋ ମନରେ ଜୀବିତ ରହିଛି। କାହିଁକି ଏ କଅଁଳ ବୟସରେ ଦୁଃଖ ଦେଇ ଚାଲିଗଲୁ ? ତୋର ସଦ୍‌ଗତି ହେଉ। ତୁ ଉନ୍ନତ ଜନ୍ମ ପ୍ରାପ୍ତ ହୁଅ, ମୋର ଆଶିଷ। ମୁନି (ପିକୁଲି) ତୋ କଥା ମନେ ପକାଇ କାନ୍ଦିଥାଏ। ତୋର କୁନି ପୁଅର ନମସ୍କାର ନେବୁ।
ତୋର ବାପା
ଧ–୧୩୫୯୪

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ଶୁକ୍ରବାର, ଜୁଲାଇ ୨୬/୨୦୧୯ Rayagada, Friday, July 26 / 2019




# ସୀମାନ୍ତରେ ବେପାରୀଙ୍କୁ ଲୁଟିଲେ ମାଓବାଦୀ

## ଲୁଟ୍‌ରେ ଦଶବର୍ଷର ବାଳକ ସାମିଲ

**ମାଲକାନଗିରି, ୨୫।୭ (ସ୍ୱ.ପ୍ର.):** ମାଓବାଦୀମାନେ ସୀମାନ୍ତରେ ବିଭିନ୍ନ ସମୟରେ ଲୁଟ୍, ହତ୍ୟା ଭଳି ହିଂସାକାଣ୍ଡ ଘଟାଇଥାନ୍ତି। ଏବେ କିନ୍ତୁ ସଙ୍ଗଠନରେ କୋମଳମତି ପିଲାଙ୍କୁ ସାମିଲ କରାଇ ସେମାନଙ୍କ ଦ୍ୱାରା ମଧ୍ୟ ଆପରାଧିକ କାର୍ଯ୍ୟକଳାପ ଘଟାଉଛନ୍ତି। ବୁଧବାର ସୀମାନ୍ତ ଛତିଶଗଡ଼ ସୁକ୍‌ମାଠାରେ ଘଟିଥିବା ଏକ ଘଟଣାରୁ ଏହା ସ୍ପଷ୍ଟ ହୋଇଛି। ବୁଧବାର ଅପରାହ୍ଣରେ ତିନିଜଣ ବ୍ୟବସାୟୀ ଦରନାପାଲ ଯାଉଥିବା ବେଳେ ୮ ଜଣ ମାଓବାଦୀ ସେମାନଙ୍କୁ ଅଟକାଇ ଥିଲେ। ମାଓବାଦୀମାନେ ବ୍ୟବସାୟୀଙ୍କୁ ମାରପିଟ କରି ତାଙ୍କର ସମସ୍ତ ସାମଗ୍ରୀ, ଟଙ୍କା ଓ ମୋଟରସାଇକେଲ ଲୁଟି ନେଇଥିଲେ। ସେମାନଙ୍କ ମଧ୍ୟରେ ଜଣେ ଦଶ ବର୍ଷର ବାଳକ ଥିଲା। ତାଙ୍କ ପାଖରେ ମଧ୍ୟ ପିସ୍ତଲ ଥିଲା ବୋଲି ବେପାରୀମାନେ ଦରନାପାଲ ଥାନାରେ ଦେଇଥିବା ଏତଲାରେ ଉଲ୍ଲେଖ ରହିଛି। ପ୍ରକାଶ ଯେ, ପୂର୍ବରୁ ମାଓବାଦୀମାନେ ବିଭିନ୍ନ ବିଦ୍ୟାଳୟ ଓ ହଷ୍ଟେଲରୁ ଛୋଟଛୋଟ ପିଲାମାନଙ୍କୁ ଜବରଦସ୍ତ ଉଠାଇ ଆଣି ବନ୍ଧୁକଚାଳନା ଓ ଗୋରିଲା ତାଲିମ ଦେଉଥିବା ନଜିର ରହିଥିଲା।




## ସଂକ୍ଷେପରେ



### ଘରୋଇ ବସ୍‌ରୁ ମଦ ଜବତ

**ମାଲକାନଗିରି, ୨୫।୭(ଡି.ଏନ୍.ଏ.):** ମାଲକାନଗିରି ଜିଲା ଅବକାରୀ ପୋଲିସ ଏସ୍‌ବିଏମ୍‌ଏସ୍ ନାମକ ଏକ ଘରୋଇ ବସ୍‌ରୁ ମଦ ଜବତ କରିଛି। ବସ୍‌ଟି ଜୟପୁରରୁ ଚିତ୍ରକୋଣ୍ଡା ଯାଉଥିଲା। ଏହି ସମୟରେ ଗୋବିନ୍ଦପାଲୀଠାରେ ଅବକାରୀ ପୋଲିସ ଚଢାଉ କରି ୫୬ ଲିଟର ବିଦେଶୀ ମଦ ଜବତ କରିବା ସହ ଅଶୋକ କୁମାର ନାୟକଙ୍କୁ ଗିରଫ କରିଛି। ଚଢାଉରେ ଏସ୍‌ଆଇ ରାଜୁ ଖେତି, ଟି.ପି. ପଣ୍ଡା, ଏଏସ୍‌ଆଇ ସୁଜାତା ପ୍ରବିଣ, ଗୋବିନ୍ଦ ବାମିନ୍ ପ୍ରମୁଖ ସାମିଲ ଥିଲେ।

## ସ୍ୱାଭିମାନ ଅଞ୍ଚଳରେ ଗୁରୁପ୍ରିୟା ସେତୁକୁ ପୂରିଲା ବର୍ଷେ

# ତ୍ୱରାନ୍ୱିତ ହୋଇଛି ବିକାଶ

**ଚିତ୍ରକୋଣ୍ଡା, ୨୫।୭(ଡି.ଏନ୍.ଏ.)**

- ସ୍ୱାଭିମାନ ଅଞ୍ଚଳକୁ ଗମନାଗମନ ପାଇଁ ସାକୁବନ୍ଧା-ଯନ୍ତାପାଇ ଝୁଲା ବ୍ରିଜ ନିର୍ମାଣ
- ଶହେ କୋଟି ପ୍ୟାକେଜରୁ ଅଞ୍ଚଳବାସୀଙ୍କ ପାଇଁ ମାଛ ଚାଷ, ହଳଦୀ ଚାଷ ପ୍ରକଳ୍ପ
- ଗୁରୁପ୍ରିୟାକୁ ପର୍ଯ୍ୟଟନ ସ୍ଥଳିର ମାନ୍ୟତା ପାଇଁ ପ୍ରଶାସନିକସ୍ତରରେ ଯୋଜନା



ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପଞ୍ଚାୟତ ବିଚ୍ଛିନ୍ନାଞ୍ଚଳ ଭାବେ ଜଣାଶୁଣା ଥିଲା। ଯାହା ଥିଲା ମାଓବାଦୀଙ୍କ ଚରାଭୂମି। ଚିତ୍ରକୋଣ୍ଡାରୁ ୧୮ କିଲୋମିଟର ଦୂର ଯାନବାଇ ନିକଟରେ ଗୁରୁପ୍ରିୟା ସେତୁ ନିର୍ମାଣ କରାଗଲା। ୨୦୧୮ ଜୁଲାଇ ୨୬ରେ ଗୁରୁପ୍ରିୟା ସେତୁ ଉଦ୍‌ଘାଟନ ପରେ ଏହି ଅଞ୍ଚଳର କାୟା ପରିବର୍ତ୍ତନ ହୋଇଥିଲା। ବିଚ୍ଛିନ୍ନାଞ୍ଚଳକୁ ସ୍ୱାଭିମାନ ଅଞ୍ଚଳର ମାନ୍ୟତା ଦେଇ ଏହାର ବିକାଶ ପାଇଁ ୧୦୦ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରାଯାଇଥିଲା। ବର୍ଷକ ମଧ୍ୟରେ ସ୍ୱାଭିମାନ ଅଞ୍ଚଳରେ ଅନେକ ପରିବର୍ତ୍ତନ ହୋଇଛି। ଗୁରୁପ୍ରିୟା ସେତୁ ନିର୍ମାଣ ପରେ ସ୍ୱାଭିମାନ ଅଞ୍ଚଳକୁ ଗମନାଗମନ ପାଇଁ ସାକୁବନ୍ଧା ଏବଂ ଯନ୍ତାପାଇ ଝୁଲା ବ୍ରିଜ ନିର୍ମାଣ କରାଯାଇଛି। ଏଥିସହ ଅନେକ ଗାଁକୁ ରାସ୍ତା ମଧ୍ୟ ନିର୍ମାଣ କରାଯାଇଛି। ଶହେ କୋଟି ପ୍ୟାକେଜରୁ ଅଞ୍ଚଳବାସୀଙ୍କ ଜୀବିକା ପାଇଁ ମାଛ ଚାଷ ଆରମ୍ଭ ହୋଇଛି। ସ୍ୱାଭିମାନ ଅଞ୍ଚଳବାସୀଙ୍କ ବିକାଶ ପାଇଁ ହଳଦୀ ଚାଷ ପ୍ରକଳ୍ପ କରାଯାଇଛି। ଗୁରୁପ୍ରିୟା ସେତୁ ପରେ ପାପରମେଟେଲରେ ନୂଆ ମେଡିକାଲ ନିର୍ମାଣ ଯୋଜନା ରହିଥିବା ବେଳେ ବଡପଡା ହାଟଗୁଡାରେ ମା' ଗୃହ ଉଦ୍‌ଘାଟନ ହୋଇଛି। ସ୍ୱାଭିମାନ ଅଞ୍ଚଳ ବଡପଡାରୁ ମାଲ୍ୟବନ୍ତ ମହୋତ୍ସବ ପାଇଁ କଳସ ଯାତ୍ରା କରାଯାଇଥିଲା।

ସେହିଭଳି ପ୍ରାକୃତିକ ସୌନ୍ଦର୍ଯ୍ୟମୟ ଗୁରୁପ୍ରିୟାକୁ ପର୍ଯ୍ୟଟନ ସ୍ଥଳିର ମାନ୍ୟତା ପାଇଁ ପ୍ରଶାସନିକସ୍ତରରେ ଯୋଜନା କରାଯାଉଛି। ଯେଉଁଠି ଏବେ ଆନ୍ଧ୍ର, ଓଡିଶା ଓ ଛତିଶିଗଡ ସମେତ ଅନ୍ୟ କେତେକ ଅଞ୍ଚଳର ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ଦୈନିକ ହଜାର ହଜାର ପର୍ଯ୍ୟଟକ ବଣ ଭୋଜି କରି ଗୁରୁପ୍ରିୟା ସେତୁ ଓ ଏହାର ମନୋରମ ସୌନ୍ଦର୍ଯ୍ୟ ଉପଭୋଗ କରୁଛନ୍ତି। ଗୁରୁପ୍ରିୟା ନିକଟସ୍ଥ ବଡପଦର, ପଣଷଗନ୍ଧି ଓ ସନ୍ୟାସୀଗୁଡା ଏବେ ବଣ ଭୋଜି ସ୍ଥଳିରେ ପରିଣତ ହୋଇଛି। ଗୁରୁପ୍ରିୟା ଚାରି ପାର୍ଶ୍ୱରେ ନଦୀ ଭିତରେ ଛୋଟ ଛୋଟ ଦ୍ୱୀପରେ ବୋଟିଙ୍ଗ ପାଇଁ ସୁବିଧା କରାଯାଇଛି। ଏଣୁ ପର୍ଯ୍ୟଟକଙ୍କ ଯଥେଷ୍ଟ ଭିଡ଼ ଜମୁଛି। ଏହାକୁ ପର୍ଯ୍ୟଟନ ସ୍ଥଳିର ମାନ୍ୟତା ଦେବାକୁ ସାଭିମାନ ଅଞ୍ଚଳବାସୀ ଦାବି କରିଛନ୍ତି। ଗୁରୁପ୍ରିୟା ସେତୁ ହେବା ପରେ ଅନେକ ବିକାଶ ହୋଇଛି। ସ୍ଥାନୀୟ ଅଞ୍ଚଳର ବିକାଶ ପାଇଁ ଜିଲା ପ୍ରଶାସନ ଓ ବ୍ଲକ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଉଛି। ଅଞ୍ଚଳ ପାଇଁ ବହୁମଖୀ ଯୋଜନା କରାଯିବ ବୋଲି ଚିତ୍ରକୋଣ୍ଡା ବିଡ଼ିଓ ଲରିମନ ଖରସେଲ କହିଛନ୍ତି।

## ଭାଲୁ କାମୁଡ଼ାରେ ବୃଦ୍ଧ ଗୁରୁତର

**ମାଥିଲି, ୨୫।୭(ଡି.ଏନ୍.ଏ.):** ମାଥିଲି ବ୍ଲକ ଅଧୀନ ଝୁଲୁନିବାହାଲ ଗାଁରେ ଡମ୍ବୁ ନାୟକ(୫୦) ଭାଲୁକାମୁଡାରେ ଗୁରୁତର ହୋଇଛନ୍ତି। ଡମ୍ବୁ ଗୁରୁବାର ସକାଳେ ଜମିକୁ ଚାଷ କରିବାକୁ ଯାଇଥିବା ବେଳେ ଏକ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ସେଥିରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିଲା। ଗୁରୁତର ଅବସ୍ଥାରେ ଗାଁ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ମାଥିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

## ସଂକ୍ଷେପରେ

### ସିମେଣ୍ଟ କାରଖାନାରେ ପୋଡ଼ିହୋଇ ଶ୍ରମିକ ଗୁରୁତର

**ପଟ୍ଟାଙ୍ଗୀ,୨୫।୭(ଡି.ଏନ୍.ଏ.)**-କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅମ୍ପାବାଲି ପଞ୍ଚାୟତ ଅଧୀନ ଗଜପତି ସିମେଣ୍ଟ କାରଖାନାରେ ଗୁରୁବାର ରାତିରେ ଏକ ଦୁର୍ଘଟଣା ଘଟିଛି। କାମ କରିବା ବେଳେ ଜଣେ ଶ୍ରମିକଙ୍କ ଦେହରେ ନିଆଁ ଲାଗିଯିବାରୁ ସେ ପୋଡ଼ିହୋଇ ଗୁରୁତର ହୋଇଛନ୍ତି। ଗୁରୁତର ଜଣଙ୍କ ହେଲେ ପୁକାଲି ପଞ୍ଚାୟତ ବଡିଗୁଲା ଗାଁର ନାନ୍ଦୁ ପାଙ୍ଗି। ଘଟଣାସ୍ଥଳରେ ଉପସ୍ଥିତ ଅନ୍ୟ ଶ୍ରମିକମାନେ ନାନ୍ଦୁଙ୍କୁ ଉଦ୍ଧାର କରି ଆନ୍ଧ୍ରର ସାଲୁର ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଶ୍ରମିକ ସଙ୍ଗଠନ ମୁଖ୍ୟ କୃଷ୍ଣ ଜାନି ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

### ମରୁଡ଼ି ପ୍ରବଣ ଜିଲା ଘୋଷଣା ଦାବିକୁ ସ୍ୱାଗତ

**ପାରଳାଖେମୁଣ୍ଡି, ୨୫।୭ (ସ୍ୱ.ପ୍ର.)**
ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଗଜପତି ଜିଲାକୁ ଏକ ମରୁଡ଼ି ପ୍ରବଣ ଜିଲା ଘୋଷଣା ପାଇଁ ଯେଉଁ ଦାବି ହୋଇଛି ତାହାକୁ ଗଜପତି ଜିଲା ନାଗରିକ ମଞ୍ଚ ପକ୍ଷରୁ ସ୍ଥାନୀୟ ରାଜନଅର ପରିସରରେ ଆୟୋଜିତ ପ୍ରେସ୍ ବିବୃତ୍ତିରେ ସ୍ୱାଗତ କରାଯାଇଛି। ମାତ୍ର କୃଷକମାନଙ୍କ ସମସ୍ୟାକୁ ନେଇ କିଛି ନ୍ୟସ୍ତସ୍ୱାର୍ଥ ରାଜନୈତିକ ନେତା ପ୍ରଶାସନକୁ ଯେପରି ଦୋଷାରୋପ କରିଛନ୍ତି ତାହାକୁ ମଞ୍ଚ ପକ୍ଷରୁ ବିରୋଧ କରାଯାଇଛି । ଆଦିବାସୀ ଅଧ୍ୟୁସିତ ଏହି ଜିଲାରେ ରାଜ୍ୟ ସରକାର ୩ଜଣ ଆଇଏଏସ୍ ଅଧିକାରୀ ଏବଂ ଜଣେ ଆଇପିଏସ୍ ଏବଂ ଆଇଏଫ୍ଏସ୍ ଅଧିକାରୀଙ୍କୁ ନିଯୁକ୍ତି ଦେଇଛନ୍ତି। ଏହି ଅଧିକାରୀମାନଙ୍କ ଉଦ୍ୟମରେ ଜିଲାରେ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଓ ଉନ୍ନୟନମୂଳକ କାର୍ଯ୍ୟ ସୂଚାରୁ ରୂପେ ପରିଚାଳିତ ହେଉଛି । ମାତ୍ର ଜିଲାରେ ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରୁଥିବା କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତିଙ୍କ ମାନଙ୍କର ସ୍ୱାର୍ଥରେ ବାଧା ସୃଷ୍ଟି ହେବା ଯୋଗୁ ସେମାନେ ମିଥ୍ୟା ଅଭିଯୋଗ ଓ ପ୍ରଚାର ପ୍ରସାର କରି ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ଅତିରିକ୍ତ ଜିଲାପାଳଙ୍କୁ ବଦନାମ କରିବା ପାଇଁ ଅପଚେଷ୍ଟା କରୁଥିବା ମଞ୍ଚ ଅଭିଯୋଗ କରିବା ସହ ତାହାକୁ ଦୃଢ଼ ନିନ୍ଦା କରାଯାଇଛି । ଆଗାମୀ ଦିନରେ ଏପରି ହେଲେ ମଞ୍ଚ ଅନ୍ୟାୟ ବିରୋଧରେ ସ୍ୱରଉତ୍ତୋଳନ କରିବ ବୋଲି ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି । ଏହି ଅବସରରେ ମଞ୍ଚ ପକ୍ଷରୁ ଉପସଭାପତି ଭାରତ ଭୂଷଣ ମହାନ୍ତି, ସମ୍ପାଦକ ସୂର୍ଯ୍ୟନାରାୟଣ ପଟ୍ଟନାୟକଙ୍କ ସମେତ ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

### ନିଆଁରେ ପୋଡ଼ି ଗୁରୁତର ଥିବା ମହିଳାଙ୍କ ମୃତ୍ୟୁ

**ବସ୍ତା, ୨୫।୭(ସ୍ୱ.ପ୍ର.):** ବସ୍ତା ବ୍ଲକ ବ୍ରାହ୍ମଣଦା ଗ୍ରାମର ସୁରେନ୍ଦ୍ର ବୁଗୁଡ଼ିଙ୍କ ସ୍ତ୍ରୀ ମୀନତି ପୋଡ଼ି ହୋଇ କଟକ ବଡ଼ ମେଡ଼ିକାଲରେ ଚିକିତ୍ସାଧୀନ ଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ମୀନତି ଗତ ୧୭ତାରିଖରେ ରୋଷେଇ କରୁଥିବା ବେଳେ ଚୁଲିରୁ ନିଆଁ ଲାଗି ଅର୍ଦ୍ଧଦଗ୍ଧ ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ପରିବାର ଲୋକେ କଟକ ବଡ଼ ଡାକ୍ତରଖାନାକୁ ନେଇଯାଇଥିଲେ। ସେଠାରେ ୮ଦିନ ଧରି ଚିକିତ୍ସାଧୀନ ଥିବା ବେଳେ ବୁଧବାର ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ କଟକ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରିଛି। ତାଙ୍କର ଗୋଟିଏ ଛୋଟ ପୁଅ ଓ ଝିଅ ଅଛନ୍ତି।

### ଚୋରା ମଦବେପାରୀ ଗିରଫ

**ରୂପ୍ସା,୨୫।୭(ଡି.ଏନ.ଏ.):** ବାଲେଶ୍ୱର ଜିଲା ସଦର ରେଞ୍ଜ ଅବକାରୀ ଉପନିରୀକ୍ଷକ ଅର୍ଜୁନ ମଲିକ ସଦଳବଳ ଚଢ଼ାଉ କରି ସଦର ବ୍ଲକ ସୁଲପଟା ଗ୍ରାମରୁ ଚୋରାମଦ ଜବତ କରିବା ସହ ମଦ ବ୍ୟବସାୟୀ ସୁଦାମ ନାୟକଙ୍କୁ ଗିରଫ କରିଛନ୍ତି। ତାଙ୍କ ନିକଟରୁ ୪୦ଲିଟର ଦେଶୀ ରନ୍ଧା ମହୁଲି ମଦ ଜବତ ହୋଇଛି। ଏ ସଂକ୍ରାନ୍ତରେ ଏକ ମାମଲା (ନଂ. ୭୩/୨୯) ରୁଜୁ କରାଯାଇ ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେ ଦୀର୍ଘଦିନ ଧରି ବେଆଇନ ଭାବେ ମଦ ବ୍ୟବସାୟ କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ।

# 'କିଶୋର ନ୍ୟାୟ ଆଇନ୍ ଉପରେ ଖବରଦାତାଙ୍କ ଭୂମିକା' କର୍ମଶାଳା

**ପାରଳାଖେମୁଣ୍ଡି, ୨୫।୭ (ସ୍ୱ.ପ୍ର.)**

ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ସ୍ଥାନୀୟ ଆନ୍ଧ୍ର ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ୍ ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ କିଶୋର ନ୍ୟାୟ ଆଇନ୍ ଉପରେ ଖବରଦାତାଙ୍କ ଭୂମିକା ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଗଜପତି ଜିଲାପାଳ ଅନୁପମ ଶାହା ଯୋଗଦେଇ କିଶୋର ନ୍ୟାୟ ଆଇନ୍ ଉପରେ ଖବରଦାତାଙ୍କ ଭୂମିକା କିପରି ରହିବା ଆବଶ୍ୟକ ଏବଂ ଏ ନେଇ ଖବରଦାତାମାନେ କିଭଳି ଖବର ପରିବେଷଣ କରିବା ଆବଶ୍ୟକ ସେ ବିଷୟରେ କହିଥିଲେ। ସେହିପରି ବିଭିନ୍ନ ସମୟରେ ଏବଂ ବିଭିନ୍ନ ପରିସ୍ଥିତିରେ ଉଦ୍ଧାର ହୋଇଥିବା ଶିଶୁ ମାନଙ୍କର ଫଟୋ, ପରିଚୟପତ୍ର ଆଦିକୁ ଖବରଦାତାମାନେ କିପରି ପ୍ରକାଶ କରିବା ଉଚିତ୍ ସେ ବିଷୟରେ ମଧ୍ୟ ଜିଲାପାଳ ବୁଝାଇଥିଲେ। ସେହିପରି ବିଭିନ୍ନ ସମୟରେ ନିର୍ଯ୍ୟାତିତ ବା ଶୋଷିତ ଶିଶୁମାନଙ୍କ ସମ୍ପର୍କରେ ସମ୍ବାଦପତ୍ର ଗୁଡ଼ିକ କିପରି ପରିବେଷଣ କରିବା ଆବଶ୍ୟକ ସେ ସମ୍ପର୍କରେ ପ୍ରଶିକ୍ଷକ ମନୋଜ କୁମାର ତ୍ରିପାଠୀ ବୁଝାଇଥିଲେ । ଆବାସିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସୁରକ୍ଷା ଓ ଅଧିକାର ପାଇଁ କିପରି କାର୍ଯ୍ୟ କରାଯିବା ଆବଶ୍ୟକ ସେ ବିଷୟରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ ସଚେତନ କରିଥିଲେ । ସେହିପରି ଶିଶୁ ସୁରକ୍ଷାକୁ ନେଇ ଘଟୁଥିବା ବିଭିନ୍ନ ସମସ୍ୟା କିପରି ଲୋକଲୋଚନକୁ ଆସିବା ଆବଶ୍ୟକ ସେ ଦିଗରେ ସମସ୍ତେ ସଚେତନ ହେବା ଆବଶ୍ୟକ ବୋଲି ମଧ୍ୟ କୁହାଯାଇଥିଲା । ଦିନିକିଆ କର୍ମଶାଳାରେ ଜିଲା ଓ ବ୍ଲକସ୍ତରୀୟ ଖବରଦାତାମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଶିଶୁ କଲ୍ୟାଣ ସମିତିର ଅଧକ୍ଷ ପ୍ରମୋଦ ରାଉଳଙ୍କ ସମେତ ଶିଶୁ ସୁରକ୍ଷା ୟୁନିଟ୍ ଓ ଚାଇଲ୍ଡଲାଇନ୍‌ର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।


କର୍ମଶାଳାରେ ମଞ୍ଚାସୀନ ଜିଲାପାଳ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଏବଂ ପ୍ରଶିକ୍ଷକ ।

# ବିଜ୍ଞାନ କଂଗ୍ରେସର ପ୍ରକଳ୍ପ ପ୍ରସ୍ତୁତି ପାଇଁ ପ୍ରଶିକ୍ଷଣ ଶିବିର

**ପାରଳାଖେମୁଣ୍ଡି, ୨୫।୭ (ସ୍ୱ.ପ୍ର.)**

ସ୍ଥାନୀୟ ମହେନ୍ଦ୍ରଗିରି ପୌର ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗଙ୍କ ନିର୍ଦ୍ଦେଶକ୍ରମେ ୨୭ତମ ଜାତୀୟ ପିଲାଙ୍କ ବିଜ୍ଞାନ କଂଗ୍ରେସର ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାପାଇଁ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲା ବିଜ୍ଞାନ ନିରୀକ୍ଷକ ତଥା ଜାତୀୟ ପିଲାଙ୍କ ବିଜ୍ଞାନ କଂଗ୍ରେସର ଜିଲା ସଂଯୋଜକ ସାତ୍ତ୍ୱିକ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମରେ ଯୋଗଦେଇ ବିଭିନ୍ନ ପ୍ରସ୍ତୁତି ସମ୍ପର୍କରେ କହିଥିଲେ । ଏଥିରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିନୋଦ ଚନ୍ଦ୍ର ଜେନା ଓ ଗଞ୍ଜାମ ଜିଲାର ପ୍ରାକ୍ତନ ବିଜ୍ଞାନ ନିରୀକ୍ଷକ ଗୋକୁଳ କୃଷ୍ଣ ପଣ୍ଡା ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ଜିଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ୧୧୦ଜଣ ବିଜ୍ଞାନ ଶିକ୍ଷୟତ୍ରୀ ଶିକ୍ଷକ ଅଂଶଗ୍ରହଣ କରି ଚଳିତବର୍ଷର ମୁଖ୍ୟ ବିଷୟବସ୍ତୁ "ଏକ ସ୍ୱଚ୍ଛ, ସବୁଜ ଓ ସୁସ୍ଥ ରାଷ୍ଟ୍ର ଗଠନ ସକାଶେ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଓ ନବ ଅନ୍ୱେଷଣ" ଉପରେ ପ୍ରକଳ୍ପ ପ୍ରସ୍ତୁତି ପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶୁଭଲକ୍ଷ୍ମୀ ଦାସ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଦେଇଥିଲେ। ସେହିପରି ବାଳକୃଷ୍ଣ ମାଝୀ, ଦେବଦାସ ତାମରାପୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଶେଷରେ ରାଜ୍ୟ ଓ ଜାତୀୟ ସ୍ତରରେ ଅଂଶଗ୍ରହଣ କରିଥିବା କୃତି ସହାୟକ ଶିକ୍ଷୟତ୍ରୀ, ଶିକ୍ଷକଙ୍କୁ ଏଠାରେ ପୁରସ୍କୃତ କରାଯାଇଥିଲା ।



କାର୍ଯ୍ୟକ୍ରମରେ ଶିକ୍ଷକଙ୍କୁ ପୁରସ୍କୃତ କରାଯାଉଛି।

## ବେଆଇନ ପଥର ଚାଲାଣ କରୁଥିବା ଟ୍ରକ୍ ଜବତ

**ସୋର, ୨୫।୭(ଡି.ଏନ.ଏ.)**

ସୋର ତହସିଲଦାର ଦେବୀ ପ୍ରସାଦ ଦାଶ ବାଗୁଡି ପଥର ଖାଦାନରୁ ବେଆଇନ ଭାବେ ବାହାରକୁ ଚାଲାଣ ହେଉଥିବା ଡମ୍ଫର ଉପରେ ଚଢ଼ାଉ କରି ଜରିମାନା ଆଦାୟ କରିଛନ୍ତି। ଗୁରୁବାର ସୋର-ବାଗୁଡି ରାସ୍ତାରେ ହୋଇଥିବା ଏହି ଚଢ଼ାଉରେ ମଙ୍ଗଳପୁର ସର୍କଲ ରାଜସ୍ୱ ନୀରିକ୍ଷକ ଶ୍ୟାମସୁନ୍ଦର ମାରାଣ୍ଡିଙ୍କ ସହ ପୋଲିସ ଫୋର୍ସ ଉପସ୍ଥିତ ଥିଲେ। ଦୁଇଟି ଡମ୍ଫରରେ ବୋଲ୍ଡର ବୋଝେଇ ହୋଇଥିବା ବେଳେ ୨ ଡ୍ରାଇଭରଙ୍କ ସହ ଟ୍ରକ୍‌କୁ ତହସିଲକୁ ଅଣାଯାଇଥିଲା। ଏହି ଦୁଇ ଗାଡିରେ ୬ କ୍ୟୁବିକ୍ ମିଟର ପଥର ବୋଝେଇ ହୋଇଥିଲା। ଉଭୟ ଗାଡିରୁ ୨୦ ହଜାର ୭୮୦ ଟଙ୍କା ଲେଖାଏ ମୋଟ୍ ୪୧, ୫୬୦ ଟଙ୍କା ଆଦାୟ କରାଯାଇଛି।

ସେହିପରି ରବିବାର ୩ଟି ଗାଡି ଜବତ କରାଯାଇ ସମୁଦାୟ ୫୪ ହଜାର ୫୬୦ ଟଙ୍କା ରୟାଲଟି ଓ ଜରିମାନା ଆଦାୟ କରାଯାଇଛି। ଗୁରୁବାର ସୋରର ଏକ କ୍ରଶରରୁ ବେଆଇନ ପଥର ଚାଲାଣ ଡମ୍ଫର ଭୋଗରାଇ ଅଞ୍ଚଳକୁ ଯାଉଥିବା ବେଳେ ସ୍ଥାନୀୟ ତହସିଲଦାର ଚଢ଼ାଉ ବେଳେ ଅଟକ ରଖି ଜରିମାନା ଆଦାୟ କରିଛନ୍ତି।

# ୨ ବାଇକ୍ ସହ ମଦ ଜବତ, ୩ ଗିରଫ

**ଭଦ୍ରକ ଅଫିସ, ୨୫।୭**

ଅବକାରୀ ଭ୍ରାମ୍ୟମାଣ ନିରୀକ୍ଷକ ଧନେଶ୍ୱର ବରାଡଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ସ୍କ୍ୱାଡ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଏରଡ଼ା ଓ ସାବରଙ୍ଗ ଛକଠାରେ ଗାଡ଼ି ଯାଞ୍ଚ କରି ୨ଟି ବାଇକ୍ ସହ ୮୦ ଲିଟର ଦେଶୀମଦ ଜବତ କରିଛି। ଏଥିସହ ୩ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ମିର୍ଜାପୁରର ଗୋପବନ୍ଧୁ ବେହେରା, ବାଲେଶ୍ୱର ଜିଲା ସିମୁଳିଆ ମଇତାପୁରର ମନୋରଞ୍ଜନ ସେଠୀ ଓ ହରିଶ୍ଚନ୍ଦ୍ର ଦାଶ। ଉପନିରୀକ୍ଷକ ସ୍ୱନ୍ଦନ ମହାନ୍ତି ଓ ଭବେଶ ଦାସ, ପ୍ରଦୀପ ମଲ୍ଲିକ, ପରେଶ ଟୁଡୁ ଓ ମୁରଲୀ ପ୍ରଧାନ ଚଢ଼ାଉରେ ସାମିଲ ଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖା ଖା ବୋଇଲେ କି ପେଟ ପୂରେ ?**
**ନା ଦେବି ଦେବି ବୋଇଲେ କି ଦିନ ସରେ ?**

ଆପଣାର ଭାବ ନ ଥିଲେ ଖାଦ୍ୟ ପାଟିକୁ ରୁଚି ନ ଥାଏ। ସାହାଯ୍ୟ ନ କରି ଦେବି ଦେବି ବୋଲି ମିଛ ଆଶ୍ୱାସନା ଦେଇ ଚାଲିଲେ ଦୁଃଖର ଦିନ ସରି ଯାଇ ନ ଥାଏ। ଯେଉଁଠି ସ୍ନେହ, ଆଦର, ସହାନୁଭୂତି ତଥା ଆନ୍ତରିକ ଭାବ ନ ଥାଏ ସେଠି ଏସବୁ ମୂଲ୍ୟହୀନ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଖଡୁ ଭଲ କରି ମାଜ୍**
**ମୁଦି ଭଲକରି ମାଜ୍**
**ସାଇ ତ ଜାଣିଲେ ପଡ଼ିଶା ଜାଣିଲେ**
**ଆଉ କାହିଁ ପାଇଁ ଲାଜ ?**

କଥା ଥରେ ପ୍ରଘଟ ହୋଇଗଲେ ଆଉଯେତେ ଲୁଚେଇଲେ ବି କଥା ଆଉ ଲୁଚି ପାରି ନ ନ ଥାଏ। ସେତେବେଳେ ତାକୁ ଲୁଚାଇ ରଖିବା ନେଇ ପ୍ରୟାସ କରିବସିଲେ ଭଗାଚିହସା ହେବା ସାର ହୋଇଥାଏ। ଏପରିସ୍ଥଳେ ଆଉ କଥାକୁ ଲୁଚାଇ ନ ରଖି ନିଜ ବାଟରେ ଯାହା କରିବା କଥା ତାହା କରିବା ହିଁ ଉଚିତ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
- ଫ୍ରେଣ୍ଡସ୍ ପବ୍ଲିଶର୍ସ

# ମହିଳାଙ୍କୁ ଅଶ୍ଳୀଳ ମେସେଜ୍ କରି ଜଣେ ଗିରଫ

**ପାରଳାଖେମୁଣ୍ଡି, ୨୫।୭ (ସ୍ୱ.ପ୍ର.)**

ଜଣେ ବିବାହିତା ମହିଳାଙ୍କୁ ଅଶ୍ଳୀଳ ମେସେଜ୍ କରିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଥିବା ଆଦର୍ଶଥାନା ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି । ଘଟଣାରୁ ପ୍ରକାଶ ଯେ, ଗଞ୍ଜାମ ଜିଲା ଖଲିକୋଟ ଥାନା ଅନ୍ତର୍ଗତ କଇଠଡ଼ା ଗ୍ରାମର କୁବେର ପଲେଇ ଜଣେ ବିବାହିତା ମହିଳାଙ୍କୁ ଫେସ୍‌ବୁକ୍ ଓ ହ୍ୱାଟସ୍ଆପ୍ ମାଧ୍ୟମରେ ଅଶ୍ଳିଳ ମେସେଜ୍ କରିଥିବା ମହିଳା ଅଭିଯୋଗ କରିଥିଲେ।

ଏଠାରେ ସୂଚନା ଯୋଗ୍ୟ ଯେ, ଅଭିଯୁକ୍ତ ପୂର୍ବରୁ ଉକ୍ତ ମହିଳାଙ୍କ ସହ ସମ୍ପର୍କ ରଖି ଆସିଥିଲେ । ହେଲେ ମହିଳାଙ୍କ ପରିବାର ଲୋକେ ତାଙ୍କର ବାହାଘର ଅନ୍ୟତ୍ର କରାଇଥିଲେ। କୁବେର ୩ଟି ସନ୍ତାନର ପିତା ବୋଲି ମଧ୍ୟ ସୂଚନା ମିଳିଛି । ମହିଳାଙ୍କ ବିବାହ ପରେ ମଧ୍ୟ ଅଭିଯୁକ୍ତ ଯୁବକ ତାଙ୍କୁ ବିଭିନ୍ନ ଫେକ୍ ଆକାଉଣ୍ଟରୁ ବାରମ୍ବାର ଅଶ୍ଳିଳ ମେସେଜ୍ କରିଥିଲେ । ତେବେ ମହିଳାଙ୍କ ପରିବାର ପକ୍ଷରୁ ଏ ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୋଗକୁ ଭିତ୍ତିକରି ଘଟଣାର ତଦନ୍ତ ପରେ ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ ଘଟଣାର ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ମହିଳାଙ୍କ ପରିଚୟ ଗୋପନ ରଖିଥିବା ସୂଚନା ମିଳିଛି। ତେବେ ଅଭିଯୁକ୍ତଙ୍କୁ ସହଯୋଗ କରିଥିବା ଅନ୍ୟଜଣେ ସହଯୋଗୀ ଏ ପର୍ଯ୍ୟନ୍ତ ଫେରାର ଥିବା ଜଣାପଡ଼ିଛି। ତାଙ୍କୁ ମଧ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି କୁହାଯାଇଛି। ଖବରଦାତା ସମ୍ମିଳନୀରେ ଗଜପତି ଏସ୍‌ପି ସାରା ଶର୍ମା, ପାରଳାଖେମୁଣ୍ଡି ଏସ୍‌ଡିପିଓ ଠାକୁର ପ୍ରସାଦ ପାତ୍ର, ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ଉପସ୍ଥିତ ଥିଲେ ।


ଏସପି, ଏସଡିପିଓ ଓ ଆଇଆଇସି ଅଭିଯୁକ୍ତ ସମ୍ପର୍କରେ ସୂଚନା ଦେଉଛନ୍ତି ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ୍ୟ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :-
201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ-1% ।
Help LINE
9658224556
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
JEEVANJYOTI FINANCE PVT. LTD.
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର, ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

BUSINESS BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
କଂପାନୀ ବିରଲା ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 20,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣଙ୍କୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
୨୦ ବର୍ଷର କୋଟ ଅଗ୍ରୀମେଣ୍ଟ
Plot No - 15/012, Devaraja Mohalla, Bangalore, Karnataka 570001
8929313996
7042350747

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଳେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

ଲୋନ! ଲୋନ! ଲୋନ
BFC FINANCE
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଲୋନ! ଲୋନ! ଲୋନ
୧ ରୁ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ସତ୍ୟମ୍ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7291060977
7291046520
SCO- 106, Second Floor, Vishal Tower, Cannaught Place, Delhi.

ASTROLOGY ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।
-ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର

# ବର୍ଷା ନ ହେଲେ ଉଜୁଡ଼ିବ ଧାନଚାଷ

**ଚିନ୍ତାରେ ଚାଷୀ**

**ରାମନାଗୁଡା, ୨୫।୭ (ଡି.ଏନ୍.ଏ.)**

ରାୟଗଡା ଜିଲା ରାମନାଗୁଡା ବ୍ଲକ୍‌ରେ ଧାନଚାଷ ଉଜୁଡ଼ିଯିବାକୁ ବସିଛି। ଆଗାମୀ ୧୦ ଦିନ ଭିତରେ ବର୍ଷା ନ ହେଲେ ଧାନଚାଷ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହେବ । ଏମିତି କି ପରିସ୍ଥିତି ଅସମ୍ଭାଳ ହେବ । ଏହାକୁ ନେଇ ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି ।

କୃଷି ବିଭାଗ ତରଫରୁ ୧୦୦ ହେକ୍ଟର ଧାନଚାଷ ପାଇଁ ସମସ୍ତ ସୁବିଧା ଯୋଗାଇ ଦିଆଯାଇଛି। ଏହି ବ୍ଲକର ଉକାମ୍ବା ଏବଂ ସୁଣ୍ଡିଧାମୁଣୀ ପଞ୍ଚାୟତରେ ୫୦ ହେକ୍ଟର ଲେଖାଏଁ ଚାଷ ନିମନ୍ତେ ଚୟନ କରାଯାଇଛି। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ୫୦ ହେକ୍ଟର ମକାଚାଷ, ୧୨୫୦କେଜି ଧନିଚା, ୪୦ କୁଇଣ୍ଟାଲ ଧାନ ବିହନ ଯୋଗାଇ ଦିଆଯାଇଛି। କପା ଚାଷରୁ ରୋଗପୋକ ଦମନ କରିବାକୁ ଟ୍ରାପ୍ ଯୋଜନାରେ ୫୦୦ ହେକ୍ଟର ନିମନ୍ତେ ଜଡ଼ା ଏବଂ କାନ୍ଦୁଲ ଚାଷକୁ ପ୍ରୋତ୍ସାହନ ଦିଆଯାଇଛି। ପ୍ରତି ୮ ଧାଡ଼ି କପା ପରେ ୨ ଧାଡ଼ି କାନ୍ଦୁଲ କରିବାକୁ କୃଷି ବିଭାଗ ତରଫରୁ ପରାମର୍ଶ ଦିଆଯାଉଛି। କାରଣ କପାକୁ ପୋକ ଆକ୍ରାନ୍ତ ହେବା ପୂର୍ବରୁ କାନ୍ଦୁଲକୁ ଆକ୍ରାନ୍ତ କରିବାର ପରିମାଣ ଅଧିକ, ଯେହେତୁ କାନ୍ଦୁଲ ମିଠା ହେତୁ ପୋକ ଶୀଘ୍ର ଆକ୍ରମଣ କରିଥାନ୍ତି। ତେବେ କାନ୍ଦୁଲକୁ ପୋକ ଲାଗିଲେ ତାକୁ ଦମନ କରାଗଲେ କପାଚାଷ ରକ୍ଷା ପାଇବ। ସେହିପରି ଜମିର ଚାରିପଟେ ଜଡ଼ା କରିବା ଦ୍ୱାରା ପୋକ ପ୍ରଥମେ ଜଡ଼ାପତ୍ର ଖାଆନ୍ତି। ତେଣୁ ସଂକ୍ରମଣ ହେବା ପୂର୍ବରୁ ଚାଷୀ ସତର୍କ ହୋଇପାରିବେ। ବର୍ତ୍ତମାନ ଧାନଚାଷ ପ୍ରଭାବିତ ହେଲେ ସୁଦ୍ଧା ଅଣଧାନ ଜାତୀୟ ଫସଲ ଠିକ୍ ଅଛି ବୋଲି କୃଷି ବିଭାଗ ପ୍ରକାଶ କରିଛି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ସମସ୍ତ ଚାଷୀଙ୍କୁ ବୀମା କରାଯିବାକୁ କୁହାଯାଉଛି। ହେକ୍ଟର ପ୍ରତି ଧାନ ୧୩୫୦ , ମକା ୧୨୭୫ , ହରଡ ୭୫୦, ମାଣ୍ଡିଆ ୩୭୨ ଏବଂ କପା ୫୦୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଯଦି ମରୁଡି ଘୋଷଣା ହୁଏ ତେବେ ଚାଷୀ ଧାନ ନିମନ୍ତେ ୬୭,୫୦୦, ମକା ୬୩,୭୫୦, ହରଡ଼ ୩୭,୫୦୦, ମାଣ୍ଡିଆ ୩୧୦୦୦ ଏବଂ କପା ୧,୨୫,୦୦୦ ବୀମା ରାଶି ପାଇପାରିବେ। କିନ୍ତୁ ଧାନ, ମକା, ହରଡ, ମାଣ୍ଡିଆ ନିମନ୍ତେ ପ୍ରତି ପଞ୍ଚାୟତକୁ ଏକକ ୟୁନିଟ୍ ଭାବେ ଦିଆଯାଇଥିବା ବେଳେ କପା ନିମନ୍ତେ ବ୍ଲକକୁ ଏକକ ୟୁନିଟ ଭାବେ ନିଆଯାଇଛି। ସରକାରୀ ଭାବେ ଧାର୍ଯ୍ୟ କରାଯାଇଥିବା ଫସଲରୁ ଅଧା ଆଦାୟ ହେଲେ ମରୁଡି ଘୋଷଣା କରାଯିବ ବୋଲି କୃଷି ବିଭାଗ ପକ୍ଷରୁ ଜଣାଯାଇଛି । ହେକ୍ଟର ପିଛା ଧାନ ୨୨ କୁଇଣ୍ଟାଲ ଥିବାବେଳେ ତାର ଅଧା ଯଦି ଅମଳ ହୁଏ ତେବେ ମରୁଡି ଘୋଷଣା ହୋଇପାରେ। ସେହିପରି କୌଣସି ପୋକ ଦ୍ୱାରା ଯଦି ଚାଷ ନଷ୍ଟ ହୁଏ ତେବେ ବୀମା କମ୍ପାନୀ ସହ କୃଷି ବିଭାଗ ଏବଂ ରାଜସ୍ୱ ବିଭାଗ ଅନୁଧ୍ୟାନ କରି କ୍ଷତିପୂରଣ ଦେବାର ବ୍ୟବସ୍ଥା କରାଯିବ ବୋଲି କୃଷି ବିଭାଗ ପ୍ରକାଶ କରିଛି।

**ସଂକ୍ଷେପରେ**


## ୨ ବାଇକ ମୁହାଁମୁହିଁ ଧକ୍କା, ଜଣେ ମୃତ

**ଗୁଣପୁର,୨୫।୭(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁର ବ୍ଲକ ଚାଲକମ୍ବା ଗ୍ରାମ ନିକଟ ବୁଲାଣିଠାରେ ବୁଧବାର ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ହୋଇଛି । ମୃତକ ଜଣକ ହେଲେ ଜିରା ଗ୍ରାମର ଶିବ ପ୍ରସାଦ ଦାସ(୩୬)। ଶିବ ତାଙ୍କ ମଉସାଙ୍କ ଜାମିନ ପାଇଁ ମାଉସୀଙ୍କୁ ବାଇକରେ ଧରି ଗୁଣପୁର କୋର୍ଟକୁ ଆସୁଥିଲେ । ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ବାଇକ ସହ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଶିବ,ତାଙ୍କ ମାଉସୀ ଓ ଅନ୍ୟ ବାଇକ ଚାଳକ ଆହତ ହୋଇଥିଲେ । ଖବରପାଇ ଗୁଣପୁର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଆହତ ୩ ଜଣଙ୍କୁ ଗୁଣପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଚିକିତ୍ସାଧୀନ ଅବସ୍ଥାରେ ଶିବପ୍ରସାଦଙ୍କ ମୃତ୍ୟୁ ହୋଇଥିଲା । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

## ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟରେ ଯୋଗଦାନ

**ଗୁଣପୁର,୨୫।୭(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁର ବ୍ଲକ ଆବାଡା ପଞ୍ଚାୟତର ନିର୍ବାହୀ ଅଧିକାରୀ ଭାବେ ମଙ୍ଗଳବାର ଅଶ୍ୱିନୀ କୁମାର ଶବର କାର୍ଯ୍ୟରେ ଯୋଗ ଦେଇଛନ୍ତି । ଏହି ପଞ୍ଚାୟତରେ କାର୍ଯ୍ୟରତ ଥିବା ନିର୍ବାହୀ ଅଧିକାରୀ ଉମା ମହେଶ୍ୱର ପଟ୍ଟନାୟକଙ୍କୁ କାଶୀପୁର ବ୍ଲକର ଅଡାଝାର ପଞ୍ଚାୟତକୁ ବଦଳି ହୋଇଛି । ସୂଚନାଯୋଗ୍ୟ, ପଦ୍ମପୁର ବ୍ଲକ ଖିଲାପଦର ପଞ୍ଚାୟତର ନିର୍ବାହୀଅଧିକାରୀ ଉମାମହେଶ୍ୱର ପଟ୍ଟନାୟକଙ୍କୁ ୨୬।୧୧।୨୦୧୮ ରେ ଗୁଣପୁର ବ୍ଲକର ଆବାଡା ପଞ୍ଚାୟତକୁ ବଦଳି ହୋଇଥିଲା । ଏହି ବଦଳିର ୭ ମାସ ପରେ ପୁଣି ତାଙ୍କୁ ୨୦।୭।୨୦୧୯ ତାରିଖରେ କାଶୀପୁର ବ୍ଲକର ଅଡାଝର ପଞ୍ଚାୟତକୁ ବଦଳି କରାଯାଇଛି । ୮ମାସ ମଧ୍ୟରେ ଉମାମହେଶ୍ୱରଙ୍କୁ ଦୁଇ ଦୁଇ ଥର ବଦଳି କରାଯିବା ଘଟଣା ବହୁ ତୁମ୍ବି ତୋଫାନ ସୃଷ୍ଟି କରିଥିଲା ।

## ବିପଦକୁ ଡାକୁଛି ଖୋଲା ଟ୍ରାନ୍ସଫର୍ମର



**ସେମିଲିଗୁଡ଼ା,୨୫।୭(ସ୍ୱ.ପ୍ର.):** ସୁନାବେଡ଼ା ଏଇଏଫ୍ ଦୈନିକ ବଜାରର ହାଉସିଂ ବୋର୍ଡ଼ କଲୋନି ଯିବା ରାସ୍ତାରେ ଏକ ବିଦ୍ୟୁତ ଟ୍ରାନ୍ସଫର୍ମର ରହିଛି। କିନ୍ତୁ ଏହା ମୁକ୍ତଭାବେ ରହି ଲୋକଙ୍କ ପାଇଁ ବିପଦକୁ ଡାକୁଛି। ସେହି ରାସ୍ତା ଦେଇ ଦୈନନ୍ଦିନ ଲୋକେ ଯାତାୟାତ କରୁଥିବା ବେଳେ ନିକଟରେ ସ୍କୁଲ, ଅଙ୍ଗନୱାଡ଼ି, ମାର୍କେଟର ଶୌଚାଳୟ, ଏଇଏଫ ଦୈନନ୍ଦିନ ବଜାର ରହିଛି। ଟ୍ରାନ୍ସଫର୍ମର ଚାରିପଟେ ବ୍ୟାରିକେଡ୍ ନ ଥିବାବେଳେ ପୋଲ ଟିରେ ବେରିକେଟ ନଥିବା ନେଇ ବିଦ୍ୟୁତ ତାର ସଂଯୋଗ ମୁଣ୍ଡଟି ଖୋଲା ରହି ବିପଦ ସୃଷ୍ଟି କରୁଛି। ସାଉଥ୍‌କୋ ଏସ୍‌ଡିଓ ସଂଗ୍ରାମ ପାଣିଗ୍ରାହୀଙ୍କୁ ପଚାରିବାରୁ ସେ କହିଥିଲେ, ଆମ ପାଖରେ ଖବର ନାହିଁ। ଠିକାଦାର କାମ ସରିଲା ପରେ ହସ୍ତାନ୍ତର କରି ଚାଲିଯାଇଛନ୍ତି। ତୁରନ୍ତ ବ୍ୟାରିକେଡ୍ ବ୍ୟବସ୍ଥା କରିବା ପାଇଁ ଯନ୍ତ୍ରୀଙ୍କୁ କହିବି।

■ ଜିଲାପାଳଙ୍କ କାଶୀପୁର ବ୍ଲକ ଗସ୍ତ

# ଗ୍ରାମବାସୀଙ୍କ ସମସ୍ୟା ପଚାରି ବୁଝିଲେ



ଜିଲାପାଳ ପ୍ରମୋଦ କୁମାର ବେହେରା ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି ।

**ଟିକିରି,୨୫।୭(ଡି.ଏନ୍.ଏ)**

ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରା ବୁଧବାର କାଶୀପୁର ବ୍ଲକ ଗସ୍ତ କରିଛନ୍ତି । ସେ କାଶୀପୁର ବ୍ଲକସ୍ଥିତ ଉତ୍କଳ ଆଲୁମିନା କମ୍ପାନୀ ଦ୍ୱାରା ପ୍ରଭାବିତ ହାତିଗୁଡ଼ା ପଞ୍ଚାୟତର ଡିମୁଣ୍ଡି, ବାଗ୍ରୀଝୋଲା ଓ ଲଚ୍ଛୁଗୁଡ଼ା ଗ୍ରାମ ଗସ୍ତ କରି ଲୋକଙ୍କ ସମସ୍ୟା ପଚାରି ବୁଝିଥିଲେ । ଉତ୍କଳ ଆଲୁମିନା ପାଚେରି ନିକଟରେ ଥିବା ଡିମୁଣ୍ଡି ଗ୍ରାମବାସୀ କାରଖାନାର ଧୂଳି ଓ ଧୂଆଁ ଯୋଗୁ ଅସ୍ତବ୍ୟସ୍ତ ହୋଇ ପଡୁଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ । ସେମାନଙ୍କୁ ବିସ୍ଥାପିତ ଘୋଷଣା କରିବା ପାଇଁ ବହୁବାର ଗ୍ରାମବାସୀ ପ୍ରଶାସନ ଓ ଉତ୍କଳ ଆଲୁମିନା କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରି ଆସୁଥିଲେ । ତେଣୁ ଜିଲାପାଳ ଏହାର ତଦାରଖ କରିବାକୁ ଡିମୁଣ୍ଡି ଗ୍ରାମ ଗସ୍ତ କରି ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି । ପରେ ଜିଲାପାଳ ପୋଡ଼ାପାଡ଼ି ପଞ୍ଚାୟତ କଂସାରିଗୁଡ଼ା ଗ୍ରାମକୁ ଯାଇଥିଲେ । ଆଦିତ୍ୟ ବିର୍ଲା କମ୍ପାନୀ କଂସାରିଗୁଡ଼ାରେ ଆଲୁମିନା ପ୍ରକଳ୍ପ ସ୍ଥାପନ ନେଇ ଜମି ଅଧିଗ୍ରହଣ କରିଛି । କିନ୍ତୁ କମ୍ପାନୀ ଆଲୁମିନା ପ୍ରକଳ୍ପରୁ ଓହରି ଯାଇ ପୋଷାକ ପ୍ରସ୍ତୁତି ଓ ସିମେଣ୍ଟ ଭଳି କାରଖାନା ନିର୍ମାଣ କରିବ ବୋଲି ଜଣାଯାଇଛି । ତେବେ ପ୍ରକଳ୍ପ ସ୍ଥାପନ ହେଲେ କଂସାରିଗୁଡ଼ା ଗ୍ରାମବାସୀ ବିସ୍ଥାପିତ ହେବେ । ଏନେଇ ଜିଲାପାଳ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ । କଂସାରିଗୁଡ଼ା ଓ ବାଗ୍ରୀଝୋଲା ଗ୍ରାମବାସୀ ନିଜ ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ । ପରେ ଜିଲାପାଳ ବିଦ୍ୟାଳୟ ପରିଦର୍ଶନ କରି ଅବ୍ୟବସ୍ଥା ନେଇ ଶିକ୍ଷକମାନଙ୍କୁ ତାଗିଦ୍ କରିଥିଲେ । ଜିଲାପାଳଙ୍କ ଏହି ଗସ୍ତ ସମୟରେ ସହକାରୀ ଜିଲାପାଳ ନାରାୟଣ ମିଶ୍ର, କାଶୀପୁର ବିଡିଓ ଦେବଧର ପ୍ରଧାନ, ତହସିଲଦାର ସୌଭାଗ୍ୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ଜଳଶକ୍ତି ଅଭିଯାନ ସମ୍ପର୍କିତ କର୍ମଶାଳା

**ସୁନାବେଡ଼ା,୨୫।୭(ଡି.ଏନ୍.ଏ.)**

ଜିଲା ଦଳିତ ସମାଜ ବିକାଶ ପରିଷଦ ପକ୍ଷରୁ ଜଳଶକ୍ତି ଅଭିଯାନ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଛି । ପରିଷଦର ସଭାପତି ଡମ୍ବରୁ କୁଲଦୀପ୍, ସମ୍ପାଦକ ଲୋକନାଥ କଣ୍ଟା ଓ ସଞ୍ଜୀବନୀର ନିର୍ଦ୍ଦେଶକ ସଞ୍ଜିବ୍ ମହାନ୍ତି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଆୟୋଜିତ ସଭାରେ ଜଳର ଅପବ୍ୟବହାରକୁ ରୋକିବା, ବର୍ଷାଜଳ ସଞ୍ଚୟ ଓ ଉପଯୁକ୍ତ ବ୍ୟବହାର ଆଦି ବିଷୟରେ ଆଲୋଚନା କରାଯାଇଥିଲା । ଏଥିସହ ଅଗଷ୍ଟ ୫ରେ ହେବାକୁ ଥିବା ବୃକ୍ଷରୋପଣ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି, ଅଧିକ ଚାରାରୋପଣ ଓ ରକ୍ଷଣାବେକ୍ଷଣ ପାଇଁ ବନବିଭାଗ ସହ ଯୋଗାଯୋଗ କରିବା ସହ ରେଞ୍ଜରଙ୍କୁ ସହଯୋଗ ପାଇଁ ଆଲୋଚନା ହୋଇଥିଲା । ଏହି ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ରହିବା ପାଇଁ ସଞ୍ଜୀବନୀର ନିର୍ଦ୍ଦେଶକ ନିବେଦନ କରିଛନ୍ତି । ସେହିପରି କାର୍ଯ୍ୟକ୍ରମରେ ସହଯୋଗ କରିବା ପାଇଁ ସମସ୍ତଙ୍କୁ ବିକାଶ ପରିଷଦ ପକ୍ଷରୁ ଲିଖିତ ଭାବେ ଜଣାଯାଇଛି। କର୍ମଶାଳାରେ ଜୟସେନ ବାଘ, ଦେବେନ୍ଦ୍ର ପାଣି, ପ୍ରକାଶ ଖୋସ୍‌ଲା, ଟୁନା ବାରିକ, ଶ୍ୟାମସୁନ୍ଦର କୂଳଦୀପ୍, ରାଜେଶ ଖରା, ସୁରେଶ ବାରିକ, ଗନ୍ଧର୍ବ ହନ୍ତାଳ, ନନ୍ଦ ଖେମୁଣ୍ଡୁ, ଘାସିରାମ ଶ୍ରୀମୁଳିଆ, ସୁରେନ୍ଦ୍ର ବଦବୁରା, ପ୍ରଶାନ୍ତ କୁଲଦୀପ୍ ସହଯୋଗ କରିଥିଲେ।





କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ ।

## ନିଯୁକ୍ତିଭିତ୍ତିକ ଦକ୍ଷତା ପରାମର୍ଶ ଶିବିର

**ଚନ୍ଦ୍ରପୁର, ୨୫।୭ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ପରିସରରେ ଗୁରୁବାର ବ୍ଲକସ୍ତରୀୟ ନିଯୁକ୍ତି ଭିତ୍ତିକ ଦକ୍ଷତା ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଚନ୍ଦ୍ରପୁର ବ୍ଲକର ଅଧ୍ୟକ୍ଷା ସଙ୍ଗୀତା ପ୍ରଟିକା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଶୁଭାରମ୍ଭ କରିଥିଲେ। ଏଥିରେ ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ଅନ୍ତର୍ଗତ ବେକାର ଯୁବତୀ ଯୁବକମାନଙ୍କୁ ୧୮ରୁ ୩୫ ବର୍ଷ ମଧ୍ୟରେ ନିଯୁକ୍ତି ମିଳିବା ସମ୍ପର୍କରେ ଆଲୋଚନା କରାଯିବ ସହ ତାଲିମ ଦିଆଯାଇଥିଲା। ସିଲେଇ, ଫିଟର, ବିଦ୍ୟୁତ୍, ହୋଟେଲ ଓ ମ୍ୟାନେଜମେଣ୍ଟ ଆଦି ତାଲିମ ଦିଆଯିବା ସହ ନିଶ୍ଚିତ ଚାକିରି ମିଳିବାର ବ୍ୟବସ୍ଥା ରହିଛି ବୋଲି ଓରମାସ ସଂସ୍ଥାର ଜିଲା ସଂଯୋଜକ ଆଦିତ୍ୟ ଆଚାର୍ଯ୍ୟ ସୂଚନା ଦେଇଥିଲେ। ଓଡ଼ିଶା ଜୀବିକା ମିଶନର ବ୍ଲକ କୋଅର୍ଡିନେଟର ଶ୍ରବଣ କୁମାର ସିଂ ଅତିଥି ପରିଚୟ ସହ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏଥିରେ ୧୦୫ରୁ ଊର୍ଦ୍ଧ୍ୱ ବେକାର ଯୁବତୀଯୁବକ ପଞ୍ଜୀକରଣ କରିଥିଲେ। ବ୍ଲକର ଯୁବତୀ ଯୁବକମାନଙ୍କ ଇଚ୍ଛାଶକ୍ତି ଓ ଆଗ୍ରହ ଥିଲେ ନିଶ୍ଚିତ ଭାବେ ଭବିଷ୍ୟତରେ ଜଣେ ଭଲ ନିଯୁକ୍ତି ପାଇ ଆତ୍ମନିର୍ଭଶୀଳ ହୋଇପାରିବେ ବୋଲି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚନ୍ଦ୍ରପୁର ବିଡ଼ିଓ ଜର୍ଜ ଡୁଙ୍ଗ୍‌ଡୁଙ୍ଗ୍ କହିଛନ୍ତି। ଏଥିରେ ଓର୍‌ମାସର ଅତିରିକ୍ତ ନିର୍ଦ୍ଦେଶକ ମନୋଜ ପାତ୍ର, ବି.ପି.ଏମ୍. କ୍ଷୀରୋଧଚନ୍ଦ୍ର ଭୂୟାଁ, ଚନ୍ଦ୍ରପୁର ଓଡ଼ିଶା ଜୀବିକା ମିଶନର ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଟୁନା ଖଟେଇ, ଚନ୍ଦ୍ରପୁର ସରପଞ୍ଚ ସୁଜିତ କୁମାର ବ୍ରେଡେକା, କାଉମୁନି, ଶ୍ରବଣ କୁମାର ସିଂ, ବଦ୍ରି ନାରାୟଣ ମିଶ୍ର, ଶ୍ରୀପତି ପଟେଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

## ଛେଳି ଚୋରିରେ ବ୍ୟବହୃତ ଗାଡ଼ି ଜବତ

**ବିଷମକଟକ,୨୫।୭(ଡି.ଏନ୍.ଏ.)**



ବିଷମକଟକ ଥାନା ହାଡ଼ଶିଙ୍ଗୁଳା ଗ୍ରାମରେ ଏକ ଆଦିବାସୀ ଦମ୍ପତିଙ୍କୁ ମାରଣାସ୍ତ୍ର ଦେଖାଇ ଦୁର୍ବୃତ୍ତମାନେ ୪୦ ଛେଳି ଚୋରି କରି ନେଇଥିଲେ । ଗୁରୁବାର ଛେଳି ଚାଲାଣରେ ବ୍ୟବହୃତ ହୋଇଥିବା ପିକ୍‌ଅପ୍ ଭ୍ୟାନ (ଓଡି ୧୮ଡି-୦୯୯୩)କୁ ପୋଲିସ ଜବତ କରିଛି। ଏହି ଚୋରି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ୨ଜଣ ଫେରାର ଅଛନ୍ତି। ପ୍ରକାଶ ଥାଉକି, ଗତ ୩ ତାରିଖ ରାତିରେ ଲକ୍ଷ୍ମଣ ପଲକିଆଙ୍କ ସମେତ ୪ ଜଣ ଦୁର୍ବୃତ୍ତ ଏକ ପିକ୍‌ଅପ୍ ଭ୍ୟାନରେ ହାଡ଼ଶିଙ୍ଗୁଳା ଗ୍ରାମକୁ ଯାଇଥିଲେ । ସେହି ଗ୍ରାମର ଜାଲ ମାଝିଙ୍କ ଗୁହାଳରେ ପଶି ଜୋରଜବରଦସ୍ତ ୪୦ ଛେଳି ଚୋରି କରି ନେଇଥିଲେ। ଏହାକୁ ଜାଲ ଓ ତାଙ୍କ ସ୍ତ୍ରୀ ବିରୋଧ କରିବାରୁ ଦୁର୍ବୃତ୍ତମାନେ ଉଭୟଙ୍କୁ ମାରପିଟ କରିବା ସହ ମାରଣାସ୍ତ୍ର ଦେଖାଇ ଭୟଭୀତ କରି ଛେଳିଗୁଡିକୁ ନେଇଯାଇଥିଲେ । ଏ ନେଇ ଜାଲ ବିଷମକଟକ ଥାନାରେ ଏତଲା ଦେଇଥିଲେ । ଛେଳି ଚୋରି କରି ନେବା ପରେ ସେଗୁଡିକୁ ମାଂସ ବିକାଳି ଶେଖ ସଲିମଙ୍କୁ ବିକ୍ରି କରିଦେଇଥିଲେ। ଅଭିଯୋଗ ପରେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଦୁର୍ବୃତ୍ତମାନଙ୍କୁ ଧରିବା ସହ ମାଂସ କଟାଳି ଶେଖ୍ ସଲିମଙ୍କଠାରୁ ଚୋରି ହୋଇଥିବା ୨୮ ଛେଳି ଜବତ କରିଥିଲା ।

## ୟୁଜେଏ କୋରାପୁଟ ଶାଖାର ବୈଠକ

**ଦାମନଯୋଡ଼ି, ୨୫।୭ (ଡି.ଏନ୍.ଏ.)**

ଉତ୍କଳ ସାମ୍ବାଦିକ ସଂଘ କୋରାପୁଟ ଶାଖା ପକ୍ଷରୁ କୋରାପୁଟ ସର୍କିଟ୍ ହାଉସ୍ ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଂଘର କାର୍ଯ୍ୟକାରୀ ସଭାପତି ନିରଜ୍ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଂଘର ଜିଲା ସଭାପତି ନରସିଂହ ବ୍ରହ୍ମା, ଉପଦେଷ୍ଟା କୀର୍ତ୍ତି ଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ମାନସ ରଞ୍ଜନ କର, ଉପସଭାପତି ଚୈତନ୍ୟ ହନ୍ତାଳ, ଯୁଗ୍ମ ସମ୍ପାଦକ ଅରୁଣ ଓଝା, ଆୟୋଜକ ସମ୍ପାଦକ ସୁନାମ ହନ୍ତାଳ, କୋଷାଧ୍ୟକ୍ଷ ସୁଦର୍ଶନ ସେନାପତି, କାର୍ଯ୍ୟକାରିଣୀ ସଦସ୍ୟ ଗୋପାଳକୃଷ୍ଣ ପାଢ଼ୀ, ଅବିନାଶ ଜାନମ୍, ପତି ମୁଠାଇ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖବରଦାତା ଯିତେନ୍ଦ୍ର ମିଶ୍ର, ଘନଶ୍ୟାମ ରଥ, ପ୍ରଶାନ୍ତ ସାମନ୍ତରାୟ, ଅଭିତାଭ୍ ବେହେରା, ପତିତପାବନ ସାହୁ ଉପସ୍ଥିତ ରହି ଯୁବ ଖବରଦାତାମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ । ଜନସାଧାରଣଙ୍କ ସମସ୍ୟା ଗୁଡ଼ିକୁ ସରକାର ଓ ପ୍ରଶାସନ ନିକଟରେ ପହଞ୍ଚାଇବା, ନିରପେକ୍ଷ ଓ ସତ୍ୟ ଖବର ପରିବେଷଣ, ଦୁର୍ନିତି ଓ ଗ୍ରାମାଞ୍ଚଳର ସମସ୍ୟା ଗୁଡ଼ିକୁ ପ୍ରଶାସନ ଓ ସରକାରଙ୍କ ନିକଟରେ ପହଞ୍ଚାଇବା ପାଇଁ ଉପଦେଶ ଦେଇଥିଲେ । ସେହିପରି କାର୍ଯ୍ୟରତ ଖବରଦାତା ମାନଙ୍କ ପ୍ରତି ହେଉଥିବା ଆକ୍ରମଣକୁ ବୈଠକରେ ନିନ୍ଦା କରାଯାଇଥିଲା। ଚତୁର୍ଥ ସ୍ତମ୍ଭର ସୁରକ୍ଷା ପ୍ରତି ସରକାର ଓ ପ୍ରଶାସନର ଉଦାସୀନତା ନେଇ କ୍ଷୋଭ ପ୍ରକାଶ କରାଯାଇଥିଲା । ବୈଠକରେ କୋରାପୁଟ ଜିଲାର ବିଭିନ୍ନ ବ୍ଲକ୍ ଓ ସହରାଞ୍ଚଳରୁ କାର୍ଯ୍ୟରତ ଖବରଦାତା ହାବିଲ୍ ଡଙ୍ଗ୍ରି, ପ୍ରଫୁଲ୍ଲ ଖୋସ୍ଲା, ରିଙ୍କୁ ଚୌଧୁରୀ, ଚନ୍ଦ୍ରକାନ୍ତ ସୁତାର୍, ଯୋଗେଶ ହନ୍ତାଳ, ଥବିର୍ ସମରନାଥ, ଗୋପୀନାଥ କାର୍ତ୍ତୁଲ, ହୃଷିକେଶ ନାୟକ, ସଞ୍ଜୟ କୁମାର ପାଣି ପ୍ରମୁଖ ସଦସ୍ୟତା ଗ୍ରହଣ କରିଥିଲେ।

# ଡାକଟିକଟ ସଂଗ୍ରହ ନେଇ ସଚେତନତା





କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।



ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର ।

**ଗୁଣପୁର,୨୫।୭(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରଠାରେ ଡାକ ବିଭାଗ ପକ୍ଷରୁ ଡାକ ଟିକଟ ସଂଗ୍ରହ ଏବଂ ଅଧ୍ୟୟନ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଚିତ୍ରାଙ୍କନରେ ପୁଷ୍ପାଞ୍ଜଳି ଚୌଧୁରୀ, ପ୍ରତୀକ ଚୌଧୁରୀ ଏବଂ ମହେଶ ରଞ୍ଜନ ବେହେରା ଯଥାକ୍ରମେ ୧ମ,୨ୟ ଏବଂ ୩ୟ ହୋଇଥିଲେ । ସେହିପରି କୁଇଜରେ ସାଇମୋହନ ପୃଷ୍ଟି ପ୍ରଥମ ହୋଇଥିବାବେଳେ ଚିନ୍ମୟ ପାଣିଗ୍ରାହୀ ୨ୟ ଏବଂ ବିସଦ ରାଇକା ୩ୟ ହୋଇଥିଲେ । ଡାକ ବିଭାଗ ନିରୀକ୍ଷକ ମହମ୍ମଦ ସହଦବଙ୍କ ସମେତ ଶିଶୁବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ଶତପଥୀ ଯୋଗ ଦେଇଥିଲେ ।

## ଅଙ୍ଗନୱାଡି କର୍ମୀଙ୍କ ନାଁରେ କାର୍ଯ୍ୟରେ ଅବହେଳା ଅଭିଯୋଗ

**କୋରାପୁଟ,୨୫।୭(ସ୍ୱ.ପ୍ର.)**

କୋରାପୁଟ ଜିଲାର କେବିଡି ପଞ୍ଚାୟତ ଅନ୍ତର୍ଗତ ବାନାବାଟି ଗ୍ରାମର ଅଙ୍ଗନୱାଡ଼ି କର୍ମୀଙ୍କ ବିରୋଧରେ ସଂପୃକ୍ତ ଗ୍ରାମବାସୀ ଗୁରୁବାର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ଅଭିଯୋଗପତ୍ର ଦେଇଛନ୍ତି । ଏଥିରେ ସେମାନେ ଦର୍ଶାଇଛନ୍ତି ଯେ ବାନାବାଟି ଗ୍ରାମର ଅଙ୍ଗନୱାଡ଼ି କର୍ମୀ ୧୫ ବର୍ଷ ହେଲା କାର୍ଯ୍ୟ କରିଆସୁଥିବାବେଳେ କିଛି ବର୍ଷ ହେଲା ନିୟମିତ ଗ୍ରାମକୁ ଆସୁ ନାହାନ୍ତି କି ଶିଶୁଙ୍କୁ ଠିକ୍ ଭାବେ ଖାଦ୍ୟ ଦେଉନାହାନ୍ତି । ଏନେଇ ଗ୍ରାମବାସୀ ଜୟପୁର ସିଡିପିଓଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ସେ ମଧ୍ୟ ସଂପୃକ୍ତ ଅଙ୍ଗନୱାଡ଼ି କର୍ମୀଙ୍କୁ ସବୁଦିନେ କେନ୍ଦ୍ରକୁ ଆସିବା ସହ ଶିଶୁଙ୍କୁ ଠିକ୍ ଭାବେ ଖାଦ୍ୟ ଦେବା ପାଇଁ ତାଗିଦ୍ କରିଥିଲେ । ଏନେଇ ସଂପୃକ୍ତ ଅଙ୍ଗନୱାଡ଼ି କର୍ମୀ ମଧ୍ୟ କାର୍ଯ୍ୟରେ ଆଉ ଅବହେଳା କରିବେ ନାହିଁ ବୋଲି ଲିଖିତ ଭାବେ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ କିଛି ଦିନ ପରେ ପୁଣି ସପ୍ତାହକୁ ମାତ୍ର ଦୁଇରୁ ୩ ଥର ଆସୁଥିବା ବେଳେ ପିଲାଙ୍କୁ ପାଠ ପଢ଼ାଉ ନଥିବା କିମ୍ବା ଖାଦ୍ୟ ଠିକ୍ ଭାବେ ଦେଉ ନଥିବା ଅଭିଯୋଗ ହୋଇଛି। ଗୁରୁବାର ଗ୍ରାମବାସୀ ସଂପୃକ୍ତ ଅଙ୍ଗନୱାଡ଼ି କର୍ମୀଙ୍କୁ କେନ୍ଦ୍ରରୁ ବାହାର କରି ଗ୍ରାମର ଜଣେ ଝିଅକୁ ନିଯୁକ୍ତି ଦେବା ପାଇଁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ମରାମତି ହେଉଛି, ଫେରିବା ପରେ ପୁଣି ଅଚଳ





■ ବନ୍ଧୁଗାଁରେ ଆମ୍ବୁଲାନ୍ସ ଫେଲ୍

■ ୬୦ ଥର ମରାମତି ହେଲାଣି ୧୦୮ ଆମ୍ବୁଲାନ୍ସ

■ ନୂତନ ଆମ୍ବୁଲାନ୍ସ ଦାବିକଲେ ସ୍ଥାନୀୟ ଲୋକେ

**ବନ୍ଧୁଗାଁ,୨୫।୭(ଡି.ଏନ୍.ଏ.)**

ବନ୍ଧୁଗାଁ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୦୮ ଓ ୧୦୨ ଆମ୍ବୁଲାନ୍ସ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି ଗର୍ଭବତୀ ଓ ଗୁରୁତର ରୋଗୀ। ସ୍ଥାନୀୟ ନେତୃବୃନ୍ଦ, ବୁଦ୍ଧିଜୀବୀ ଓ ଖବରଦାତାଙ୍କୁ ନେଇ ଆୟୋଜିତ ବୈଠକରେ ଏନେଇ କ୍ଷୋଭ ପ୍ରକାଶ କରାଯାଇଛି। ବନ୍ଧୁଗାଁ ବ୍ଲକ କୋରାପୁଟରୁ ୧୦୦ କିମି ଓ ଆନ୍ଧ୍ର ସୀମାନ୍ତରେ ରହିଛି। ମାତୃ ମୃତ୍ୟୁହାର ରୋକିବାରେ ବନ୍ଧୁଗାଁ ସିଏଚ୍‌ସି ଜିଲାରେ ପ୍ରଶଂସିତ ହେଉଥିବା ସତ୍ତ୍ୱେ ଏଠାକାର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ପ୍ରତି କେହି ଧ୍ୟାନ ଦେଉନାହାନ୍ତି। ବର୍ତ୍ତମାନ ୧୦୮ ଓ ୧୦୨ ଆମ୍ବୁଲାନ୍ସ ଗାଡ଼ି ଅଚଳ ହୋଇ ପଡ଼ିରହିଛି। ୧୦୮ ଆମ୍ବୁଲାନ୍ସ ୪ ଜୁନ୍‌ରୁ ୨୨ ଜୁଲାଇ ଭିତରେ ମରାମତି ହୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପହଞ୍ଚିବା ପରେ ୨୩ ତାରିଖ ପୁଣିଥରେ ଅଚଳ ହୋଇଛି। ୧୦୮ ଆମ୍ବୁଲାନ୍ସ ବର୍ତ୍ତମାନ ସୁଦ୍ଧା ୬୦ଥର ମରାମତି ପାଇଁ କୋରାପୁଟକୁ ଯାଇଛି। କିନ୍ତୁ ଗାଡ଼ିରେ କୌଣସି ନୂତନ ସରଞ୍ଜାମ ନ ଲଗାଇ ଭାଙ୍ଗିଯାଇଥିବା ସରଞ୍ଜାମ ଓଲଡିଙ୍ଗ କରି ଲଗାଇ ପଠାଇ ଦିଆଯାଉଛି। ୧୦୮ ଆମ୍ବୁଲାନ୍ସ ଯେଉଁ କମ୍ପାନୀ ଦ୍ୱାରା ପରିଚାଳିତ ହେଉଛି, ସେମାନେ କୌଣସି ଦାୟିତ୍ୱ ସଠିକ୍ ଭାବରେ ନେଉନାହାନ୍ତି। ୧୦୮ ଗାଡ଼ିର ଛାତ କଣା ହୋଇଥିବା ଯୋଗୁ ରୋଗୀ ସଂପୂର୍ଣ୍ଣ ଓଦା ହୋଇଯାଉଛନ୍ତି। ଗାଡ଼ିରେ ବସିବାକୁ ସିଟ୍ ମଧ୍ୟ ନାହିଁ। ଗତ ୨୩ ତାରିଖ ମେକଡ଼ା ଗ୍ରାମର ଜଣେ ଗର୍ଭବତୀ ମହିଳାଙ୍କୁ ଆମ୍ବୁଲାନ୍ସରେ ବନ୍ଧୁଗାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ଗର୍ଭବତୀ ମହିଳାଙ୍କ ଅବସ୍ଥା ବହୁତ ଖରାପ ଥିବା ଯୋଗୁ ଡାକ୍ତର ମାନସ ମଲ୍ଲିକ କୋରାପୁଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ପାଇଁ ଜଣାଇଥିଲେ। ଠିକ୍ ଏହି ସମୟରେ ୧୦୮ ଆମ୍ବୁଲାନ୍ସ ଆସିବା ସମୟରେ ଟାୟାର ଫାଟି ଯାଇଥିଲା। ଗର୍ଭବତୀ ମହିଳା ୧୦୮ ସୁବିଧା ନ ପାଇବାରୁ ନିଜ ଟଙ୍କାରେ ଭଡ଼ା ଗାଡ଼ି କରି ରାୟଗଡ଼ା ଚିକିତ୍ସା ପାଇଁ ଯାଇଥିଲେ। ଜିଲା ପ୍ରଶାସନ ନୂତନ ଆମ୍ବୁଲାନ୍ସ ବ୍ୟବସ୍ଥା କରିବା ପାଇଁ ଦାବି ହୋଇଛି।